ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର ୨୦୨୪ ସଂସ୍କରଣ



କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଗଣେଶ ପୂଜା ଓ ନୂଆଁଖାଇ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ପୋଡ଼କାଷ୍ଟ ବିଭାଗ** | | **୨୭** |
| ଚାହା, ବର୍ଷାତି, ଅନୁଭୂତି | | ୨୮ |
| **ଗଳ୍ପ ବିଭାଗ** | | **୩୯** |
| ଅନେକ କଳାଛାଇ - ୧୯ | ଅଶୋକ ବିଶ୍ୱାଳ | ୪୦ |
| କାର୍ତ୍ତିକ ମହାତ୍ମ୍ୟ | ସୁନନ୍ଦା ମହାନ୍ତି | ୫୩ |
| ମିଛି ମିଛିକା ବାହାଘର | ଗଗନ ବିହାରୀ ନାୟକ | ୫୫ |
| ଜୀବନସଙ୍ଗିନୀ ଧର୍ମପତ୍ନୀ | ନିତ୍ୟ ରଞ୍ଜନ ନନ୍ଦ | ୬୪ |
| ଛଅଟି ଅଣୁଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୯ |
| ନିଷ୍ଠୁର ହୃଦୟ | ସୁନନ୍ଦା ପାଣିଗ୍ରାହୀ | ୭୫ |
| ନେଡ଼ି ଗୁଡ଼ | ପଦ୍ମାଳୟା ପାଢ଼ୀ | ୭୮ |
| ବଡ଼ କିଏ ? | ଅଭୟ କୁଣ୍ଡ | ୮୩ |
| ସ୍ୱାଧୀନତା | କୁନାଳ ମଲ୍ଲିକ | ୮୬ |
| ସରଲ୍ ଲୋକ୍ | ସୁନିଲ କୁମାର ଅଗସ୍ତି | ୮୮ |
| **କବିତା ବିଭାଗ** | | **୯୩** |
| ଗ୍ରାମ୍ୟ କିଶୋରୀ | ଶିବନାରାୟଣ ଦାସ | ୯୪ |


Listen to Odia Podcast Original at https://youtube.com/@drjyotiprasad

| | | |
|---|---|---|
| ମୋହରା | ଅମୃତନାରାୟଣ ଶତପଥୀ | ୯୮ |
| ଗୁରୁ ହିଁ ଆମର ପଥ ପ୍ରଦର୍ଶକ | ସାଗର ନାୟକ | ୧୦୦ |
| ଗୀତରେ ଗଣିତ | ଅମରନାଥ ବାରିକ | ୧୦୧ |
| ପୁରୁଷ ଆଖିରେ ଲୁହ | ଶାନ୍ତନୁ କୁମାର ରାଉତ | ୧୦୨ |
| ରସିଆ ଠାକୁର | ଆକୁଳାନନ୍ଦ ପୃଷ୍ଟି | ୧୦୩ |
| ଜୀବନ ହାଟ | ବିନୟ କୁମାର ମିଶ୍ର | ୧୦୫ |
| ମୋ ମୃତ୍ୟୁ ପରେ | ଅଲେଖ କୁମାର ପାଲ | ୧୦୭ |
| ଆମ ଜାତୀୟ ପତାକା | ହରେରାମ ପଣ୍ଡା | ୧୦୯ |
| ମନ ଅଗଣା | ହାସ୍ୟମୟୀ ରାଜ | ୧୧୦ |
| ଅଜଣା ଆବେଗ | ରାଧାରାଣୀ ପାତ୍ର | ୧୧୨ |
| କବିତା ଗୋ ତୁମେ | ବାସନ୍ତୀ ଲତା ଜେନା | ୧୧୩ |
| ବନ୍ଦ କୋଠରୀରେ ମୁଁ | ତାରାପ୍ରସାଦ ଜେନା | ୧୧୫ |
| ହେଲାରେ ହେଲା | ଧ୍ରୁବ ଚରଣ ଘିବେଲା | ୧୧୭ |
| କଥା ସାର | ନୀଳମଣି ଚାନ୍ଦ | ୧୧୮ |
| ତୁମ ବିନା ମୋର | ରାମଚନ୍ଦ୍ର ପ୍ରଧାନ | ୧୧୯ |
| ଆକାଂକ୍ଷା ଭ୍ରମାଏ | ଅଲେଖ ମେହେର | ୧୨୦ |
| ମନେ ପଡ଼ ତୁମେ | ଶିଳ୍ପାଲିପି ବେହେରା | ୧୨୧ |
| ତୁମେ ଆସିବ ବୋଲି | ରବିନାରାୟଣ ମିଶ୍ର | ୧୨୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଗୁରୁ | ସୁଜିତ କୁମାର ମିଶ୍ର | ୧୨୩ |
| ଶ୍ରୀରାମଚନ୍ଦ୍ର ବନ୍ଦନା | ପ୍ରଦୀପ କୁମାର ଜିଲିକାରା | ୧୨୪ |
| ନିଶା | ଗୁପ୍ତେଶ୍ୱର ଚାନ୍ଦ | ୧୨୫ |
| ଏ ଜୀବନ ଗତିପଥ | ନିରଞ୍ଜନ ସାହୁ | ୧୨୬ |
| ବୁଲିବାକୁ ଯାଇଛି | ସ୍ୱାତିଶ୍ରୀ ପଣ୍ଡିତ | ୧୨୭ |
| ବୃଦ୍ଧାଶ୍ରମ | ଚନ୍ଦ୍ରକାନ୍ତ ଜେନା | ୧୨୮ |
| ସ୍ନେହ ମମତାର ଡୋରି ରାକ୍ଷୀ | ଝରଣା ସାହୁ | ୧୩୧ |
| ଏଇ ପ୍ରେମ ପାଇଁ | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୪ |
| ଶୂନ୍ୟ ନୀଡ଼ | ବିନୟ ମହାପାତ୍ର | ୧୩୫ |
| ମୋ ଟିକି ପ୍ରଣତି ଘେନ | ନଳିନୀ ଦାଶ | ୧୩୭ |
| ଧନ୍ୟରେ ଆଜିର ଓକିଲ ! | ଅଜିତ କୁମାର ରାଉତ | ୧୩୮ |
| ଶିଖା ନାୟକ | ତେଜସ୍ୱିନୀ ପଣ୍ଡା | ୧୪୦ |
| ଗୁରୁ ଦିବସ | ମନ୍ଦାକିନୀ ପାଢ଼ୀ | ୧୪୧ |
| ଭକ୍ତି ନୈବେଦ୍ୟ | ସରୋଜ କୁମାର ପଣ୍ଡା | ୧୪୨ |
| ଐତିହ୍ୟ ରକ୍ଷକ | ପ୍ରାଣବନ୍ଧୁ ରାଉତ | ୧୪୩ |
| ଶ୍ରେଷ୍ଠଜୀବ ଆମେ ସାରା ସୃଷ୍ଟିର | ଛବିରାଣୀ ପତି | ୧୪୪ |
| ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ | ଏଲିନା ପାଣିଗ୍ରାହୀ | ୧୪୫ |
| | ସ୍ୱାଗତିକା ସାହୁ | ୧୪୭ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | |
|---|---|
| ବନ୍ଦନା ମହାପାତ୍ର | ୧୪୯ |
| ଭରତବନ୍ଧୁ ବିଶ୍ୱାଳ | ୧୫୧ |
| ପଙ୍କଜିନୀ ଉପାଧ୍ୟାୟ | ୧୫୩ |
| ବିଦ୍ୟୁତପ୍ରଭା ମିଶ୍ର | ୧୫୪ |
| ନିରୁପମା ପଣ୍ଡା | ୧୫୫ |
| ନୂତନ କୁମାର ବେହେରା | ୧୫୭ |
| ଅନୁପମା ବିଶ୍ୱାଳ | ୧୬୦ |
| ରଶ୍ମିତା ରାଉତ | ୧୬୨ |
| ଭାସ୍କର ରାଉତ | ୧୬୪ |
| କୁମୁଦିନୀ ପତି | ୧୬୫ |
| ନଳିନୀପ୍ରଭା ମିଶ୍ର | ୧୬୭ |
| ରାଧାଶ୍ୟାମ ମହାନ୍ତି | ୧୬୮ |
| ସଂତୋଷିନୀ ଦାଶ | ୧୬୯ |
| ଲତା ବେହେରା | ୧୭୦ |
| ବିନୋଦିନୀ ଦାଶ | ୧୭୩ |
| ସୁଶ୍ରୀ ଇତିଶ୍ରୀ ଶତପଥୀ | ୧୭୫ |
| ପ୍ରତାପ କିଶୋର ରାଉତ | ୧୭୬ |
| ବୀଣା ସାହୁ | ୧୭୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ସୁନିତା ମହାନ୍ତି | ୧୮୧ |
| | ପୁଷ୍ପଲତା ମିଶ୍ର | ୧୮୨ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୮୪ |
| | ରମେଶ ଟାକ୍ରୀ | ୧୮୫ |
| | ଝୁମୁରୀ ସାହୁ | ୧୮୬ |
| | କଳ୍ପନା ବିନ୍ଧାଣୀ | ୧୮୮ |
| | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୮୯ |
| ଶ୍ରୀକୃଷ୍ଣ ଜନ୍ମ ଚରିତ | କୁଳମଣି ବାରିକ | ୧୯୩ |
| ଗୋପଦାଣ୍ଡେ | ଭାରତୀ ହୋତା | ୧୯୫ |
| ହସୁଛି ମାଳିକା କାନ୍ଦୁଛି ବେଦ | ଗୋଲାପ କୁମାରୀ ସାହୁ | ୧୯୭ |
| ପଶ୍ଚିମ ଗାଥା | ମନୋରଞ୍ଜନ ସୁରୁଜାଲ | ୧୯୯ |
| ମହାନ ଅଟନ୍ତି ଗୁରୁ | ନିହାର ରଞ୍ଜନ ସାବତ | ୨୦୧ |
| ଦୁଇଟି କବିତା | ଆଶୁତୋଷ ମେହେର | ୨୦୨ |
| ରହସ୍ୟ | ରଶ୍ମିତା ନାୟକ | ୨୦୩ |
| ତଟିନୀ | ବାସନ୍ତୀ ମଞ୍ଜରୀ ହନୁମାନ | ୨୦୫ |
| ପ୍ୟାରିସ୍ | ଦେବାଶିଷ ଚକ୍ରବର୍ତ୍ତୀ | ୨୦୭ |
| ଲୀଳାମୟ କୃଷ୍ଣ | ସ୍ନେହା ମିଶ୍ର | ୨୦୯ |
| ଗଜାନନଙ୍କୁ ଗୁହାରି | ଏଲିନା ଜେନା | ୨୧୧ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଲୁହ | ଲୋପାମୁଦ୍ରା ସାହୁ | ୨୧୨ |
| ପ୍ରିୟରେ ପ୍ରିଅଙ୍କା | ଲିପି | ୨୧୩ |
| ବିନାୟକ | ମଧୁସ୍ମିତା ସାହୁ | ୨୧୫ |
| ଚିତାର ଅଗ୍ନିରେ ଚିତ୍ତ | ସ୍ମୃତିରଞ୍ଜନ ବାରିକ | ୨୧୬ |
| ଜାତୀୟ କବି ବାଞ୍ଛାନିଧି ସ୍ମରଣେ | ଇତିଶ୍ରୀ ପତି | ୨୧୮ |
| ସ୍ୱାଗତରେ ଗୁରୁ ଚିତ୍ର | ମହେନ୍ଦ୍ର | ୨୧୯ |
| ନୀରବତା ତୁମେ | ଡଃ ସଂଯୁକ୍ତା ପରିଡ଼ା | ୨୨୧ |
| ନାରୀ | ରୂପଶ୍ରୀ କର | ୨୨୩ |
| ପ୍ରଣୟ ନୁହେଁ ଅସ୍ଥାୟୀ | ଗାୟତ୍ରୀ ଦାଶ | ୨୨୪ |
| ପ୍ରକୃତି ବୁକୁରେ ବର୍ଷା | ମୁନା ବେହେରା | ୨୨୬ |
| ପ୍ରଭୁ ଗଜାନନ | ପ୍ରକାଶ କୁମାର ଚାନ୍ଦ | ୨୨୭ |
| ସବୁଦିନ ଭଳି ରାତି ପୁଣି ଫେରେ | ବିଶ୍ୱନାଥ କର | ୨୨୮ |
| ଆସିବ ପୁଅ | ଶିଶିର କୁମାର ପଣ୍ଡା | ୨୩୦ |
| ସଖା | ଆକାଂକ୍ଷା ଅରୁଣିମା | ୨୩୧ |
| ମୁଁ ସେହି ଝିଅଟି | ପ୍ରଶାନ୍ତ ବ୍ରହ୍ମା | ୨୩୨ |
| ପତ୍ନୀ ପ୍ରୀତି | ଦିବ୍ୟଜ୍ୟୋତି ପଟ୍ଟନାୟକ | ୨୩୩ |
| ବ୍ୟବଧାନ | ସତ୍ୟବାନ ସାହୁ | ୨୩୫ |
| ଶେଷ ଦେଖା | ଶ୍ରୀକ୍ଷେତ୍ର ସୁନ୍ଦର | ୨୩୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କେମିତି କହିବି | କିରନ୍ ସ୍ୱାଇଁ | ୨୩୭ |
| କବିତା | ବିଶ୍ୱ ରଞ୍ଜନ ମହାନ୍ତି | ୨୩୮ |
| ବନ୍ଧୁ ତୁମେ ଗଲାପରେ | ଦଣ୍ଡାସି ପ୍ରଧାନ | ୨୩୯ |
| ପଶ୍ଚିମ୍ ଓଡ଼ିଶାର୍ ଶିଘା ତିହାର୍ | କ୍ଷୀରୋଦିନୀ ସାହୁ | ୨୪୧ |
| **ପ୍ରବନ୍ଧ ବିଭାଗ** | | **୨୪୩** |
| ପଶ୍ଚିମ ଓଡ଼ିଶାର ଗଣପର୍ବ : ନୂଆଁଖାଇ | ଅନନ୍ୟା ପ୍ରଧାନ | ୨୪୪ |
| କୃଷିଭିତ୍ତିକ ଗଣପର୍ବ : ନୂଆଁଖାଇ | ସାଇପ୍ରସାଦ ସାହୁ | ୨୪୮ |
| ମନୁଷ୍ୟ ଜୀବନ ସହ ସାଂଘାତିକ୍ ଖେଳ | ଆଶୁତୋଷ ନାୟକ | ୨୫୩ |
| ସାହିତ୍ୟରେ ଭାଷା ଓ ସଂସ୍କୃତିର ଗୁରୁତ୍ୱ | ଅସିତ ମହାନ୍ତି | ୨୫୬ |
| ଓଡ଼ିଆ ଜାତିର ଗର୍ବ – ପ୍ରଭୁ ଶ୍ରୀ ଜଗନ୍ନାଥ | ପ୍ରହ୍ଲାଦ ସାହୁ | ୨୬୦ |
| ପରିବେଶ ପ୍ରଦୁଷଣ ଓ ଆମେ | ଶଙ୍କର ବିଶ୍ୱାଳ | ୨୬୬ |
| ସୋସିଆଲ୍ ମିଡ଼ିଆରେ ସାହିତ୍ୟ | ଡଃ କିଶୋର ଚନ୍ଦ୍ର ଦାଶ | ୨୭୧ |
| ନାରୀ ନିର୍ଯ୍ୟାତନା | ସୁଶ୍ରୀ ଦାଶ | ୨୭୯ |
| ଭାବର୍ ତିହାର୍ ନୂଆଁଖାଇ | ସାଇ ପ୍ରସାଦ ସାହୁ | ୨୮୫ |
| **ବିଶେଷ ସୂଚନା** | | **୨୯୨** |


ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ୨୦୨୪ ସଂସ୍କରଣ ସହିତ ମୁଁ ଆପଣଙ୍କ ନିକଟରେ ଉପସ୍ଥିତ । ବ୍ୟସ୍ତବହୁଳ, ଉତ୍ସବମୁଖର ସମୟର ଆଗମନ, ଗଜାନନ ଗଣପତିଙ୍କ ଉତ୍ସବ ସହ ବର୍ଣ୍ଣାଢ୍ୟ ପୂଜା ପର୍ବପର୍ବାଣୀର ଋତୁ ଆଗମନ ହୋଇ ସାରିଛି । ଆଗାମୀ ଦୁଇ ତିନିମାସ ଭାରତୀୟ ସମାଜ ଏବଂ ଜନମାନସ ଚଳଚଞ୍ଚଳ ହୋଇ ଉଠିବେ । ଦିନର ତାପମାତ୍ରାରେ ହ୍ରାସ ହେବା ସହ ସ୍ୱଚ୍ଛ ନିର୍ମଳ ଆକାଶ ଦେଖିବାକୁ ପାଇବେ । ବର୍ଷର ସେହି ସମୟ ଯେତେବେଳେ ଲୋକମାନେ ସାଧାରଣତଃ ରୋଗାକ୍ରାନ୍ତ ହେବାର ମାତ୍ରା କମ ହୋଇଯାଏ ।

ସ୍ୱାସ୍ଥ୍ୟ ସେବା ସହ ଜଡ଼ିତ ଥିବା ହେତୁ ମୁଁ ଏତିକି ଦୃଢ଼ତାର ସହ କହିପାରେ ଯେ ଏହି ସମୟରେ ଲୋକମାନଙ୍କ ସ୍ୱାସ୍ଥ୍ୟ ସାମାନ୍ୟତଃ ସୁସ୍ଥ ରହେ ଏବଂ ଅସୁସ୍ଥତା ଆଦୌ ଦେଖାଯାଏ ନାହିଁ । ସେମିତିରେ ବି ପୂଜା ପର୍ବପର୍ବାଣୀ ଦେଖିଲେ ମନ ଆପେ ଆପେ ଆନନ୍ଦିତ ହୋଇଯାଏ, ଯେଉଁଥିପାଇଁ ଶରୀରରେ ଅନୁକୂଳ ହର୍ମୋନ୍ ସବୁ କ୍ଷରଣ ହେଉଥାଏ । ଯାହା ଆପଣଙ୍କୁ ସୁସ୍ଥ ରଖିବାରେ ସହାୟକ ହୁଏ ।

ଏହି ସମୟରେ ବିଶେଷତଃ ସାହିତ୍ୟ ଓ ସଂସ୍କୃତିସହ ସଂଶ୍ଲିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନମାନେ ମଧ୍ୟ ଅଧିକ ଚଳଚଞ୍ଚଳ ହୋଇ ଉଠନ୍ତି । ଓଡ଼ିଶା ପତ୍ରିକା ବଜାରରେ ଏହି ସମୟ ଶାରଦୀୟ ବିଶେଷାଙ୍କ ସବୁ ପ୍ରକାଶନ ହେବାର ପ୍ରକୃଷ୍ଟ ସମୟ । ଛାପା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଥିବା ପତ୍ରପତ୍ରିକା ତୁଳନାରେ ଅନଲାଇନ୍ ପତ୍ରିକା ସବୁ ଅଧିକ ମାତ୍ରାରେ ପ୍ରକାଶିତ ହେବାର ସମ୍ଭାବନା ଥାଏ । ଆହ୍ୱାନ ଇ-ପତ୍ରିକା ମଧ୍ୟ ଏହି ସମୟରେ ଏକ ବିଶେଷ ସଂସ୍କରଣ ପ୍ରକାଶିତ ହୁଏ । ତେଣୁ ଯେଉଁ ସାହିତ୍ୟିକ ବନ୍ଧୁମାନେ ଆମର ଏହି ପତ୍ରିକାରେ ନିଜର ଲେଖା ପ୍ରକାଶିତ କରିବାକୁ ଚାହାନ୍ତି ସେମାନେ ଚଳିତମାସ ତିରିଶି ତାରିଖ ସୁଦ୍ଧା ନିଜ ଲେଖା ଆମ ଇମେଲ୍ ଠିକଣାରେ ଓଡ଼ିଆ ଭାଷାରେ ଟାଇପ୍ କରି, ନିଜ ପାସପୋର୍ଟ୍ ଫଟୋ (ଯଦି ଆଗରୁ ଦେଇ ନଥାନ୍ତି) ଓ ଠିକଣା ସହିତ ଲେଖି ପଠାଇବେ । ଆଶା କରିବା ଯେ ଚଳିତ ବର୍ଷ ଏହି ପତ୍ରିକା ଅଧିକରୁ ଅଧିକ ଲେଖକ ମାନଙ୍କୁ ପ୍ରୋତ୍ସାହନ ଯୋଗାଇବ ଏବଂ ଅଧିକ ନବୀନ ଓ ପ୍ରବୀଣ ଲେଖକ ଗୋଷ୍ଠୀ ନିଜ ଲେଖା ପ୍ରକାଶନ ହେତୁ ଆଗେଇ ଆସିବେ ।

ପରିବର୍ତ୍ତନ ସଂସାରର ନିୟମ । ଏହି ନିୟମ ବଶବର୍ତ୍ତୀ ମଣିଷ । ବେଙ୍ଗ କହେ ବେଙ୍ଗୁଲି ଲୋ, ପୃଥିବୀ କ୍ଷଣ କ୍ଷଣକେ ଆନ । ସେଇଥିପାଇଁ ଆମ ଜୀବନ ସହିତ ଏହି ରାଜ୍ୟ ଓ ଦେଶରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି ଏବଂ ଆଗାମୀ ଦିନମାନଙ୍କରେ ମଧ୍ୟ ଦେଖିବାକୁ ମିଳିବ । ଯେମିତି ଓଡ଼ିଶାରେ ନୂଆ ରାଜନୈତିକ ଦଳର ଶାସନ ଏକ ବିଶାଳ ପରିବର୍ତ୍ତନ । ସେହିଭଳି ସେହି ନବ ନିର୍ବାଚିତ ସରକାରଙ୍କ ଦ୍ୱାରା ପ୍ରାକ୍ତନ ସରକାରଙ୍କ ବିଭିନ୍ନ ଯୋଜନାର ନବୀକରଣ ଏବଂ ନାମ ପରିବର୍ତ୍ତନ ମଧ୍ୟ ଏହି ଅନ୍ତର୍ଭୁକ୍ତ ଅଟେ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଦ୍ୱାରା ଓଡ଼ିଶା ଶାସନ ସମୟରେ ହୋଇଥିବା କିଛି ପ୍ରମୁଖ ଯୋଜନାର ନାମ ପରିବର୍ତ୍ତନ କରାଯାଉଛି । ସବୁଜ ରଙ୍ଗରେ କ୍ରୟ ହୋଇଥିବା ବସ ଗୁଡ଼ିକୁ ମଧ୍ୟ ଗେରୁଆ ବା ନାରଙ୍ଗୀ ରଙ୍ଗରେ ରଙ୍ଗାୟିତ କରାଯାଉଛି । ସବୁ ପରିବର୍ତ୍ତନର ଅଂଶ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଗତ ଦୁଇ ଦଶନ୍ଧି ଧରି ନିଜ କର୍ମକ୍ଷେତ୍ରରେ ସୂଚାରୁ ରୂପେ ମୋର କର୍ତ୍ତବ୍ୟ ସମ୍ପାଦନ କରିବା ସହ ଆହ୍ୱାନ ଇ-ପତ୍ରିକାକୁ ନୂତନ ଦିଗନ୍ତ ଦେବାରେ ସକ୍ଷମ ହୋଇ ପାରୁଥିଲି । ଏହା ସମେତ ଆହ୍ୱାନ ଇ-ପତ୍ରିକା ଆନୁକୂଲ୍ୟରେ ଅନେକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରୁଥିଲି । ୟୁଟ୍ୟୁବ୍ ଓ ପୋଡ଼କାଷ୍ଟ ମାଧ୍ୟମରେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କାମ କରୁଥିଲି । ପରିବର୍ତ୍ତନର ଆବଶ୍ୟକତା ଅନୁଭବ ହେଲା ଏବେ ନୂତନ ଦାୟିତ୍ୱ ଗ୍ରହଣ କରିବା ସମୟ ତେଣୁ, ଏହି ସବୁ ବିଶାଳ ଯୋଜନା ଯାହାକୁ ମୁଁ ବର୍ତ୍ତମାନ ସୁଦ୍ଧା ସୁରୁଖୁରୁରେ ଚଳାଇ ଆସୁଥିଲି ତାହା କିଭଳି କରି ପାରିବି ତାହା ମୋ ପାଇଁ ଚିନ୍ତାର ବିଷୟ ହୋଇଛି । ଆପଣମାନଙ୍କ ଭଲ ପାଇବା ଏବଂ ଏହି ପତ୍ରିକା ପ୍ରତି ମମତ୍ୱ ହିଁ ଏହି ପତ୍ରିକାର ଦୀର୍ଘଜୀବି ହେବାର ରହସ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଭଲପାଇବା ଜାରୀ ରହୁ, ନିଜର କର୍ମବ୍ୟସ୍ତତା ଭିତରେ ବି ପତ୍ରିକାକୁ ଅବହେଳାର ଶୀକାର ହେବାକୁ ଦେବିନାହିଁ ବୋଲି ମୁଁ ପ୍ରତିଶୃତିବଦ୍ଧ । ହୁଏତ ଏଥିପାଇଁ ପତ୍ରିକା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିପାରେ । ଆବଶ୍ୟକ ହେଲେ ଆପଣମାନଙ୍କ ସହାୟତା ପାଇଁ ମୁଁ ଆଶାବାନ । କେବଳ ସାହିତ୍ୟ ରଚନା କରିବା ହିଁ ଆମର ଧେୟ ନ ହେଉ, ଏହା ସହିତ ସମ୍ପାଦନା, ଅନୁଶୀଳନ ଇତ୍ୟାଦି ବିଭାଗରେ ମଧ୍ୟ ଆମେ ନିଜର ଗୁରୁତ୍ୱ ବହନ କରି ପାରିବା । ଯାହା ଫଳରେ ପତ୍ରିକା ପୂର୍ବଭଳି ସୁରୁଖୁରୁରେ ପ୍ରକାଶିତ ହୋଇ ପାରିବ ।

ଗଣେଶ ପୂଜା ସଦ୍ୟ ସମାପିତ । ରାଜ୍ୟବ୍ୟାପୀ ଏହି ପର୍ବକୁ ମହାଡ଼ମ୍ବରରେ ପାଳନ କରାଯାଉଛି । ପରେ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ମଧ୍ୟ ଉପସ୍ଥିତ ହୋଇ ପାଳିତ ହୋଇ ସାରିଛି । ଏଥିପାଇଁ ରାଜ୍ୟ ସରକାର ତିନିଦିନିଆ ଛୁଟି ଘୋଷଣା କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫଳରେ ବିଚ୍ଛିନ୍ନ ହୋଇଥିବା ମୂଳ ନିବାସୀମାନେ ଏହି ପର୍ବ ପାଳନ ପାଇଁ ପଶ୍ଚିମାଞ୍ଚଳକୁ ଫେରି ଆନନ୍ଦରେ ଉତ୍ସବକୁ ପାଳିଛନ୍ତି । ବର୍ଷ ୨୦୦୨ ଏବଂ ୨୦୦୩ରେ ପଶ୍ଚିମାଞ୍ଚଳରେ ମୋର ଅବସ୍ଥାନ ସମୟରେ ଏହି ମହାର୍ଘ ଉତ୍ସବର ଅଂଶ ହେବା ମୋ ପାଇଁ ଗୌରବର ବିଷୟ ଥିଲା । ଅଜଣା ଅପରିଚିତ ଲୋକଙ୍କ ଘରେ ଆମନ୍ତ୍ରିତ ହୋଇ ଅତିଥି ସମ୍ମାନ ସତ୍କାର ପାଇବା ଏବଂ ଅନେକ ପ୍ରକାରର ସୁସ୍ୱାଦୁକର ଖାଦ୍ୟ ଖାଇବାର ଅନୁଭୂତି ଜୀବନର ଏକ ଅନନ୍ୟ ଅନୁଭୂତି କହି ପାରିବି । ସମସ୍ତଙ୍କୁ ଏହି ବିଶେଷ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ବିଗତ ମାସରେ ଦେଶ ଦୁନିଆରେ ଘଟି ଯାଇଥିବା କିଛି ଘଟଣା ଓ ଦୁର୍ଘଟଣାର ସମ୍ୟକ ସୂଚନା ଦେବାପାଇଁ ଆସନ୍ତୁ ଜାଣିବା ଏହି ସମୟ ଅବଧିରେ କଣ ସବୁ ଘଟଣା ଘଟି ଯାଇଛି ଯାହା ଆମ ଜୀବନରେ ପ୍ରଭୂତ ପ୍ରଭାବ ପକାଇବା ପାଇଁ ଯଥେଷ୍ଟ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଭାରତର ପୂର୍ବରେ ଥିବା ବଙ୍ଗଳାଦେଶରେ ଅସ୍ଥିରତା । ଗତମାସରେ ମଧ୍ୟ ଆମେ ଏହି ବିଷୟରେ ସୂଚନା ଦେଇଥିଲେ । ହେଲେ ସେହି ଦେଶର ଅବସ୍ଥା ବର୍ତ୍ତମାନ ମଧ୍ୟ ସୁଧୁରି ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ନିଜ ପଦବୀରୁ ଇସ୍ତଫା ଦେବାପରେ ନିଜର ସୁରକ୍ଷା ପାଇଁ ଦେଶରୁ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ ଏବଂ ଏହାପରେ ପରେ ଦେଶରେ ଦେଖା ଯାଇଥିବା ଅରାଜକତା ଏତେ ମାତ୍ରାରେ ବଢ଼ି ଯାଇଥିଲା ଯେ ବଙ୍ଗଳାଦେଶରେ ଅଘୋଷିତ ଭାବରେ ହିନ୍ଦୁମାନଙ୍କ ନରସଂହାର ହେବାର ଖବର ପ୍ରସାରିତ ହୋଇଥିଲା । ଏଥି ସମ୍ବନ୍ଧରେ ମିଳିଥିବା ସୂଚନା ଯେ କେତେ ଭୟଙ୍କର ତାହା ଶବ୍ଦରେ କୁହାଯାଇ ପାରିବନି । ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିବା କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିଡ଼ିଓକୁ ଦେଖିଲେ ଏହି ବର୍ବରତାର ଦୃଶ୍ୟ ଆପଣଙ୍କ ହୃତପିଣ୍ଡକୁ ସ୍ଥାଣୁ କରିଦେଇ ପାରେ । ସାଂପ୍ରତିକ ସୂଚନା ଓ ପ୍ରଦ୍ୟୋଗିକୀ ଯୁଗରେ କୌଣସି ଖବର ଲୁଚି ରହିପାରେ ନାହିଁ, ସେହିଭଳି ବଙ୍ଗଳାଦେଶର ଖବର ମଧ୍ୟ ବିଶ୍ୱବ୍ୟାପୀ ପ୍ରସାରିତ ହେବାପରେ ଏକ କାମଚଳା ସରକାର ସ୍ଥାପନ କରାଯାଇ ଦେଶକୁ ସ୍ଥିର କରିବାକୁ ଚେଷ୍ଟା କରାଯାଇଛି । ଏଥିନିମନ୍ତେ ନୋବେଲ୍ ପୁରସ୍କାର ବିଜେତା ବଙ୍ଗଳାଦେଶର ଜଣେ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି ।

ସଦ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ, ନବଗଠିତ ସରକାରରେ ଥିବା ଅନ୍ତରାଷ୍ଟ୍ରୀୟ ଅପରାଧ ଟ୍ରିବ୍ୟୁନାଲ୍ ପ୍ରମୁଖ ମହମ୍ମଦ ତାଜୁଲ୍ ଇସଲାମ୍ କହିଛନ୍ତି ଯେ ଅଗଷ୍ଟ ମାସ ପାଞ୍ଚ ତାରିଖରେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ୟମ କରି ଅନେକ ଛାତ୍ରଙ୍କ ଜୀବନ ହାନୀ ହୋଇଥିଲା ଏବଂ ଏଥିପାଇଁ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଭାରତ ସହ ପ୍ରତ୍ୟାର୍ପଣ ସନ୍ଧି ଅନ୍ତର୍ଭୂକ୍ତ ବଙ୍ଗଳାଦେଶକୁ ଫେରାଇ ଦେବାକୁ ଦାବୀ କରାଯିବ ଏବଂ ତାଙ୍କର ବିଚାରଣା କରାଯିବ । ଯଦି ସତରେ ଏଭଳି କିଛି ହୁଏ, ତା ହେଲେ ପୁଣିଥରେ ଗୋଟିଏ ଇସ୍ଲାମିୟ ଦେଶରେ ଜଣେ ପ୍ରମୁଖଙ୍କୁ ହତ୍ୟା କରାଯାଇ ପାରେ ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି । ନବଗଠିତ ସରକାରଙ୍କ ସ୍ୱାସ୍ଥ୍ୟ ଉପଦେଷ୍ଟା ନୁରଜହାନ୍ ବେଗମ୍ କହିଛନ୍ତି ଯେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନରେ ଏକ ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ଏହାଠୁ ଅଧିକ ଛାତ୍ରଛାତ୍ରୀ ଆହତ ହୋଇଥିଲେ । ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୫ ତାରିଖ ଭିତରେ ବଙ୍ଗଳାଦେଶରେ ଘଟିଥିବା ଘଟଣା ପାଇଁ ନଅଗୋଟି ମାମଲାରେ ଶେଖ୍ ହସିନାଙ୍କୁ ଅଭିଯୁକ୍ତ କରାଯାଇ ମାମଲା ଦାୟର କରାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗାମୀ ମାସରେ ଦେଶରେ ନିର୍ବାଚନ ହେଉଛି । ହରିୟାଣାରେ ହେବାକୁ ଥିବା ନିର୍ବାଚନ ଏଥର ଅତ୍ୟଧିକ ରୋମାଞ୍ଚକର ହେବ ବୋଲି କୁହାଯାଉଛି । ଏଥିପାଇଁ କଂଗ୍ରେସ ଦଳରେ ଯେଉଁ ନୂଆ ସଦସ୍ୟଙ୍କୁ ସମ୍ମିଳିତ କରାଯାଇଛି, ସେମାନେ ହେଲେ ବିନେଶ୍ ଫୋଗଟ୍ ଏବଂ ବଜରଙ୍ଗ ପୁନିଆ । ସୂଚନାଯୋଗ୍ୟ ଯେ ଚଳିତ ଅଲିମ୍ପିକ୍ ସଂସ୍କରଣରେ ନିଜ ଓଜନ ପାଇଁ ଖେଳିବାରୁ ମନା ହୋଇଯିବା ପରେ ବିନେଶ ଫୋଗଟ୍ ନିଜର ଭୁଲକୁ ଲୁଚାଇବା ପାଇଁ ପ୍ରଥମେ କୁସ୍ତି ଖେଳରୁ ଅବସର ନେଲେ ବୋଲି ଘୋଷଣା କରିଦେଲେ । ଯଦିଓ ଏଥିରେ ସମ୍ପୂର୍ଣ୍ଣତଃ ସେ ନିଜେ ହିଁ ଦାୟୀ ଏହା ସମସ୍ତେ ଭଲଭାବରେ ଜାଣିଥିବା ସତ୍ତ୍ୱେ ଏହାକୁ ନେଇ ଅନେକ ପ୍ରକାରର ରାଜନୀତି କରାଗଲା । କେହି କେହି ଏଥିପାଇଁ କେନ୍ଦ୍ର ସରକାରଙ୍କ କୂଟନୀତିକୁ ଦାୟୀ ମଧ୍ୟ କରିଦେଲେ । ହେଲେ ଯେଉଁଦିନ ବିନେଶ ନିଜ ଓଜନ ପାଇଁ ଖେଳିବାରୁ ଅଯୋଗ୍ୟ ଘୋଷିତ ହେଲେ ସେହିଦିନ ଆହୁରି ତିନିଜଣ ଖେଳାଳୀ ମଧ୍ୟ ଅନୁରୂପ ଭାବରେ ଅଯୋଗ୍ୟ ଘୋଷିତ ହୋଇଥିଲେ । କିନ୍ତୁ ବିନେଶ ଏହି ଘଟଣାକୁ ନେଇ ସମ୍ପୂର୍ଣ୍ଣ ବ୍ୟବସ୍ଥା ଓ ରାଜନୀତିକୁ ଇଙ୍ଗିତ କରି ଏହିଭଳି ନାଟକ କରିଲେ ସତେ ଯେମିତି ସମସ୍ତେ ତାଙ୍କୁ ହରାଇବାକୁ ଚେଷ୍ଟା କରୁଛନ୍ତି । ସେ ଯା'ହେଉ ଆମ ଦେଶରେ ଏହିଭଳି ଲୋକଙ୍କୁ ସହାୟକ ହେବାପାଇଁ କିଛି ପତ୍ରକାର ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ସବୁବେଳେ ଆଗେଇ ଆସନ୍ତି । ସେମାନେ ମଧ୍ୟ ବିନେଶଙ୍କ ଭୁରି ଭୁରି ପ୍ରଶଂସା କରିବାକୁ ଲାଗିଲେ, ସତେ ଯେମିତି ସେ ଜଣେ ମହାନ ଖେଳାଳୀ ଏବଂ ତାଙ୍କୁ ଜାଣିଶୁଣି ହରାଇ ଦିଆଗଲା । ତିନିତିନି ଥର ଅଲିମ୍ପିକରେ ଭାଗ ନେଇଥିବା ସତ୍ତ୍ୱେ ଗୋଟିଏ ବି ପଦକ ଜିତି ପାରିନଥିବା ଜଣେ ଖେଳାଳୀଙ୍କ ପାଇଁ ଏତେ ଦରଦ କାହିଁକି ଫୁଟି ପଡୁଥିଲା ତାହା ଅବଶ୍ୟ କାହାକୁ ଅଛପା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଥିଲା । ବିଗତ ବର୍ଷ ଭାରତୀୟ କୁସ୍ତି ସଂଘ ବିରୋଧରେ ହୋଇଥିବା ଆନ୍ଦୋଳନରେ ସେ ପ୍ରମୁଖ ଭାବରେ ଅଂଶ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରବଳ ମୁଖର ହୋଇଥିଲେ, ତେଣୁ ବିରୋଧୀ ଦଳ ତାଙ୍କୁ ଆପଣେଇବା ସ୍ୱାଭାବିକ ଥିଲା । ସେ ଯା ହେଉ, ସମସ୍ତ ଖେଳାଳୀଙ୍କ ପ୍ରତିନିଧିତ୍ୱ କରୁଥିବା ବିନେଶ ଏବେ କଂଗ୍ରେସରେ ସଦସ୍ୟା ହୋଇ ସାରିଛନ୍ତି, ଯେଉଁ ଖେଳାଳୀମାନେ ତାଙ୍କ୍ ନିରପେକ୍ଷ ରହି ସେମାନଙ୍କ ସପକ୍ଷରେ ଆନ୍ଦୋଳନ କରିବା ପାଇଁ ଆଶା କରୁଥିଲେ ସେମାନେ ସବୁ ଏବେ ନିରୁତ୍ସାହିତ ହେବେ ନା ନାହିଁ । ଅର୍ଥାତ ଆନ୍ଦୋଳନ କରିବାର ମୂଳ ଲକ୍ଷ୍ୟ ଏଇୟା ଥିଲା ଯେ ଭବିଷ୍ୟତରେ କୌଣସି ରାଜନୈତିକ ଦଳ ସମର୍ଥନରେ ନିର୍ବାଚନ ଲଢ଼ିବା । ନୁହେଁ କି ?

ଭେନରୁ ବିଫଳ ଓ ଅଯୋଗ୍ୟ ହୋଇ ଘରକୁ ଫେରିବା ପରେ ତାଙ୍କୁ ଏଭଳି ଭବ୍ୟ ସ୍ୱାଗତ ଦିଆଗଲା ସତେ ଯେମିତି ସେ ଅଲିମ୍ପିକରେ ଦେଶର ନାଁ କରିଦେଇ ଆସିଛନ୍ତି । ଯେତେବେଳେ କି ନିଜର ମୂର୍ଖତା ପାଇଁ ହିଁ ନିଜେ ଅଯୋଗ୍ୟ ହୋଇ ସେ ଫେରିଥିଲେ । କିନ୍ତୁ ଯୋଜନାବଦ୍ଧ ଭାବରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା ଏବଂ ଗତ ମାସ ପଚିଶି ତାରିଖରେ ହରିୟାଣା ଜାଟ୍ ସମ୍ପ୍ରଦାୟ ତରଫରୁ ତାଙ୍କୁ ସ୍ୱର୍ଣ୍ଣ ପଦକ ଦିଆଗଲା । ଏହାପରେ ସୋସିଆଲ୍ ମିଡ଼ିଆରେ ସେ ଅନେକ ଆଲୋଚନା ଓ ସମାଲୋଚନାର ଶରବ୍ୟ ହେଲେ । ଏହାକୁ ନେଇ ଅନେକ ବ୍ୟକ୍ତି କହିଲେ, ଯେ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ପାଇବା ସହଜ ହେଲେ ହରିୟାଣାରେ ସ୍ୱର୍ଣ୍ଣ ପଦକ ପାଇବାରେ ବିନେଶ ହେଉଛନ୍ତି ପ୍ରଥମ ତେଣୁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ଦିଆଯାଉ । କେହି କେହି ତାଙ୍କୁ ଭାରତର ରାଷ୍ଟ୍ରପତି କରିଦିଆଯାଉ ବୋଲି ମଧ୍ୟ ଥଟା କରି କହିବାକୁ ଲାଗିଲେ । ଏହି ସବୁ ଘଟଣା ମଧ୍ୟରେ ସେ କଂଗ୍ରେସ ଦଳରେ ଯୋଗଦେଇ ଆଗାମୀ ହରିଆଣା ବିଧାନସଭା ନିର୍ବାଚନରେ ଅଂଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗ୍ରହଣ କରିବା କଥା ଦଳ ତରଫରୁ ଘୋଷଣା କରିଦିଆଯାଇଛି ।

ଏହିମଧ୍ୟରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ତିନିଦିନିଆ ବିଦେଶ ଗସ୍ତରେ ଯାଇ ଆମେରିକାର ଡଲାସ୍ ସ୍ଥିତ ଟେକ୍ସାସ ଠାରେ ପହଞ୍ଚିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ସେ ନିଜ ଗସ୍ତ କାର୍ଯ୍ୟକ୍ରମ କରୁଛନ୍ତି ବୋଲି ସୂଚନା ଦେଇଛନ୍ତି । ପ୍ରାୟତଃ ଏହିଭଳି କାର୍ଯ୍ୟକ୍ରମ ଶାସକ ଦଳର ମନ୍ତ୍ରୀମାନଙ୍କ ଦ୍ୱାରା ହିଁ ହୋଇଥାଏ, କିନ୍ତୁ ବିପକ୍ଷ ଦଳର କୌଣସି ନେତା ବିଦେଶ ଯାଇ ଦୁଇ ଦେଶ ମଧ୍ୟରେ କୌଣସି ପ୍ରକାର ସମ୍ବନ୍ଧ ବା ସଂପର୍କ ବିଷୟରେ କୌଣସି ନିଷ୍ପତ୍ତିମୂଳକ ପଦକ୍ଷେପ ନେବା ଦେଖାଯାଇ ନାହିଁ ।

ଅତୀତରେ ମଧ୍ୟ ଶ୍ରୀ ଗାନ୍ଧୀ ଅନେକ ଥର ବିଦେଶ ଗସ୍ତ କରିଥିବା ସମୟରେ ଭାରତ ସମ୍ବନ୍ଧରେ ଅନେକ ଅପ୍ରାସଙ୍ଗିକ ତଥ୍ୟ ଉପସ୍ଥାପନ କରିବା ସହ ଦେଶ ବିରୋଧୀ ମନ୍ତବ୍ୟ ଦେଇଛନ୍ତି । ସେଥିପାଇଁ ସେ ସମାଲୋଚନାର ଶୀକାର ହୋଇଛନ୍ତି । ଏହି ତିନିଦିନିଆ ଗସ୍ତରେ ସେ ପୁଣି ସେହିଭଳି କିଛି କରୁଛନ୍ତି କି ନା ତାହା ଦେଖିବାକୁ ରହିଲା ।

ଗତମାସ ନଅ ତାରିଖ ରାତିରେ କୋଲକାତା ସ୍ଥିତ ଆରଜି କର ମେଡ଼ିକାଲ କଲେଜରେ ଜଣେ କର୍ତ୍ତବ୍ୟରତା ଡାକ୍ତରଙ୍କ ମୃତ ଦେହ ମେଡ଼ିକାଲ କୋଠାର ତୃତୀୟ ମହଲା ସ୍ଥିତ ସେମିନାର୍ ହଲରେ ପ୍ରାପ୍ତ ହୋଇଥିଲା ଏବଂ ପରେ ଜଣାପଡ଼ିଥିଲା ଯେ ସଂପୃକ୍ତ ଡାକ୍ତରଙ୍କ ସହ ବଳାତ୍କାର କରାଯାଇ ହତ୍ୟା କରାଯାଇଛି । ହତ୍ୟାର ବିବରଣୀ ଏତେ ବିଭତ୍ସ ଯେ ତାହାକୁ କହିବାକୁ ଆଦୌ ମନ ହେଉନାହିଁ । ଏହି ଘଟଣା ପରେ ପରେ ଏଥିରେ ସଂପୃକ୍ତ ଜଣେ ବ୍ୟକ୍ତି ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଥିଲା ହେଲେ ଏଥିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ବ୍ୟକ୍ତିମାନଙ୍କ ସଂପୃକ୍ତି ଥାଇପାରେ ବୋଲି ମାମଲାକୁ ତଦନ୍ତ କରୁଥିବା ବେଳେ ଏକ ସପ୍ତାହରୁ ଅଧିକ ସମୟ ବିତିଯିବା ପରେ ମଧ୍ୟ କୌଣସି ନିଷ୍ପତ୍ତି ନ ନିଆଯାଇ ପାରିବା ହେତୁ ଏହି ମାମଲାକୁ ତୁରନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ଉଚ୍ଚତମ ନ୍ୟାୟାଳୟ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଦିନ ଏହି ନିର୍ଦ୍ଦେଶ ଦିଆଯାଇଥିଲା ସେହିଦିନ ରାତିରେ ଅନ୍ୟୁନ ଏକ ହଜାରରୁ ଅଧିକ ଲୋକ ବଳପୂର୍ବକ ମେଡ଼ିକାଲରେ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିଲେ । ସେମାନେ ଏଭଳି କାହିଁକି କରିଥିଲେ, ସେମାନେ କିଏ ଥିଲେ ଏହି ସବୁ ବିଷୟ ଏବେ ମଧ୍ୟ ବିଚାରାଧୀନ । କୁହାଯାଉଛି ଯେ ମାମଲାରେ ସାକ୍ଷ୍ୟପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହିଭଳି ଘଟଣାକୁ ଘଟିବାକୁ ଦିଆଗଲା । ନହେଲେ ହଠାତ୍ ଏକ ହଜାରରୁ ଅଧିକ ବ୍ୟକ୍ତି ଏକତ୍ରିତ ହୋଇ ଏହିଭଳି ଘଟଣା କିଭଳି ଭାବରେ ଘଟାଇ ପାରିଲେ ତାହା ତଦନ୍ତ ସାପେକ୍ଷ ।

ଏହି ମାମଲା ପରେ ପରେ ଡାକ୍ତରୀ ସଂଗଠନ ମାନଙ୍କ ତରଫରୁ ବ୍ୟାପକ ପ୍ରତିରୋଧ କରାଗଲା ଏବଂ ଦେଶବ୍ୟାପୀ ସାଙ୍କେତିକ କମଲଛାଡ଼ ଆନ୍ଦୋଳନ ମଧ୍ୟ କରାଗଲା, ତଥାପି ପଶ୍ଚିମ ବଙ୍ଗ ସରକାର ଏହି ମାମଲାକୁ ଗମ୍ଭୀରତାର ସହ ତଦନ୍ତ ନ କରିବା ଦ୍ୱାରା ବ୍ୟାପକ ଜନ ଅସନ୍ତୋଷ ଦେଖାଗଲା । ଏଥିପାଇଁ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ଏହି ମାମଲାରେ କଲେଜର ଅଧ୍ୟକ୍ଷ ମଧ୍ୟ ଗିରଫ ହୋଇ ସାରିଛନ୍ତି ଏବଂ ଏହି ଘଟଣା ପରେ ଏହି କଲେଜରେ ଅତୀତରେ ମଧ୍ୟ ଏହିଭଳି ଘଟଣା ଘଟିଥିବା କଥା ସାମନାକୁ ଆସିଛି । କୁହାଯାଉଛି ଯେ କାଳେ ଏହି କଲେଜରେ ଅତୀତରେ ମଧ୍ୟ ଡାକ୍ତରମାନଙ୍କୁ ମାନସିକ ଭାବରେ ନିର୍ଯାତନା ଦିଆଯାଉଥିଲା । କିଛି ଡାକ୍ତର ଆତ୍ମହତ୍ୟା ମଧ୍ୟ କରିଥିବା କଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁଣାଯାଉଛି ।

ଗତ ଦିନରେ କୋଲକାତାରେ ଏହି ମାମଲାକୁ ନେଇ ଅନେକ ପ୍ରକାରର ଆନ୍ଦୋଳନ ଓ ପ୍ରଦର୍ଶନ ହେଉଥିବା ବେଳେ ରାଜ୍ୟ ସରକାର ନିରବତା ଅବଲମ୍ବନ କରୁଛନ୍ତି । ମାମଲାର ଗୁରୁତ୍ୱକୁ ଉପଲବ୍ଧିକରି ଅନେକ ତୃଣମୂଳ କଂଗ୍ରେସ ନେତା ଦଳ ତ୍ୟାଗ କରିଲେଣି । ସଦ୍ୟପ୍ରାପ୍ତ ଖବର ଅନୁସାରେ, ସଂସଦରେ ରାଜ୍ୟସଭା ସଦସ୍ୟ ଜବାହାର୍ ସର୍କାର ଏହି ମାମଲାରେ ଦୁଃଖ ପ୍ରକାଶ କରି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ।

ଚଳିତ ସଂସ୍କରଣ ଅଲିମ୍ପିକରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବାରେ ଅକ୍ଷମ ହୋଇ ପଦକ ତାଲିକାରେ ୭୧ତମ ସ୍ଥାନ ପାଇଥିଲା । ହେଲେ ଏହି ଖେଳ ସ୍ପର୍ଦ୍ଧା ପରେ ପରେ ଅନୁଷ୍ଠିତ ପାରା-ଅଲିମ୍ପିକରେ କିନ୍ତୁ ପରିଦୃଶ୍ୟ ବଦଳି ଯାଇଛି । ବର୍ତ୍ତମାନ ସୁଦ୍ଧା ୭ଟି ସ୍ୱର୍ଣ୍ଣ ପଦକ, ୯ ଟି ରୌପ୍ୟ ଏବଂ ୧୩ଟି ବ୍ରୋଞ୍ଜ୍ ପଦକ ସହ ଭାରତ ୧୮ତମ ସ୍ଥାନରେ ରହିଛି । ଭାରତର ପାରା-ଅଲିମ୍ପିକ୍ ଖେଳାଳୀମାନେ ଉଚ୍ଛ୍ୱସିତ ଭାବରେ ନିଜର କ୍ରୀଡ଼ାନୈପୁଣ୍ୟର ପ୍ରଦର୍ଶନ କରି ଦେଶର ନାମକୁ ଗୌରବାନ୍ୱିତ କରିଛନ୍ତି । ପ୍ରମୁଖ ଖେଳାଳୀ ଯେଉଁମାନେ ଦେଶକୁ ଗୌରବାନ୍ୱିତ କରିଛନ୍ତି ସେମାନେ ହେଲେ, ସ୍ୱର୍ଣ୍ଣ ପଦକ ବିଜେତା ଅବନୀ ଲେଖରା, କୁମାର ନିତେଶ, ସୁମିତ୍ ଆଣ୍ଟିଲ୍, ହରବିନ୍ଦର ସିଂ, ଧରମବୀର୍ ନୈନ୍, ପ୍ରବୀନ୍ କୁମାର, ନବଦୀପ୍ ସିଂ । ରୌପ୍ୟ ପଦକ ବିଜେତା ମନିଶ୍ ନରୱାଲ୍, ନିଶାଦ୍ କୁମାର, ଯୋଗେଶ କଥୁନିୟା, ଟି ମୁରୁଗେଶନ୍, ସୁହାସ୍ ଯତିରାଜ୍, ଅଜୀତ୍ ସିଂ ଯାଦବ୍, ଶରଦ୍ କୁମାର, ସଚିନ୍ ଖିଲାରୀ, ପ୍ରଣବ୍ ସୁର୍ମା । ବ୍ରୋଞ୍ଜ ପଦକ ବିଜେତା ହେଲେ, ମୋନା ଅଗ୍ରୱାଲ୍, ପ୍ରୀତି ପାଲ୍, ରୁବିନା ଫ୍ରାନ୍ସିସ୍, ମନିଷ ରାମଦାସ୍, ଶୀତଲ୍ ଦେବୀ, ରାକେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁମାର, ନିଥ୍ୟା ଶିବନ୍, ଦିପ୍ତୀ ଜୀବନଜୀ, ମରିୟ୍ୟାପାନ୍ ଥଙ୍ଗଭେଲୁ, ସୁନ୍ଦର ସିଂ ଗୁର୍ଜର୍, କପିଲ୍ ପର୍ମାର୍, ହୋକାଟେ ସେମା, ସିମ୍ରନ୍ ଶର୍ମା । ମୁଖ୍ୟ ଅଲିମ୍ପିକ୍ ପାଇଁ ଖେଳାଳୀ ମାନଙ୍କ ପିଛା ଶହେଶହ କୋଟି ଟଙ୍କା ଖର୍ଚ୍ଚା ହେଉଥିଲେ ସୁଦ୍ଧା ସେମାନେ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି ସେହି ତୁଳନାରେ ପାରା ଅଲିମ୍ପିକରେ ଅଂଶଗ୍ରହଣ କରୁଥିବା ଖେଳାଳୀ ମାନେ ସ୍ୱଳ୍ପ ବଜେଟରେ ମଧ୍ୟ ଭଲ ପ୍ରଦର୍ଶନ କରୁଥିବା ଦେଖାଯାଉଛି ।

ଗତ ମାସରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ୟୁକ୍ରେନ୍ ଗସ୍ତରେ ଯାଇଥିଲେ । ୧୯୯୧ ମସିହାରେ ସ୍ୱାଧୀନତା ପାଇବା ପରେ ୟୁକ୍ରେନ ଗସ୍ତ କରିଥିବା ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇଛନ୍ତି ଶ୍ରୀ ମୋଦୀ । ଶୁଣାଯାଉଛି ଯେ ଏହି ଔପଚାରିକ ଗସ୍ତ କାର୍ଯ୍ୟକ୍ରମ ପଛରେ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧରେ ପରିସମାପ୍ତି କିଭଳି ହୋଇ ପାରିବ ସେହି ମହତ ଉଦ୍ଦେଶ୍ୟ ରହିଛି । ୟୁକ୍ରେନର ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ମୋଦୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରର ଛବି ବିଶ୍ୱବ୍ୟାପୀ ଗଣମାଧ୍ୟମରେ ପ୍ରସାରିତ ହୋଇଛି । କୁହାଯାଉଛି ଯେ କିଛି ମାସ ତଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମସ୍କୋ ଯାଇଥିବା ସମୟରେ ଋଷର ରାଷ୍ଟ୍ରପତି ଶ୍ରୀ ପୁଟିନଙ୍କୁ ଯେଉଁଭଳି ଭାବରେ ସୌଜନ୍ୟତାମୂଳକ ସାକ୍ଷାତ କରିଥିଲେ ଠିକ୍ ସେହିଭଳି ସେ କିଭ୍ ଠାରେ ଜେଲେନସ୍କିଙ୍କ ସହ ସାକ୍ଷାତ କରିଛନ୍ତି ଏବଂ ଉଭୟ ସ୍ଥଳରେ ସେ ସମାନ ବକ୍ତବ୍ୟ ଉପସ୍ଥାପନ କରି ବିଶ୍ୱ ଶାନ୍ତିର ବାର୍ତ୍ତା ଦେଇଛନ୍ତି ।

ମୋଦୀଙ୍କ ଏହି ଗସ୍ତକାଳରେ ଋଷ ତରଫରୁ ୟୁକ୍ରେନ ଉପରେ ଆକ୍ରମଣ ବନ୍ଦ ରହିଥିଲା । ଯାହା ସାଂପ୍ରତିକ ସମୟରେ ଭାରତୀୟ ଶାସନକଳର ବିପୁଳ ବିଜୟ ବୋଲି ଧରି ନିଆଯାଇ ପାରେ । ମୋଦୀଙ୍କ ମ୍ୟାଜିକ ପ୍ରକୃତରେ କାମ କରେ ବୋଲି ଯାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁହାଯାଏ ତାହା ଦେଖିବାକୁ ମିଳିଛି ।

ମୋଦୀଙ୍କ ଗସ୍ତ ସମୟରେ ଦ୍ୱିପାକ୍ଷିକ ବାର୍ତ୍ତାର ଯେଉଁ ତଥ୍ୟ ୟୁକ୍ରେନ ତରଫରୁ ଉପସ୍ଥାପନ ହୋଇଛି ସେଥିରେ ଉଲ୍ଲେଖ ରହିଛି ଯେ, ଏହି ଗସ୍ତ ଉଭୟ ଭାରତ ଏବଂ ୟୁକ୍ରେନ ପାଇଁ ରାଜନୈତିକ ସ୍ତରରେ ସମନ୍ୱୟ, ଶାନ୍ତି ସ୍ଥାପନ, ଅର୍ଥନୀତି, ବିଜ୍ଞାନ ଏବଂ ପ୍ରଦ୍ୟୋଗିକୀ କ୍ଷେତ୍ରରେ ସହଭାଗିତା, ରକ୍ଷା କ୍ଷେତ୍ରରେ ସହାୟତା, ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଦେଶ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଥିଲା ।

ଆସାମର ମୁଖ୍ୟମନ୍ତ୍ରୀ ଶ୍ରୀ ହେମନ୍ତ ବିଶ୍ୱ ଶର୍ମାଙ୍କ ଶାସନାଧୀନ ସରକାର ନୂତନ ନିୟମ ପ୍ରଣୟନ କରିଛନ୍ତି, ଏହା ଅନ୍ତର୍ଭୁକ୍ତ ଆସାମରେ ହେଉଥିବା ସମସ୍ତ ବିବାହ ସରକାରୀ ଭାବରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ ହୋଇଛି । ଏହିଭଳି ନିୟମ ଯଦି ବା ଆଗରୁ ରହିଛି, ତଥାପି ଏହାକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି । ହିନ୍ଦୁ ବିବାହ ଆଇନ ଅନୁଯାୟୀ ଜଣେ ବ୍ୟକ୍ତି କେବଳ ଥରେ ମାତ୍ର ବିବାହ କରିବା ଆଦେଶ ଥିବା ସ୍ଥଳେ ମୁସଲମାନ୍ ମାନେ ନିଜ ଧର୍ମର ଦ୍ୱାହି ଦେଇ ଏକାଧିକ ବିବାହ କରୁଛନ୍ତି । ତେଣୁ ସେମାନଙ୍କ ପରିବାରକୁ ସରକାରୀ ସହାୟତା ପହଞ୍ଚାଇବା ଅସୁବିଧା ହେଉଛି । ଏଥିପାଇଁ ନିୟମ କରାଯାଉଛି ଯେ ବିବାହ ପଞ୍ଜିକରଣ ବାଧ୍ୟତାମୂଳକ କରାଗଲେ କେବଳ ଯୋଗ୍ୟ ହିତାଧିକାରୀଙ୍କୁ ହିଁ ସରକାରୀ ସହାୟତା ପହଞ୍ଚାଇ ହେବ । ଏକାଧିକ ବିବାହ କରୁଥିବା ବ୍ୟକ୍ତି ନିଜ ପରିବାର ପ୍ରତିପୋଷଣର ଦାୟିତ୍ୱ ନିଜେ ନେବେ । ଏହିଭଳି ପରିବାରକୁ ସହାୟତା ପ୍ରଦାନ କରାଯିବା କ୍ଷେତ୍ରରେ ସରକାର କେବଳ ଗୋଟିଏ ବିବାହକୁ ହିଁ ସିଦ୍ଧ ବୋଲି ଧରିନେଇ ରାସନ ସାମଗ୍ରୀ ତଥା ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବେ । ଏହି ନିୟମ ବ୍ୟତୀରେକ ଆସାମରେ ପ୍ରତ୍ୟେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାଗରିକଙ୍କୁ ଆଧାର କାର୍ଡ଼ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା କହିଛନ୍ତି ଯେ ଅନେକ ସ୍ଥାନରେ ପାଖାପାଖି ଚାଳିଶି ପ୍ରତିଶତ ଲୋକଙ୍କ ପାଖରେ ଆଧାର କାର୍ଡ୍ ନାହିଁ, ଅର୍ଥାତ ସେମାନେ ବେଆଇନ୍ ଭାବରେ ଭାରତ ମଧ୍ୟରେ ପ୍ରବେଶ କରିଛନ୍ତି, ସେହିଭଳି ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ଫେରି ଯିବାପାଇଁ କୁହାଯିବ । ବଙ୍ଗଳାଦେଶରେ ଯେଉଁଭଳି ଭାବରେ ହିନ୍ଦୁମାନଙ୍କ ନରସଂହାରକୁ ଦେଶବ୍ୟାପୀ ଆନ୍ଦୋଳନ ନାମରେ କରାଗଲା ତାହାକୁ ଦେଖିବା ପରେ ଭାରତରେ ଅନୁପ୍ରବେଶ କରୁଥିବା ଏବଂ କରିଥିବା ସମସ୍ତ ବେଆଇନ ବଙ୍ଗଳାଦେଶୀ ନାଗରିକଙ୍କୁ ତୁରନ୍ତ ନିଜ ଦେଶକୁ ଫେରିଯିବା ଉଚିତ ବୋଲି ମନ୍ତବ୍ୟ ଶୁଣିବାକୁ ମିଳୁଛି । ଏଥିପାଇଁ ଜନସାଧାରଣ ମଧ୍ୟ ସଚେତନ ହେଲେଣି । ଓଡ଼ିଶାରେ ଅନେକ ସ୍ଥାନରେ ବଙ୍ଗଳାଦେଶୀଙ୍କ ବିରୋଧ କରାଯାଉଥିବାର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ପ୍ରସାରିତ ହେଉଛି ।

ଓଡ଼ିଶାରେ ବର୍ତ୍ତମାନ ଯଦି କୌଣସି ଖବର ଅତି ଅଧିକ ପ୍ରସାରିତ ହେଉଛି ତା ହେଲେ ତାହା ହେଉଛି, ସୁଭଦ୍ରା ଯୋଜନା । ସୂଚନାଯୋଗ୍ୟ ଯେ ଓଡ଼ିଶାର ନବନିର୍ବାଚିତ ଭାଜପା ଶାସନାଧୀନ ସରକାର ନିର୍ବାଚନ ପ୍ରତିଶ୍ରୁତିରେ କହିଥିଲେ ଯେ ଯଦି ଭାଜପା ସରକାର ଗଠନ କରେ ତା ହେଲେ ପ୍ରତ୍ୟେକ ମହିଳାଙ୍କୁ ପଚାଶ ହଜାର ଟଙ୍କାର ଅର୍ଥ ଦିଆଯିବ । ସରକାର ଗଠନର ତିନିମାସ ପରେ ଏବେ ସୁଭଦ୍ରା ଯୋଜନାର ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ ହୋଇ ଏଥିପାଇଁ ଅନଲାଇନ୍ ଆବେଦନ କରିବାପାଇଁ କୁହାଯାଇଛି । ଆଗରୁ ପଚାଶ ହଜାର ଦିଆଯିବ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ ଏହା ବର୍ଷକୁ ଦଶ ହଜାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା, କିନ୍ତୁ ଶୁଣାଯାଉଛି ଏହା ପ୍ରତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛଅ ମାସରେ ପାଞ୍ଚ ହଜାର ଲେଖାଏଁ ମହିଳା ମାନଙ୍କ ଖାତାକୁ ଆସିବ । ଏହାଦ୍ୱାରା ମହିଳାମାନେ କିଭଳି ସ୍ୱାବଲମ୍ବୀ ହେବେ କେଜାଣି । ଅନ୍ତତଃ ପଚାଶ ହଜାର ଟଙ୍କା ଏକାଠି ପାଇଥିଲେ ଏହାକୁ କୌଣସି ବ୍ୟବସାୟ କିମ୍ବା କୌଣସି କାର୍ଯ୍ୟରେ ଲଗାଇ ହୁଅନ୍ତା, କିନ୍ତୁ ଏବେ ମାତ୍ର ପାଞ୍ଚ ହଜାର ଲେଖାଏଁ ମିଳିଲେ ସେଥିରେ କଣ କରି ହେବ ?

ଆଗରୁ ସମସ୍ତ ମହିଳାଙ୍କୁ ପଚାଶ ହଜାର ମିଳିବା କଥା କୁହାଯାଉଥିବା ସ୍ଥଳେ ଏବେ ଏଥିରେ ଅନେକ ନୀତିନିୟମ ଯୋଡ଼ି ଦିଆଯାଇଛି, କେବଳ ଗରୀବ ଶ୍ରେଣୀର ମହିଳା ମାନଙ୍କୁ ଏହି ଅନୁଦାନ ମିଳିବ ବୋଲି କୁହାଯାଉଛି । ଏଥିରେ ଏତେ ଗୁଡ଼ିଏ ତଥ୍ୟର ଆବଶ୍ୟକତା ରହୁଛି ଯେ ପ୍ରାୟତଃ ଅଧିକାଂଶ ମହିଳା ଏହି ଅର୍ଥ ପାଇବାରୁ ବଞ୍ଚିତ ହୋଇ ଯାଉଛନ୍ତି । ଆଗାମୀ ସପ୍ତାହରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭୁବନେଶ୍ୱର ଗସ୍ତକରି ଏହି ସୁଭଦ୍ରା ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟର ଅର୍ଥ ପ୍ରଦାନ କରିବେ ବୋଲି ସୂଚନା ମିଳିଛି ।

ଭାଜପା ସରକାର ଆସିବା ପରେ ଓଡ଼ିଶାରେ ରାସନ କାର୍ଡ଼ ସବୁ ପୁନଃ ପରୀକ୍ଷଣ କରାଯାଇ ଅନେକ ଲୋକଙ୍କ କାର୍ଡକୁ ଜବତ କରାଯାଇଛି । ଏହା ଫଳରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବା ସମ୍ଭବ ହେଇଛି । କିଛି ପ୍ରତିଷ୍ଠିତ ବ୍ୟକ୍ତିମଧ୍ୟ ରାସନ କାର୍ଡ୍ ସହାୟତାରେ ଗରୀବଙ୍କୁ ମିଳୁଥିବା ସମସ୍ତ ସୁବିଧାକୁ ଆତ୍ମସାତ କରୁଥିଲେ । କୁହାଯାଉଛି ଯେ ରାସନ କାର୍ଡ଼ ଯାଞ୍ଚ ଆରମ୍ଭ ମାତ୍ର ଏହାପରେ ପରେ କେବଳ ଗରୀବ ଶ୍ରେଣୀର ବ୍ୟକ୍ତିମାନଙ୍କୁ ହିଁ ରାସନ ମିଳିବ ଏବଂ ସେମାନଙ୍କୁ ମଧ୍ୟ ନିଜ କାର୍ଡ୍ ସହ ଆଧାର ସଂଯୋଗ କରିବାକୁ ପଡ଼ିବ, ତା ହେଲେ ପ୍ରକୃତ ଗରୀବ ଶ୍ରେଣୀର ବ୍ୟକ୍ତି ଜଣା ପଡ଼ିବେ । ଯାହା ଫଳରେ ଓଡ଼ିଶାରେ ଯେଉଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ହେରଫେର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଥିଲା ତାହା ବନ୍ଦ ହୋଇ ପାରିବ । ଗାଁମାନଙ୍କରେ ଟାଉଟର ମାନେ ନିଜ ନିଜ ନାଁରେ ରାସନ କାର୍ଡ଼ କରି ମାଗଣା ରାସନ ସହ ଘର, ବିଦ୍ୟୁତ ସଂଯୋଗ ଇତ୍ୟାଦିର ସୁବିଧା ଉପଭୋଗ କରି ଆସୁଥିଲେ । ସେ ସବୁ ଉପରେ ବର୍ତ୍ତମାନ ରୋକ ଲାଗି ପାରିବ ।

ସର୍ବଭାରତୀୟ ସ୍ତରରେ ଚଳଚ୍ଚିତ୍ର ଶିଳ୍ପ କୋଭିଡ୍ ପରବର୍ତ୍ତୀ ସମୟରେ ଦୂର୍ବଳ ସ୍ଥିତିରେ ଗତି କରୁଥିବା ସମୟରେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ସବୁ ଅଧିକ ଲୋକପ୍ରିୟ ହୋଇଛି । ହିନ୍ଦୀ ବା ବଲିଉଡ୍ ଏହି ସମୟରେ ନିଜର ସ୍ଥିତିକୁ ସୁଦୃଢ଼ କରିବାଭଳି କୌଣସି ଉନ୍ନତ ଚଳଚ୍ଚିତ୍ର ଉପସ୍ଥାପନ କରିବାକୁ ଅକ୍ଷମ ହେଉଥିବା ବେଳେ ଆଞ୍ଚଳିକ ଭାଷାରେ ନିର୍ମାଣ ହେଉଥିବା ଅନେକ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହିଭଳି ସ୍ଥଳରେ ଓଡ଼ିଶାର ସିନେ ବା ଚଳଚିତ୍ର ଶିଳ୍ପ ମଧ୍ୟ ଉଣା ଅଧିକେ କ୍ଷତିଗ୍ରସ୍ତ ହୋଇଛି । ଦର୍ଶକଙ୍କୁ ବାନ୍ଧି ରଖିବା ଭଳି କୌଣସି ଚଳଚ୍ଚିତ୍ର ନିକଟ ଅତୀତରେ ନିର୍ମାଣ ହୋଇନଥିବା ସ୍ଥଳେ, ଆଞ୍ଚଳିକ ବୈଷମ୍ୟବାଦକୁ ନେଇ ପରସ୍ପରକୁ ଆକ୍ଷେପ କରିବା ଏବଂ ଗୋଡ଼ ଟଣା ନୀତି ଯୋଗୁଁ ଏହି ଶିଳ୍ପ ଯେ ନିଜର ଗୁରୁତ୍ୱ ହରାଇବାକୁ ବସିଲାଣି, ତାହା ସମସ୍ତେ ଉପଲବ୍ଧି କରି ପାରୁଛନ୍ତି । ସୋସିଆଲ୍ ମିଡ଼ିଆରେ ଏହି ବିଷୟରେ ଅଗଣିତ ଭିଡ଼ିଓ ଦେଖିବାକୁ ମିଳୁଛି । ସମସ୍ତେ ଏକତ୍ରିତ ହୋଇ କିଭଳି ଆମ ଏହି ଶିଳ୍ପକୁ ଉନ୍ନତି ପଥରେ ଆଗେଇ ନେବା ସେହି ବିଷୟରେ ଚିନ୍ତା କରିବା ପରିବର୍ତ୍ତେ କେବଳ ପରସ୍ପରକୁ ଆକ୍ଷେପ କରୁଛନ୍ତି । ଦେଖାଯାଉ, ଦର୍ଶକ ଆଉ କେତେଦିନ ଓଡ଼ିଆ ଚଳଚ୍ଚିତ୍ରକୁ ଦେଖିବାକୁ ଇଚ୍ଛା କରୁଛନ୍ତି ।

କୋଭିଡ୍ ପରବର୍ତ୍ତୀ ସମୟରେ ଦମନ୍ ନାମକ ଏକ ଚଳଚ୍ଚିତ୍ର ସର୍ବଭାରତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା । ବାସ୍ତବବାଦୀ କାହାଣୀ ଏବଂ ନିଚ୍ଛକ ଅଭିନୟ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚଳଚ୍ଚିତ୍ରକୁ ସବୁ ଭାଷାର ଦର୍ଶକ ଦେଖିବାକୁ ପସନ୍ଦ କରିଥିଲେ । ପରେ ପରେ ଏହି ଭଳି ଅନେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି, କିନ୍ତୁ ସେହିଭଳି ପ୍ରଭାବ ଦେଖିବାକୁ ମିଳିନାହିଁ । ନିକଟ ଅତୀତରେ କିଛି ଓଡ଼ିଆ ଚଳଚ୍ଚିତ୍ରର ଅଂଶ ଦେଖିବାକୁ ପାଇଲି । ଏଠାରେ ପ୍ରକାଶ କରିବା ହୁଏତ ଯୋଗ୍ୟ ନ ହୋଇ ପାରେ କିନ୍ତୁ ସେ ସବୁର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଏତେ ନିମ୍ନମାନର ଥିଲା ଯେ ମନେ ହେଉଥିଲା, ଯେମିତି ଚଳଚ୍ଚିତ୍ରର ନିର୍ମାତା ଓ ନିର୍ଦ୍ଦେଶକ ଏହି ସବୁ ଚଳଚ୍ଚିତ୍ର ନିର୍ମାଣ କରିବା ସମୟରେ କୌଣସି ଗବେଷଣା କରୁନାହାନ୍ତି । ସେମାନେ ଯାହା ପରଷିବେ ଦର୍ଶକ ତାହା ସାଦରେ ଗ୍ରହଣ କରିନେବେ ବୋଲି ସେମାନଙ୍କ ଧାରଣା ରହିଛି ବୋଧହୁଏ । ହେଲେ ଯେତେବେଳେ ଅନ୍ୟ ଭାଷାର ଚଳଚ୍ଚିତ୍ର ଦର୍ଶକମାନଙ୍କୁ ଆକୃଷ୍ଟ କରିପାରୁଛି ସେତେବେଳେ ଆମ ନିଜ ଭାଷାର ଚଳଚ୍ଚିତ୍ରରେ କଣ ଅଭାବ ରହୁଛି ସେ ବିଷୟରେ ବି ଗବେଷଣ ହେଉ ଏବଂ ଦର୍ଶକଙ୍କୁ ସିନେମା ହଲକୁ ଆକୃଷ୍ଟ କରିବା ଭଳି ସିନେମା ନିର୍ମାଣ ହେଉ, ଏହା ଆମେ ଆଶା କରିବା ।

ଆଶା କରୁଛି, ଆହ୍ୱାନ ଇ-ପତ୍ରିକାକୁ ଆପଣଙ୍କ ଭଲପାଇବା ପୂର୍ବଭଳି ମିଳୁଥିବ ।

ଭଗବାନ ସମସ୍ତଙ୍କ ମଙ୍ଗଳ କରନ୍ତୁ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା – ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୋଡ଼କାଷ୍ଟ

ଆହ୍ୱାନ ଓଡ଼ିଆ ଇ-ପତ୍ରିକା ଆନୁକୂଲ୍ୟରେ ପ୍ରକାଶିତ ହେଉଛି Odia Podcast Original, ପୋଡ଼କାଷ୍ଟ ଚାନେଲ୍ । ଏଥିରେ ଓଡ଼ିଆ ଭାଷାରେ, ଗଳ୍ପ, କବିତା, ପ୍ରବନ୍ଧ ସମେତ ଅନେକ ବିଷୟରେ କାର୍ଯ୍ୟକ୍ରମମାନ ଉପସ୍ଥାପନ କରାଯାଇଛି । ଆମ ପୋଡ଼କାଷ୍ଟ ପ୍ରସାରଣ ଆମାଜନ୍, ଆପଲ୍, ସ୍ପଟିଫାଇ ଇତ୍ୟାଦି ସମସ୍ତ ପୋଡ଼କାଷ୍ଟ ଡାରେକ୍ଟରୀ ମାନଙ୍କରେ ଦେଖିବାକୁ ମିଳେ ।

ଏହା ଆପଣ ଆମର ୟୁଟ୍ୟୁବ୍ ଚାନେଲରେ ମଧ୍ୟ ଶୁଣିପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com










## ଚା

ସକାଳୁ ନିଦ ଭାଙ୍ଗୁ ଭାଙ୍ଗୁ ଆମ ବାବୁଙ୍କୁ ଦରକାର ଚା । ନହେଲେ ପ୍ରେସର୍ ଆସେନି ବୋଲି ସେ କୁହନ୍ତି । କେଜାଣି ହେଇଥିବ । ଏମିତି ତ ମୁଁ ଗତ ଦଶ ବର୍ଷ ହେଲା ଦେଖି ଆସୁଛି । ସକାଳୁ ନିଦ ଭାଙ୍ଗିବା ପରେ ଦାନ୍ତ ସଫା କରିବା ବେଳକୁ ଟେବୁଲ୍ ଉପରେ ଚା' କପ ଥୁଆ ହେଇଥିବା ଦରକାର । ନହେଲେ ବାବୁ ତରତର ହେଇ ବାହାରି ଯିବେ । ଘର ବାହାରେ ଚା ଦୋକାନରେ ଚା ପିଇଦେଇ ଫେରି ଆସିବେ । ମୋତେ ଆଦୌ ଭଲ ଲାଗେନି । ଏତେ ବଡ଼ ଲୋକ ତମେ, ଚା ଦୋକାନରେ ଯାଇ ଚା' ପିଇବ ? ଲୋକ କଣ ଭାବିବେ ? ବାବୁ ଗେହ୍ଲେଇ କି କହିବେ, ଘରେ ସ୍ତ୍ରୀ ଯଦି ଠିକ୍ ସମୟରେ ଚା ନ ଦେବ, ସ୍ୱାମୀ କଣ କରିବେ ? ମୁଁ କହିବି, ନିଜେ ଚା କରି ପିଇବେ । ବାବୁ କହିବେ, ଯଦି ସବୁ ଜିନିଷ ନିଜେ ହିଁ କରିବାର ଥିଲା, ତା ହେଲେ ତମକୁ ବାହା କାହିଁକି ହେଇଛି ? ଆଉ ଅଧିକ ଯୁକ୍ତି କରି ହେବନି । ଥରେ କରିଥିଲି ଯେ ମୋତେ ଦୁଇଘଣ୍ଟାର ଭଲ ପ୍ରବଚନ ଶୁଣିବାକୁ ମିଳିଲା । ପାଟିରୁ କଥା ପଦେ ବାହାରିଗଲେ ସାଙ୍ଗେ ସାଙ୍ଗେ ତାକୁ ନେଇ କିଛି ନା କିଛି କଥା ବାବୁଙ୍କ ତୁଣ୍ଡରେ ଥିବ । କୋଉ ରାମାୟଣ ହେଉ ବା ମହାଭାରତ କିମ୍ବା କୋଉ ପୁରାଣର ଗପ କହିବା ଆରମ୍ଭ ହେଇଯିବ । ତା'ପରେ କାନମୁଣ୍ଡ ଆଉଁସିଦେଇ ନିରବ ରହିବା ହିଁ ଭଲ ବୋଲି ଧରି ନେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ସକାଳୁ ସକାଳୁ ବାବୁ ଉଠିଲେ ଆଉ ଦାନ୍ତ ସଫା କରିଲେ । ମୋ ଦେହ ହାତ ଟିକେ ଅବଶ ଅବଶ ଲାଗୁଥାଏ । ଶେଯରେ ପଡ଼ି ରହିଥାଏ । ବାବୁ ସମାନ ସକାଳ ଛଅରେ ଉଠି ପଡ଼ନ୍ତି । ବେଳେ ବେଳେ ବିରକ୍ତ ବି ଲାଗେ । ଏତେ ସକାଳୁ ଉଠି କଣ କରିବ ? କୋଉ ଅଫିସ୍ ଯିବାର ଅଛି ? ହେଲେ ନା, ବାବୁଙ୍କ ଅଭ୍ୟାସ ଯାହା ।

ଆଗରୁ ଏ ସବୁ ନଥିଲା । ଦଶବର୍ଷ ତଳ ପର୍ଯ୍ୟନ୍ତ ବାବୁ ଗଧ ଖଟଣୀ ଖଟୁଥିଲେ । ପୁଅ ଝିଅଙ୍କୁ ସ୍କୁଲ କଲେଜ ଛାଡ଼ିବା, ଘର ସଉଦା ଆଣିବା ଆଉ ଯାହା ଯାବତୀୟ କାମ ଅଛି, ସବୁ କରୁଥିଲେ । ସେଇ ସମୟରେ ତାଙ୍କର ପଦୋନ୍ନତି ହେଲା । ଅନେକ ବର୍ଷର ଚାକିରୀ ପରେ ବାବୁଙ୍କ ଦରମା ବି ବଢ଼ିଲା ଆଉ ତା ସହ ଥାଟ୍ । ପିଲାମାନେ ପାଠ ସାରିଦେଇ ବାହାରକୁ ଚାଲିଗଲେ । ଘରେ କେବଳ ଆମେ ଦୁଇଜଣ ପ୍ରାଣୀ । ସେଇ ସମୟରେ ବାବୁଙ୍କୁ ଚା ପିଇବା ଅଭ୍ୟାସ ଲାଗିଗଲା । ଅଫିସରେ କାଳେ ମାଗଣାରେ ଚା' ମିଳେ ବୋଲି ସେ କୁହନ୍ତି । ଆଗରୁ ଲଞ୍ଚ୍ ବ୍ରେକରେ ଘରକୁ ଆସୁଥିଲେ, ଘଡ଼ିଏ ବସୁଥିଲେ, ଖାଇଦେଇ ଯାଉଥିଲେ । ନୂଆ ଯାଗାରେ ଯେବେଠୁ ଚାକିରୀ ଲାଗିଲା, ଆଉ ଖାଇବାକୁ ବି ତର ନାହିଁ । ବାବୁ ସକାଳ ସାଢ଼େ ଆଠରୁ ଘରୁ ବାହାରିଲେ ଫେରିବା ବେଳକୁ ସନ୍ଧ୍ୟା । ଦିନବେଳ ଖାଇବା ଅଫିସ କ୍ୟାଣ୍ଟିନରେ । ସେଇଥିପାଇଁ ବୋଧହୁଏ ଚା ଅଭ୍ୟାସ ହେଇଗଲା ।

ଆଗରୁ ବାବୁ ଭାରି ରୋମାଣ୍ଟିକ୍ ଥିଲେ । ମାସରେ ଅନ୍ତତଃ ଥରେ କି ଦୁଇଥର ସିନେମା ନେଇ ଯାଉଥିଲେ । ହେଲେ ଏବେ ମାସମାସ ଧରି ସିନେମାର ନାଁ ଧରୁନଥିଲେ । ଘରକୁ ଫେରିବା ବେଳକୁ ତାଙ୍କ ଅବସ୍ଥା ଦେଖିବା ଯୋଗ୍ୟ ରହୁଥିଲା । ବ୍ୟାଗଟା ଥୋଇଦେଇ ପୋଷାକ ମେଲିଦେଇ, ଖଟରେ ଫାଁ ହେଇ ପଡ଼ି ଯାଉଥିଲେ । ରାତିରେ କୋଉଦିନ ଖାଇବେ ଆଉ କେବେ କେବେ ଖାଡ଼ା ଉପାସ ରହିବା ତାଙ୍କର ଅଭ୍ୟାସ ହେଇଗଲା । ଦିନରେ ବେଶୀ ପରିଶ୍ରମ ହେଇଥିବ ଭାବି ମୁଁ ବି ଆଉ ତାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠାଇବାକୁ ଉଚିତ ମନେ କରୁନଥିଲି । ଏମିତି ଦେଖୁ ଦେଖୁ ଦଶବର୍ଷ ବିତିଗଲା । ଏବେ ଚାକିରୀରୁ ଅବସର ନେଇ ସାରିଛନ୍ତି । ହେଲେ ସେଇ ଦଶ ବର୍ଷର ଅଭ୍ୟାସର ସ୍ମୃତି ସ୍ୱରୂପ ଚା' ପିଇବାଟା ଆଉ ଛାଡ଼ି ଯାଉନାହିଁ ।

ସକାଳ ଛଅରୁ ଉଠି ବଜାର ଯିବା, ସଉଦା ପନିପରିବା ଆଣିବା ପରେ ବସି କିଛି ସମୟ ଟିଭି ଦେଖିବେ । ଠିକ୍ ନଅଟା ବେଳକୁ ବାବୁଙ୍କୁ ଜଳଖିଆ ଦରକାର । ତା'ପରେ ଦିନ ବେଳେ କୋଉଦିନ ବାରଟା ତ କୋଉ ଦିନ ଦୁଇଟା, ଖାଇବାର କିଛି ନିର୍ଦ୍ଧିଷ୍ଟ ସମୟ ନଥିଲା । ଆଜିକାଲି ବାବୁ ବସି ବହି ପଢୁଛନ୍ତି । ମୁଁ ବି ଟିକେ ଅଳସୁଆ ଅଧିକ ହୋଇ ଯାଇଛି । ଯାହା ବି ଟିକେ ଭଜା ସନ୍ତୁଳା କରିଦେଲେ ବାବୁ ଉଁ କି ଚୁଁ କରୁନାହାନ୍ତି, ଖାଇଦେଇ ଉଠି ଯାଉଛନ୍ତି । ସେଥିରେ ବାବୁଙ୍କ ଆପତ୍ତି ନାହିଁ । କିନ୍ତୁ ହଁ ସକାଳ ଛଅରେ ବାବୁଙ୍କୁ ଚା ଦରକାର୍ ଆଉ ଥରେ ପୁଣି ସନ୍ଧ୍ୟାରେ ।

ଅନେକ ଥର କହିଲିଣି, ଚା କରିବା ଶିଖିଦିଅ । ହସିଦେଇ କହିବେ, ଆରେ ତମେ ଥାଉ ଥାଉ ମୁଁ ସେ ରୋଷେଇ ଘରେ ପଶିବି ? ଆଉ ଯେବେ ମୁଁ କହେ, ଆଉ ଯଦି ମୁଁ ଚାଲିଗଲି ? ସେ ବି କହିବେ ଏଇ ବୟସରେ ଏକା କୁଆଡ଼େ ଯିବ ? ଯୁଆଡ଼େ ଯିବା ସାଥୀ ହୋଇ ଯିବା । ଓହୋ ଏ ଲୋକକୁ କଥା କହିବା ହିଁ ଭୁଲ୍ । ବିରକ୍ତ ହେଲେ କହିବେ, ଘର ସାମନାରେ ଚା ଦୋକାନ । ପାଞ୍ଚଟା ଟଙ୍କା ଦେଲେ ଚା ମିଳୁଛି, ମୁଁ ଚା କରିବା ଶିଖିବି କାହିଁକି ? ମନେ ମନେ ଭାବେ, ଭଲ ହେଇଛି ଘର ସାମନାରେ ଚା ଦୋକାନଟେ ହେଇଛି । ଆଜିକାଲି ଅନେକ ଦିନ ମୁଁ ସକାଳୁ ଉଠି ପାରେନି । ସେ ନିଜେ ଯାଇ ଚା ପିଇଦେଇ ଚାଲି ଆସୁଛନ୍ତି । ଭଲ ଲାଗୁନି କିନ୍ତୁ ମୋତେ ବି ବୟସ ହେଲାଣି । ଆଉ ଚା ଟିକିଏ ପାଇଁ କାହିଁକି ତାଙ୍କ ସହ ଯୁକ୍ତି କରିବି । ହେଲେ ବେଳେ ବେଳେ ଚିନ୍ତା ହୁଏ, ଯଦି ମୁଁ ଚାଲିଯାଏ, ସତରେ ଏ ଲୋକର ହେବ କଣ ? ୟାଙ୍କୁ ସକାଳ ଛଅରେ ଚା' ଦେବ କିଏ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷାତି

ରଝ ରଝ ବର୍ଷାରେ ବାବୁ ତିନ୍ତି ତିନ୍ତି ଘରକୁ ଫେରିଲେ । ଓହୋ, ଘରେ ପଶୁ ପଶୁ ମାଆଙ୍କ ଚିତ୍କାର ଶୁଣି ଅଟକି ଗଲେ, ସେଇଠି ଠିଆ ହେଇଥ । ଘର ଭିତରକୁ ଆଦୌ ଆସିବନି । ହାତରେ ତଉଲିଆ ଧରି ପତ୍ନୀ ଧାଇଁ ଆସିଲେ । ଘର ପିଣ୍ଡାରେ ଠିଆ ହୋଇ ବାବୁ ମୁଣ୍ଡକୁ ପୋଛିବା ପରେ ପୋଷାକ ସେଇଠି ବଦଳାଇବା ପରେ ହିଁ ଘରେ ପ୍ରବେଶ ମିଳିଲା । ନହେଲେ ଘର ସାରା ପାଣି ପାଣି ହେଇ ଯାଇଥାନ୍ତା ଯେ ।

ବାବୁଙ୍କ ଏଇଟା ଗୋଟେ ବଦଭ୍ୟାସ । କେବେ ବି ବର୍ଷାତି ମାନେ ରେନ୍ କୋଟ୍ ପିନ୍ଧିବେ ନାହିଁ । ପଚାରିଲେ କହିବେ, ଆରେ ହେ... ବର୍ଷାତି ପିନ୍ଧିଲେ ଗରମ ହେବ ଆଉ ଝାଳରେ ବି ମଣିଷ ଓଦା ହେବ ତାହେଲେ ଏହାକୁ ପିନ୍ଧି କି ଲାଭ । ଭଲ ଯୁକ୍ତି ? କିଏ ବୁଝେଇବ । ହେଲା ଯେ, ଏମିତି ରଝ ରଝ ବର୍ଷାରେ କିଏ ଭିଜେ ? ଥଣ୍ଡା ଧରିଦେଲେ ? କିଏ ପିଠିରେ ପଡ଼ିବ ? ବାବୁ ନିରୁତ୍ତର ।

ପତ୍ନୀଙ୍କ ବହୁଥର କହିବା ସତ୍ତ୍ୱେ ବାବୁ ଶୁଣିଲେ ନାହିଁ, ତେଣୁ ମାଆ ନିଜେ ହିଁ ଅନଲାଇନରୁ ବର୍ଷାତିଟିଏ କିଣି ଆଣିଦେଲେ । କହିଲେ, ଯ୍ୟାକୁ ନିଜ ଗାଡ଼ିର ଡିକିରେ ରଖିବ । ଯଦି କୋଉଠି ବର୍ଷା ହେଲା ସାଙ୍ଗେ ସାଙ୍ଗେ ଏହାକୁ ପିନ୍ଧିବ । ବାବୁ ସୁନାପିଲା ପରି ମୁଣ୍ଡ ଟୁଙ୍ଗାରି ହଁ ବୋଲି କହିଲେ । ଏବଂ କିଛିଦିନ ପରେ ଦିନେ ବାବୁ ବର୍ଷାତି ପିନ୍ଧି ଘରକୁ ଫେରିଲେ । କିନ୍ତୁ ବର୍ଷା ତ ହେଉନଥିଲା ? କେଜାଣୀ ଟାଉନ୍ ଆଡ଼େ ହେଉଥିବ ବୋଧହୁଏ ? ମାଆଙ୍କୁ ଲାଗିଲା ସେ ଗଡ଼ ଜିତିଗଲେ । ବଡ଼ ଖୁସି ହେଇ କହିଲେ, ଦେଖିଲ ବର୍ଷାତି ଟା ଥିଲା ବୋଲି କେତେ ସୁବିଧାରେ ତମେ ଘରକୁ ଆସିଲ ? ବାବୁ କିଛି କହିଲେନି, ହେଲେ ବର୍ଷାତି ଖୋଲିବା ବେଳକୁ ତା ଭିତରୁ ପୁଞ୍ଜାଏ ବାଇଗଣ, ଟମାଟ, ପୋଟଳ ଖସି ତଳେ ପଡ଼ିଗଲା । ବାବୁ କହିଲେ, ବଜାର ଆଡ଼େ ଯାଇଥିଲି, ପରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିଲି, ହେଲେ ଦୋକାନୀ ବାଲା କହିଲା ପଲିଥିନ୍ ବ୍ୟାନ୍ ହେଇଛି, ବ୍ୟାଗ୍ ଆଣିଲେ ହିଁ ପରିବା ଦେବ, ତେଣୁ ତମ ଏଇ ବର୍ଷାତିଟା ଥିଲା, କାମରେ ଆସିଗଲା ।

ମାଆ ନିଜ ମୁଣ୍ଡରେ ହାତ ଦେଇ କହିଲେ, ହେ ଭଗବାନ । ଏଇ ଲୋକକୁ ପାରି ହେବନି । ବାବୁ କହିଲେ, ତମ ବର୍ଷାତି କାମରେ ଆସିଲା ତ ? ଖରା ହେଉ କି ବର୍ଷା, କିଛି ତ କାମରେ ଆସିଲା । ମାଆ ବିରକ୍ତ ହେଉଥିଲେ । ନୁଆ ସଦ୍ୟ କିଣା ହେଇଥିବା ବର୍ଷାତିକୁ ଯଦି ଏମିତି ବ୍ୟବହାର କରିବେ ତା ହେଲେ ସେଇଟା ଚିରିଯିବ କିମ୍ବା ଫାଟିଯିବ । ବର୍ଷା ଦିନରେ କାମରେ ଆସିବନି ।

ବର୍ଷାତିକୁ ଝଡ଼ାଝୁଡ଼ି କରି ମାଆ ପୁଣିଥରେ ଦେଇଦେଲେ ଗାଡ଼ିରେ ରଖିବା ପାଇଁ । ଦଇବକୁ ସେହି ଦିନପରେ ଅନେକ ମାସଧରି ବର୍ଷାର ନାଁ ଗନ୍ଧ ନଥିଲା । ଏଣେ ବାବୁଙ୍କ ପଦୋନ୍ନତି ହେଇଯାଇଥିଲା ବୋଲି ଅଫିସ ତରଫରୁ ଘରକୁ ଚାରିଚକିଆ ଗାଡ଼ି ଆସିଗଲା । ସେଇ ବର୍ଷାତି କଥା ସବୁ ଭୁଲିଗଲେ । ଅନେକ ବର୍ଷପରେ ଯେତେବେଳେ ପୁଅ ଦିନେ ସେଇ ଗାଡ଼ିକୁ ଧରି ବଜାର ଯାଇଥିଲା, ଫେରିବା ବେଳେ ସେଇ ବର୍ଷାରେ ତିନ୍ତି ତିନ୍ତି ଫେରିଲା । ମାଆ ଭାରି ବିରକ୍ତ ହେଲେ, କହିଲେ ଗାଡ଼ି ଡିକିରେ ବର୍ଷାତି ଥିଲା, ପିନ୍ଧି ଦେଲୁନି ? ପୁଅ କହିଲା, ସେଇଟା ପିନ୍ଧିଲେ ବହୁତ ଗରମ ହେବ, ଝାଳ ବହିବ, ସେଇ ଓଦା ହେବି ତ ପିନ୍ଧିବା କାହିଁକି ? ମାଆ ନିଜ ମୁଣ୍ଡରେ ହାତ ଦେଇ କହିଲେ, ଯୋଉ ଗଛରେ ଫଳ ସେଇ ଗଛ ଭଳି ହେବ ନା ।

## ଅବିଶ୍ୱସନୀୟ ଅନୁଭୂତି

ଗରୁଡ଼ଙ୍କ ମୂର୍ତ୍ତି ପଛରେ ଥାଇ ଚକାଆଖିକୁ ଦେଖୁଥାଏ ମୁଁ । ମାନସିକ ସ୍ଥିତି ସାମାନ୍ୟ ଦୂର୍ବଳ ଅନୁଭବ ହେଉଥାଏ । ଏକ ଅନିଶ୍ଚିତତା ପୂର୍ଣ୍ଣ ଭବିଷ୍ୟ ବିଷୟରେ ଚିନ୍ତା କରୁ କରୁ କୌଣସି ଉପାୟ ନ ପାଇ ଚାଲିଯାଇ ଥାଏ ପୁରୀ । ଆଉ କାହାକୁ ବା ମନ କଥା କହିବି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଠି କାହାକୁ ବି ବିଶ୍ୱାସ କରିବା ଯୋଗ୍ୟ ବୋଲି ମନେ ହେଉନଥାଏ । ସବୁଥାଇ କିଛି ନଥିବାର ଅନୁଭୂତି ହେଉଥାଏ । ଉଚ୍ଚଶିକ୍ଷା ପାଇଥିଲେ ସୁଦ୍ଧା ଚାକିରୀ ହୋଇନଥାଏ । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦିନେ ହଠାତ୍ ମନେ ହେଲା, ପୁରୀ ଯିବା ଉଚିତ ହେବ । ମନ୍ଦିରରେ ପ୍ରବେଶ କରିବା ପରେ ଶୀତଳ ପବନ ଦେହରେ ବାଜିବା ପରେ ପରେ ହିଁ ମୋତେ ପରିବର୍ତ୍ତନର ସମ୍ଭାବନା ଦେଖାଯାଇଥିଲା । ବାଇଶି ପାହାଚ ଡେଇଁ ଭିତର ଦ୍ୱାର ପରେ ପରେ ମୁଖ୍ୟ ମନ୍ଦିର ଭିତରେ ପ୍ରବେଶ କରିବା ପରେ ଗରୁଡ଼ଙ୍କ ପଛରେ ଠିଆ ହୋଇ ଚକା ଆଖିକୁ ଚାହିଁଲି ।

ମନେ ହେଉଥାଏ, ସେ ବି ମୋତେ ହିଁ ଚାହିଁ ରହିଛନ୍ତି । ମନେ ମନେ କହିଲି, ମାହାପୁରୁ ଏତେ ସୁନ୍ଦର ଜୀବନ ଦେଇଛ । ତମ ଦୟାରୁ ଦି ପଦ ଭଲରେ ପାଠଶାଠ ବି ପଢ଼ି ପାରିଛି । ହେଲେ ବି ଶାନ୍ତି ମିଳୁନି । ପେଟପାଟଣା କଥା ଚିନ୍ତା ସବୁବେଳେ ଘାରୁଛି । ବୟସ ଚବିଶି ବର୍ଷ ହେଲାଣି । ଘରୁ ଟଙ୍କା ମାଗିବାକୁ ଲାଜ ବି ଲାଗିଲାଣି । ମୋ ସାଙ୍ଗମାନେ ନିଜ ଗୋଡ଼ରେ ଠିଆ ହୋଇ ସାରିଲେଣି । ମୋ ପାଇଁ କଣ କିଛି ଉପାୟ ନାହିଁ । ଚକାଆଖି ସତେ ଯେମିତି ଉଜ୍ଜ୍ୱଳ ହୋଇ ଉଠିଥିଲା । ମନେ ହେଉଥିଲା ସେ ମୋତେ ଚାହିଁ ଆଶ୍ୱାସନା ଦେଉଛନ୍ତି ଆଉ କହୁଛନ୍ତି, ଅଳ୍ପ ଅପେକ୍ଷା କର । ତୋ ଭାଗ୍ୟ ନିଶ୍ଚୟ ବଦଳିଯିବ । ସେଇ ଆଖିକୁ ଚାହିଁ ରହିଥିବା ବେଳେ ପଛରୁ ଆହୁରି ଅନେକ ଭକ୍ତ ଆସି ପହଞ୍ଚି ଯାଇଥିଲେ ସେଇ ସ୍ଥାନକୁ ଅକ୍ତିଆର କରିବାକୁ । ଅଗତ୍ୟା ସେହି ସ୍ଥାନରୁ ବାହାରି ଆସିଲି । ଟିକେ ସାଇଡ୍ ହୋଇ ଠିଆ ହେଲି ଆଉ ଚକାଆଖିକୁ ଚାହିଁଲି । ସେ ସେମିତି ନିର୍ବିକାର ମୋତେ ଚାହିଁ ରହିଥାନ୍ତି । ଆଉ ସତେ ଯେମିତି କହୁଥାନ୍ତି, ମୁଁ ଅଛି । ତୋର କିଛି ଅସୁବିଧା ହେବ ନାହିଁ । ଯାଆ, ସବୁ ଭଲ ହେବ ।

ଏତିକି ବେଳେ ମୋତେ ପ୍ରକୃତିସ୍ଥ ହେବାଭଳି ମନେ ହେଲା ଯେତେବେଳେ ଜଣେ ପଣ୍ଡା ଆସି ମୋତେ ଠେଲିଦେଇ ଆଗକୁ ଯାଉ ଯାଉ କହିଲେ, ଯାଅ ଯାଅ, ତମ କାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଇଗଲା । ମାହାପୁରୁ ତମ କଥା ଶୁଣିଦେଲେ । ସେହି ଗହଳି ଭିତରେ ସେହି ଗୋସେଇଁ ମୋ ହାତରେ ତୁଳସୀ ପତ୍ରଟିକେ ଥୋଇଦେଇ କୁଆଡ଼େ ଚାଲିଗଲେ । ତୁଳସୀ ପାଇ ଆନନ୍ଦରେ ପୁଣି ଚକାଆଖିକୁ ଚାହିଁଲି । ମନେ ହେଉଥିଲା ସେ ହସୁଛନ୍ତି । ମୋତେ ବି ଭାରି ଭଲ ଲାଗୁଥିଲା । ସେଇଠୁ ବାହାରି ଆସିଲି । ମନ୍ଦିର ବେଢ଼ାରେ ମା ବିମଳାଙ୍କ ମନ୍ଦିର ଆଉ ଲକ୍ଷ୍ମୀ ମନ୍ଦିର ବୁଲିବା ପରେ ଆନନ୍ଦ ବଜାର ନିକଟରେ ହୋଇଛି, ମନେ ପଡିଲା, ଘରୁ ବୋଉକୁ ମାଗିକି ଦୁଇଶହ ଟଙ୍କା ଆଣିଥିଲି । ଅଧିକ ଖର୍ଚ୍ଚ ହେଇଯିବ ବୋଲି ଟ୍ରେନରେ ଆସିଥିଲି । ପୁଣି ଫେରିବାକୁ ବି ହେବ । ଆଜି ବୋଧହୁଏ ଅବଢ଼ା ଖାଇବା ମୋ ଭାଗ୍ୟରେ ନାହିଁ । ମନେ ମନେ ସ୍ଥିର କରିଲି, ହେ ଭଗବାନ, ତମେ ସହାୟ ହେଲେ ଦିନେ ଆସିବି ନିଜ ଅର୍ଜିତ ଅର୍ଥରେ ମନଭରି ଅବଢ଼ା ଖାଇବି । ଏମିତି ଭାବି ସେଇ ସ୍ଥାନରୁ ମୁହଁ ବୁଲେଇ ଆସୁଥିବା ସମୟରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସହ ଧକ୍କା ହୋଇଗଲା । ସେ ତଳେ ପଡ଼ିଯାଉ ଯାଉ ତାଙ୍କ ହାତ ଧରି ପକାଇଲି । ସେ ନିଜ ଚଷମା ସଜାଡ଼ି ଦେଉ ଦେଉ କହିଲେ, ବାପ ବଞ୍ଚେଇ ଦେଲ । ନହେଲେ ଏଇ ପଥର ଚଟାଣରେ ପଡ଼ିଥିଲେ କଣ ଯେ ହେଇଥାନ୍ତା । ମୁଁ କିଛି ନ କହି ଚାଲି ଆସୁଥିଲି, ସେ ମୋ ହାତ ଧରି କହିଲେ, ମୋ ମୁହଁଟା ବୁଲେଇ ଦେଉଛି । ମୁଁ ତାଙ୍କ ଧରି ପକେଇଲି ଆଉ ଛାଇ ଯାଗାକୁ ନେଇ ବସେଇ ଦେଲି । ସେ ବସିଥିବା ବେଳେ ପାଖରେ ବସିଥିବା ପଣ୍ଡାଙ୍କୁ ମାଗି ପାଣି ଟିକେ ଆଣି ଦେଲି । ସେ ପାଣି ପିଇଦେବା ପରେ ବି ଆଖି ବନ୍ଦ କରି ବସି ରହିଲେ ।

କିଛି ପଣ୍ଡା ଆସି ଏହି ଅବସ୍ଥା ଦେଖି କହିଲେ, ବାପାଙ୍କୁ ନେଇ ଶୁଆଇ ଦିଅ । ମୁଁ ପିଠିରେ ଧରିଥିବା ବ୍ୟାଗଟା ତାଙ୍କ ମୁଣ୍ଡତଳେ ଥୋଇଦେଇ ତାଙ୍କୁ ସେଇଠି ଶୁଆଇ ଦେଲି । ଗରମ ହେଉଥିଲା ବୋଲି ଧରିଥିବା ଖବରକାଗଜରେ ବିଞ୍ଚିଦେଲି । ଅନେକ ଲୋକ ଆସୁଛନ୍ତି ଯାଉଛନ୍ତି, କେହି କେହି ଅଟକି ଯାଉଛନ୍ତି । ମୋତେ ତେଣେ ବିଳମ୍ବ ହେଉଥିଲା । ଭାବୁଥିଲି, ଶୀଘ୍ର ଚାଲିଗଲେ ଷ୍ଟେସନ ପାଖରେ କୋଉ ହୋଟେଲରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଳଖିଆ ଟିକେ ଖାଇଦେଇ ଟ୍ରେନରେ ବସି ଚାଲି ଯାଆନ୍ତି । ହେଲେ ମୋ ସାମନାରେ ବୁଢ଼ା ଲୋକଜଣେ, କଣ କରିବି । ମନ୍ଦିର ଉପରକୁ ଚାହିଁଲି, ନୀଳଚକ୍ରରେ ନେତ ଫରଫର ହୋଇ ଉଡୁଥାଏ । ସତେ ଯେମିତି କହୁଥାଏ ମୁଁ ଥିବାଯାଏଁ କେହି ବି ବିପଦରେ ପଡ଼ିବେ ନାହିଁ । ସତକୁ ସତ ଏମିତି ଭାବୁଥିବା ସମୟରେ ସେହି ବୁଢ଼ା ଲୋକଜଣକ ଆଖି ଖୋଲିଲେ । ମୋତେ ଚାହିଁ ହସିଦେଇ କହିଲେ, ବାପ କେତେ ସମୟ ମୁଁ ଏଇଠି ଶୋଇଗଲି ?

ମୁଁ କହିଲି, ଜାଣିନି ବାପା । ସେ ହାତଘଣ୍ଟା ଦେଖି କହିଲେ, ଓହୋ ଘଣ୍ଟାଏ ସମୟ ଶୋଇପଡ଼ିଲି ? ତମେ ସେତେବେଳୁ ମୋ ପାଖରେ ବସିଛ ? ମୁଁ କିଛି କହିଲିନି, ହେଲେ ମୋ ମୁହଁର ଭାବ ଦେଖି ସେ ଜାଣିପାରିଲେ । ଉଠି ବସିବା ପରେ ମୁଁ କହିଲି, ଏବେ ଆପଣଙ୍କୁ ଭଲ ଲାଗୁଛି ତ ? ସେ କହିଲେ, ହଁ... ବହୁତ ଭଲ ଲାଗୁଛି । ଲାଗୁଛି ସତେ ଯେମିତି ମୋ ଦେହରେ କେହି ବହୁତ ବଳ ଭରି ଦେଇଛି । ମନ୍ଦିର ବେଢ଼ାରେ ଶୋଇବା ଭଳି ଭାଗ୍ୟ ମୋର ଥିଲା । ଆଉ ତମ ଯୋଗୁଁ ତାହା ଆଜି ପୂର୍ଣ୍ଣ ହେଲା । ମୁଁ ନିଜ ବ୍ୟାଗକୁ ଝାଡ଼ିଦେଇ ଉଠି ଠିଆ ହେଲି ଆଉ ତାଙ୍କ ହାତଧରି ଠିଆ କରିଦେଇ କହିଲି, ବାପା ଏବେ ଆପଣ ଯାଇ ପାରିବେ ତ ? ସେ ପୁଣି ଏପାଖ ସେପାଖ ଚାହିଁ କହିଲେ, ମୋ ଡ୍ରାଇଭର୍ ଏଇଠି ଥିଲା ?

ପ୍ରାୟ ଘଣ୍ଟାଏ କାଳ ଲୋକଟା ନିସ୍ତେଜ ହେଇ ଏଇଠି ପଥର ଚଟାଣରେ ପଡ଼ିଥିଲା, ଅନେକ ଲୋକ ଆସିଲେ ଗଲେ, କେହି ବି ତ ତାଙ୍କ ନିଜ ଲୋକ ନଥିଲେ । ମୁଁ କହିଲି, ଆପଣ ଚାଲନ୍ତୁ ମୁଁ ଆପଣଙ୍କୁ ବାହାରେ ଛାଡ଼ିଦେବି, ସେଇଠିକି ଗଲେ ହିଁ ଆପଣ ମୋବାଇଲ୍ ବ୍ୟବହାର କରି ଡ୍ରାଇଭରକୁ ଡାକିବେ । ସେ କିଛି କହିଲେନି, ଠିଆ ହୋଇ ଏଣେ ତେଣେ ଚାହୁଁ ଚାହୁଁ କହିଲେ, ବାହାରକୁ ଯିବା ? ହୁଁ... । ଭାବୁଥିଲି ଅବଢ଼ାଟିକେ ସାରିଦେଇ ଯିବି । ମୁଁ କହିଲି, ଚାଲନ୍ତୁ ମୁଁ ଆନନ୍ଦ ବଜାରରେ ଆପଣଙ୍କୁ ବସେଇ ଦେବି ।

Listen to Odia Podcast Original at https://youtube.com/@drjyotiprasad

ଆପଣ ଅବଢ଼ା ସାରିଦେଇ ଯିବେ । ସେ କହିଲେ, ଠିକ୍ । ତାପରେ ଆମେ ଆନନ୍ଦ ବଜାର ଭିତରକୁ ଗଲା ପରେ ଜଣେ ପଣ୍ଡା ଆସି କହିଲେ ଅବଢ଼ା ନେବେ କି ? ସେ କହିଲେ, ହୁଁ । ଖାଇବାକୁ ଦେବ ? ପଣ୍ଡା କହିଲେ, ଆସନ୍ତୁ ଆଉ ଆମକୁ ବାଟ କଢ଼େଇ ନେଇ ଗୋଟିଏ ସଫା ଜାଗାରେ ବସିବାକୁ କହିଲେ । ବୁଢ଼ା ଜଣକ ବସିବା ପରେ ମୁଁ କହିଲି, ଏବେ ମୁଁ ଯିବି । ସେ ମୋ ହାତକୁ ସେମିତି ଧରିଥାନ୍ତି, କହିଲେ କୁଆଡ଼େ ଯିବ ? ମୁଁ କହିଲି, ଘରକୁ ଯିବି । ଟ୍ରେନ୍ ପଳେଇଲେ ଫେରିବା ଅସୁବିଧା ହେବ । ସେ କହିଲେ, ରୁହ । ଏତେ ସମୟ ମୋତେ ସାହାଯ୍ୟ କଲ ଆଉ ଅଳ୍ପ ସମୟ ସାହାଯ୍ୟ କରିଦେଇ ଯାଅ । ପାଖକୁ ହାତ ଦେଖାଇ କହିଲେ ଏଇଠି ବସ । ଅବଢ଼ାଟିକେ ଖାଇବ । ମନେ ମନେ ଭାବୁଥିଲି, ମୋ ପକେଟରେ ତ ଏତେ ଟଙ୍କା ନାହିଁ । ଥତମତ ହେଇ କହିଲି, ଆଜ୍ଞା ମୁଁ ଏତେ ଟଙ୍କା ନେଇ ଆସିନି । ସେ ହସିଦେଇ କହିଲେ, ଓହ୍ । ତା ହେଲେ ତ ସମସ୍ୟା । ହଉ ଗୋଟେ କାମ କର । ମୁଁ ତମପାଇଁ ଏବେ ଦେଇ ଦେଉଛି ମୋତେ ପରେ ଫେରେଇ ଦେବ । ହେଲେ ବି ମୁଁ ଚିନ୍ତାରେ ଥିଲି । ଏକେ ତ ଦରମା ନାହିଁ କି ଚାକିରୀ ନାହିଁ । ବାପାଙ୍କ ପାଖରେ ହାତ ପତେଇଲେ ମୋ ଦିନ ବିତୁଛି । କଣ କରିବି ? ସେ ମୋ ହାତକୁ ଭିଡ଼ି ସେଇଠି ବସେଇ ଦେଲେ । ଆଉ ପଣ୍ଡାଙ୍କୁ କହିଲେ, ଯାହା ଯାହା ଅଛି ସବୁ ଦିଅ । ବୋଧହୁଏ ସେଦିନ ମୋ ଜୀବନରେ ସବୁଠୁ ଭଲ ଅବଢ଼ା ମୁଁ ଖାଇଥିଲି । ମନ ତୃପ୍ତିରେ ଖାଇବା ପରେ ସେ ଉଠିଲେ ଆଉ ଚାରିଶହ ଟଙ୍କା ଦେଲେ ।

ହାତ ଧରି ଧରି ସେ ବାଇଶି ପାହାଚ ଓହ୍ଲେଇ ବାହାରକୁ ଆସିବା ପରେ, ଜୋତା ଆଉ ଫୋନ୍ ସଂଗ୍ରହ କରିଲେ । ତା'ପରେ ନିଜ ଡ୍ରାଇଭରକୁ ଫୋନ୍ କରିଲେ । ଅଳ୍ପ ସମୟରେ ସେ ଆସି ପହଞ୍ଚିଗଲା । ତାକୁ ଦେଖି ବହୁତ ବିରକ୍ତ ହୋଇ ସେ କହୁଥାନ୍ତି, କୋଉଠି ଥିଲୁ ? ମୁଁ ମନ୍ଦିର ଭିତରେ ଘଣ୍ଟାଏ କାଳ ଚେତା ହରେଇ ପଡ଼ିଥିଲି, ତୁ କୋଉଠି ଥିଲୁ । ମନେ ହେଉଥିଲା ସତେ ଯେମିତି ସେ ଡ୍ରାଇଭର ମଦ ପିଇ ଦେଇଛି କି କଣ । ମୁହଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଲି କିଛି କହୁନଥିଲେ ସୁଦ୍ଧା ତା ଅଙ୍ଗଭଙ୍ଗି ଦେଖି ମନେ ହେଉଥିଲା ସେମିତି । ତା ହାତରୁ ଚାବି ଛଡ଼େଇ ଆଣିଲେ ସେ ଆଉ ମୋତେ ଚାହିଁ ପଚାରିଲେ, ଗାଡ଼ି ଚଳେଇ ଜାଣିଛ ? ମୁଁ ମୁଣ୍ଡ ହଲେଇ ହଁ ବୋଲି କହିବା ପରେ ମୋ ହାତରେ ଚାବି ଦେଇ କହିଲେ, ଚାଲ ।

ଗୋପାଳବଲ୍ଲଭ ମଠରେ ଗାଡ଼ି ରଖା ହୋଇଥିଲା । ମୁଁ ଗାଡ଼ି ଚଳାଇ ଭୁବନେଶ୍ୱର ଦିଗରେ ଯାଉଥିଲି । ପଛରେ ସେ ବସିଥିଲେ । ପଚାରିଲେ, କଣ ପଢ଼ିଛ ? କହିଲି, ସାର୍ ଗ୍ରାଜୁଏସନ୍ କରିଛି । ସେ ହସିଦେଇ କହିଲେ, ଏବେ ଯାଏଁ ତ ବାପା ବୋଲି କହୁଥିଲ, ଏବେ ସାର୍ ? ମୁଁ କିଛି କହିଲିନି । ସେ ପୁଣି କହିଲେ, ଆଉ କିଛି ଏକ୍ସଟ୍ରା ପଢ଼ିଛ କି ? ଆଜ୍ଞା, କମ୍ପ୍ୟୁଟରରେ ଡିପ୍ଲୋମା କରିଛି । ସେ କିଛି କହିଲେନି । ନିରବ ରହିଲେ, ଦେଖିବା ବେଳକୁ ସେ ଶୋଇ ଯାଇଥିଲେ । ପ୍ରାୟ ଘଣ୍ଟାଏ ପରେ ଭୁବନେଶ୍ୱରରେ ପହଞ୍ଚିବା ପରେ, ତାଙ୍କୁ ଉଠାଇଲି ଆଉ ସେ ମୋତେ ରାସ୍ତା ବତେଇ ଦେଲେ । ସେହି ରାସ୍ତାରେ ଯାଇ ପହଞ୍ଚିଲି ଏକ ବିଶାଳ ଅଫିସ ସାମନାରେ ।

ଗାଡ଼ିରୁ ଓହ୍ଲାଇବା ପରେ ତାଙ୍କୁ ଗାଡ଼ି ଚାବି ଦେଇ ମୁଁ ଫେରିବାକୁ ଚାହୁଁଥିବା ବେଳେ ସେ ମୋ ହାତଧରି କହିଲେ, କୁଆଡ଼େ ଯିବ । ଆଜି ତମେ ମୋର ଜୀବନ ବଞ୍ଚେଇଛ । ଚାଲ ।

ତାଙ୍କ ପଛେ ପଛେ ଅଫିସ ଭିତରକୁ ଗଲି । ବହୁତ ବଡ଼ ଅଫିସ । ଅନେକ ଲୋକ ଥାଆନ୍ତି, ସମସ୍ତେ ତାଙ୍କୁ ଦେଖି ନମସ୍କାର କରୁଥାନ୍ତି । ସେ ଗୋଟିଏ ଚାମ୍ବର୍ ଭିତରେ ପଶିଗଲେ । ଚେୟାର୍ ଉପରେ ବସିଥିବା ବ୍ୟକ୍ତିଜଣକୁ ଚାହିଁ କହିଲେ, ରଘୁଆକୁ ବାହାର କରିଦେ । ସେ ଲୋକ ଜଣକ କହୁଥିଲେ, କଣ ହେଲା ବାପା ? ମନ୍ଦିର ବେଢ଼ାର ସମସ୍ତ ଘଟଣା କହିବା ପରେ ସେ ଲୋକ ଜଣକ ମୋତେ ଥେଙ୍କ୍ ୟୁ ବୋଲି କହିଲେ ଆଉ ସେଇ ସମୟରେ ମୁଁ କହିଲି, ସାର୍ ଏବେ ମୁଁ ଯିବି । ନହେଲେ ଘରେ ପହଞ୍ଚିବା ବେଳକୁ ବହୁତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଳମ୍ବ ହେଇଯିବ । ସେ ମୋତେ କିଛି କ୍ଷଣ ଚାହିଁଲେ ଆଉ ଚେୟାରରେ ବସିଥିବା ଲୋକ ଜଣଙ୍କୁ କହିଲେ, ଶୁଣ, ଏଇ ଟୋକାକୁ ଆମ ଅଫିସରେ ରଖିଦେ । କମ୍ପ୍ୟୁଟର୍ ଜାଣିଛି । ଗ୍ରାଜୁଏଟ୍ ପଢିଛି । ମୋ ଉପରେ ଦୁଇଶ ଉଧାର ଅଛି । ତାକୁ ଚାକିରୀ ଦେଲେ ସେ ମୋ ଉଧାର ସୁଝିବ । ସେଇ ଲୋକ ଜଣକ ହସିଦେଇ କହିଲେ, ବାପା ତମେ ବି ନା ପିଲାଟାକୁ ହଇରାଣ କରୁଛ । ହଉ, ତମେ କହିବା ଭଳି ଏଇ ବାବୁଙ୍କୁ ଏକାଉଣ୍ଟ ସେକ୍ସନରେ ଚାକିରୀ କରେଇଦେଲେ ଚଳିବ ?

ବୁଢ଼ା ଲୋକଜଣକ ମୋତେ ଚାହିଁ ପ୍ରଶ୍ନ କରିଲେ, ଚଳିବ ?

ସେଇ ସମୟରେ ତାଙ୍କ ପୁଅ କହିଲେ, ମାସକୁ ବାର ହଜାର ଦରମା ଆଉ ଘରଭଡ଼ା ଅଲଗା । ଭଲ କାମ କଲେ ଅଧିକ ପାଉଣା ।

ବୁଢ଼ା ଲୋକ ଜଣକ ପୁଣି ମୋତେ ଚାହିଁ କହିଲେ, ଚଳିବ ତ ?

ମୋ ଆଖିରେ ଲୁହ ଜକେଇ ଆସୁଥିଲା, ସେଇ ବୁଢ଼ା ଲୋକଙ୍କ ମୁହଁଟା ମୋତେ ଚକାଡୋଳାର ମୁହଁ ଭଳି ଦିଶୁଥିଲା । ମୁଁ ନିର୍ବାକ୍ ସେମାନଙ୍କ କଥା ଶୁଣୁଥିଲି । ସେ ପୁଣି କହିଲେ, ଖାଲି ଅଫିସ କାମରେ ନୁହଁ, ମୁଁ ଯେବେ ବି ପୁରୀ ଯିବି, ତୁମେ ମୋ ସହିତ ଯିବ । ମୋତେ ସେତେବେଳେ ଜଣାପଡୁଥିଲା ଚକାଡୋଳାର ହସର ରହସ୍ୟ ।

ତାଙ୍କ ପାଦତଳେ ନଇଁପଡ଼ି ମୁଣ୍ଡିଆ ମାରୁଥିବା ବେଳେ ସେ ମୋ ହାତଧରି ଉଠେଇ ଆଣି କହୁଥିଲେ, ନା... ତମେ ଭଗବାନଙ୍କ ମନ୍ଦିରରେ ମୋତେ ମିଳିଛ । ନିଶ୍ଚୟ କିଛି ମହତ୍ ଉଦ୍ଦେଶ୍ୟ ନେଇ ଭଗବାନ ମୋତେ ତୁମ ସହ ଦେଖା କରିଛନ୍ତି । ଲୁହ ଛଳଛଳ ଆଖିରେ କହିଲି, ଆଜ୍ଞା ଭଗବାନ ସମସ୍ତଙ୍କ ମନୋସ୍କାମନା ପୂରଣ କରନ୍ତି ବୋଲି ଶୁଣିଥିଲି, ଆଜି ନିଜେ ଅନୁଭବ କରି ଦେଖିଲି ମଧ୍ୟ ।

Listen to Odia Podcast Original at https://youtube.com/@drjyotiprasad

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୧୯

ଅଶୋକ ବିଶ୍ୱାଳ



ଉପସାଗରର ଲାଲ ତରଙ୍ଗ-୧

ଅପରାହ୍ନରେ ଅବିନାଶ ପାହାଡରୁ ତଳକୁ ଓହ୍ଲାଇ ଆସିଲା ।

ତା' ମନ ଭିତରେ ବହୁ ଛାଇ ଥିଲା, କିନ୍ତୁ ବହୁ ଚିତ୍ର ମଧ୍ୟ ଜୀବନ୍ତ ଥିଲା । ଆସିବା ବେଳେ ତା'କୁ କୁହାଯାଇଥିଲା ପ୍ରତିଦିନ ଠିକ ମୁହଁ ସଞ୍ଜବେଳେ ଜଣେ ଲୋକ ଆସି ଜେଟିରେ ବସେ । ତା' ଚେହେରା ଏକଦମ ଅଲଗା ଲାଗିବ । ତା' ଆଖି ସବୁବେଳେ ପାଣି ଉପରେ ଲାଗିରହିଥିବ ଆଉ ମୁଣ୍ଡ ମୋଟେ ହଲୁନଥିବ । ଯେତେ ଶବ୍ଦ କଲେବି ତା' ମୁଣ୍ଡ ହଲିବନି । କେବଳ ସେ ପାଣିକୁ ଅନାଇ ରହିଥିବ । ଆଖ ପାଖର ଲୋକଙ୍କୁ ବି ଅନାଇବନି । ଅତିବେଶି ହେଲେ ଜେଟିକୁ ଅନାଇ ରହିଥିବ । ଏମିତିଆ ଅଲଗା ଦିଶୁଥିବା ଲୋକଙ୍କୁ ଦେଖାକରିବାକୁ ସବୁବେଳେ ତା'ର ଇଚ୍ଛା ଥାଏ । କ'ଣ ପାଇଁ ଲୋକମାନେ ଏତେ ଭିନ୍ନ ହୁଅନ୍ତି କେଜାଣି ? ମନରେ କ'ଣ ଦୌଡୁଥିବ ?

ବିଚିତ୍ର ଲୋକଟାଏ ହୋଇଥିବ । ଏକଦମ ଏକ ନୂଆ କଥା ନିଶ୍ଚେ କହିବ । - ଅବିନାଶ ମନକୁ ମନ କହିଲା ।

ମଣିଷ ଯେବେ ପଥର ହୋଇଯାଏ । ତେବେ ତା' ଦେହରୁ ଆଶ୍ଚର୍ଯ୍ୟ ଆଲୋକ ବାହାରେ ।- ତା' କାନରେ କିଏ କହିଲା ।

ସମୁଦ୍ର ଭିତରେ ତୁମେ ଅନେକ ପଥର ଦେଖିବ । ସେ ଭିତରେ ମଣିଷ ଯେ କିଏ ? କେମିତି ଖୋଜିବ ? ପଥରରୁ ଆଲୋକ ବାହାରୁଥିବ, ଏକ ସୂତ୍ର । ସତରେ କିଛି ମିଳିବ ତ ? ତା' ଭିତରେ ପ୍ରଶ୍ନ ମଧ୍ୟ ଆସୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିନାଶର ନିଜ ଉପରେ ପୂର୍ଣ୍ଣ ଭରସା ଥିଲା । ସେ ପଥର ଭିତରୁ ନିଶ୍ଚୟ ମଣିଷ ଖୋଜିନେବ । ଅବିନାଶ ରାସ୍ତା ପାଖ ସମୁଦ୍ର କୂଳରେ ଟିକିଏ ଦୂରକୁ ବୁଲିବାକୁ ନିଶ୍ଚୟ କଲା ଆଉ ରାସ୍ତାଠାରୁ ବାମଆଡକୁ ବେଶ ଦୂର ଚାଲିଗଲା । ଦୂରରୁ ଦୁନିଆ ଅଲଗା ଦିଶେ, ପଥରଗୁଡା ବି ଖୋଜି ହୋଇଯିବ । ସେଇଠି ତା'କୁ ସମୁଦ୍ର ଭିତରେ, କୂଳରୁ ପ୍ରାୟ ୫୦-୧୦୦ ମିଟର ଭିତରକୁ ପଥର ଉପରେ ତିଆରି ଏକ ଛୋଟ ଲାଇଟ ହାଉସ ଦେଖାଗଲା । ଏକଦମ ଛୋଟ ଲାଇଟ ହାଉସର ଗୋଲାକାର ଗମ୍ବୁଜରେ ଲାଲ ଧଳା ପଟ୍ଟୀ ଲାଗିଛି । ଉପରକୁ ଲୁହାର ଏକ ଛୋଟ ଶିଡି କେତେଟା ପାଣି ଉପରେ ଥିବା ପାହାଚରୁ ଉଠିଯାଇଛି । ଆଉ ଉପରେ ବତୀ ପାଇଁ ଏକ ଛୋଟ ଲ୍ୟାମ୍ପ ଷ୍ଟାଣ୍ଡ ଲାଗିଛି । ଏଇଟା ମଣିଷ ତିଆରି ପଥର ।

ଏମିତିଆ ବତୀଘର ପଥୁରିଆ କୁଳରେ ତିଆରିର ଆବଶ୍ୟକତା ଅଛି । ନହେଲେ ଡିଙ୍ଗି, ବୋଟ ବା ଜାହାଜଗୁଡା ଜୁଆର ସମୟରେ ଜାଣି ନପାରି ପଥର ଉପରେ ଚଢ଼ିଯିବେ । - ତା' ଭିତରେ ପୁଣି କିଏ କହିଲା ।

ମଣିଷ ତିଆରି ପଥରରୁ ତାହାହେଲେ ଆଲୋକ ବାହାରେ ।– ଏଇ କଥାରେ ସେ ଏକମତ ହୋଇଗଲା ।

ସେ ମନେମନେ ଭାବିଲା ସତ କଥାତ । ତା'ପରେ ଭାବିଲା ଜୁଆର ସମୟରେ ପାଣି ଏକାକାର । ଆଉ ତଳେ ପଥର ଅଛି ବୋଲି ମୋତେ ଜଣାଯିବନି । ପଥରୁଆ କୁଳରେ ବତୀଘର ହେବା ଉଚିତ । ଆଉ ସେଥିରେ ବତୀ ଜଳିବା ପାଇଁ ଏକ ଛୋଟ ଷ୍ଟାଣ୍ଡ ହେବା ଉଚିତ, ବତୀ ଦୁକୁଦକୁ ହୋଇ ଜଳୁ ପଛେ । ରାତିରେ କିଛି ଦେଖାଯିବା ଦରକାର । ନହେଲେ ମଣିଷ ପଥର ହୋଇଯିବ । ତା'ର ଶୁଣା ମଣିଷଟା ଯଦି ଲାଇଟ ହାଉସ ହୋଇଯାଆନ୍ତା, ତେବେ ବେଶ ଭଲ ହୁଅନ୍ତା । ତା' କଥା ସମସ୍ତେ ଦୂରରୁ ଜାଣିପାରନ୍ତେ । ତା'କୁ ଖୋଜିବାକୁ ମୋତେ କଷ୍ଟ ହୁଅନ୍ତାନି । ମଣିଷ ଭିତରେ କ'ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଇଟ ହାଉସ ଅଛି କି ? ଖୋଜିବାକୁ ପଡ଼ିବ । ମନରେ ତ ସବୁବେଳେ ଉତ୍ତାଳ ତରଙ୍ଗ ଉଠେ ।

ସମୁଦ୍ର ତେବେ କୂଳରେ ଗଭୀର ହୋଇଯିବ ।- କୂଳରୁ କିଏ ଛୁଆଟିଏ କହିଲା ପରି ଲାଗିଲା ।

ଅବିନାଶର ପଥର ଖୋଜୁଥିବା ମୁଣ୍ଡ ବୁଝିପାରିଲାନି କୂଳରୁ କିଏ କହୁଛି । ମୁଣ୍ଡ ବୁଲାଇ ଦେଖେ ତ ପାଖରେ ଏକ ଲୋକ ତା' ପୁଅ ସହ କଥା ହେଉଛି । ଲୋକଟା ମାଛ ଧରିବା ପାଇଁ ପାଣିରେ କଣ୍ଟା ପକାଇଛି । ତା' କଣ୍ଟାରେ ଖଣ୍ଡ ମାଛ ଲାଗିଥିବ ଆଉ ତା'କୁ ବଡ଼ ମାଛ ଆସି ଝପଟିନେବାର ଆଶା ସେ କରୁଥିବ । କଣ୍ଟାଟା ବଡ଼ ମାଛ ତଣ୍ଟିରେ ଲାଗିଯିବ, ଆଉ ଛଟପଟ ହେଉଥିବା ମାଛକୁ ସେମାନେ କୂଳକୁ ଟାଣିଆଣିବେ । କୂଳଟା ବେଶି ପଥୁରିଆ । ପାଣି ବି କମ ଗଭୀର । ତେଣୁ ସେ ତା' ପୁଅ ସହ ସମୁଦ୍ରର ଗଭୀରତା ବିଷୟରେ କଥା ହେଉଥିଲା । ଅବିନାଶ କାନ ଡେରିଲା ।

ଏମିତି ଖାଡି, ପଥୁରିଆ ଜାଗାରେ ମାଛ ଭଲ ପଡନ୍ତି ।- ବାପ କହୁଥିଲା । ବାପ ଏକ ହାଫ ଗେଞ୍ଜି ପିନ୍ଧିଥିଲା ଆଉ ପୁଅ ଏକ ଲାଲ ସାର୍ଟ ପିନ୍ଧି ପଥର ଉପରେ ଠିଆ ହୋଇଥିଲା । ପିଲାଟିକୁ ଏଇ ଦଶ ବର୍ଷ ବୟସ ହେବ । ବାପର ମାଛକଣ୍ଟା ବେଳେ ବେଳେ ପଥରରେ ଲାଗିଯାଉଥିବାରୁ ସେ ନିଜ ବାପକୁ ସମୁଦ୍ର ଗଭୀର ହୋଇଯାଉ ବୋଲି କହୁଥିଲା । ପିଲାମାନେ ସବୁବେଳେ ଦୁନିଆଟା ସେମାନଙ୍କ ହିସାବରେ ହୋଇଯାଉ ବୋଲି ଭାବନ୍ତି ।

ଖୋଳି ଏତେ ପଥର କ'ଣ କରିବ ?

ମଣିଷ ପଥରର ଏକ ଏକ ଘର କରିବ ଆଉ ସେଥିରେ ବତୀ ଲଗାଇବ ।- ଛୁଆଟା କହିଲା ।

ଅବିନାଶ ଭାବିଲା ପିଲାଟି ବୁଦ୍ଧିମାନ । ଏମିତି ସେମିତି ପିଲାଟିଏ ହୋଇଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଥାନ୍ତା ପଥରକୁ ଜମା କରିଦିଅ । ଆଉ ଅବିନାଶ ଭଳିଆ ମଣିଷ ସେଥିରୁ ଅର୍ଥାତ ଶୁଖିଲା, ରଙ୍ଗ ଛାଡିଯାଇଥିବା ପଥରରୁ ଆଲୋକ ଖୋଜିଥାନ୍ତେ ।

ସେପଟେ ବହୁତ ଘର ଅଛି । ଘର ତିଆରିରେ ପଥର ଲାଗିଯିବ । ଆଉ ଘରେ ଲୋକେ କେତେ ବତୀ ଲଗାଇବେ ।-ପିଲାଟା କହିଲା ।

ପୋର୍ଟବ୍ଲେଆର ପଟେ ବହୁତ ଘର ଦେଖାଯାଉଥିଲା । ଆଉ ରସ ଆଇଲାଣ୍ଡ ପଟେ ମଧ୍ୟ କିଛି ଘର ଦିଶୁଥିଲା । ରସ ଆଇଲାଣ୍ଡ ପଟେ ମଧ୍ୟ ଏକ ଜେଟି ଭଳି କିଛି ଲାଗୁଥିଲା ଆଉ ଏକ ବତୀଘର ଦିଶୁଥିଲା । ଏକ ବଡ଼ ତ୍ରିରଙ୍ଗା ପତାକା ବିଶାଳ ଏକ ଖୁଣ୍ଟିରୁ ଉଡୁଥିଲା । ସମୁଦ୍ରରେ ସେ କୂଳ ପାଖାପାଖି ଅନେକ ଜାହାଜ ଥିଲା । ସେପଟେ ଦେଖିବାର ଥିଲା ଛୋଟ ଦ୍ୱୀପର ଶେଷ ଆଡକୁ ଏକ ବତୀଘର । ବତୀଘର ପାଖାପାଖି ଜେଟି କ'ଣପାଇଁ ତିଆରି ହୋଇଛି ? ବତୀଘର ପାଖରେ ତ ପଥର ରହିବ ତେଣୁ ଜେଟିର ଆବଶ୍ୟକତା କ'ଣ ରହିଲା ? ଲକ୍ଷ୍ୟକରି ଦେଖିବାରୁ ଜଣାଗଲା ସେଇଟା ମୂର୍ତ୍ତୀଟିଏ । ମୂର୍ତ୍ତୀ ପାଖକୁ ଯିବାପାଇଁ ଏକ ସିମେଣ୍ଟର ପ୍ଲାଟଫର୍ମ ତିଆରି କରାଯାଇଛି । ଅବିନାଶକୁ ଲାଗିଲା ସବୁ ପଥରଗୁଡା ଏ କୂଳର ସମୁଦ୍ରରୁ ବାହର କରି ପ୍ଲାଟଫର୍ମ ନ ବନେଇ ଏକ ବନ୍ଧ କରିଦେଲେ ଭଲ ହୁଅନ୍ତା । କିନ୍ତୁ କାହାର ସେ ପଥରର ମୂର୍ତ୍ତ ୀ? ତା' ଶୁଣିବା ହିସାବରେ ଏଠି ଜେଟି ପାଖାପାଖି ସମୁଦ୍ର କୂଳରେ ପଥର ମୂର୍ତ୍ତୀ ପାଇବାର କଥା ।

ପଥର ନେଇ ପରା ସେଲୁଲାର ଜେଲ ତିଆରି ହୋଇଛି । ତେଣୁ ସେପଟେ ସମୁଦ୍ର ଗଭୀର ।

ଏପଟେ ସେମାନେ ଜେଲ କରୁନାହାନ୍ତି ।

ସେଇଟା ଆଉ କରାଯାଉନି ।

ଅବିନାଶ ଭାବିଲା ସେଲୁଲାର ଜେଲରେ ତ ବତୀ ଲାଗିନି । ତେଣୁ ଏତେ ପଥର ନେଇ ଘର କରିବାରେ କ'ଣ ଲାଭ ଯଦି ଘରୁ ଆଲୁଅ ବାହାରୁନି । ଏମିତିଆ ଜମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଥରର ଘର ଦରକାର ନାହିଁ । ଆଉ ଏପଟେ ଏଡେ ପଥର ଘର ମୋଟେ ତିଆରି ନହେଉ ।

ବହୁତ ମୂର୍ତ୍ତୀ କରୁଛନ୍ତି । ତେଣୁ ବଡ଼ ମୂର୍ତ୍ତୀଟିଏ କରି ତା'ର ମୂଳରେ ପଥର ରଖିଦିଅନ୍ତୁ ।- ପିଲାଟି କହିଲା ।

ଅବିନାଶ ଭାବିଲା ବାପ ଓ ପୁଅ ଭଲ କଥା କହୁଛନ୍ତି । ସେ ସମୁଦ୍ରକୁ ଅନାଇଲା । ସମୁଦ୍ର ମୋଟେ ଶାନ୍ତ ନୁହେଁ । ସବୁବେଳେ କିଛି ନା କିଛି ଲହଡି ହେଉଛି । ଯଦି ସମୁଦ୍ର କିଛି କ୍ଷଣ ପାଇଁ ଶାନ୍ତ ହୋଇଯାଆନ୍ତା ତେବେ କେତେ ଭଲ ହୁଅନ୍ତ । ଆକାଶରେ ବୁଲୁଥିବା ବଉଦର ଛାଇ ପଡୁଥାନ୍ତା । ସମୁଦ୍ର ବଢିଆ ଲାଲ ରଙ୍ଗ ହୋଇଯାଆନ୍ତା । ପିଲାଟିର କଥା ହିସାବରେ ଏକ ପଥର ମୂର୍ତ୍ତୀ କରିଦେଲେ ତ ଭଲ ହୁଅନ୍ତା । ବହୁ ପଥର ବାହାରିଯାଇ ସମୁଦ୍ର ଗଭୀର ହୋଇଯାଆନ୍ତା ।

ବାପ ପୁଅଙ୍କର କଥା ଚାଲିଥିଲା ଆଉ ଅବିନାଶ କିଛି ନୂଆ ପଥର ଦେଖିବାକୁ ଏମିତି ସମୁଦ୍ର କୂଳରେ ବୁଲିଲା । କିନ୍ତୁ ଆଲୁଅ ବାହାରୁଥିବା ପଥର କିମ୍ବା ପଥର ଭଳିଆ ଦେଖାଯାଉଥିବା ଆଉ ମୋଟେ ହଲୁନଥିବା ଲୋକକୁ ପାଉନଥିଲା । ଲୋକଟି କାଳେ ସମୁଦ୍ରକୂଳରେ ବସି ପାଣିକୁ ଅନାଇଥିବ । ସେମିତିଆ ଲୋକ କାହିଁ ? ଓ ବହୁ ଅନାଇଲା । ନିଃଶୂନ ପଟେ ସିନା ରହିବା କଥା । ସେ ଦୂରକୁ ଆଉ ନଯାଇ ଫେରି ଆସିଲା ।

ଧିରେ ଏ ପଟ ସମୁଦ୍ର କୂଳରେ ଛାଇ ଲମ୍ବୁଥିଲା ଆଉ ପାଣି ଲାଲ ହୋଇଆସୁଥିଲା । ପାହାଡ ଉପରୁ ଗଡିଆସୁଥିବା କୂଳରେ ଲୋକବାକ ଦିଶୁନଥିଲେ । ଗୋଟାଏ ଲମ୍ବା କଳା ସରୁଆ ପଥର । ଭଲକରି ଅନେଇବାରୁ ଜଣାଗଲା ଲୋକଟାଏ କୂଳରେ ବସି ପାଣିକୁ ଅନାଇଛି । କେଉଁ ଏକ ସାଧାରଣ ମଣିଷ ହୋଇଥିବ । ଏମିତି ଏଠି ସଂନ୍ଧ୍ୟାରେ ଲୋକେ ସମୁଦ୍ରକୁ ଏକଧ୍ୟାନରେ ଅନାଇ ରୁହନ୍ତି । ବେଶ ତାଜା ପବନ ମିଳେ । ଆଉ ପାଣିରେ କେତେ ରଙ୍ଗ ତିଆରି ହେଉଥାଏ, ତା'ର ଠିକଣା ନାହିଁ । ସମୁଦ୍ର ପାଣିରେ ସଂନ୍ଧ୍ୟାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆପେ ଆପେ ଅସଂଖ୍ୟ ରଙ୍ଗର ବୃତ୍ତମାନ ତିଆରି ହୋଇଯାଏ । ଯାହାହେଉ ସେ ପାଖକୁ ଗଲା । ପାଣି ଭିତରେ ଠିଆହୋଇଥିବା କିଛି ଜାହାଜରେ ବତୀମାନ ଲାଗିବା ଦେଖାଗଲାଣି । ଆକାଶରେ କିନ୍ତୁ ବେଶ ଆଲୋକ ଅଛି । ପାଖକୁ ଆସିବାରୁ ଦେଖାଗଲା ଜେଟି ପାଖ ପଥର ଉପରେ ବସିଥିବା ଲୋକଟିର ଅଛି ଦୀର୍ଘକାୟ ଚେହେରା, ଗୋରା ରଙ୍ଗ । ଆଣ୍ଡାମାନରେ ବହୁଦିନ ବୋଧେ ରହିଛି, ଚମ ତମ୍ବାଳିଆ ବର୍ଣ୍ଣ ଧାରଣ କଲାଣି ।

ଲୋକଟି ଆଗରୁ ଶୁଣା ହିସାବରେ ପଥର ଭଳି ସ୍ଥିର ଥିଲା, ମୁହଁ ମୋଟେ ଖୋଲୁନଥିଲା । ତା' ଆଖି ପାଣି ଉପରେ ଲାଗିରହିଥିଲା । ଆଣ୍ଡାମାନ ଉପସାଗରରେ ଅନେକ ଲହଡି ହେଉଥିଲା । କୂଳରେ ବହୁତ ପଥର । ଏପଟେ ଜମା ବାଲି ନାହିଁ । ପଥରଗୁଡିକ ପ୍ରାୟ ମଣିଷ ପରି ମୁଣ୍ଡ ଟେକିଛି । ପାଣି ଆସି ବାଡେଇ ହେଉଛି ଆଉ ଧଳା ଫେଣ ତିଆରି ହେଉଛି । କିଛି ମାଛ ଖେଳୁଛନ୍ତି । ପକ୍ଷୀମାନେ ସମୁଦ୍ରକୂଳରେ ବୁଲୁଛନ୍ତି । ଏମିତିଆ ପରିସ୍ଥିତିରେ ଲୋକଟା ଚୁପଚାପ ନିଜ ଗୋଡକୁ ପାଣି ଭିତରକୁ ଲମ୍ବାଇ ଦେଇଛି, ଯେମିତି କୁଆଡେ କିଛି ହେଉନି, ସବୁ ସ୍ଥିର ।

ବେଳ ଗଡିଲା ଗଡିଲା ହେଲାଣି । ଭଲ ପବନ ବୋହୁଛି ।- ଅବିନାଶ ନିଜ ସ୍ୱରକୁ ଢେଉର ଶବ୍ଦଠାରୁ ଟିକେ ଉଚ୍ଚ କରିଦେଲା । ଲୋକଟା କାହାକୁ ଅନାଉନି, ତା' ଆସିବା ଶବ୍ଦ ବି ଶୁଣୁନି । ଉପରେ ପଡି କଥା କହିବା କିଛି କହିବା ଦରକାର । ବାସ ନିଜ ଗୋଡରେ ଲହଡିରୁ ତିଆରି ହେଉଥିବା ଫେଣକୁ ଦେଖୁଚାଲୁଛି ।

ଆକାଶ ପରା ଲାଲ ପଡିଗଲାଣି ।– ସେ ଲୋକଟା ନିଜକୁ ନିଜେ କହୁଥିଲା । ଅବିନାଶ ଆଡକୁ ମୁଣ୍ଡ ବି ବୁଲାଇଲାନି ।

ଅବିନାଶ କିଛି ବୁଝିପାରିଲାନି । ଲୋକଟା ଯାହାହେଉ କିଛି ତ କହୁଛି । ଶୁଣିଥିବା ଭଳି ପଥର ନୁହେଁ ଯଦିଓ ତା'ର ମୁଣ୍ଡ ମୋଟେ ହଲୁନି । ସବୁବେଳ ଭଳି ଆଣ୍ଡାମାନର ଏପଟ ସମୁଦ୍ରରେ ଛୋଟ ଛୋଟ ଅସଂଖ୍ୟ ଢେଉ ତିଆରି ହେଉଥିଲା, ପାଣିରେ ଯେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଏ ହାତତାଳି ମାରି ଚାଲିଛି ଆଉ ଛୋଟ ଛୋଟ ଢେଉ ତିଆରି କରୁଛି । ଏମିତିଆ ତାଳି ଯଦି ଜଣେ ନିଜ କ୍ରମରେ ଉଠାଇ ନିଏ ତେବେ ଭଲ ସୁର ତିଆରି ହୋଇଯିବ । ଲୋକଟାର ଦୃଷ୍ଟି ଆକର୍ଷଣ ପାଇଁ ତା'କୁ ପାଣିରେ ହାତ ତାଳି ମାରିବାକୁ ଇଚ୍ଛା ହେଉଥିଲା ।

ଲାଲ ଆକାଶ ଆଉ ଧୂଳିଆ ପାହାଡ ।– ଲୋକଟା ଏତିକି କହି ଚୁପ ହୋଇଗଲା, ଆଉ ଅବିନାଶ ତା' ଭଳି ଦଣ୍ଡେ ଚୁପ ହୋଇଗଲା । ତା'ପରେ ଟିକେ ବଡ଼ ଢେଉ ଆସିଲା ଆଉ ଲୋକଟା ମୁହଁ ଖୋଲିଲା ।

ପାଣି ଲାଲ ହେଲେ, ଆଉ ଏକ ପାହାଡ ଗଢି ହୋଇଯିବ । ଆଖି ପାଉନଥିବା ପାହାଡ ତିଆରି ହେବ । ତା' ଭିତରେ ଚାଲିଯାଇଥିବ ଏକ ପାଦଚଲା ରାସ୍ତା । ଦୂରର ପାହାଡ ଶୃଙ୍ଗରେ ଧଳା ବରଫ ଜମି ରହିଥିବ । ଆକାଶ ଲାଲ ହେବା ଦରକାର । ତେବେଯାଇ ଶୃଙ୍ଗରେ ବରଫ ଚମକିବ ।- ସେ ପୁଣି କହିଲା ।

ସମୁଦ୍ର କୂଳରେ ବରଫର ଧଳା ଶୃଙ୍ଗ, ଏମିତି କଥାରୁ ଅବିନାଶ ଆଗ ପଛ କିଛି ଠଉରାଇ ପାରୁନଥିଲା । ଜଣେ ଆଣ୍ଡାମାନ ସମୁଦ୍ରକୂଳରେ ବସି ବରଫ ଶୃଙ୍ଗରେ ପଡୁଥିବା ଲାଲ ଆଲୋକ କଥା କାହିଁକି ଭାବିବ ? ସମୁଦ୍ରରେ ସବୁ ରଙ୍ଗ । ସବୁ ପାଣି ଆସି ସମୁଦ୍ରରେ ମିଶି ଯାଉଛି । ବରଫ ଶୃଙ୍ଗରୁ ମଧ୍ୟ ବରଫ ତରଳି ପାଣି ହୋଇ ସମୁଦ୍ରରେ ପହଞ୍ଚିବ । ପାଣିର ମହାସମୁଦ୍ରରେ ଆଉ କିଛି ପରିଚୟର ଆବଶ୍ୟକ ନାହିଁ ।

ତା'ପରେ ସେ ମୁଣ୍ଡ ଉଠାଇ ପଛ ପାହାଡକୁ ଆନଇଲା । ବେଶି କିଛି ଦିଶୁନଥିଲା । ମନେମନେ ଭାବିଲା ପାହାଡି ରାସ୍ତା କ'ଣ କେଉଁଠି ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇପାରେ କି ? କୁଆଡେ ନୁହେଁ । ତାହେଲେ ଏ ଲୋକଟା କନ କହୁଛି ? ସେତେବେଳକୁ ଲୋକଟା ସେମିତି ପାଣିକୁ ଦେଖିଚାଲୁଥିଲା ଆଉ ମନକୁ ମନ କିଛି କହିହେଉଥିଲା । ଧିରେ ପାଣି ଅଳ୍ପ ଟିକେ ସ୍ଥିର ହୋଗଲା ପରି ଲାଗୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନ ଆଉ ରାତିକୁ ଧରି ତୁମେ ଚାଲୁଥିବ, ପିଠିରେ ଏକ ମୁଣି ଝୁଲିଥିବ ଆଉ ହାତରେ ଏକ ଲାଠି ? ରାସ୍ତା ସେ ପାହାଡ ପର୍ଯ୍ୟନ୍ତ । କିନ୍ତୁ ରାସ୍ତା ସରୁନଥିବ । ସେଇଠି ପହଞ୍ଚି ଆଗକୁ ଦେଖିବ, ଆଉ ଏକ ପାହାଡ ମୁଣ୍ଡ ଟେକିଛି । ସେ ପାହାଡକୁ ରାସ୍ତା ଲମ୍ବି ଯାଇଛି ।– ସେ ସମୁଦ୍ର ପାଣିକୁ ଅନାଇ କହୁଥିଲା । ତା' ପରେ ପାଣିକୁ ନଇଁ ଟିକେ ଫୁଙ୍କିଦେଲା । ସାମାନ୍ୟ ଏକ ଚହଲା, ନିମିଷକେ ସମୁଦ୍ରର ଲହଡି ଭିତରେ କୁଆଡେ ସେ ଚହଲା ମିଶିଗଲା ।

ମୋତେ ହଜି ଯିବାକୁ ଡାକୁଛି ।-ସେ କହି ପୁଣି ଅଟକିଗଲା । ଅବିନାଶ ଏମିତିଆ ଲୋକଦେଖି ନିଜକୁ ଅଟକାଇଦେଇ ବୁଝି ହେଉନଥିବା କଥା ଶୁଣି ଆହ୍ଲାଦିତ ତଥାପି ହେଉଥିଲା ।

ଏତେ ଚାଲିଲା ପରେ ମୁଁ ଏଇ ପାଣି ପାଖରେ ଥକି ଟିକେ ବସିଯାଇଛି ।- ଲୋକଟା ପୁଣି କହିଲା । ଅବିନାଶ ଭବିଲା ସ୍ୱାଭାବିକ କଥା । ଚାଲିଲା ପରେ ମଣିଷ ଥକି ପାଣି ପାଖରେ ବସିବାକୁ ଭଲପାଏ । ଉଡିବା ପରେ ପକ୍ଷୀମାନେ ମଧ୍ୟ ପାଣି ପାଖରେ ବସିପଡନ୍ତି । ସମସ୍ତଙ୍କ ଦେହରେ ପାଣି ବୁହେନା ଏଇଥିପାଇଁ ।

ଏଠି ଆଉ ଆଗକୁ ପାହାଡ ନାହିଁ । ହଁ ଲାଲ ଆକାଶରେ ପାହାଡ ପରେ ଗଢି ହେବ । ସମୟ ଅଛି । ବନ୍ଧୁ, ବାନ୍ଧବ, ସାଙ୍ଗ ସାଥି କେହି ଖୋଜି ପାଇବେନି । କେଉଁ ତୁମର ଜଣା ଘରଦ୍ୱାର ନଥିବ, କିଛି ତୁମ ଲେଖା ଚଳଣି ନଥିବ । କେଉଁଠି ବସିବାକୁ ସ୍ଥାନ ଟିକେ ମିଳିବନି ।- ସେ ସେମିତି ପାଣିକୁ ଅନାଇ ହତାଶିଆ କଥାମାନ କହୁଥିଲା । ଅବିନାଶ ପାଣିକୁ ଅନାଇଲା । ପାଣିରେ ଲାଲ ରଙ୍ଗ ଉଠୁଥିଲା ପଡୁଥିଲା । ଭଲକରି ଲକ୍ଷ୍ୟକଲେ ଯେମିତି ଲାଗିବ ପାହାଡମାନ ଗଢି ହୋଇଯାଉଛି ଅଉ ବାଙ୍ଗିଯାଉଛି । ଯଦି ଲହଡି ଏକ ପାହାଡ ହୁଏ, ତେବେ ଅସଂଖ୍ୟ ପାହାଡ, ଆଉ ଶୃଙ୍ଗକୁ ଶୃଙ୍ଗ ପର୍ଯ୍ୟନ୍ତ ରାସ୍ତା ଯେ ସରୁନି । ସେ ଭିତରେ କ'ଣ ଅଛି, କ'ଣ ନାହିଁ, କିଛି ଜାଣି ହେଉନି । ଏତେ ଚାଲିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ କିଏ ବି ଥକିଯିବ । ତା'ପରେ ଲୋକଟା ଆଉ କିଛି ନକହି ଚୁପକରି ଅନେକ ସମୟ ବସିପଡିଲା ।

ତୁମେ ପଥର ଭଳି ଯେ ବସିଛ । ଗୋଡ ହାତ ହଲୁନି ।- ଅବିନାଶ ଶେଷରେ କହିଲା । ଲୋକଟିର କଥା ଶୁଣିବା ପାଇଁ ଭଲ ଲାଗୁଥିଲା । ଲୋକଟା କିଛି କହୁ ।

ପାହାଡି ରାସ୍ତାରେ ଚାଲି ଚାଲି ବସିଗଲେ ତୁମେ ପାଣି ପାଖରେ ଆସି ପଥର ହୋଇଯିବ ।– ସେ ଲୋକଟା କିଛି କହି ଆକାଶକୁ ଅନାଇଲା । ତା' ଛାଇ ତଳେ ପଡିଥିଲା କି ନାହିଁ ଜାଣି ହେଉନଥିଲା । କିନ୍ତୁ ପାଖରେ ପାଣି କଳା ଦିଶୁଥିଲା, ଆଉ ଛୋଟ ଶିଖରମାନ ନାଚୁଥିଲା ।

ପାହାଡରୁ ତଳକୁ ରାସ୍ତା ଓହ୍ଲାଇ ଯାଉଛି । ଦେଖ ଏକ ଛୋଟ ଉପତ୍ୟକା ଦିଶିଲାଣି । ଅତି ଛୋଟ ଉପତ୍ୟକା । ସେଇଠି ଅଟକି ମୁଁ ଟିକେ ପାଣି ପିଇବି । କି ସୁନ୍ଦର ନଦୀ ବୋହିଯାଉଛି । ପାଣି କାଚ ଭଳି ସଫା । ମୁଁ ଆଞ୍ଜୁଳାଏ, ଆଞ୍ଜୁଳାଏ କରି ପାଣି ପିଉଛି । ପକ୍ଷୀମାନେ ମଧୁର କାକଳୀ କରୁଛନ୍ତି । ମୋ ପାଇଁ ଗୀତ ଗାଉଛନ୍ତି । ମୋ ହୃଦୟ ଭରିଯାଉଛି ।- ସେ କହିଲା । ଅବିନାଶ ଭାବିଲା ଭଲ କଥା । ଲହଡି ଦେଖି କିଏ କ'ଣ କେବଳ ପାହାଡ ପାହାଡ କଥା ହୋଇପାରେ । ଏ ପାଣିର ପାହାଡ ମୁହୁର୍ତ୍ତକରେ ଭାଙ୍ଗି ଗଢି ହେଉଛି । ପଛରେ ଗଛରୁ ସନ୍ଧ୍ୟାର ପକ୍ଷୀଙ୍କ କାକଳୀ ଶୁଣାଯାଉଛି । ସେମାନେ ଦିବସର ଅନ୍ତରେ ବିଶ୍ରାମ ନେବେ ।

ତୁମେ ବେଶ କାବ୍ୟିକ ବର୍ଣ୍ଣନା କରୁଛ ତ ।- ଅବିନାଶ କହିଲା । କ'ଣ କହୁଛି ବୁଝି ପଛେ ନହେଉ, ଏ ଲୋକଟି ବେଶ ଭଲ କଳ୍ପନା କିନ୍ତୁ କରିନେଉଛି ।

ଦିନେ ତୁମେ ଶେଷରେ ଜାଣିଲ, ଆଗକୁ କ'ଣ କରିବ । ତୁମ ଚାରିପାଖେ କେତେ କେତେ ସ୍ୱର । ସେମାନଙ୍କ ଉପଦେଶ ମନକୁ ଛୁଉଁନି ।- ସେ ଲୋକଟି ପୁଣି ଟିକେ କହିଗଲା ଆଉ ନଇଁ ପୁଣି ପାଣିକୁ ଫୁଙ୍କିଦେଲା । ସେଥିରେ ପାଣିରେ ଉଠୁଥିବା ଲହଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେମିତି ନିମିଷେ ଅଟକିଗଲା ଆଉ ପାର୍ବତ୍ୟଭୂମି ସ୍ୱଷ୍ଟ ଦେଖାଗଲା ।

ସେମିତିଆ ଉପଦେଶ ଶୁଣି ଘର ଭିତରେ ଏଯାଏଁ ଥିଲି । ଆଣ୍ଠୁ ପର୍ଯ୍ୟନ୍ତ ଝୁଙ୍କି ବସିଯାଉଥିଲି ।-ସେ କହି ରହିଯାଉଥିଲା । ଏକ ନାଟକର ଚରିତ୍ର ଯେମିତି କିଛି ପ୍ରମଟିଙ୍ଗ ପାଇଁ ଅପେକ୍ଷା କରିଛନ୍ତି । ତା'ର ଆଖି ସମୁଦ୍ର ପାଣି ଉପରେ ସେମିତି ଲାଗି ରହିଥିଲା । ଏବେ ଲହଡିର ଗତି ସ୍ୱାଭାବିକ ଅଛି ।

ଜୀବନକୁ ବଦଳାଇ ଦିଅ ।- ସେ କହିଲା ଆଉ ପାଣିକୁ ହାତରେ ତାଳି ପରି ବଜାଇ ଚାଲିଲା । ପାଣିରେ ଛୋଟ ଛୋଟ ଲହଡି ହୋଇଯାଉଥିଲା ।

ଦେଖୁଛ, ଲହଡି ଆକାର କେତେ ବଦଳାଇ ଦେଉଛି ।- ସେ ପୁଣି କହି ଚୁପକରି ବସି ପାଣିକୁ ଅନାଇ ରହିଲା ।

ମୋତେ ଏକ ସ୍ୱର ଶୁଣାଯାଏ । ଆଉ ମୁଁ ଜୀବନକୁ ଜାଣିପାରେ । ପବନ ମୋ ଭିତରେ ସବୁ ଦୁଆର ବନ୍ଧକୁ ଖୋଲିଦେଇଥାଏ । ଶବ୍ଦର କମ୍ପନରେ ମୁଁ ଥରିଯାଏ । ବହୁ ବିଳମ୍ବ ହୋଇଗଲାଣି । ସେ ସ୍ୱରମାନଙ୍କୁ ପଛରେ ଛାଡି ଆଗେଇ ମୁଁ ଯାଏ ।- ସେ ପୁଣି କହିଲା ଆଉ ପୁଣି ଅଟକିଗଲା ।

ଅବିନାଶ ତଥାପି ବହୁ କଥା କିଛି ବୁଝିପାରୁନଥିଲା । ସେ ଲହଡିମାନଙ୍କ ଅନାଇଲା । ଧିରେ କାଳିଚିଆ ପଡିଆସିଲାଣି, ଗାଢ ଲାଲ, ବାଇଗେଣୀ ରଙ୍ଗର ପାଣି ହୋଇଗଲାଣି । ସେ ଲୋକଟିର କଥା ଶୁଣି ତା' ମନ ଭିତରେ କିଛି କିଛି ବିଚିତ୍ର ଭାବନାମାନ ଆସିବା ଆରମ୍ଭ କଲାଣି । ଯଦି ଢେଉ ଉପରେ ପାହାଡ ନତୋଳି ତଳକୁ ପାହାଡ ତୋଳନ୍ତା, ସମୁଦ୍ରସାରା ଖାଲି ଗର୍ତ୍ତମୟ ଦିଶନ୍ତା । ଉପରେ ପାଣି ଏକଦମ ଶାନ୍ତ, ସମତଳ ଲାଗୁଥାନ୍ତା ଆଉ ଆଉ ଗର୍ତ୍ତମାନ ବଡ଼ ଛୋଟ ହୋଇ ନାଚୁଥାନ୍ତା । ଏକ ଅଲଗା ଅନୁଭବ ହୁଅନ୍ତା ।

ମୁଁ ସ୍ୱଷ୍ଟ ଶୁଣିପାରିଲି । ମୋ ନିଜ ସ୍ୱରକୁ ମୁଁ ଚିହ୍ନି ପାରିଲି । ମୋ ନିଜ ସ୍ୱରକୁ ଚିହ୍ନିବା ପାଇଁ କେତେ ଦିନ ନେଲିଣି କେଜାଣି । ଦିନ ଆଉ ଗଣି ହେଉନି ।- ଲୋକଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଲା ।

ତା'ର ସ୍ୱର ଲହଡି ଭଳି କୂଳରେ ଯେମିତି ଭାଙ୍ଗି ପଡୁଥିଲା ଭଳି ଅବିନାଶକୁ ଏବେ ଲାଗୁଥିଲା । ଅବିନାଶ ଆଗଭଳି କିଛି ବୁଝୁ ନବୁଝୁ ପଥର ଭଳି ଲୋକଟିର କଥାରେ କଥା ମିଳାଉଥିଲା । କେଉଁଠି କିଛି ସମ୍ବନ୍ଧ ନାହିଁ । ବୁଝିନହେଉ ପଛେ, କିନ୍ତୁ କଥାରେ କିଛି ଅନ୍ତର୍ନିହିତ ସତ୍ୟ ଅଛି ବୋଲି ସେ ବୁଝୁଥିଲା । ପ୍ରକୃତରେ ନିଜ ସ୍ୱରକୁ ମଣିଷ ଶୁଣିବା ଭଳି ପରିସ୍ଥିତିରେ କେବେବି ନଥାଏ । ନିଜକୁ ଶୁଣିବା ଦରକାର ।

ଏତେ ସ୍ୱର ଶୁଣି ଶୁଣି କାନ ଆଗରୁ ତାବଦା ହୋଇଯାଇଥାଏ ତ । ପାଟି ଖୋଲିଲେ ନିଜ ସ୍ୱର ତ ଶୁଣୁଛ ।– ସେ କହିଲା । ଅବିନାଶ ଭାବୁଥିଲା ଲୋକଟର ଚରିତ୍ର, କେମିତି ହୋଇଥିବ । ବିଚିତ୍ର ନିଶ୍ଚୟ । ଏଣେ ଆଲୋକ ଆହୁରି କମିଯାଉଥିଲା ।

ବହୁ ସ୍ୱର ଭାସିଆସେ । ସେମାନେ ନିଜ ସ୍ୱରର ରୂପ ବଦଳାଇଥାନ୍ତି । ତେଣୁ ନିଜର କଣ୍ଠସ୍ୱର କେବେବି ଶୁଣି ହୁଏନା । ପର୍ବତ, ଦୂର ପର୍ବତରେ ମୁଁ ନିଜର ସ୍ୱରକୁ ଶୁଣିବି । ରାସ୍ତା କୁହୁଡି ଭିତରେ ଲୁଚିଯାଉଥିବ । ପ୍ରବଳ ଥଣ୍ଡାରେ ମୋ ହାଡ କମ୍ପିଯାଉଥିବ । କିନ୍ତୁ କେବଳ ନିଜ ମୋ ସ୍ୱର ଶୁଣାଯାଉଥିବ । ପାଣି ପାଖରେ ବସି ଦୂରକୁ ଅନାଉଥିବି । ସବୁ ଶାନ୍ତ ଲାଗୁଥିବ । ସଂନ୍ଧ୍ୟା ହୋଇଆସୁଥିବ ଆଉ ଆକାଶରେ ଜହ୍ନ ଉଇଁଥିବ । ପାହାଡ ଶିଖରରୁ ଉଠିଆସୁଥିବ ପୂର୍ଣ୍ଣ ଚନ୍ଦ୍ର । ପାହାଡ ଶିଖର ଚମକୁଥିବ ।- ଲୋକଟି କହି କଛି ସମୟ ରହିଗଲା । ସବୁ ଚୁପଚାପ, ସାମାନ୍ୟ ଶବ୍ଦ କେଉଁଠୁ ଆସୁନି । ପକ୍ଷୀମାନେ ସଂଜରକାକାଳୀ ଶେଷ କରି ନିଜ ନିଜ ନୀଡକୁ ଗଲେଣି । ଧରିତ୍ରୀରେ ସନ୍ଧ୍ୟା ଆଳତି କିଏ ଦେଉ କି ନଦେଉ ସେମାନେ ନିରାଳସ ଭାବରେ ସନ୍ଧ୍ୟା ଆଳତି କରନ୍ତି । ପ୍ରକୃତିର ପ୍ରକୃତ ସ୍ତାବକ ।

ମୋ ନିଜ କଥା ଭୁଲିଯାଇଥିଲି । ମୋତେ ଆଉ ଭାବିବାର ନଥିଲା । ଲାଲ ଆକାଶ, ଲାଲ ଆକାଶ । ଜହ୍ନ ବି ଲାଲ ହୋଇଗଲାଣି । ଏତେ ଲାଲ ରଙ୍ଗ ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଲ ମାଟିର ପାହାଡ ଉଠିଆସିବ, ସେ ପାହାଡ ବଡରୁ ବଡ଼ ହୋଇଯିବ, ପର୍ବତର ଆକାର ନେବ ଆଉ ସେ ପର୍ବତମାନଙ୍କରେ ବରଫ ପଡିଥିବ ଆଉ ତା' ଭିତରେ ରାସ୍ତା ଲମ୍ବିଯାଇଥିବା ସେଇଠି କେବଳ ମୋ ସ୍ୱର ଶୁଣାଯିବ ସେଇ ଚଲାରାସ୍ତାରେ ।- ଲୋକଟା ପୁଣି କହିଲା । ସେ ଟିକେ ବ୍ୟସ୍ତ ହୋଇଯାଉଥିଲା । ଅବିନାଶ ବି ଲାଲ ରଙ୍ଗ, ପାହାଡିଆ ରାସ୍ତା, ସରୁନଥିବା ପଥ କଥା ଶୁଣି ଶୁଣି ଥକି ଯାଉଥିଲା ।ଦିଗବଳୟକୁ ଅନାଇଲାରୁ ଜଣାଗଲା ସତକୁ ସତ ସନ୍ଧ୍ୟା ଲାଲ ରଙ୍ଗ ଧାରଣ କଲାଣି । ପଶ୍ଚିମ ଆକାଶରେ କେତେ କେତେ ଆକାର ଫୁଟି ଉଠୁଛି । ମେଘମାନ ମୁଣ୍ଡ ଟେକିଛି, ଲାଗୁଛିି ଯେମିତି ପାହାଡ ମାଟିରୁ ବାହାରି ଆସିଛି ଆଉ ମେଘର ଶେଷ ଅଂଶ ଚମକୁଛି ।

କୁହତ, ପତ୍ରଗୁଡାକ ଯଦି ଲାଲ ହୋଇଯିବ, ଧିରେ ହଳଦିଆ ସୁନେଲୀ ହୋଇଯିବ ଆଉ ତଳକୁ ଝଡି ପଡିବେ, ତେବେ କ'ଣ ହେବ? କୁହତ ପକ୍ଷୀମାନେ ଆଉ ଗାଇ ପାରିବେନି, ତାହାହେଲେ ସେମାନଙ୍କର ଡେଣାର କ'ଣ ହେବ? ମୋ ପାଇଁ ଏକ ନିଜ ଜନ୍ନତ ଥିବ, କେବଳ ମୋ ନିଜ ଜନ୍ନତ, ମୋ ସ୍ୱର୍ଗ । ଅନ୍ଧାରର ସେପଟେ କ'ଣ ଥିବ? ସେଇଠି କି ପଶୁଟିଏ ନିଜ ଛୁଆଙ୍କ ସହ ଚାଲିଚାଲି ଯାଉଥିବ ? ସେହି ଉପତ୍ୟକା, ଚାରିପାଖେ ପାହାଡ ଘେରି ରହିଛି । ସେମିତି ପାହାଡରେ ମୁଁ ଖାଲି ଚାଲିପାରେ । ସକାଳ ସେଇଠି କେବଳ ଚମକେ । କଳା ରାତିରେ, ଗୋଟାଏ ପରେ ଆଉ ଗୋଟାଏ ପାହାଡ ଦେଖାଯାଏ । ଆଉ ଏଠି ସମୁଦ୍ରରେ ଭାସୁଥାଏ ଅସଂଖ୍ୟ ଗୋଲାପ, ସେ ଗୋଲାପ ସବୁକୁ ମୋ ଉପତ୍ୟକାରୁ କେହି ଆଣି ଏଇଠି ବିଞ୍ଚି ଦେଇଛି । ।

ଅବିନାଶ କିଛି କହିନପାରି ସ୍ଥିର ହୋଇ ଅନାଇ ରହିଲା । କଥା ଏବେ ପାଗଳର ପ୍ରଳାପ ଭଳି ଲାଗୁଥିଲା । ହୁଏତ କିଛି ଅର୍ଥ ଥିବ । କିନ୍ତୁ ବାକ୍ୟ ବାକ୍ୟ ଭିତରେ ସମ୍ବନ୍ଧ ଏବେ ନଥିଲାଭଳି ଲାଗୁଥିଲା । ପାଗଳ କଥାରେ ମେଳ ନଥାଏ । ମୁଣ୍ଡ ଭିତରର ନ୍ୟୁରୋନମାନ ଗୋଳମାଳ କରି ଛୁଟିଚାଲୁଥାନ୍ତି । ଆଉ ଲୋକଟି କେବଳ ତା' ଛାଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଥିବା ପାହାଡ, ପର୍ବତ, ସେଠାକାର ଉପତ୍ୟକା କଥା କହିଚାଲିଛି । ଆଣ୍ଡାମାନରେ ଏସବୁର ଭାବନାରେ କିଛି ମୂଲ୍ୟ ନଥାଏ ।

ପ୍ରତିଟି ଢେଉରେ ଲାଲ ଗୋଲାପର ପାଖୁଡା, ଅସଂଖ୍ୟ ଗୋଲାପ ଝଡି ପଡୁଛି ଆକାଶରୁ । ନରମ ଗୋଲାପ ପାଖୁଡାମାନ । ଦେଖୁନ ପ୍ରତିଟି ଢେଉ ମୁଣ୍ଡରେ ଗୋଲାପ କଢି ପିନ୍ଧିଛି । ଆକାଶ ଲାଲ, ମାପି ହେଉନଥିବା ଭଳି, ଦେଖି ଜାଣିହେଉନଥିବା ଭଳି ଲାଲ ।- ଲୋକଟିର ସ୍ୱରରେ ଉତ୍ତେଜନା ଥିଲା । ତା' ଶରୀରରେ ଯେମିତି ରକ୍ତର କଣିକାମାନ ଉଲକା ବେଗରେ ଛୁଟିବା ଆରମ୍ଭ କରୁଥିଲା । ସେ ଠିଆ ହେବା ହେବା ଲାଗୁଥିଲା ।

ଅବିନାଶ ଆକାଶକୁ ଅନାଇଲା । ଧିରେ ଆକାଶ ସତକୁ ସତ ଗାଢ ଲାଲ ହୋଇଆସିଲାଣି । କେଉଁ କେଉଁ ଜାଗାରେ ବଉଦମାନ ଦେଖାଦେଲାଣି । ଚମତ୍କାର ରଙ୍ଗ ଥିଲା ବଉଦର । ସୁନେଲୀ, ଲାଲ ସୁନେଲୀ । ଆକାଶର ଏକ କୋଣକୁ ବେଶ ଲାଲ ରଙ୍ଗ ଜମାଟ ବାନ୍ଧିଥିଲା । ଲୋକଟା ଆକାଶର ସେଇ କୋଣକୁ ଏକ ଧ୍ୟାନରେ ଅନେଇରହିଥିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାର୍ତ୍ତିକ ମହାତ୍ମ୍ୟ

ସୁନନ୍ଦା ମହାନ୍ତି



କାର୍ତ୍ତିକ ମାସ ସାରା ସାହିର ସମସ୍ତେ ଗୋପାଳଙ୍କ ମନ୍ଦିର ଯାଆନ୍ତି । ମୁଁ ବି ଯାଇ ଠିଆ ହୁଏ ଆଗରେ । ଯୁଗଳ ମୂର୍ତ୍ତି ରାଧା କୃଷ୍ଣ ଦୁହିଁଙ୍କ ଓଢଣୀ ଲାଗି ମନୋହର ବେଶ ସାଙ୍ଗକୁ ହାତର ବଂଶୀଟି ଖୁବ ସୁନ୍ଦର ଦିଶେ ମୋ ଆଖିକୁ । ବଂଶୀର ଗୁଣ ଧର୍ମ ମନେ ପକାଇ ମନେପଡ଼େ କାହ୍ନୁଙ୍କ ଗୋପରେ ରହଣୀ ବେଳ କଥା । ସେହି ମହିମା ବିଷୟରେ ପଢୁଥାନ୍ତି ହବିଷିଆଳିମାନେ, ଦାମୋଦର ପୂଜା କରି ବେଢ଼ା ଭିତରେ ଓ ବାହାରେ । ମୁଗ୍ଧ ହୁଏ ମନ ମୁନ ଚୈତନ୍ୟ । ଘଡ଼ିଏ ବସି ଶୁଣେ ମନ୍ତ୍ରମୁଗ୍ଧ ହୋଇ ଓ ଚାହେଁ କୃଷ୍ଣଙ୍କ କଳା ଚିକ୍କଣ ଜୀବନ୍ତ ଲାଗୁଥିବା ପଥର ମୂର୍ତ୍ତିକୁ ଅପଲକ ନୟନରେ । ଲୁହ ଦି ଧାର ନିଗିଡ଼ି ଯାଏ ଆଖିରୁ ।

ଏମିତି ଏକ କାର୍ତ୍ତିକ ମାସରେ ଝିଅ ଥିଲା ବେଳେ ମୁଁ ଯାଇଥାଏ ବାଣପୁର ହନ୍ତଆଡରେ ଥିବା ଗୋଟିଏ କୃଷ୍ଣ ମନ୍ଦିରକୁ । ଦର୍ଶନାର୍ଥୀମାନଙ୍କ ମଧ୍ୟରେ ମୋର ଜେଜେ ମା ଓ ଅନ୍ୟମାନେ ଅପଲକ ନୟନରେ ସେହି କମନୀୟ ନମନୀୟ ମୂର୍ତ୍ତୀଙ୍କୁ ଦର୍ଶନ କରୁଥିବା ବେଳେ ମୁଁ ଚାହିଁ ଦେଖେତ, କୃଷ୍ଣ ଧରିଥିବା ବଂଶୀଟି ଗୋଟିଏ ହାତରେ ରହି ଅନ୍ୟ ହାତଟି ଖସିପଡୁଥିଲା ଥରକୁ ଥର । ଆଖି ମଳିମଳି ଆଶ୍ଚର୍ଯ୍ୟ ନୟନରେ ଯେତେଥର କୃଷ୍ଣଙ୍କୁ ଚାହିଁଥିଲି, ସେଇ ଏକା ଦୃଶ୍ୟର ଅବତାରଣା । ଡ଼ାହାଣ ହାତଟି ଖସିପଡୁଥିଲା ଥରକୁ ଥର । ଭୟ ପାଇ ଗମ୍ଭିରାରୁ ବାହାରି ଆସି ଜେଜେମା ଇତ୍ୟାଦି ବସିଥିବା ଯାଗାରେ ବସିଗଲି । ଜଣେ ସେବକ, ସେହି କୃଷ୍ଣ ମୂର୍ତ୍ତିଙ୍କ ସମ୍ବନ୍ଧରେ କେତେ ଭକ୍ତି ଭାବପୂର୍ଣ୍ଣ ଦୃଷ୍ଟାନ୍ତ ଗପୁଥିବା ବେଳେ କହିଲେ, ଏବେ ଠାକୁରଙ୍କର ଦକ୍ଷିଣ ହସ୍ତଟି ଭାଙ୍ଗି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡ଼ିଥିବାରୁ, ସ୍ଥାନୀୟ ଦର୍ଶନ ବନ୍ଦ ଅଛି । ସ୍ୱତନ୍ତ୍ର ଶିଳ୍ପୀ ମାନେ ଆସି ତିଆରି କରିସାରିବା ପରେ ଖୋଲା ଦର୍ଶନ ହେବ । ଆପଣମାନେ ବିଦେଶୀ ହୋଇଥିବାରୁ ଛାଡ଼ିଦିଆଗଲା । ମୁଁ ସେହି ସମୟରେ ପାଟି କରି ଉଠିଥିଲି, ମୁଁ ଦେଖିଛି । ସମସ୍ତେ ହସି ହସି କଥା ହେଉଥିଲା ବେଳେ ସେବକ ମହାଶୟ କହୁଥିଲେ ନାହିଁ ଝିଅ ତାହା ସ୍ୱତନ୍ତ୍ର ଅଠା ଦିଆଯାଇ ଲଗେଇ ଦିଆଯାଇଛି, ତୁମେ କେମିତି ଦେଖିବ । ମୁଁ ଆବା କାବା ହୋଇ ଚାହିଁଥିଲା ବେଳେ ଜେଜେମା ଇତ୍ୟାଦି ଦକ୍ଷିଣା ଦେଇ ପ୍ରସ୍ଥାନ କରୁଥିଲେ ତ ବିନା ବାକ୍ୟବେୟରେ ମୁଁ ଚାଲି ଆସିଥିଲେ ବି ସେହିଦିନଠାରୁ ମୋର କୃଷ୍ଣଙ୍କ ଉପରେ ଅଖଣ୍ଡ ବିଶ୍ୱାସ ।

କାଳକ୍ରମେ ମୋର ସାକ୍ଷୀ ଗୋପିନାଥ ମନ୍ଦିର ନିକଟରେ ବିବାହ ହେବା ପରେ ମୁଁ ମୋହିତ ହୁଏ ଭକ୍ତିରେ । ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଦାମୋଦର ପୂଜାରୁ ପୁଣି ସେହି ଅଭୁଲା କହ୍ନେଇ ଆଡ଼େ ଚାହେଁ ତ ଚମକି ପଡିଲି, ଏଥର ହାତ ନୁହେଁ ବଂଶୀଟି ଖସି ପଡୁଥିଲା ଥରକୁ ଥର ତଳକୁ ଦୃଶ୍ୟରେ ବିମୋହିତ ଓ ହତବାକ ହୋଇ ଚାହିଁଛି, ପଣ୍ଡା ଜଣେ କହି କହି ଆସୁଥିଲେ, ବଂଶୀ ମିଳିଗଲା । ସମସ୍ତେ ଘେରିଯାଇ ପଚାରୁଥିଲେ କୋଉଠୁ । ନନା କହୁଥିଲେ ବାସି ଫୁଲ ତୁଳସୀ ଭିତରେ ଚାଲିଯାଇଥିଲା ଅଳିଆ କୁଣ୍ଡକୁ । ମିଳିଗଲା ଯା ହେଉ କେହି ନଜାଣିବା ଆଗରୁ । ହେଲେ ମୁଁ ଜାଣିଛି । ଠାକୁର ମତେ ଜଣାଇଛନ୍ତି ବୋଲି କହୁଥିଲେ ବି ହରିବୋଲ ହୁଳହୁଳି ଓ ଜୟ ଗୋପାଳ ଧ୍ୱନିରେ ଶୁଭୁନଥିଲା ମୋ କଥା କାହାକୁ ।

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମିଛି ମିଛିକା ବାହାଘର

ଗଗନ ବିହାରୀ ନାୟକ

ସହରରୁ ଗାଆଁ ଯାଏଁ....

ବିଜୁଳି ବେଗରେ କଥାଟା ଏକ ଘଣ୍ଟାରେ ସବୁ ଆଡେ ପ୍ରସାରିତ ହେଇଗଲା । ତୁଣ୍ଡ ବାଇଦଠାରୁ ଆଜିର ସାମାଜିକ ଗଣମାଧ୍ୟମର ଏଇ ପ୍ରଚାର ମାଧ୍ୟମ ବାସ୍ତବରେ ପ୍ରସାରଣ କ୍ଷମତାରେ ସବୁଠାରୁ ଆଗରେ । ମମତା ଅପା ବାହାଘର ନେଇ ଅନେକ ଚର୍ଚ୍ଚା । ସମସ୍ତେ ମମତା ଅପାଙ୍କୁ ଦୋଷ ଦେଇ ଚାଲିଥାନ୍ତି । ମମତା ଅପା ଭଳି ଲୋକ ଏଭଳି କାମ କରିବ କେବେ ବିଶ୍ୱାସ ହେଉନି ବୋଲି ସମସ୍ତେ କହି ଚାଲିଥାନ୍ତି । କେହି କେହି ମନ୍ତବ୍ୟ ଦେଇ କହିଥାନ୍ତି ତ କେହି ଆଡେଇ ଯାଇ କହନ୍ତି - କଣ କରିବ ବିଚାରୀ ? ଯାହା କରିଛି ଭୁଲ ତ କରିନାହିଁ । ସାମ୍ବିଧାନିକ ନିୟମକୁ ଆଖି ଆଗରେ ରଖି ଯାହା କରିଛି ଠିକ କରି ସମାଜର ଆଖି ଖୋଲି ଦେଇଛି । ଆଉ କେତେକେ କହୁଥାନ୍ତି- ମୋବାଇଲ କଥା କଣ ସତ । କେତେ କଥା ମିଛ ବାହାରୁଛି । ମମତା ଏ ଗାଁ'ର ଆଦର୍ଶ ବୋହୁଟିଏ । ସେତେବେଳେ ବିଏ ପାଶ କରିଥିବା ଆମ ଗାଁର ପ୍ରଥମ ମହିଳା । ଗାଁ'ର ସେ ଆଦର୍ଶ ଦୀପଟିଏ । ତା' ପାଇଁ ଏ ଗାଁ'ର ସ୍ୱତନ୍ତ୍ର ପରିଚୟ । ତାଙ୍କ ସ୍ୱାମୀ ତାଙ୍କ ଠାରୁ ଆହୁରି ଭଲ । ପୁଅ ଝିଅ ଦି'ଟାକୁ ମଣିଷ କରିବାକୁ ସେ ଯେଉଁ ପରିଶ୍ରମ କରିଛନ୍ତି ଯିଏ ଦେଖିଛି ସିଏ କହିବ । ହେଲେ ପୁଅ-ଝିଅ ଦି' ଟା ଆଜି ତାଙ୍କ ଯୋଗୁ ବଡ ମଣିଷ । ଚଉଦ-ଖଣ୍ଡ ଗାଁରେ ନାଁ' ପଡୁଛି ଯିଏ କହୁଛି- ଦିବାକର ବାବୁଙ୍କ ପୁଅ-ଝିଅଙ୍କ କଥା । ମମତା ଅପା ଜୀବନ ସାରା ତାଙ୍କ ସେବାରେ କାଟି ଦେଇଛି । ଶେଷରେ ଦିବାକର ବାବୁ ମମତା ଅପାଙ୍କୁ ଛାଡି କେଉଁ ଆଡେ ଚାଲି ଗଲେଯେ, ଆଉ ତାଙ୍କ ପତା ମିଳିଲା ନାହିଁ । କିଏ କେତେ କଥା କହନ୍ତି । କିଏ କହେ- ପୁଅ ଝିଅ ଦି'ଟା ବିଦେଶରେ ରହିବା ଦିନଠାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁଆଡେ ସ୍ୱାମୀ ସ୍ତ୍ରୀରେ ଝଗଡା ହୁଏ । ଆଉ ଦିବାକର ଭାଇ କିଛି କାହାକୁ କହିବା ଲୋକ ନୁହନ୍ତି । ସେ ଥିବା ବେଳେ ମମତା ଅପା ଦିନା କେତେ ସରପଞ୍ଚ ହେଇଛନ୍ତି । ସେତେବେଳ କାଇଁ ଏ ସବୁ ତାଙ୍କର ପ୍ରକୃତି ନ ଥିଲା ଆଜି ସେ ଏମିତି ଲୋକ ଏ ଭଳି ଲଜ୍ଜିତ କାମ କରିଥିବେ କାହିଁକି ବିଶ୍ୱାସ ହେଉନି ।

ଶୀତ ସକାଳର ସୁନେଲି ଖରା । ଭିଜା ଶିଶିରର ଘାସ ଉପରେ ଲାଲିମା ଆଭାରେ ମୁକ୍ତାର ସଂଭାର । ଅଦୁରର କିଆ ଫୁଲର ଭୂରି ଭୂରି ବାସ୍ନାରେ ଦିଗ ବିଦିଗ ଚହଟି ଉଠୁଛି । ଶୀତ ସକାଳର ଖରା ବହୁତ ଆନନ୍ଦଦାୟକ । ଶୀତୁଆ ଦେହକୁ ଖରାରେ ସେକି ହେଲା ସମୟରେ ଖବର କାଗଜ ଖଣ୍ଡେ ଧରି ହସି ହସି ଗୋବର୍ଦ୍ଧନ କହିଲା – ଆମ ଗାଁ ଖବର ବଡ ଜବର ହେଇ ବାହାରିଛି । ଦେଖ ଆମ ମମତା ଅପା ଏଇ ପରିଣତ ବୟସରେ ବାହା ହେଇଗଲେ । ଅପା ବୟସ ଛ'ଷଠି ବର ବୟସ ଛ'ଷଠି । ସମସାମୟିକ-ଦୁହେଁ । ରୂପ ରଙ୍ଗ ସବୁ ଠିକ ଅଛି । ଖାଲି ଟିକେ ଦିନ କେଇଟା ଆଗ ପଛ । ଆଉ ସବୁ ମେଳକ ଠିକ ଅଛି । ତାପରେ ଦୂରଦର୍ଶନର ପ୍ରସାରଣ ଆରମ୍ଭ ହେଇଗଲା । କେତେ ଏହାକୁ ପସନ୍ଦ କରୁଥିଲେ ହେଁ କେତେକ ନାପସନ୍ଦ । କେତେକ ଧର୍ମ ବିରୋଧ କଥା କହୁଥିଲେ ହେଁ କେତେକ ସାମ୍ବିଧାନିକ ସ୍ୱୀକୃତି କହି ନୀରବ ସମର୍ଥନ କରୁଥିଲେ । ଆଉ କେତେକ ପରକୀୟା ପ୍ରୀତିର ଉଦାହରଣ ଦେଇ ହସି ହସି କହୁଥିଲେ ବାହା ହେବାର ବୟସ କଣ ଏଇଟା । ସ୍ୱାମୀ ଛାଡିକି ଚାଲିଗଲେ ବୋଲି କଣ ନାତୀ-ନାତୁଣୀ ଦେଖିବା ବୟସରେ ବାହା ହୋଇ ନୂଆ ସଂସାର କରିବା । ସଧବା ନାରୀର ସଂସ୍କାର-ସଂସ୍କୃତି କିଛି ନାହିଁ । ଏମାନଙ୍କ ପୁଅ ଝିଅ ସାମାଜରେ ଖୁବ ପ୍ରତିଷ୍ଠିତ । ଏକଥାକୁ ସରକାର ସ୍ୱୀକୃତି ଦେଲେ କେମିତି ? ମମତା ଅପାଙ୍କ ଏ ଭଳି କାମ ଠିକ ହେଲାନାହିଁ ।

ମମତା ଅପାଙ୍କ ଯେତେ ସଂସ୍କାର ଓ ସକାରାତ୍ମକ କାମ ସବୁ କୁସଂସ୍କାର ଓ ନକାରାତ୍ମକ ରୂପ ଦେବାରେ ଲାଗିଥାନ୍ତି କେତେଜଣ । ହଜାରେ ଠିକ ଥିଲେ ବି ଯେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କର ଏଇ ଗୋଟିଏ ଭୁଲ ଜୀବନକୁ କଳଙ୍କିତ କରି ଦୋଷୀ ସଜେଇଦେଲା ସମାଜ ଆଗରେ । ସବୁ ସତ୍ୟ ଭିତରେ ଗୋଟିଏ ଅସତ୍ୟ ତାଙ୍କ ଆଦର୍ଶକୁ ନଷ୍ଟ କରିଦେଲା ଯେମିତି । ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଗଲେ ମମତା ଅପା....।

ମମତା ଅପା....। ମମତାର ନିର୍ଝରିଣୀଟିଏ । ବାତ୍ସଲ୍ୟମୟୀ ସେ ଦୁଇ ଦୁଇଟି ପିଲାର ଜନନୀ । ସୁଗୃହିଣୀ । ସମୟ ସାଥିରେ ଯୁଝି ଯୁଝି ଥକି ନ ପଡିଥିବା ଅହଲ୍ୟାବାଇ ସେ । ପ୍ରତିଟି ଜୀବନ ଦର୍ଶନେ ଆଦର୍ଶର ନିଦର୍ଶନୀ-ମମତା ଅପା । ଦିବାକର ବାବୁ ନିଖୋଜ ପରେ ସମସ୍ତ ସଂସାର ବୋଝକୁ ମଥାରେ ମୁଣ୍ଡେଇ ନିସଙ୍ଗ ପଥଚାରିଣୀ ହୋଇ ଚାଲି ଚାଲି ଥକି ପଡି ନାହାନ୍ତି ସେ । ଝିଅକୁ ମେଡିକାଲ ରିସର୍ଚ ପାଇଁ ସୁଦୂର ମେରିଲାଣ୍ଡକୁ ପଠେଇବା ବେଳକୁ ସବୁ ଆଲୁଅ ତାଙ୍କ ଆଖିରୁ ଲିଭିଗଲା । ସ୍ୱାମୀଙ୍କ ହଠାତ ଆବସ୍କଣ୍ଡିଙ୍ଗକୁ ଭ୍ରୂକ୍ଷେପ ନ କରି ସେ ଝିଅର ଉଚ୍ଚ-ଶିକ୍ଷା ପାଇଁ ବ୍ୟାଙ୍କରୁ ଋଣ ଆଣି ପାଠ ପଢେଇବା ଓ ପରେ ପରେ ପୁଅର ଶିକ୍ଷା ସମାପ୍ତି ପରେ ସେ ବାଙ୍ଗାଲୋରରୁ ସଫ୍ଟଓୟାର ଇଞ୍ଜିନିୟର ଭାବେ ପାସ କରି, କମ୍ପାନୀର ସମସ୍ତ ଖର୍ଚ୍ଚରେ ସୁଦୂର ଲଣ୍ଡନରେ ଚାକିରୀଟିଏ ମିଳି ଯାଇଥିଲା । ଖୁସିରେ ଅଧୀରା ମମତା ଅପା କେତେକଣ ମାନସିକ କରି ବସିଥିଲେ । ତାଙ୍କ ଖୁସି କହିଲେ ନ ସରେ । ସବୁ ଦୁଃଖକୁ ସେ ଯେମିତି ଭୁଲି ଯାଇ କେବଳ ସୁଖକୁ ଆମନ୍ତ୍ରଣ କରୁଥିଲେ । କିନ୍ତୁ ପୁଅ ତାଙ୍କ ଠାରୁ ଦୂରରେ ରହିବା କଥା ଶୁଣି ମମତା ଅପା ମନ ଝାଉଁଳି ପଡିଥିଲା ଅବଶ୍ୟ । ତଥାପି ଯିବାକୁ ତ ହେବ ଏତେ ଦିନର ତପସ୍ୟାର ଫଳ କଣ କେବେ ହାତ ଛଡା କରି ହେବ । ଏତେ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି । ସେ କେମିତି ହାତ ଛଡା କରିଥାନ୍ତେ ଭଲା । ପୁଅ ପାଇଁ ସବୁ ବନ୍ଦୋବସ୍ତ ହେଇ ସାରିଛି । ଅଭାବ ସମୟରେ ସେ ଦୁଃଖ ସହିତ ଯୁଝି ଯୁଝି ପିଲାଙ୍କୁ ମଣିଷ କରିଛନ୍ତି । ଏଣିକି ବେଶ ସଫଳତାର ପାହାଚର ଶୀର୍ଷରେ ପୁଅ । ଝିଅର ରିସର୍ଚ୍ଚ ପାଇଁ ସବୁ ଖର୍ଚ୍ଚ ସେ ବହନ କରିବେ। ଦୁଇ ଜଣ ବିଦେଶ ଚାଲି ଗଲା ପରେ ଭାରତରେ ଏକାକିନୀ ରହିଯିବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମମତା ଅପା ।

ଦୁଇ ପିଲାଙ୍କୁ ଡାକିଲେ-ମମତା ଅପା । ଛୁଆ ଦୁଇଜଣ ଘରୁ ଗଲା ପରେ ଏକ ଏକା ବଞ୍ଚିବା ଜୀବନ ଯେ କେତେ କଷ୍ଟ ଦାୟକ । ସେ କଥା ଶୁଣି ପୁଅ-ଝିଅ ଭାଙ୍ଗି ପଡିଥିଲେ ତଥାପି ମମତା ଅପା ସେଦୁଇ ଜଣଙ୍କ ମନୋବଳ ବଢେଇ କହିଥିଲେ ମୋର କିଛି ଅସୁବିଧା ହେବନି । ଗାଁ ସାରା ଲୋକେ ପରା ମୋର । ତୁମେ ଦିଟା ଭଲରେ ବିଦେଶ ଜାଗାରେ ଭଲରେ ରହିଲେ ମୋର ସବୁ ଭଲ । ଏ କଥା କହିବାରୁ ପୁଅ ପ୍ରତିଶ୍ରୁତି ଦେଲା ପ୍ରତି ମାସରେ ତାଙ୍କ ଭରଣ ପୋଷଣ ପାଇଁ ମାସିକ ଦଶ ହଜାର ଟଙ୍କା ପଠେଇ ଦେବେ । ଝିଅ କହିଲା ମୁଁ ମୋ ବିଦେଶ ପାଠ ପଢା ଖର୍ଚ୍ଚ ପରେ ଯାହା ବଳିବ ତାହା ପଠେଇ ଦେବି । ତାପରେ ଦିନ କେଇଟାରେ ବଦଳିଗଲା ଜୀବନର ଧାରା । ପୁଅ ଝିଅ ଦି'ଟା ବିଦେଶ ଅଭିମୁଖେ ଯାତ୍ରା କଲେ । ଏକା ରହିଗଲେ ମମତା ଅପା।

ଧୂମାୟିତ ଆକାଶର ବଉଦ ଭିତରେ ବ୍ୟୋମୋଜାନ ଟିଏ ଦେଖିଲେ ଖୁସି ହୋଇ ଭାବନ୍ତି ମୋ ପୁଅ ଏଇ ଆକାଶର ଦିଗନ୍ତ ଛୁଇଁ ଆଜି ଆମେରିକାର ଶିକାଗୋ ସହରରୁ ଫେରି ଆସୁଛି । ଝିଅ ଗଲାଯେ, ଟିକେ ଫୋନ କରିବାକୁ ସମୟ ମିଳୁ ନାହିଁ । ଭାରତର ବନ ଲତା ପାହଡର ସ୍ୱର କଣ ତା କାନରେ ବାଜୁନି ମୋ ମମତାର ଡୋର ତାକୁ ଟାଣି ଆଣି ପାରୁନି । କେବେ ଆସିବେ ସେ । ମୋ ହାତର କୋମଳ ସ୍ପର୍ଶର ଶିହରଣ, ହାତ ତିଆରି ଖାଦ୍ୟ ପଦାର୍ଥ ଛାଡି,ଏତେଦିନ ରହି ପାରିଲେ କେମିତି । ଥରେ ଆସନ୍ତେ ନାହିଁ ମୋ ନୟନ ପିତୁଳା ଗଣ୍ଠି ଶଙ୍ଖାଳି । କେବେ ଆସିବେ ସେ । ବିତି ଗଲା ମାସ ବର୍ଷ....ତଥାପି ଶରୀପୁତ୍ତ ପାଇଁ ଶାରୀଶ୍ରୀ ଭଳି ଚାହିଁ ଚାହିଁ ସମୟ ସାରିବାରେ ଲାଗିଛନ୍ତି-ମମତା ଅପା । ପିଲା ଦି'ଟାର ପ୍ରତିଶ୍ରୁତି ପାଣିର ଗାର । ଦୀର୍ଘ ଦେଢ ବର୍ଷର ପ୍ରତୀକ୍ଷା । କେତେ ପର ଦୁଆରେ ଯାଇ କାମ କରିବ । ବାପଘର ମା-ବାପ ବଞ୍ଚିଥିଲା ପର୍ଯ୍ୟନ୍ତ ଦେଖି ଆସିଲେ ସେ ମରିଗଲା ପରେ ସବୁ ସରି ଗଲା । ଭାଇ ଭାଉଜ ସବୁ ପର ହେଇଗଲେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା କଥା କାରଣ ସେମାନଙ୍କ ସଂସାର ଅଛି । ଭଉଣୀକୁ କିଏ କଣ ଜୀବନ ସାରା ଦେଖି ଆସୁଥିବେ । ଏମିତି ଅନେକ ଅଡୁଆ ତଡୁଆ କଥା ଭାବି ସମୟ ବିତେ ମମତା ଅପାର । ଏଣିକି ସେ ଆଉ ପାରୁନି ବୃଦ୍ଧାଶ୍ରମ ପାଇଁ ଦରଖାସ୍ତ ଲେଖିକି ଦେଇଛନ୍ତି । ସେଇଠି ରହି ବାକି ସମୟ ସାରି ଦେବାକୁ ଭାବିଛନ୍ତି ସେ । ଏତିକି ବେଳକୁ ଧଳା ରଙ୍ଗ କାରଟିଏ ଆସିବା ଦେଖି ଖୁସିରେ ଅଧୀରା ମମତା ଅପା ନାଚି ଉଠିଲେ, ଭାବିଲେ ବୋଧେ ପୁଅ କି ଝିଅ କେହି ଜଣେ ଆଜି ଆସୁଛନ୍ତି । ଗାଡ଼ିଟି ଆସି ମମତାଙ୍କ ଝାଟି ମାଟି ଘର ସାମନାରେ ଠିଆ ହୋଇଗଲା । ସେ ଗାଡିରେ ଆସିଥିବା ଦୁଇଜଣ ଭଦ୍ର ବ୍ୟକ୍ତି ପଚାରିଲେ –ମମତା ବାଳାଙ୍କ ଘର କେଉଁଠି । ମମତା ନିଜେ ସେ ବୋଲି ପରିଚୟ ଦେଇ ଠିଆ ହେଲେ । ସେ ଭଦ୍ର ବ୍ୟକ୍ତି କହିଲେ – ଆପଣଙ୍କ ପାଇଁ ଆଶ୍ରିତ ବୃଦ୍ଧାଶ୍ରମରୁ ଡକରା ଆସିଛି ଆପଣ ଘଣ୍ଟାଏ ଭିତରେ ବାହାରନ୍ତୁ । ମମତାଙ୍କ ମୁଣ୍ଡରେ ଯେମିତି ଚଡକ ପଡିଲା । ବଞ୍ଚିବାକୁ ସିନା ବୃଦ୍ଧାଶ୍ରମକୁ ବାଛିନେଲେ ହେଲେ, ଏଇ ଘର ଯେଉଁଠି ରହିଛି ଅତୀତର ପାଦ ଚିହ୍ନ । ତା ପାଦ ଉପରେ ପୁଅ-ଝିଅ ଦିଟାର କୁନି କୁନି ପାଦ ଦି'ଟା ରଖି ସକାଳୁଆ ଶୀତ ଦିନେ ଚଲା ଶିଖେଇବା କଥା ମନେ ପକେଇ ଆଖି ଦିଟା ଲୁହରେ ଜକେଇ ଆସେ । ପିଲା ଦିଟାର ଅଝଟିଆ ମନକୁ ବୁଝେଇବାକୁ କେତେ ମିଛ କଥା କହିବାକୁ ପଡେ । ସବୁ ଅଝଟକୁ ପୁରା କରିବାର ସେ ଯେମିତି ମୂର୍ତ୍ତିମନ୍ତ ପ୍ରତୀକ ହୋଇ ଠିଆ ହେଇ ଯାଆନ୍ତି । ପୁରା ବି କରିଥାନ୍ତି ସବୁ ଅଳି ଅର୍ଦଳି । ଦିବାକର ବାବୁଙ୍କ ଖୋଲା ଛାତିରେ ବିତିଛି ଅନେକ ସ୍ୱପ୍ନିଳ ରାତି । ବୁଝିଛନ୍ତି ପିଲା ଦି'ଟାଙ୍କ ପ୍ରଶ୍ନିଳ ଆଖିର କଥା । ହେଲେ ଏ ସବୁ ରହିଯିବ ଏଇଠି ଯେମିତି । ବୃଦ୍ଧାଶ୍ରମର ଆଶ୍ରିତ ଜୀବନ କାଟିବାକୁ ହେବ ଏଣିକି । ତଥାପି ଯିବାକୁ ହେବ....ଏଠି ରହିଲେ ଖାଇବେ କଣ? ତରବର ହୋଇ ସାଥିରେ ନେଇଯିବା ଜିନିଷ ସାଇତି ବାରେ ଲାଗିଲେ ମମତା ଅପା । ଅଳନ୍ଧୁ ଲଗା ଫୋଟୋ ଟିଏ....ଯେଉଁ ଫୋଟୋରେ ସେ ଓ ସ୍ୱାମୀ ସହିତ ହସୁଥିବା ପିଲା ଦୁଇଟି । ତାକୁ ଥରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛାତିରେ ଲଗେଇ ନେଲେ ସେ । ଆଃ କି ଆନନ୍ଦ ସମୟର ଏଇ ସ୍ମୃତି ବିଜଡିତ ଫୋଟ । କେତେ ସ୍ୱପ୍ନ ଭରା ଦିନର ପରିକଳ୍ପନାକୁ ଭାଙ୍ଗି ଚୁରମାର କରି ସ୍ୱାମୀ ଘର ଛାଡି ଚାଲିଗଲା ପରେ । ଏବେ ତାଙ୍କ ପାଳି । ଗଣ୍ଠିଲିଟିଏ ଧରି ଅପେକ୍ଷା କରିଥିବା ଗାଡିରେ ବସିଲେ ମମତା ଅପା ।

କଳା ମଚ ମଚ ପିଚୁ ରାସ୍ତା ପାର ହେଇ ଆଶ୍ରମରେ ପାଦ ଦେଲେ ମମତା ଅପା । ରହିବାକୁ ଘରଟିଏ ମିଳିଗଲା । ନିୟମ କହିଦିଆ ଗଲା । ମମତା ଅପା ଭାବିଲେ ଦୁନିଆଁରେ ଏତେ ଭଲ ପାଇବା ଅଛି ସତରେ । ସୁଖ ଦୁଃଖ ବାଣ୍ଟିବାକୁ ତାଙ୍କ ଭଳି ଅନେକ ଦୁଃଖି ଭଉଣୀ ମିଳନ୍ତି । ସମସ୍ତେ ଅନୁଭବ କରନ୍ତି, ଯେମିତି ସେମାନେ ଗଢିଥିବା ମୂର୍ତ୍ତି ଗୁଡାକୁ ରଙ୍ଗ ଦେଲା ପରେ ସେସବୁ ଏମିତି ବିବର୍ଣ୍ଣ ହେଇଗଲେ ଯେ, ତାଙ୍କୁ ଚିହ୍ନିବା କଷ୍ଟକର ହେଇ ପଡିଲା । ଏଇ କେଇ ଦିନ ରହଣି ଭିତରେ ପାଖରେ ଥିବା ପ୍ରଫେସର ପ୍ରଭାକର ବାବୁଙ୍କ ସହିତ ପରିଚୟ ହୁଏ ମମତା ଅପାଙ୍କର । ପ୍ରଭାକର ବାବୁ, ଜଣେ ପ୍ରାକ୍ତନ ଶିକ୍ଷାବିତ୍ତ । ଅନେକ ଦିନ ପୂର୍ବରୁ ସ୍ତ୍ରୀ ସାବିତ୍ରୀ ତାଙ୍କୁ ପର କରି ଚାଲି ଯାଇଛନ୍ତି । ପୁଅକୁ ମଣିଷ କରିବାର ଦୃଢ ପ୍ରତିଶ୍ରୁତି ଦେଇ ସେ ତାଙ୍କ ଦାୟିତ୍ୱ ସୂଚାରୁ ରୂପେ ତୁଲେଇଛନ୍ତି । ଭାବିଥିଲେ, ରିଟ୍ୟାର୍ଡ ପରେ ପୁଅ ବୋହୁ ନାତି ନାତୁଣୀ ସହିତ ବଳକା ଜୀବନ ସୁଖରେ କାଟି ଦେବେ । ପୁଅ ବୋହୁ ଫ୍ରାନ୍ସରେ ଉଚ୍ଚ-ପଦବୀରେ ପ୍ରତିଷ୍ଠିତ । କିନ୍ତୁ ପିଲାମାନେ ସମସ୍ତେ ନିଜ ନିଜ କ୍ୟାରିଅର ଉପରେ ଏମିତି ଧ୍ୟାନ ଦେଲେଯେ, ଶେଷରେ ବଡ ମଣିଷ କରିଥିବା ବାପାଙ୍କ ସ୍ନେହ ମମତା ସବୁ ଭୁଲି ଯାଇ କେବଳ ଅର୍ଥକୁ ବଡ ଭାବି ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡି ଦେଇ ଫୋନ କରି ପଚାରିବା ଭୁଲିଗଲେ । ଅର୍ଥ ଏତେ ଏତେ ସ୍ୱାର୍ଥପର କରି ଦେବା କଥା ସେ ଭାବି ନଥିଲେ । ପ୍ରଭାକର ବାବୁ ଲେଖିଥିବା ଦର୍ଶନଶାସ୍ତ୍ରରେ ଏଇପଂକ୍ତିଟି ନ ଯୋଡି ସେ ବଡ ଭୁଲ କରିଛନ୍ତି । କାରଣ ସେ କେବଳ ଶ୍ରବଣ କୁମାର, ରାମଚନ୍ଦ୍ର ଓ ଲକ୍ଷ୍ମଣ କୁମାରକୁ ପଢି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଥିଲେ । ତେଣୁ ତାଙ୍କ ଆଦର୍ଶର ଲେଖାଟି ହୁଏତ ତାଙ୍କୁ କ୍ୟାରିଆର ସପୋର୍ଟ ଦେଇଥାଇ ପାରେ ହେଲେ ବାସ୍ତବରେ ସେ କେତେ ପ୍ରପୀଡିତ ତାହା ଅନୁଭବ କରନ୍ତି ।

କ୍ରମଶ ଦୁଃଖ ସୁଖ ଆଲୋଚନା ଭିତରେ ମମତା ଅପା ଜାଣିଲେ ସେ ବି ସେମିତି ତାଙ୍କ ଭଳି ପରିସ୍ଥିତି ଚକ୍ରରେ ପଡି ଆଜି ଆଶ୍ରମ ଆଶ୍ରିତ । ପିଲା ମାନେ ତାଙ୍କ ଠାରୁ ଅନେକ ଦୂରରେ । ପୁଅ ବୋହୁ ଫ୍ରାନ୍ସରେ କେହି କେବେ ଦେଖା ଶୁଣା ନ କରିବାରୁ ସେ ଆଜି ବୃଦ୍ଧାଶ୍ରମରେ ମୁଣ୍ଡ ଗୁଞ୍ଜିଛନ୍ତି । ସ୍ତ୍ରୀ କେବେ ଠାରୁ ପାଗଳି ହୋଇ ଘର ଛାଡି ଚାଲି ଯାଇଛି । ଏଇ ବାର୍ଦ୍ଧକ୍ୟ ସମୟରେ କେହି ଆପଣାର ହୋଇ ରହିଲେ ନାହିଁ । ଦୁନିଆଙ୍କୁ ଚିହ୍ନିବା ବାକି ନ ଥିଲା । ସ୍ୱାର୍ଥ ଓ ସ୍ୱେଚ୍ଛାଚାର ଭିତରେ ଜୀବନ କେବଳ ଅର୍ଥର ସ୍ୱପ୍ନ ଦେଖେ । ମମତା ଓ ପ୍ରେମ ଏଠି ଦିଗ ହୀନ । ଯନ୍ତ୍ରଣାରେ ଜଳୁଥିବା ଦୁଇଟି ଜୀବନ ନିଷ୍ପତ୍ତି କଲେ ପରିଣତ ବୟସରେ ପରସ୍ପର ବାହା ହେଇ ଦୁନିଆଁକୁ ଜଣେଇ ଦେବେ ଏ ଦୁନିଆଁରେ କେହି ନ ଥିଲେ ବି ଏବେ ବି ଭଲ ପାଇବା ବଞ୍ଚି ରହିଛି । ଇଚ୍ଛା ନ ଥିଲେ ବି ମମତା ପ୍ରଭାକର ବାବୁଙ୍କ କଥାରେ ରାଜି ହେଲେ । ଅନ୍ତେବାସୀ ଆଶ୍ରମର ଏ କଥା ଶୁଣି ଖୁସି ହେଲେ । ପରିଣତ ବୟସରେ ବାହା ହେବେ ଏକ ଆଦର୍ଶର ରୂପ ନେଲା । ଗଣମାଧ୍ୟମ ପ୍ରତିନିଧିମାନେ ଏହାକୁ କଭରେଜ କରି ମୁଖ୍ୟ ପ୍ରସଙ୍ଗ କରି ଆଜିର ଉଶୃଙ୍ଖଳିତ ଯୁବ ସମାଜକୁ ଏକ ଶକ୍ତ ଚାପୁଡା ମାରିବାକୁ ନିଷ୍ପତ୍ତି ନେଲେ । ନିର୍ଦ୍ଧାରିତ ସମୟରେ ମଣ୍ଡପ ସଜା ହେଲା ପ୍ରଭାକର ବାବୁ ଓ ମମମତା ଅପାଙ୍କ ମିଛି ମିଛିକା ବିବାହ ସମାପନ ହେଲା । ଏ ବିବାହର କଥା ଚାରିଆଡେ ରାଷ୍ଟ୍ର ହେଇଗଲା । ପରିଣତ ବୟସରେ ପରିଣୟ ଶୀର୍ଷକ ଲେଖା ପ୍ରକାଶ ପାଇଲା । ବହୁତ ଖବର କାଗଜରେ ପ୍ରକାଶିତ ଓ ପ୍ରସାରିତ ହେଲା ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ସତ୍ୟ ଘଟଣା ପାଇଁ ପ୍ରଶଂସିତ ହେଲେ । ବିଦେଶ ବାହାରେ ସମସ୍ତେ ଜାଣିଲେ । ପ୍ରମୁଖ ଗଣମାଧ୍ୟମ ସାକ୍ଷାତକାର ନେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ କଥା ଧୀରେ ଧୀରେ ପ୍ରଭାକର ବାବୁ ଓ ମମତା ଅପାଙ୍କ ପିଲାମାନେ ଜାଣିବାକୁ ପାଇଲେ । ସେମାନେ ଓଡିଶା ଆସି ପହଞ୍ଚି ଆଶ୍ରମକୁ ଯାଇ ଦେଖିଲେ । ସତକୁ ସତ ଦୁହେଁ ବାହା ହୋଇ ଖୁସିରେ ଅଛନ୍ତି ।

ପ୍ରଭାକର ବାବୁଙ୍କ ପେନସନ ଓ ସେବା ତ୍ୟାଗର ମୂର୍ତ୍ତିଦେବୀ ମମତା ଓଠରେ ଖୁସି ଦେଖି ମମତାଙ୍କ ପୁଅ ଝିଅ ଦି'ଜଣ କହିଲ-ମା' ଏ ସବୁ ତୁମ ପାଇଁ ଠିକ ହେଲାନାହିଁ। ମମତା ଦେବୀ କହିଲେ,-ହଁ, ଜାଣିଛି । ତୁମେ ଦୁଇଜଣ ଯାହା କରିଛ ଠିକ କରିଛ ? ତୁମେ ଆଜି ଆମକୁ ଛାଡି ବିଦେଶରେ ମନ ଇଚ୍ଛା ବାହା ହେଇଗଲ କେବେ ପଚାରି ବୁଝିଛ । ପରିଣତ ବୟସରେ ଆମର ସହ ଭରସା କିଏ । ଆମେ ଯେତେବେଳେ ତୁମକୁ ଆମ ପାଦରେ ଚଳେଇବା ଶିଖେଇ ଥିଲୁ ତୁମେ ଚାଲିବା ଶିଖିଲା ପରେ ଆମକୁ ଭୁଲିଗଲ । ପ୍ରଭାକର ବାବୁଙ୍କ ପୁଅ-ବୋହୁ ସହିତ ଛୋଟ ନାତୀଟି ତାଙ୍କ କୋଳରେ ଥାଇ ହସି ହସି ତାଳି ବଜାଉ ଥିଲା । ରାଗରେ ମମତା ଅପା ପୁଅ ଝିଅ ଅନୁତାପ ନିଆଁରେ ଜଳି ଉଠୁଥିଲେ ।

କିଛି ପତ୍ରକାର ଆସି କହିଲେ-ଏଇମାନେ ଆପଣଙ୍କ ସନ୍ତାନ ସନ୍ତତି । ଏମାନଙ୍କ ଉପରେ ଏଥର ଆମେ ଖବର ପ୍ରସାରଣ କରିବୁ । ଯେମିତି ଏମାନଙ୍କୁ ବିଦେଶ ଯିବାକୁ ଅନୁମତି ନ ମିଳିବ । ଆଜି ଆମ କାମ ସମାପ୍ତ ହେଇଛି । ଆପଣଙ୍କ ମିଛି ମିଛିକା ବାହାଘର କେବଳ ବାହାଘର ନୁହେଁ ଏ ସମାଜ ପାଇଁ ଆଖି ଖୋଲି ଦେଇଛି । ଆପଣ ଉଭୟ ଫେରି ପାଇଛନ୍ତି ଆପଣମାନଙ୍କର ଅଷ୍ଟନିଧି ରୂପେ ସନ୍ତାନ ସନ୍ତତି । ଆମେ ବି ବେଶ ଟିଆରପିଂ ପାଇଛୁ । ଯଦି ଏମାନେ ଆପଣଙ୍କୁ ଦେଖାଶୁଣା କରିବାରେ ଅଣଦେଖା କରନ୍ତି ଆପଣଙ୍କ ସହିତ ଆମେ ଅଛୁ । ପ୍ରଭାକର ବାବୁ ନିଜ ଲେଖା ବହିଟି ଗଣମାଧ୍ୟମ ମୁଖ୍ୟ ପରିଚାଳକ ହାତକୁ ବଢେଇ ଦେଇ ମମତା ଅପାଙ୍କ ଏଇ ଅବଦାନର ଭୁରୀ ଭୁରୀ ପ୍ରଶଂସା କରୁଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଇଁ ଆସୁଥିଲା ସଞ୍ଜ ....ଧୀରେ ଧୀରେ ଅନ୍ୟ ଅନ୍ତେବାସିନୀ ମାନେ ସେଇ ସଞ୍ଜରେ ଲୁଚି ଯାଉଥିଲେ । ବୃଦ୍ଧାଶ୍ରମର ଉନ୍ନତି ପାଇଁ ଦୁଇଟି ମୋଟା ଅଙ୍କର ଚେକ ମୁଖିଆଙ୍କୁ ଦେଇ ବିଦାୟ ନେଇ ଥିଲେ ଦୁଇଟି ପରିବାର । ଦୁଇଟି ସୁସଜ୍ଜିତ ଗାଡିରେ ଦୁଇଟି ପରିବାର ଏକାତ୍ମୀୟତା ନେଇ ବସିଥିଲେ । କୋଳରେ ଧରି ଥିବା ପ୍ରଭାକର ବାବୁଙ୍କ ନାତି ମମତା ଅପାଙ୍କ କାନିଟିକୁ ଖୁସିରେ ଧରି ପକେଇଥିଲା । ମମତା ଅପା ହସି ଦେଇ କହୁଥିଲେ । ଜମା ଏମିତି ହେବୁନି.... । ପ୍ରେସ ବାଲା ବାନ୍ଧି ନେବେ...ସେ ହସୁଥିଲା ଖିଲି ଖିଲି ମିଠା ହସ ।

୮୩୮, ଭି ଆଇ ଏମ,

ଶୈଳଶ୍ରୀ ବିହାର,

ଭୁବନେଶ୍ୱର, ୭୫୧୦୨୧ (ଓଡିଶା)

ଫୋନ.ନଂ. ୭୨୦୫୨୯୩୮୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନସଙ୍ଗିନୀ ଧର୍ମପତ୍ନୀ

ନିତ୍ୟ ରଞ୍ଜନ ନନ୍ଦ



ଯଦି ପତ୍ନୀ ଅଛି ତ ଦୁନିଆର ସବୁକିଛି ହାତ ପାହାନ୍ତାରେ ଅଛି । ରାଜା ପରି ଜୀବନଟା କାଟି ହେବ ଆଉ ଆଜିର ଦୁନିଆରେ ପତ୍ନୀ ଥିଲେ ମୁଣ୍ଡ ଉଚ୍ଚା କରି ଚାଲିହେବ । ଏଥିପାଇଁ ପତ୍ନୀକୁ ଧନ୍ୟବାଦ ଦିଅନ୍ତୁ କୃତଜ୍ଞତା ଜଣାନ୍ତୁ ।

ଆପଣଙ୍କର ସମସ୍ତ ସୁବିଧା-ଅସୁବିଧା, ଆପଣଙ୍କର ଯେତେ ଅବାଞ୍ଛିତ ପ୍ରଳାପ ଆଉ ବିନା କାରଣରେ କ୍ରୋଧକୁ ସମ୍ଭାଳିବା ସହିତ ତୁମ ସୁଖରେ ସୁଖୀ, ଦୁଃଖରେ ଦୁଃଖୀ କେବଳ ପତ୍ନୀ ହିଁ ହୋଇଥାଏ । ଆପଣ ରବିବାର ଦିନ ବିଛଣାରେ ବହୁତ ଡେରି ପର୍ଯ୍ୟନ୍ତ ଶୋଇ ପାରନ୍ତି କିନ୍ତୁ ତାର କୌଣସି ରବିବାର ନା ପର୍ବପର୍ବାଣି କିଛି ନାହିଁ,ସବୁ ଦିନ ତା ପାଇଁ ସମାନ ।

ଚାହା ଆଣ, ପାଣି ଆଣ, ଖାଇବା ଆଣ, ବିଛଣା ବିଛାଅ, ଇଏ ଏମିତି ହେଲା, ସିଏ ସେମିତି ହେଲା, କେବେ ମୁଣ୍ଡରେ ବୁଦ୍ଧି ପଶିବ ? ତୁମର ଟିକେ କାଣ୍ଡଜ୍ଞାନ ନାହିଁ ଏମିତି ଅନେକ ସମାଲୋଚନା ଅସଂଖ୍ୟ ତିରସ୍କାର ସହ୍ୟ କରି ସେ ହସୁଥାଏ ନିରନ୍ତର ।

ଆପଣଙ୍କ ପାଖରେ ବୁଦ୍ଧି ଅଛି ହେଲେ ତାଙ୍କ ଉପସ୍ଥିତ କାରଣରୁ ଆପଣ ଜୀବିତ ଅଛନ୍ତି ନଚେତ ଦୁନିଆରେ ଆପଣଙ୍କୁ କେହି ପଚାରି ନଥାଆନ୍ତେ ।

ଏବେ ଧ୍ୟାନ ଦେଇ ଏହି ସ୍ଥିତିକୁ କଳ୍ପନା କରନ୍ତୁ :-

ଦିନେ ରାତିରେ ପତ୍ନୀଙ୍କ ଅଚାନକ ଦେହାନ୍ତ ହୋଇଗଲା ।

ଘର ଭିତରୁ କାନ୍ଦଣା ଶବ୍ଦ ଶୁଭୁଛି, ଗାଁ ସାହି ପଡିଶା ସମସ୍ତେ ପତ୍ନୀର ଅନ୍ତିମ ଦର୍ଶନ କରୁଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ସମୟରେ ପତ୍ନୀର ଆତ୍ମା ଯାଉ ଯାଉ ଯାହା କହୁଛି :-

ମୁଁ ଏବେ ଯାଉଛି, ଏ ଜନ୍ମରେ ଆଉ କେବେ ଭେଟ ହେବନାହିଁ।

ମୁଁ ଏବେ ଯାଉଅଛି !

ମନେପକା:-

ଯେଉଁ ଦିନ ବିବାହ ବେଦିରେ ସାତ ଫେରା ନେଇଥିଲେ ସେହି ସମୟରେ କଥା ଦେଇଥିଲ ଆମେ ସାତ ଜନ୍ମ ସାଥି ହୋଇ ରହିବା ହେଲେ ମୋତେ ଆଗ ଅଚାନକ ଯିବାକୁ ପଡିବ ବୋଲି ଜଣା ନଥିଲା !

ହେଲେ ମୋତେ ଯିବାକୁ ଦିଅ !

ନିଜର ଘର ଅଗଣାରେ ନିଜ ଶରୀର ଛାଡି ଯାଉଅଛି । ବହୁତ କଷ୍ଟ ଲାଗୁଛି ମୋତେ । କିନ୍ତୁ ମୁଁ ଅସହାୟ, ନିରୁପାୟ, ମୁଁ ଏବେ ଯାଉଅଛି । ମୋ ମନ ମାନୁନାହିଁ ହେଲେ ମୁଁ କିଛି କରିପାରୁ ନାହିଁ ।

ତେଣୁ ମୋତେ ଯିବାକୁ ଦିଅ !

ଦେଖ କେମିତି ପୁଅ ବୋହୂ କାନ୍ଦୁଛନ୍ତି । ମୁଁ ଏସବୁ ଦେଖି ପାରୁନାହିଁ ତାଙ୍କୁ ସାନ୍ତ୍ୱନା ବି ଦେଇ ପାରୁନାହିଁ । ନାତି ବି କାନ୍ଦୁଛି ତାକୁ ଶାନ୍ତ କରାଅ, ଦେଖ ଏବେ କେହି ତାକୁ ଧ୍ୟାନ ଦେଉ ନାହାନ୍ତି ହଁ ଆପଣ ବି ମନ ସୁଦୃଢ କରିବେ ବିଲକୁଲ ଖାମଖିଆଲି ହେବେ ନାହିଁ ।

ମୋତେ ଏବେ ଯିବାକୁ ଦିଅ !

ଏଇନେ ଝିଅ ଶ୍ୱଶୁର ଘରୁ ଆସି ପହଞ୍ଚିବ । ମୋ ମରଶରୀର ଦେଖି ପାଗଳୀଟା ବହୁତ କାନ୍ଦିବ । ତୁମେ ତାକୁ ସମ୍ଭାଳିବ, ଶାନ୍ତ୍ୱନା ଦେଇ ଶାନ୍ତ କରିବ । ଆପଣ ଯେମିତି ଆଖିରୁ ଟୋପାଏ ଲୁହ ଗଡାଇବେ ନାହିଁ ।

ମୋତେ ଯିବାକୁ ଦିଅ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହାର ଜନ୍ମ ହୋଇଛି ତାର ମୃତ୍ୟୁ ସୁନିଶ୍ଚିତ । ଯିଏବି ଏ ଧରା ପୃଷ୍ଠକୁ ଆସିଛି ସେ ଉପରକୁ ଯିବା ଥୟ୍ । ଧୀରେ ଧୀରେ ମୋତେ ଭୁଲିଯିବ । ମୋତେ ଆଉ ବହୁତ ମନେ ପକାଇବ ନାହିଁ । ଏ ଜୀବନରେ ପୁଣି କାମରେ ବ୍ୟସ୍ତ ହେଇଯିବ ଏବେ ମୋ ବିନା ବଞ୍ଚିବାର ଅଭ୍ୟାସ ଆପଣାଇ ନେବ ।

ମୋତେ ଯିବାକୁ ଦିଅ !

ଆପଣ ଏ ଜୀବନରେ ମୋକଥା କେବେ ମାନନ୍ତି ନାହିଁ । ଏବେ ଜିଦ୍ଧି ଛାଡି ବ୍ୟବହାରରେ ବିନମ୍ରତା ଆଣିବ । ଆପଣଙ୍କୁ ଏକୁଟିଆ ଛାଡି ମୋତେ ଯିବାକୁ ବହୁତ ଚିନ୍ତା ଘାରୁଛି ।

କିନ୍ତୁ ମୁଁ ଅସହାୟ ..... ଉପାୟଶୂନ୍ୟ !

ମୋତେ ଯିବାକୁ ଦିଅ !

ଆପଣଙ୍କୁ ବ୍ଲଡ ପ୍ରେସର ଆଉ ଡାଇବେଟିସ । ଭୁଲରେ ବି ମିଠା ଖାଇବ ନାହିଁ ନଚେତ ନିଜେ କଷ୍ଟ ଭୋଗିବ । ସକାଳୁ ଉଠି ଔଷଧ ଖାଇନେବ । ଚା ଯଦି ଡେରିରେ ମିଳିଲା ତ ବୋହୂ ଉପରେ ରାଗିବ ନାହିଁ । ଏବେ ମୁଁ ନାହିଁ ଏକଥା ମନେ ରଖି ଚଳିବ ।

ମୋତେ ଯିବାକୁ ଦିଅ !

ପୁଅ ଆଉ ବୋହୂ କିଛି କହିଲେ ଚୁପଚାପ ଶୁଣିନେବ । କେବେ ରାଗିବ ନାହିଁ । ସବୁବେଳେ ହସି ହସି କଥା ହେବ । ମନଦୁଃଖ କରିବ ନାହିଁ ।

ମୋତେ ଯିବାକୁ ଦିଅ !

ନାତି ସହିତ ଖେଳିବ । ତୁମ ସାଙ୍ଗ ମାନଙ୍କ ସହିତ ସମୟ ବିତାଇବ । ଏବେ ଆପଣ ଆଧ୍ୟାତ୍ମିକ ମାର୍ଗରେ ଯିବାପାଇଁ ଚେଷ୍ଟା କରିବ । ଧାର୍ମିକ ଜୀବନ ଆପଣାଇବ । ଯେମିତି ଜୀବନକୁ ସଂଯମିତ କରାଯାଇ ପାରିବ ଯଦି ମୋ କଥା ମନେ ପଡିବ ତ ଚୁପଚାପ କାନ୍ଦି ନେବ କିନ୍ତୁ କେବେ ଭାଙ୍ଗି ପଡିବ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

ମୋତେ ଯିବାକୁ ଦିଅ !

ମୋ ରୁମାଲ କାହିଁ, ମୋ ଚାବି କାହିଁ ଏବେ ଆଉ ଚିଲ୍ଲାଇବ ନାହିଁ । ସବୁକିଛି ଯଥା ସ୍ଥାନରେ ରଖିବ ଆଉ ମନେ ପକାଇ ସବୁକାମ କରିବ । ସକାଳେ ସନ୍ଧ୍ୟାରେ ନିୟମିତ ଔଷଧ ଖାଇନେବ ଯଦି ବୋହୂ ଭୁଲିଯାଏ ମନେ ପକାଇ ଦେବ । ରାଗ ରୁଷା କରିବ ନାହିଁ । ମୋର ଅନୁପସ୍ଥିତି ବାଧିବ ହେଲେ ମନ ଦୁର୍ବଳ କରିବ ନାହିଁ ।

ମୋତେ ଯିବାକୁ ଦିଅ !

ବୁଢା ହେଇଗଲେ ବାଡିର ସାହାରା ନେବ, ଧିରେ ଧିରେ ଚାଲିବ ଯଦି ବେମାର ହେଇଯାଅ, ବିଛଣାରେ ପଡିରୁହ ତ କାହାକୁ ତୁମ ସେବା କରିବାକୁ ପସନ୍ଦ ଆସିବ ନାହିଁ । ମୋ କଥା ମନେ ପଡିବ ହେଲେ ମୁଁ ନଥିବି । ଭଗବାନ କରନ୍ତୁ ତୁମ ଗୋଡହାତ ଚାଲୁଥିଲା ବେଳେ ଜୀବନ ଚାଲିଯାଉ ।

ମୋତେ ଯିବାକୁ ଦିଅ !

ରାତିରେ ବିଛଣାକୁ ଯିବା ପୂର୍ବରୁ ଗୋଟିଏ ଲୋଟା ପାଣି ମାଗିନେବ । ଶୋଷ ଲାଗିଲେ ପିଇନେବ । ଯଦି ରାତିରେ ଆପଣଙ୍କୁ ଉଠିବାକୁ ପଡେ ପାଖରେ ଟର୍ଚ୍ଚ ରଖିଥିବେ । ଅନ୍ଧାରରେ ଯେମିତି କୁଆଡେ ନଯାଅ । ସବୁକଥା ଧ୍ୟାନ ରଖିବ ।

ମୋତେ ଯିବାକୁ ଦିଅ !

ବିବାହ ପରେ ଆମେ ଦୁହିଁଙ୍କ ଯୋଡି ଦେଖି ସମସ୍ତେ ଈର୍ଷା କରୁଥିଲେ । ଆମର ଦାମ୍ପତ୍ୟ ଜୀବନ ବହୁତ ସୁନ୍ଦର ଥିଲା ।  ଆମ ପରିବାରକୁ ଫୁଲପରି ପୁଅଟିଏ  ଝିଅଟିଏ ଦେଇଛନ୍ତି । ଏବେ ଆଉ ସେ ଫୁଲର ସୁଗନ୍ଧ । ମୋତେ ମିଳିବ ନାହିଁ ।

ମୋତେ ଯିବାକୁ ଦିଅ !

"ଉଠ ସକାଳ ହେଲାଣି" ଏବେ ଆଉ କେହି କହିବେ ନାହିଁ । ଏବେ ଆପେ ଆପେ ଉଠିବା ଅଭ୍ୟାସ କରିନେବ । କାହାର ପ୍ରତୀକ୍ଷା କରିବ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ ଯିବାକୁ ଦିଅ !

ଆଉ ହଁ.... ଗୋଟିଏ କଥା ତୁମକୁ ଲୁଚାଇ ଥିଲି । ମୋତେ କ୍ଷମା କରିଦେବ । ତମକୁ ନପଚାରି ପାଖ ପୋଷ୍ଟ ଅଫିସରେ ସଞ୍ଚୟ ଖାତା ଖୋଲି ୧୪ ଲକ୍ଷ ଜମା କରିଛି । ମୋ ବୁଢ଼ୀ ମା ମୋତେ ସଞ୍ଚୟ କରିବା ଶିଖାଇ ଥିଲା । ଏକ ଏକ ଟଙ୍କା ଜମା କରି ତାକୁ ଖାତାରେ ରଖିଦିଏ । ଏଥିରୁ ପାଞ୍ଚ ଲକ୍ଷ ବୋହୂକୁ ଆଉ ପାଞ୍ଚ ଲକ୍ଷ ଝିଅକୁ ଆଉ ତୁମେ ଚାରିଲକ୍ଷ ପାଖରେ ରଖିଥିବ ନିଜପାଇଁ ।

ମୋତେ ଯିବାକୁ ଦିଅ !

ଭଗବାନଙ୍କୁ ନିତିଦିନ ଭକ୍ତି ଆଉ ପୂଜା କରିବାକୁ ଯେମିତି ଭୁଲି ନଯାଅ । ଏବେ ଆଉ ଏ ଜୀବନରେ କେବେ ଭେଟ ହେବନାହିଁ ।

ମୋ ଦ୍ୱାରା ଯଦି କିଛି ବି ଭୁଲ ହୋଇଥିବ ମୋତେ କ୍ଷମା କରିଦେବ ।

ମୋତେ ଯିବାକୁ ଦିଅ !!

ଡ଼ି ଏଲ ଏ -୧୨
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର -୭୫୧୦୧୦
ମୋ - ୯୪୩୭୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଛଅଟି ଅଣୁଗଳ୍ପ

ସୁଧାଂଶୁ ଶେଖର ଦ୍ୱିବେଦୀ



।। ଇଚ୍ଛାର ସାମ୍ରାଜ୍ୟ ।।

ମନୁଷ୍ୟ ମନୁଷ୍ୟ ଭଳି ଯେବେ ରହିପାରେ ନାହିଁ ତା'ର ମୃତ୍ୟୁ ପୂର୍ବରୁ ତା'ର ମୃତ୍ୟୁ ହୋଇଯାଏ । ମୃତ୍ୟୁକୁ ପ୍ରାପ୍ତ ମନୁଷ୍ୟ ଏଠି ସେଠି ସବୁଠି ଘୁରିବୁଲେ । ଧରିତ୍ରୀରୁ ଆକାଶ ଯାଏ..... । ମୃତ୍ୟୁକୁ ପ୍ରାପ୍ତ ମନୁଷ୍ୟ; ମନୁଷ୍ୟ ଭଳି ମନୁଷ୍ୟ ଠିକ୍ । ଏହା ବି ଠିକ୍ ମନୁଷ୍ୟର ମୃତ୍ୟୁ ହୁଏ । କିଛି ସମୟ ବାଦେ ମୃତ୍ୟୁ ହୋଇଥିବା ମନୁଷ୍ୟର ମୃତ୍ୟୁ ହୁଏ ସତ ହେଲେ ଇଚ୍ଛାର ମୃତ୍ୟୁ ହୋଇ ନଥାଏ ।

ଇଚ୍ଛାର କେବେ ମୃତ୍ୟୁ ହୁଏ ନାହିଁ । ଇଚ୍ଛା ଅନନ୍ତ ଜନ୍ମଯାଏ ବଳ ବତ୍ତର ଥାଏ । ଇଚ୍ଛା ମରେ ନାହିଁ ବରଂ ମନୁଷ୍ୟର ମୃତ୍ୟୁ ହୁଏ । ମୃତ୍ୟୁ ପଥର ମନୁଷ୍ୟ ବି କେବେ କେବେ ଜୀଇଁ ଉଠେ । ହେଲେ ଇଚ୍ଛାର ସାମ୍ରାଜ୍ୟରେ ମନୁଷ୍ୟ ଅନନ୍ତ ଜନ୍ମ ଯାଏ ଇଚ୍ଛା ପୂର୍ଣ୍ଣ ପାଇଁ ପ୍ରୟାସ ଜାରି ରଖିଥାଏ । ଇଚ୍ଛା ରୂପେ ସବୁଠି ବିଚରଣ କରୁଥାଏ । ଇଚ୍ଛାର ବାବନାଭୂତ ସମୟ ଅସମୟରେ ଦେଖାହୁଏ । ମାତ୍ର ଧରିତ୍ରୀରୁ ଆକାଶ ଯାଏ କିଛି ନଥାଏ । ଖାଲି ଶୂନ୍ୟ । କେବଳ ଇଚ୍ଛାର ସାମ୍ରାଜ୍ୟ ବିସ୍ତାର କରିଥାଏ

।। ଫାଟ ।।

ଅଫଜଲ ବାବୁଙ୍କ ଘରେ ବହୁ ପରିମାଣରେ ପତ୍ର-ପତ୍ରିକା ଜମା ହୋଇ ଯାଇଥାଏ । ସେଥିରେ ପୁଣି ନିଜେ ଲେଖକ ହିସାବରେ କିଛି ପୁସ୍ତକ ପ୍ରକାଶ କରିଥାନ୍ତି । ଭଡାଘରେ ରହୁଥିବାରୁ ସେସବୁ ପୁସ୍ତକ, ପତ୍ର-ପତ୍ରିକା ରଖିବାକୁ ସ୍ଥାନର ଅଭାବ ହେଉଥାଏ । ଘରର ଅନ୍ୟାନ୍ୟ ସାମଗ୍ରୀ ସହିତ ଏତେସବୁ ପୁସ୍ତକର ସ୍ଥାୟିତ୍ୱ ଠିକଣା ବିହୀନ ଭଳି ଲାଗୁଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୀରେ ଧୀରେ ବନ୍ଧୁ-ବାନ୍ଧବ ଓ ପରିବାର ପାଇଁ ସ୍ଥାନାଭାବ ହେଲା । କବାଡିବାଲାର ସୁଦୀର୍ଘ ଡାକ ଶୁଣି ତାକୁ ଆସିବାକୁ କହିଲେ । କବାଡ଼ିବାଲା ଖବର କାଗଜକୁ ଏକତ୍ର ବାନ୍ଧି ଓଜନ କଲା । ତାପରେ ପତ୍ରିକା ସବୁ ଛଣ୍ଟା ଛଣ୍ଟି କରି ବାଛିଲା । ସେଥିରୁ ହିନ୍ଦୀ ପତ୍ରିକାକୁ ବାଛିନେଇ ଉର୍ଦ୍ଦୁ ପତ୍ରିକାକୁ ଅଲଗା ରଖିଲା ।

ଅଫଜଲ ବାବୁ ପଚାରିଲେ, "ଆରେ କଥା କଣ ତୁ ସେ ଉର୍ଦ୍ଦୁ ପତ୍ରିକାକୁ ଏମିତି ଅଲଗା ରଖୁଛୁ କାହିଁକି ? ଏକାସାଙ୍ଗରେ ଓଜନ କରିଦେଉନୁ ?

ସେ କହିଲା, "ବୁଝିଲ ବାବୁ ଏସବୁ ପତ୍ରିକା ମୁଁ ନେବିନାହିଁ । କାହିଁକି ? କଣ ହେଇଛି ସେ ପତ୍ରିକାରେ ? ଏସବୁ ଉର୍ଦ୍ଦୁ ପତ୍ରିକା ବାବୁ । ତ...... ! !

ଯେଉଁଠାରେ ମୁଁ ଏ କାଗଜ ପତ୍ର ନେଇ ଦେଉଛି ସେ ଏଭଳି ପତ୍ରିକା ନେବନାହିଁ ବୋଲି ମନା କରିଛି ।

କାହିଁକି ନେବନାହିଁ? ଜାଣେନି ବାବୁ । ତା' କହିବା କଥା ଉର୍ଦ୍ଦୁ ମେଗାଜିନ କି ନିଉଜ ପେପର ଆଣିବ ନାହିଁ । ଅଫଜଲ ବାବୁ ଆଶ୍ଚର୍ଯ୍ୟ ମୁଦ୍ରାରେ ତା' ମୁହଁକୁ ଚାହିଁଥାନ୍ତି ଏବଂ ମନେ ମନେ ଭାବୁଥାନ୍ତି ଏସବୁ କଣ ହେଉଛି ? ପତ୍ର-ପତ୍ରିକାରେ ବି ଫାଟ ସୃଷ୍ଟି ହେଲାଣି ।

।। ନୂଆ ଭାଇ ।।

ଏତେଦିନ ପରେ ଏଭଳି ପ୍ରୀତି ଭୋଜନର ଆୟୋଜନ ଅଦ୍ଭୁତ ଥାଏ । ସମ୍ଭବତଃ ସମସ୍ତେ ଖୁସିରେ ଥାଆନ୍ତି । ରାଣୀ ପାତ୍ରର ପଚିଶ ବର୍ଷିୟ ଭାଇ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବରଣ କରିବା ଦିନରୁ  ଦୀର୍ଘ ଦିନଯାଏ ଘରେ କୌଣସି ଉତ୍ସବ ହୋଇନାହିଁ । ହେଲେ ଆଜି ରାଣୀର ସଦ୍ୟଜାତ ଭାଇର ଜନ୍ମୋତ୍ସବ ପାଳନ ହେଉଛି । ମା' ବାପା ବହୁତ ଖୁସି ଥାଆନ୍ତି । ସେ ଦୁହିଙ୍କ ଖୁସିରେ ରାଣୀ ବି ଖୁସି ହେଉଥାଏ । ସୁବ୍ରତଙ୍କର ଉଦାସ ମୁଖମଣ୍ଡଳକୁ ଦେଖି ସେ ପଚାରିଲା, "ଆରେ କଣ ହେଇଛି ? ତୁମେ କଣ ଖୁସି ନୁହଁ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଠାତ୍ ସୁବ୍ରତର ମୁହଁ ରାଗରେ ଲାଲ ପଡ଼ିଗଲା । ଆଖିରୁ ନିଆଁ ବାହାରବା ପରି ଜଣାଗଲା । ରାଣୀ ପୁଣିଥରେ ପଚାରିଲା- କଣ ହେଲା ? ଏମିତି ରାଗିଯାଉଛ କାହିଁକି ? ଆରେ ଏଇଟା କଣ ପିଲା ଜନ୍ମ କରିବା ବୟସ ? ଛି-ଛି ଲଜ୍ୟାରେ ମୁଁ ମୁଣ୍ଡ ଉଠେଇ ପାରୁନି ।

ଅର୍ଥାତ ତୁମେ କଣ କହିବାକୁ ଚାହୁଁଛ ? ମୁଁ ଏଇୟା କହିବାକୁ ଚାହୁଁଛି କି ତୁମ ପରିବାରର ଖୁସି-ହସ ଭିତରେ ମୋତେ ପୂରାଅନି । ମୋ ଶଳା ଜଣେ ଜନ୍ମିତ ଶିଶୁ । ହେଃ- ଏକଥା ଭାବିବା ବେଳକୁ ମୋ ମୁଣ୍ଡ କଣ ହେଇଯାଉଛି । ତୁମକୁ ମୋ ମା' ବାପାଙ୍କର ପରଷ୍ପର ପ୍ରେମ କଣ ଭଲ ଲାଗୁନାହିଁ ? ପ୍ରେମ ! ମାଇଁ ଫୁଟ୍ ! ମୁଁ ଆଜି ଅଫିସରେ ଏତେ କ୍ରିଟିସାଇଜ ହେଲି ଯେ ଏବେ ସୁଦ୍ଧା ସେ ଜ୍ୱଳନକୁ ଭୁଲିପାରୁ ନାହିଁ । ନିଜ ସ୍ୱାମୀର ରୁକ୍ଷ ସ୍ୱଭାବ ଦେଖି ରାଣୀ ମନରୁ ନୂଆ ଭାଇ ପାଇବାର ପ୍ରସନ୍ନତା କ୍ରମଶଃ ଉଭେଇ ଯାଉଥାଏ । ବାପା ତା' ପଛରେ ନବଜାତ ଶିଶୁକୁ ଧରି ଛିଡା ହୋଇଥାନ୍ତି । ତାଙ୍କୁ ଦେଖି ଜଣା ହେଉଥାଏ ତାଙ୍କ ଆଖିରେ ଆଖିଏ ପ୍ରଶ୍ନ । ନିଜେ ନିଜକୁ ସେ ପ୍ରଶ୍ନ ପଚାରି ହେଉଥାନ୍ତି, “ଏ ବୟସରେ ପିତା ହେବା କଣ ଅପରାଧ ?

।। ଥିଙ୍କ୍ ପଜିଟିଭ୍ ।।

ପ୍ରଥମ ସାଙ୍ଗ-(ପାଉଚ ଖୋଲୁ ଖୋଲୁ)ନେ ପାନମହୁରି ଚୋବା । ଦ୍ୱିତୀୟ ସାଙ୍ଗ-ନା- ମୁଁ ପାନମହୁରି ଖାଇବା ଛାଡିଦେଇଛି । ପ୍ରଥମ ସାଙ୍ଗ- କାହିଁକି କଣ ହେଲା କି ଏତେଶୀଘ୍ର ଛାଡ଼ିଦେଲୁ ।

ଦ୍ୱିତୀୟ ସାଙ୍ଗ- କିଛିଦିନ ପୂର୍ବରୁ ମୁଁ ଏଇ ବ୍ରାଣ୍ଡ ପାନମହରି ପାଉଚ ଖାଉଥିଲି । ଦିନେ ପାଉଚ ଖୋଲି ପାଟିରେ ପକେଇ ଚୋବାଇବା ବେଳେ ମାଢ଼ିରେ ଫୋଡିଗଲା ପରି ଅନୁଭବ କଲି । ତୁରନ୍ତ ପାଟିରୁ କାଢି ଦେଖେ ତ ଗୋଟେ ଆଲପିନ୍ ବାହାରିଲା । ପରେ ମୋ ପାଟିରେ ଘା' ହେଇଗଲା । ତା'ପରଠୁ ମୁଁ ପାନମହୁରି ଖାଇବା ଛାଡି ଦେଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମ ସାଙ୍ଗ- ତୋ ପାଟିର ଘା' ଭଲ ହେଲା କେମିତି ?

ଦ୍ୱିତୀୟ ସାଙ୍ଗ- ଡାକ୍ତର ଦେଖାଇ ବହୁତ ଗୁଡିଏ ମେଡ଼ିସିନ ଖାଇଲି, ମାଉଥ ଜେଲ୍ ଲଗେଇଲି । କେତେଦିନ ପରେ ଘା' ଭଲ ହେଲା । ତେବେ ମୁଁ ଏଇ ବ୍ରାଣ୍ଡର କମ୍ପାନୀ ବିପକ୍ଷରେ ଅଭିଯୋଗ ପତ୍ର ଦରଖାସ୍ତ କରିଛି । ଏବେ ଉପଭୋକ୍ତା ଫୋରମକୁ ଯିବି ବୋଲି ଭାବିଛି । ଖାଦ୍ୟ ପଦାର୍ଥରେ ଏଭଳି ଅସାବଧାନ ହେଲେ ମଣିଷର ଜୀବନ ମରଣ ସମସ୍ୟା ହେଇଯିବ।

ପ୍ରଥମ ସାଙ୍ଗ- ଆରେ ଛାଡ଼ ସେକଥା, ଏତେ ବଡ଼ ଫ୍ୟାକ୍ଟ୍ରିରେ ପାଉଚ ପ୍ରୋସେସିଙ୍ଗ୍ ବେଳେ କେମିତି ଆଲପିନ୍ ଟେ ରହିଯାଇଛି । ତା' ବୋଲି କଣ ପାହାଡ଼ ଫଟେଇବୁ ? ଥିଙ୍କ୍ ପଜିଟିଭ୍ !

ଦ୍ୱିତୀୟ ସାଙ୍ଗ- ଆରେ ତୁ ମୋତେ ପ୍ରୋତ୍ସାହିତ ଦେବା ପରିବର୍ତ୍ତେ ହତୋତ୍ସାହ କରୁଛୁ କାହିଁକି ?

ପ୍ରଥମ ସାଙ୍ଗ- ଯଦି ତୋତେ ସିଷ୍ଟମ ପ୍ରତି ଭରଷା ଅଛି ତାହେଲେ ଆଗେଇ ଯାଆ । ମୁଁ ତୋତେ ନେଗେଟିଭ୍ କହିବା ବଦଳରେ ଥିଙ୍କ୍ ପଜିଟିଭ୍ କହୁଛି । କୋଉଠି କୋଉଠି ଯାଇ କାହା ସାଙ୍ଗରେ ଲଢ଼ିବୁ ?

ଥିଙ୍କ୍ ପଜିଟିଭ୍ ।

।। ପିଜା ବାଲା ।।

କଲିଂ ବେଲ୍ ବାଜିବା କ୍ଷଣି ମାନି ଦ୍ୱାର ଖୋଲି ଦେଖେ ତ ପିଜାବାଲା ଠିଆ ହୋଇଛି । ରାଗ ମୋଡ଼ରେ କହିଲା- ଡେଲିଭରି ଦେବା କଣ ପାଇଁ ଏତେ ସମୟ ଲାଗେ ? ମୁଁ ତୁମ ଅଫିସକୁ ଫୋନ୍ କରି ଅଭିଯୋଗ କରିବି । ବିଚରା ପିଜା ବାଲା କାକୁସ୍ଥ ହୋଇ କହିଲା- ସରି ମେମ୍ ! ରାସ୍ତାରେ ଗୋଟେ ଏକ୍ସିଡେଣ୍ଟ ହେଇଗଲା ତାଙ୍କୁ ନେଇ ହସ୍ପିଟାଲ୍ ପହଞ୍ଚେଇ ବାରେ ଲେଟ୍ ହେଇଗଲା । ମାନି ତଥାପି ରାଗରେ ଚିତ୍କାର କରି କହୁଥାଏ- ମୁଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ଜାଣେ, ଏସବୁ ତୁମମାନଙ୍କର ଗୋଟେ ବାହାନା । କେବେ ବାଇକ ପଙ୍କଚର ହେଲାଣି ତ କେବେ ଏକ୍ସିଡେଣ୍ଟ । ପିଜା ବାଲା କହିଲା- ମୁଁ ସତ କହୁଛି ମେମ୍ । ବହୁତ ବଡ଼ ଏକ୍ସିଡେଣ୍ଟ ହୋଇଥିଲା ।

ଆଚ୍ଛା ଠିକ୍ ଅଛି । ମୋ ଅର୍ଡର ଦିଅ । ପିଜା ବାଲା ପିଜା ଡେଲିଭରି କରି ଚାଲିଗଲା । ମାନି ପ୍ୟାକେଟ୍ ଖୋଲି ପିଜା ଖାଇବାକୁ ପ୍ରସ୍ତୁତ ହେଉଥାଏ ହଠାତ୍ ମୋବାଇଲ ରିଂ ହେଲା- ମାଡାମ ! ତୁରନ୍ତ ସିଟି ହସ୍ପିଟାଲ୍ ରେ ପହଞ୍ଚନ୍ତୁ । ଆପଣଙ୍କ ବାପାଙ୍କର ଗୁରୁତର ଏକ୍ସିଡେଣ୍ଟ ହୋଇଛି । ମାନି ହାତରୁ ପିଜା ଖସିପଡ଼ିଲା । ତୁରନ୍ତ ସେ ଉଦବିଗ୍ନ ଅବସ୍ଥାରେ ସିଟି ହସ୍ପିଟାଲ୍ ରେ ପହଞ୍ଚିଲା । ରିସେପ୍ସନିଷ୍ଟକୁ ପଚାରିବାରୁ ସେ କହିଲା- ଆପଣଙ୍କ ବାପାଙ୍କୁ କେହି ଏଠି ଠିକ୍ ସମୟରେ ପହଞ୍ଚେଇ ଦେଲେ, ତା ନହେଲେ ଜୀବନ ମରଣ ସମସ୍ୟା ହୋଇଥାନ୍ତା । ମାନି ହୃଦୟର ଗତିକୁ ନିୟନ୍ତ୍ରଣ କରି ପଚାରିଲା- ବାପାଙ୍କୁ ଏଠି କିଏ ପହଞ୍ଚାଇଲା ?

ରିସେପ୍ସନିଷ୍ଟ କହିଲା- ଜଣେ ପିଜାବାଲା ତାଙ୍କୁ ଏଠାରେ ଏଡ଼ମିଶନ କରି ଯାଇଛି । ତାଙ୍କ କଣ୍ଡିସନ ଯେମିତି ହୋଇଥିଲା ଉଚିତ ସମୟରେ ନପହଞ୍ଚିଥିଲେ ସବୁ ସାରିଯାଇଥାନ୍ତା ।

ଏସବୁ ଶୁଣି ମାନି ଆଖିରୁ ଧାର ଧାର ଲୁହ ଝରିପଡ଼ିଲା । ଏବେବି ତା' କାନରେ ପିଜା ବାଲାର କଥା ଶୁଭୁଥାଏ- ମେମ୍ ମୁଁ ସତ କହୁଛି....।

।। ନେମ ପ୍ଲେଟ୍ ।।

ଚକ୍ରବର୍ତ୍ତୀ ବାବୁ ଦୁଇ ପୁଅଙ୍କ ମଧ୍ୟରେ ନିଜର ସମସ୍ତ ସମ୍ପତ୍ତିକୁ ସମାନ ଭାବେ ବାଣ୍ଟିଦେଲେ । ବାପାଙ୍କ ଉଚିତ ନିର୍ଣ୍ଣୟରେ ଦୁଇ ପୁଅ ଦୁଇ ବୋହୂ ବହୁତ ଖୁସି ଥାଆନ୍ତି । ଦିନେ ଚକ୍ରବର୍ତ୍ତୀ ବାବୁ ସକାଳ ଭ୍ରମଣ ସାରି ଘରକୁ ଫେରି ଦେଖନ୍ତି ତ ଗେଟରେ ଲାଗିଥିବା ନେମ ପ୍ଲେଟରେ ତାଙ୍କ ନାଁ ପରିବର୍ତ୍ତେ ବଡ଼ ପୁଅର ନାଁ ଲେଖାହୋଇଛି । ଦୁଃଖ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନରେ ଘରେ ପ୍ରବେଶ କରି ବଡ଼ ପୁଅକୁ ପଚାରିଲେ- କିରେ ଦିନୁ ! ତୁ ନେମ ପ୍ଲେଟ୍ ରେ ଥିବା ନାମକୁ ବଦଳି ଦେଇଛୁ କାହିଁକି ?

ତୁମେ ତ ଏ ଘର ଆମ ନାମରେ ରେଜିଷ୍ଟ୍ରି କରି ଦେଇଛ । ନେମ ପ୍ଲେଟ୍ ନିଜ ନାମରେ ଲଗେଇଲେ ଅସୁବିଧା କଣ ହେଲା ? ଅଗତ୍ୟା ବଡ଼ ପୁଅର ସ୍ତ୍ରୀ ଢ଼ାଉଁ ଢ଼ାଉଁ କଣ୍ଠରେ କହିଲା ।

ମୋ ନାମରେ ନେମ ପ୍ଲେଟ୍ ଲଗା ହୋଇ ରହିଲେ କଣ ଏଇଟା ତୁମ ଘର ହେଉନଥିଲା ? ଚକ୍ରବର୍ତ୍ତୀ ବାବୁ ହୃଦୟର କୋହକୁ ଚାପି କହିଲେ । ସେ କୋଉ ଅନ୍ୟ କାହାର ନାମ ଲେଖିଛନ୍ତି କି ? ତୁମରି ପୁଅଙ୍କ ନାଁ ତ ଲେଖା ହୋଇଛି । ବୋହୂ ପୁଣିଥରେ ଶ୍ୱଶୁରଙ୍କୁ ଜଣେଇ କହିଲା ।

ଏହା ପୂର୍ବରୁ ଅନ୍ୟ କାହାର ନାମ ତ ନେମ ପ୍ଲେଟରେ ଲେଖା ହୋଇନଥିଲା, ସେ ନାମ ବି ବାପାଙ୍କ ବାପଙ୍କର ନାମ ଥିଲା ।

ପାଖରେ ଠିଆ ହୋଇଥିବା ଚକ୍ରବର୍ତ୍ତୀ ବାବୁଙ୍କ ନାତି ଜେଜେଙ୍କ ସପକ୍ଷରେ କହିଲା । ଚକ୍ରବର୍ତ୍ତୀ ବାବୁ ନାତିକୁ ଛାତିରେ କୋଳେଇ ଧରି ବୋକ ଦେଲେ । ଅଜାଣତରେ ତାଙ୍କ ଆଖିରୁ ଲୁହ କେଇ ବୁନ୍ଦା ଝରି ପଡିଲା ।

ବିସି-୭୪, ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

# ନିଷ୍ଠୁର ହୃଦୟ

ସୁନନ୍ଦା ପାଣିଗ୍ରାହୀ



ଆଉ ଅଳ୍ପ ପରେ ତୁ ସଂସାରକୁ ଆସିବୁ । ସେଥିପାଇଁ ମୁଁ ବୁଲି ବୁଲି ପେଟ ପୁରା ଖାଉଛି, ପାଣି ବି ପିଉଛି, ଅନେଇ ବସିଛି ତୋ ଆସିବା ବାଟକୁ, ଯେତେ କଷ୍ଟ ଆସୁ ପଛେ ମୁଁ ସବୁ ସହିଯିବି । ଆରେ ତୁ ଚୁପ ହୋଇ ଗଲୁ ଯେ : ଡରି ଯାଉଛୁ କି, ଓହୋ ମୋ ଧନ ଡରିଯାଉଛି ଲୋ । ଏଇ ମାଲିକକୁ ନା ? ମାଲିକ ମୋର ଯତ୍ନ ନେଉ ନାହିଁ ବୋଲି । ଜମା ଡରନା ମୁଁ ପରା ଅଛି , ତୋର "ମା "।

ଜାଣିଛୁ ସେ ମାଲିକ ଆଜି ମୋତେ ଘରୁ ପଘା ଫିଟାଇ ବାହାର କରି ଦେଲା, ସେ ଜାଣିଛି ଯେ ମୋର ଏବେ ସମୟ ହୋଇ ଗଲାଣି ଜନ୍ମ କରିବାର, ଆଉ ଜମା ଦିନେ କି ଦୁଇ ଦିନ, ତା ପରେ ମୋତେ ଯାହା ଲାଗୁଚି ମୁଁ ତୋତେ କୋଳରେ ଧରି ଗେଲ କରୁଥିବି । କିନ୍ତୁ, ସେ ଏମିତି କଲା ଜାଣୁ ତା ଗୁହାଳରେ ଛୁଆ ହେଲେ ତାକୁ ହେଇରାଣ ହେବାକୁ ପଡିବ, ବହୁତ ଖର୍ଚ୍ଚ କରିବାକୁ ପଡିବ । ମୋର ଫୁଲ ନ ପଡିଲେ ଉଷୁମ କୋଳଥ ସିଝା ପାଣି, ଦରକାର ହେଲେ ପଶୁ ଡାକ୍ତର କମ୍ପାଉଣ୍ଡରଙ୍କ ସାହାଯ୍ୟ ନେବାକୁ ପଡିବ । ରାତି ଅଧରେ ହେଲେ ତାକୁ ରାତି ଅନିଦ୍ରା ହୋଇ ଜଗିବାକୁ ପଡିବ, ଏମିତି ନାନା ପ୍ରକାର ଅସୁବିଧା ହଇରାଣରୁ ମୁକ୍ତ ହୋଇ ସେ ମୋର ବେକରୁ ପଘା ଫିଟାଇ ଦେଲା । ମୁଁ ମନରେ କିଛି ନ ଭାବି ଘରୁ ବାହାରି ଆସିଲି ଏଇ ଖୋଲା ପଡିଆକୁ, ଏଇ ବରଗଛ ମୂଳକୁ । ଆସିଲା ବେଳେ ବୁଲି ବୁଲି ମାଲିକର ମୋହକୁ ନ ତୁଟାଇ ବାରମ୍ବାର ପଛକୁ ଫମୁହଁ ଫେରାଇ ମାଲିକ ଉଦ୍ଦେଶ୍ୟରେ ଚାହୁଁଥାଏ । କାଳେ ମୋ ପଛେ ପଛେ ଆସି ଗର୍ଭିଣୀ ଗୋରୁ ଟା କୋଉଠି କେମିତି ନ ଖାଇ ନ ପିଇ ପଡିବ ଭାବି ଘରକୁ ଫେରାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେବ ପଛେ ପଛେ ଆସି ।  ମୁଂଦାଏ ତୋରାଣି ପାଣି ଦେବ ସମୟ ଦେଖି । ହେଲେ ମୁଁ ଯେମିତି ତୋର ମା, ସେମିତି ଏ ବର ଗଛ ମୋର ସବୁ ସୁଖ ଦୁଃଖର ସାଥୀ, ମୋର ମା ପରି । କୁହନ୍ତି ଲୋ ଯାହାର କେହି ନାହାନ୍ତି ତା'ର ପରା ହରି ଅଛନ୍ତି ।

ଓଃ ଓଃ: କାଇଁ ଏତେ କଷ୍ଟ ଲାଗୁଚି ମୋତେ, ଯଦି ସେ ବନମାଳୀ ସାହା ହେବେ ମୋତେ, ତୁ ସୁରୁଖୁରୁରେ ଜନମିବୁ ସତେ ।ଓହୋ, ଓଃ, ଭୀଷଣ କଷ୍ଟ, ହେ ଦୁଃଖହାରି, ହେ ପ୍ରଭୁ ବଂଶୀଧାରୀ ଶ୍ୟାମ ମୁରାରୀ ପ୍ରଭୁ ହେ; ଏ ଦୁଃଖିନୀ ମାଆକୁ ଟିକେ ସାହା ହୁଅ ପ୍ରଭୁ ।

ଠିକ ଏତିକି ବେଳେ ଧୋବ ଫର ଫର ସୁନ୍ଦର ଗୁଲୁଗୁଲିଆ ବାଛୁରୀ ଛୁଆଟିଏ ଜନ୍ମ ହେଲା, ଆଉ ତା' ର ନାମ ମନେ ମନେ ମୁଁ ବାଛିଥିଲି "ରାଧା "।  ଅଜାଡି ଦେଉଥାଏ ମା ତାକୁ ତାର ସବୁ ମାଆର ବାତ୍ସଲ୍ୟ ମମତା, ସ୍ନେହ ଓ ଭଲ ପାଇବା ।ଚାଟି ଚାଟି ତାକୁ ଆହୁରି ଚାନ୍ଦ ପରି ସଫା କରି ଦେଲାଣି ମାଆ ବଉଳା ଗାଇ । ସୁଲୁ ସୁଲୁ ପବନରେ ମା ଟିକେ ନିଶ୍ୱାସ ନେଉଛି ପାଶୋରି ଯାଇଛି ତାର ସବୁ ପ୍ରସବ ବେଦନାକୁ ଛୁଆ ଖିର ମୁଣ୍ଡକୁ ମାରି ମାରେ ପହ୍ନାକୁ ଖୋଜି ଖୋଜି ଚିରରୁ ଚାକୁଳେଇ ଚାକୁଳେଇ ପିଇବା ଯୋଗୁଁ ।  ମାଆ କିନ୍ତୁ  ବରଗଛରେ ପଡି ରହିଥାଏ ଛୁଆକୁ ସାଥିରେ ନେଇ ଏକା ଏକା । କିନ୍ତୁ, ସାହା ଭରସା ଆଗକୁ ପଛକୁ କେହି ନାହିଁ ।

ବେଣୁ ପାଣିକୁ ଭାବି ଭାବି ଭୁଲିଯାଇଛି ତାର କଷ୍ଟ ସବୁକୁ, ତା ଚାନ୍ଦ ମୁଁହିକୁ ଆଦଦର ଝିଅକୁ ପାଖରେ ପାଇ ଆଖି ପୁରାଇ ଦେଖି ଦେଲେ ତା ଖୁସିର ସୀମା ନାହିଁ କହିଲେ ଚଳେ । କିନ୍ତୁ....

କିନ୍ତୁ, ଏ କଣ, କୁଆଡେ ଗଲା ସେ ମାଲିକ, କାହିଁକି ବା ନବ ସେ ଦାୟିତ୍ୱ ମା ଗାଇର । କେବଳ କ୍ଷୀର ବିକି ପକେଟରେ ପଇସା ପୁରାଇବା ସାର, ଗର୍ଭିଣୀ ଗାଇଟା (ସେ ଆମର ଗୋ ମାତା ) ତାହାର ସେବା ହଁ ଇଶ୍ୱରଙ୍କ ସେବା, କିନ୍ତୁ ଆଜି ଏ ମଣିଷ ସମାଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ ନିଷ୍ଠୁର କ୍ରୁର ହୋଇ ଯାଇଛି ଯେ ତାକୁ କେବଳ ଏ ଦୁନିଆରେ ଟଙ୍କା ହିଁ ଟଙ୍କା ଦେଖା ଯାଉଛି ।

ଦୟା ଧର୍ମ ସବୁ ଭୁଲିଗଲାଣି ଏ ମଣିଷ ସମାଜ, ଗାଇ ଏମିତି ଖୋଲି ଦେଉଛନ୍ତି ରାସ୍ତା ଧାରକୁ ଯେ  ରାତିଦିନ, ବର୍ଷା, ପାଣି ପବନ, ଘାତ ପ୍ରତିଘାତ କିଛି ପାଇଁ ଟିକେ ହେଲେ ବି ଭାବୁ ନାହାନ୍ତି ଆଉ ଗର୍ଭଣି ଗାଇଟା ପାଇଁ...। କେତେବେଳେ ପିଲା ଜନ୍ମ ହେବ ଟିକେ ବି ମଣିଷ ପଣିଆ ନାହିଁ କି ହୃଦୟରେ ଦରଦ ଭାବ ନାହିଁ ମାଲିକ ମାନଙ୍କର ।

ନିଷ୍ଠୁର ଆଜି ଏ ରୁଗ୍ଣ ସମାଜ, ହୃଦୟ ତାଙ୍କର କଠୋର ନିଷ୍ଠୁର ।  କେବଳ ସମୟ ଅନୁସାରେ ଆସି ଉଡାଇ ଘରକୁ ନେଇଯାଇଥାନ୍ତି ଅଳ୍ପ ମୁନ୍ଦେ ଖିର ପିଲାଟିକୁ ପିଆଇଲା ପରେ ମାଆର ପହ୍ନା ଦୁଧେଇଲା ପରେ ଛୁଆଟିକୁ ମାଆର ମୁହଁ ପାଖରେ ବାଂଧି ଦିଅନ୍ତି ମାଆ ସାମ୍ନାରେ

ମାଆ ଚାଟି ଚାଟି ଖିର ଦେଉଥିବା ବେଳେ ମାଲିକ ପହ୍ନାରୁ ସବୁ ଖିର ଟାଣିଟୁଣି ନେଇଥାଏ ଦୁଗ୍ଧ ସମବାୟ ସମିତିରେ ବିକି ଲାଭ ପାଇଥାଏ ବିପୁଳ ମାତ୍ରାରେ। ମାନବିକତା କାହିଁକି କେମିତି ଲୋପ ପାଇ ଯାଇଛି  ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।  ଆଉ ଅନ୍ୟାୟ ସହି ଚାଲିଛନ୍ତି ଏ ନିରୀହ ପଶୁକୂଳ ସମସ୍ତ ।

"ମାତୃତ୍ୱ କୁ ରକ୍ଷା କରନ୍ତୁ ମାନବିକତାକୁ ମାରନ୍ତୁ ନାହିଁ "।

ଟଙ୍କପାଣି ରୋଡ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନେଡ଼ି ଗୁଡ଼

ପଦ୍ମାଳୟା ପାଢ଼ୀ



ସମସ୍ତଙ୍କ ପାଇଁ ସବୁ ଦାୟିତ୍ୱ ସମ୍ପାଦନ କରି ସାରିବା ପରେ ସାରିକା ଧୀରେ ଧୀରେ ନିଜ ପାଇଁ ଟିକେ ସମୟ ଦେବାକୁ ଆରମ୍ଭ କରୁଥିଲେ । ନିଜକୁ ନିଜେ ଅନ୍ତର୍ମନରେ ଖୋଜି ବସିବା ଯୋଗୁଁ ତାଙ୍କୁ ଏବେ ସାଥିଟିଏ ଲୋଡ଼ା ହେଲାଣି । ସ୍ୱାମୀ ମୋହନ ବାବୁଙ୍କ ମୃତ୍ୟୁର ଏତେ ବର୍ଷ ପରେ ଆଜି ମନ ଖୋଜୁଛି ତାଙ୍କର ବି କିଏ ଜଣେ ଥାଆନ୍ତା ଭଲ ମନ୍ଦରେ ଦି ପଦ ପଚାରିବା ପାଇଁ କଥା ଦି ପଦ ହେବା ପାଇଁ । ଗୋଟିଏ ବୋଲି ଝିଅ ବିବାହ କରିନାହିଁ । ତା ବିବାହ ପରେ ଯଦି ପରିସ୍ଥିତି ଅନୁକୂଳ ନ ରହେ ତେବେ ସାରିକାଙ୍କୁ ତ ଏକାକୀ ସାରା ଜୀବନ କାଟିବାକୁ ହେବ । କେମିତି ରହିବେ ସିଏ ? ଛାଡ଼ ! ଏବେକାର ପରିସ୍ଥିତିରେ ସେଭଳି କିଛି ଚିନ୍ତା କଲେ ଲୋରିର ବିବାହ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ । ଝିଅର ବିବାହ ସରୁ ସିଏ ସଂସାର ଆରମ୍ଭ କଲା ପରେ ଯାଇ ଯାହା କିଛି । ନହେଲେ ସମ୍ୟକ ବାବୁଙ୍କୁ କେବେଠାରୁ ତାଙ୍କ ମନରେ ଗୋଟେ ସ୍ୱତନ୍ତ୍ର ସ୍ଥାନ ଦେଇ ସାରିଲେଣି ।

ଝିଅ ଲୋରି ବି ବିବାହ ଭଳି ବିଷୟକୁ ନେଇ ଏତେଟା ସିରିଅସ ନୁହେଁ । ଗଦା ଗଦା ମେସେଜ ଓ ଫୋନ କଲକୁ ନେଇ ସିଏ ବ୍ୟସ୍ତ । ସତେଇଶି ହେଲାଣି କହୁଛି କଣ ନା ଏଇଟା କଣ ବିବାହ ବୟସ ? ବେଳେ ବେଳେ ଲାଗେ ସେ ନିଜେ ଏକାକୀତ୍ୱର ନାଗ ଫାଶରେ ଛନ୍ଦି ହୋଇ ହୁଏତ ଲୋରିକୁ ଉଚିତ ସଂସ୍କାର ଦେଇ ପାରିନାହାନ୍ତି । ଲୋରିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏପରି ଆଭିମୁଖ୍ୟ ପାଇଁ ସିଏ ନିଜେ ହୁଏତ ପରୋକ୍ଷରେ ଦାୟୀ । କାଲି ତ ସମ୍ୟକଙ୍କ ସହ କଥା ହେଉଥିଲେ ତାଙ୍କ ବୟସକୁ ନେଇ । ସିଏ ନିଜେ ବି କୋଉ ଯୁବା ବୟସରେ ଅଛନ୍ତି କି ଆଉ ? ଚଉବନ ହେଲାଣି ଆସି ଏବଂ ଗୋଟିଏ ଝିଅର ମାଆ ହେଲେଣି ପରା । ତେଣେ ପତ୍ନୀଙ୍କ ମୃତ୍ୟୁ ପରେ ସମ୍ୟକ ବି ଏକୁଟିଆ ଏବଂ ସବୁବେଳେ ନିଜକୁ ବ୍ୟସ୍ତ ରଖିଛନ୍ତି । କି ମେସେଜ ଏତେ ଆସୁଥାଏ ଯେ ଯେତେବେଳେ ଦେଖିବ ଖାଲି ମେସେଜ ଓ ଫୋନ କଲ । ମର୍ଣ୍ଣିଙ୍ଗ ୱାକ ବେଳେ ଚିହ୍ନା ପରିଚୟ ଓ ବନ୍ଧୁତା କେବଳ ମର୍ଣ୍ଣିଙ୍ଗ ୱାକ ସମୟ ମଧ୍ୟରେ ହିଁ ସୀମିତ ରହିଛି ନହେଲେ ଅନ୍ୟ ସମୟରେ ଭେଟ ହୁଏନାହିଁ ତାଙ୍କ ସାଙ୍ଗେ ।

ବେଳେ ବେଳେ ସାରିକା ନିଜ ଆଡୁ ଗୋଟେ ଦି ଟା ମେସେଜ ପଠାନ୍ତି ଆଉ ସିଆଡୁ ଧାଡ଼ିଏ ଉତ୍ତର ଆସେ - ଅଲ ଇଜ ୱେଲ ସହିତ ଗୋଟିଏ ହୃଦୟର ଇମୋଜୀ । ତା ପରେ ପ୍ରେମ ଭରା ବାକ୍ୟ ଗୁଡିକର ସ୍ରୋତ ଛୁଟେ ଯେ ସାରିକା ଅଫଲାଇନ ହେଲା ପରେ ଯାଇ ବନ୍ଦ ହୁଏ । ସାମ୍ନା ସାମନି ଦେଖିଲେ ସମ୍ୟକ ବାବୁ ଅତ୍ୟନ୍ତ ପ୍ରଗଲ୍ଭ । ସାରିକାଙ୍କୁ ସିଏ ବି ପସନ୍ଦ କରନ୍ତି ଓ ତାଙ୍କ ଭଳି ଜୀବନସାଥୀଟିଏ ପତ୍ନୀଙ୍କର ଅନୁପସ୍ଥିତିକୁ ନିଶ୍ଚିତ ରୂପେ ଭୁଲାଇ ଦେଇ ପାରେ ବୋଲି ଅନେକ ଥର କହି ସାରିଲେଣି । ସେଦିନ କଥା ପଡିଥିଲା ଆଜିକାଲିର ଯୁବ ପିଢ଼ି ଏବଂ ସେମାନଙ୍କର ମାନସିକତା ଉପରେ । ଲୋରିର ଏତେ ସାଙ୍ଗ ଯେ କେତେ ମେସେଜ କେତେ ଆଡୁ ଆସୁଛି ଏବଂ ଉତ୍ତର ଯାଉଛି ମଧ୍ୟ । ପଚାରିଲେ ସେ ନିଜେ ବି କହି ପାରିବନି କୋଉ ଫ୍ରେଣ୍ଡ ସାଙ୍ଗେ କେତେବେଳେ ଓ କେମିତି ଭେଟ ହୋଇଥିଲା ତାର । ସେଥିରୁ ହିଁ ଜଣେ ତାର ସ୍ୱାମୀ ହେବାକୁ ଯାଉଛି ବୋଲି ସିଏ ନକହିଲେ ସୁଦ୍ଧା ସାରିକା ଜାଣି ପାରୁଛନ୍ତି । କଣ କରାଯିବ ଆଉ ?

କିନ୍ତୁ ଲୋରି ଗୁଡ଼ାଏ ଲୋକଙ୍କ ସହିତ ଅନ୍ତରଙ୍ଗ ହେବାକୁ ସାରିକା ପସନ୍ଦ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରନ୍ତି ନାହିଁ ଜମା । ସେଦିନ ସିଏ ଦୃଢ଼ ମନରେ ଠିକ କଲେ ଖରାବେଳେ ଲୋରିକୁ ସିଧା ସିଧା ପଚାରି ଦେବେ ସିଏ କାହାକୁ ଜଣକୁ ପସନ୍ଦ କରି ଶୀଘ୍ର କହୁ । ସଅଳ ରୋଷେଇ ବାସ ସାରି ଦେଉଛନ୍ତି ସାରିକା । ଆଜି ଲୋରି ସହିତ କଥା ହେଇ କିଛି ଗୋଟେ ନିଷ୍ପତ୍ତି ନେବାକୁ ହେବ । ଜୀବନକୁ ଏତେ ଖାମ ଖିଆଲି ଭାବେ ନିଆ ଯାଇ ପାରିବ ନାହିଁ ।

ହଠାତ ମୋବାଇଲରେ ଟିଙ୍ଗ କରି କଣ ଗୋଟେ ମେସେଜ ଆସିଲା । ସ୍କ୍ରିନ ଉପରେ ସମ୍ୟକଙ୍କ ମେସେଜ ଖୋଲିବାରୁ ଛୋଟିଆ ଗୋଟେ ହୃଦୟର ଇମୋଜୀଟିଏ ପଠାଇଛନ୍ତି ସେ । ମନଟା ଆନମନା ହୋଇଗଲା ଏବଂ ସେଇ ହାର୍ଟ ଗୋଟିକୁ ହିଁ ଚାହିଁ ରହିଲେ କେତେ ସମୟ ଧରି ଏବଂ ପୁଣି ପ୍ରକୃତିସ୍ଥ ହୋଇ ରୋଷେଇରେ ଲାଗିଲେ । ମୋବାଇଲ ସାଇଡରେ ରଖା ହେଇଥାଏ ଏବଂ ଧୀରେ ଧୀରେ ଦେଖୁଥାନ୍ତି ତାଆରି ଆଡ଼େ ସେ । ମାତ୍ର ଗୋଟିଏ ? ଆଉ ଗୋଟିଏ ଆସନ୍ତା ନାହିଁ ? କେତେବେଳୁ ଲୋରି କଥାକୁ ଭୁଲି ସାରିଥାନ୍ତି ସିଏ ।

ରୋଷେଇ ସାରି ହାତ ମୁହଁ ଧୋଇ ଫେରିଲା ବେଳକୁ ପୁଣି ଆଉ ଗୋଟେ ମେସେଜ । ଗୋଆ ଯିବାପାଇଁ ନିମନ୍ତ୍ରଣ ! ! ପ୍ରଥମେ ଭାବିଲେ ବୋଧେ ଗ୍ରୁପ ହେଇ ଯାଉଥିବେ ଏବଂ ଅନ୍ୟ କେତେଜଣ ବି ଥିବେ ବୋଲି କିନ୍ତୁ ନା କେବଳ ସେ ଦୁହେଁ ହିଁ ଯିବେ । ସମ୍ୟକ ଅନେକ କଥା ଜାଣନ୍ତି ଏବଂ ଗୋଟେ ସାଧାରଣ ବିଷୟକୁ ଏମିତି ବନେଇ ଚୁନେଇ କହିବେ ଯେ ଲାଗିବ ଯେମିତି ଗପଟିଏ ଶୁଣୁଛନ୍ତି । ତେଣୁ ଗୋଆରେ ସେଇଭଳି ସମୟ ଗୁଡିକ ହାତ ପାଆନ୍ତାରେ ମିଳିଯିବ ବୋଲି ଭାବି କଳ୍ପନା ରାଜ୍ୟରେ ମସଗୁଲ ଥିଲେ ସାରିକା । କିଛି ସମୟ ପାଇଁ ସିଏ ଭୁଲି ଯାଇଥିଲେ ଯେ ଝିଅ ଲୋରିର ଭବିଷ୍ୟତକୁ ନେଇ ଆଜି କିଛି ଗୋଟେ ନିଷ୍ପତ୍ତି ନେବାକୁ ଥିଲା ବୋଲି । ଲୋରି ବଦଳରେ ସେ ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ସୁଖ ସାଉଁଟିବାରେ ଲାଗିଥିଲେ ।

ଲୋରି ସାଙ୍ଗ ଘରୁ ଫେରି ଖାଇପିଇ ଶୋଇବାକୁ ଗଲାଣି । ଶୋଇଛି ତ ଶୋଇଛି ସନ୍ଧ୍ୟା ଆସି ସାଢ଼େ ପାଞ୍ଚ ହେଲାଣି । ସାରିକା ଶୋଇବାକୁ ଚାହିଁଲେ ମଧ୍ୟ ଶୋଇ ପାରୁ ନାହାନ୍ତି । ଗୋଆ ଯିବା କଥା ସମ୍ୟକଙ୍କୁ ହଁ କି ନାହିଁ ଏ ପର୍ଯ୍ୟନ୍ତ କିଛି ଜଣାଇ ନାହାନ୍ତି । ସିଏ ଯିବାକୁ ହେଲେ ଲୋରିକୁ ସବୁକଥା ସତ ସତ ଜଣାଇ ଦେବାକୁ ହେବ । ଲୋରି କିଭଳି ପ୍ରତିକ୍ରିୟା ଦେଖାଇବ ଏବଂ କାହା ପାଖେ ରହିବ ଏତେ ଦିନ ? ଲୋରି ସାମ୍ନାରେ ସେ ନିଜେ ଛୋଟ ହେଇଯିବେନି ତ ? ପୁଣି ତାଙ୍କର ଅନୁପସ୍ଥିତିରେ ଲୋରିର ଯେଉଁ ଅଗଣିତ ଅନାମଧେୟ ବୟଫ୍ରେଣ୍ଡ ମାନେ ଅଛନ୍ତି ଲୋରି ସହିତ ଯଦି କିଛି ହେଇଯାଏ ତେବେ ? ଏବେ କମ ସେ କମ ସେ ପାଖରେ ଅଛନ୍ତି ଏବଂ ଲୋରି କୁଆଡେ ଯାଉଛି ଆସୁଛି ତାର ହିସାବ ବି ରଖୁଛନ୍ତି । ଲୋରି ଯେତେ ହେଲେ ତାଙ୍କ ଆଖି ସାମ୍ନାରେ ଅଛି । ହେଲେ ପୁରା ଗୋଟେ ସପ୍ତାହ ଲୋରିକୁ ଏକୁଟିଆ ଛାଡି ଯିବେ କେମିତି ? ଥାଉ ଏବେ କୋଉ ବଳ ବୟସ ଅଛି ଆଉ ଗୋଆ ଯାଇ ବୁଲିବା ପାଇଁ । ମନା କରିଦେବେ ସିଏ ।

ଉଠି ଆସି ଦେଖିଲେ ଯେ ବାହାରେ ବର୍ଷାର ତାଣ୍ଡବକୁ ଖାତିର ନକରି ନିଦ ରଙ୍କୁଣୀ ଝିଅ ତାଙ୍କର ଶୋଇ ଯାଇଛି । ହଠାତ ଝିଅର ମୋବାଇଲରେ ଟିଙ୍ଗ ଟିଙ୍ଗ ମେସେଜ ଟୋନ ଶୁଣିକି ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ । ଉଠାଇ ଆଣିଲେ ଫୋନଟା ଯଦିଓ ଆଉ କାହାର ମେସେଜ ଦେଖିବାକୁ ପ୍ରଥମେ ଟିକେ କୁଣ୍ଠାବୋଧ ହେଲା ହଅ ତାଙ୍କ ଝିଅ ତ କଣ ହେଇଗଲା ସେଇଠୁ ? ଝିଅର ମୋବାଇଲରେ ପାସୱାର୍ଡ ନଥାଏ । ମାଆକୁ କୋଉ ଡର ଅଛି ନା ଭୟ ଅଛି ନା ସେ ମାଆକୁ କୋଉ ଖାତିର କରିଛି ଯେ ପାସୱାର୍ଡ କାହିଁକି ରଖିଥାନ୍ତା ? ମେସେଜ ଖୋଲିଲା ବେଳକୁ ଅଙ୍କିତ ନାମରେ କିଏ ଜଣେ ମେସେଜ

Listen to Odia Podcast Original at https://youtube.com/@drjyotiprasad

ଛାଡ଼ିଛି । ଝିଅ ଗୁଡ଼ାଏ ମେସେଜ ଛାଡିଥିଲା ଯେମିତି କି ଅନେକ ଦିନହେଲା ଦେଖା ହୋଇନାହିଁ, ତାକୁ ଭଲ ଥିବାର ନଦେଖିଲେ ରହି ପାରିବ ନାହିଁ, ପ୍ରତିଦିନ ତା ସହ ଭିଡିଓ କଲରେ ଭେଟ ନହେଲେ ମନଟା ଛଟପଟ ହୁଏ ଇତ୍ୟାଦି ଇତ୍ୟାଦି ବୋଲି । ପୁଣି ଲେଖିଥିଲା ତାର ଭାବି ଜୀବନସାଥୀ ମାନଙ୍କର ଲମ୍ବା ଦୌଡରେ ସେଇ ଅଙ୍କିତର ନାଁ ପୁଣି ସବା ଆଗରେ ରଖିଛି । ପରିଶେଷରେ ପଚାରିଥିଲା ସେ କେମିତି ଅଛି ବୋଲି ଯାହାର ଉତ୍ତରରେ ଖାଲି ଗୋଟେ ମେସେଜ ଆସିଥିଲା - ଅଲ ଇଜ ୱେଲ ସହିତ ହୃଦୟର ଇମୋଜୀଟିଏ !!!!

ହୃତ ସ୍ପନ୍ଦନ ବନ୍ଦ ହୋଇଯିବା ପୂର୍ବରୁ ସାରିକା ନିଜକୁ ସମ୍ଭାଳି ନେଇ ବାହାରି ଆସିଥିଲେ ମିସେସ ମହାନ୍ତିଙ୍କୁ ଲୋରି ପାଇଁ ଦୁବାଇରେ ଥିବା ତାଙ୍କ ଭଣଜାର ପ୍ରସ୍ତାବରେ ରାଜି ଅଛନ୍ତି ବୋଲି କହିବା ପାଇଁ ଯାହାକୁ ସିଏ ତିନି ମାସ ହେଲା ଲୋରିର ମତାମତକୁ ଅପେକ୍ଷା କରି ଗଡ଼ାଇ ଚାଲିଥିଲେ ।

ପୋଷ୍ଟାଲ ଆସିଷ୍ଟାଣ୍ଟ

ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ କିଏ ?

ଅଭୟ କୁଣ୍ଡ



ବୀର ଭୋଗ୍ୟା ବସୁନ୍ଧରା । ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ମଣିଷ ନିଜକୁ ବଡ଼ ବୋଲି ଦେଖେଇ ହୁଏ । ବାହୁବଳ ଅଶୋକଙ୍କୁ ଚଣ୍ଡାଶୋକରେ ଓ ଧର୍ମ ବଳ ଅଶୋକଙ୍କୁ ଧର୍ମାଶୋକରେ ପରିଚିତ କରାଇଥିଲା । ଅସ୍ତ୍ରର ଜୟ ଠାରୁ ହୃଦୟର ଜୟ ମହତ୍ତର । ଏହାର ଏକ ଉଦାହରଣ ବୌଦ୍ଧ ଜାତକରୁ ମିଳେ । ଭଗବାନ ବୁଦ୍ଧ ପୂର୍ବ ଜନ୍ମରେ ବାରଣାସୀ ରାଜାଙ୍କ ପୁତ୍ର ରୂପରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ନାମ ବ୍ରହ୍ମଦତ୍ତ ଥିଲା । ତୁଳସୀ ଦୁଇ ପତ୍ରରୁ ବାସେ ଆଉ ମହତ ଜନର ସୁଗୁଣ ଶିଶୁ ଅବସ୍ଥାରୁ ଜଣାପଡ଼ିଥାଏ ।

ରାଜପୁତ୍ର ବ୍ରହ୍ମଦତ୍ତ ଶିଶୁ ବୟସରୁ ଶାନ୍ତ ଶିଷ୍ଟ ଥିଲେ । ସମସ୍ତଙ୍କୁ ସ୍ନେହ ଆଦର କରୁଥିଲେ ଓ  ଗୁରୁଜନଙ୍କୁ ସମ୍ମାନ କରୁଥିଲେ । ବୟସ ବଢ଼ିବାରୁ ସେ ପ୍ରଜାମାନଙ୍କୁ ନମ୍ର ବ୍ୟବହାରରେ ବଶ କରୁଥିଲେ । ସରଳ ଜୀବନ ଯାପନ ତଥା ପରୋପକାରରେ ସମୟ ଦେଉଥିଲେ ।

ପିତାଙ୍କ ଅନ୍ତେ ବ୍ରହ୍ମଦତ୍ତ ବାରଣାସୀର ରାଜା ହେଲେ । ପ୍ରଜାମାନେ ବ୍ରହ୍ମଦତ୍ତଙ୍କୁ ଖୁବ୍ ସମ୍ମାନ କରୁଥିଲେ । ବ୍ରହ୍ମଦତ୍ତ ପ୍ରଜାମାନଙ୍କ ସୁଖ ଦୁଃଖ ଜାଣିବା ପାଇଁ ଛଦ୍ମ ବେଶରେ ରାଜ୍ୟ ଭ୍ରମଣ କରୁଥିଲେ । ପ୍ରଜାଙ୍କ ସହ ମିଶି ତାଙ୍କର ବାସ୍ତବ ଅବସ୍ଥା ଦେଖି ତାର ପ୍ରତିକାର କରୁଥିଲେ । ବାରଣାସୀର ପଡୋଶୀ ରାଜ୍ୟ କୋଶଳ ଥିଲା । ଥରେ ବ୍ରହ୍ମଦତ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜ୍ୟ ଭ୍ରମଣ ପାଇଁ ରଥରେ ବସି ରାଜ୍ୟ ସୀମାକୁ ଏକ ସଂକୀର୍ଣ୍ଣ ପଥରେ ଯାଉଥିଲେ । ଯୋଗକୁ କୋଶଳର ରାଜା ରଥରେ ସେହି ପଥରେ ବିପରୀତ ଦିଗରୁ ଆସୁଥିଲେ । ଦୁଇ ରାଜା ସାମ୍ନା ସାମ୍ନା ହେଲେ ମାତ୍ର ସଂକୀର୍ଣ୍ଣ ପଥରେ ଏକ ସମୟରେ ଦୁଇ ରଥ ବିପରୀତ ଦିଗକୁ ଯିବା ସମ୍ଭବ ହେଲାନାହିଁ । ଜଣେ କେହି ନିଜ ରଥକୁ ପଛକୁ ଫେରାଇବାକୁ ହେବ । ବାରଣାସୀ ଓ କୋଶଳ ଦୁଇଟି ବିଶାଳ ରାଜ୍ୟ । ନିଜ ରାଜ୍ୟର ସମ୍ମାନରେ ପ୍ରଶ୍ନ ଯେ ଯିଏ ପଛକୁ ଫେରିବ ସିଏ ନିନ୍ଦିତ ହେବ । କିଏ ବଡ ଏହାକୁ ନେଇ ବାକ୍ ଯୁଦ୍ଧ ଆରମ୍ଭ ହେଲା । ଉଭୟ ରଥର ସାରଥି ନିଜ ରାଜ୍ୟ, ରାଜା, ଧନସମ୍ପଦ ଶକ୍ତି ସାମର୍ଥ୍ୟକୁ ନେଇ ତର୍କ କଲେ ।

ସମ୍ମାନର ଆଧିକ୍ୟ ସାଧାରଣତଃ ରାଜାଙ୍କର ବୟସ, ବିଦ୍ୟା, ବୁଦ୍ଧି, ଅର୍ଥ, ସାମର୍ଥ୍ୟ ଓ ରାଜ୍ୟର ଆକାରକୁ ନେଇ ନିର୍ଦ୍ଧାରିତ ହୋଇଥାଏ । ଯୁକ୍ତିତର୍କ ଆରୋପ ପ୍ରତ୍ୟାରୋପ ଚାଲିଲା । ବ୍ରାହ୍ମଦତ୍ତଙ୍କ ସାରଥି କୋଶଳ ରାଜାଙ୍କର ଗୁଣାବଳୀକୁ ନେଇ ପ୍ରଶ୍ନ ପଚାରିଲେ । କୋଶଳ ରାଜାଙ୍କ ସାରଥି କହିଲେ କୋଶଳ ରାଜା ଯେତିକି ଶାନ୍ତ ସେତିକି କଠୋର । ସାଧୁ ସରଳ ନିରୀହ ଲୋକଙ୍କୁ ସାଧୁ ବ୍ୟବହାର କରନ୍ତି ମାତ୍ର ଶଠ ପ୍ରତି ଶଠତା କରନ୍ତି । ତାଙ୍କ ବଳ ବିକ୍ରମ ଦେଖି ଶତ୍ରୁମାନେ ଭୟ କରନ୍ତି । କଠୋର ଶାସନରେ ପ୍ରଜାମାନେ ବଶୀଭୂତ ଓ ଅପରାଧୀମାନେ ଶଙ୍କିତ ହୁଅନ୍ତି । ରାଜ୍ୟରେ ଶାନ୍ତି ଶୃଙ୍ଖଳା ବଳବତ୍ତର ଥାଏ ।

ଏଥର କୋଶଳର ରାଜା ବିଦ୍ରୂପ ସ୍ୱରରେ ବାରାଣସୀ ରାଜାଙ୍କର ଗୁଣାବଳୀକୁ ନେଇ ପ୍ରଶ୍ନ କଲେ । ବ୍ରହ୍ମଦତ୍ତଙ୍କ ସାରଥି କହିଲେ ଆମ ରାଜା କ୍ରୋଧ ପ୍ରକାଶ ନ କରି କ୍ରୋଧିକୁ, ସାଧୁତାରେ ଅସାଧୁକୁ, ଦାନଦେଇ କୃପଣକୁ ଓ ନମ୍ରତା ସେବା କାର୍ଯ୍ୟ କରି ସବୁରି ହୃଦୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୟ କରନ୍ତି । ସତ୍ୟ ଦ୍ୱାରା ମିଥ୍ୟା ପରାସ୍ତ ହୁଏ । ଫଳ ଭାରରେ ବୃକ୍ଷ ନଇଁପଡେ ଆଉ ସୁଗୁଣ ଭାରରେ ଗୁଣୀ ଜନ ନମ୍ର ହୁଅନ୍ତି ।

ଏହି କଥା ଶୁଣି କାଶୀ ରାଜା ମଥା ନତ କଲେ ଓ ବ୍ରହ୍ମଦତ୍ତ ମହାନ୍ ଏକଥା ମାନି ନେଲେ । ଉଭୟ ବନ୍ଧୁ ହୋଇଗଲେ ସବୁ ଦିନ ପାଇଁ ।

ସହକାରୀ ଶିକ୍ଷକ

ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡ଼ିଆଭଙ୍ଗା ତାଳଚେର

ମୋ - ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାଧୀନତା

କୁନାଲ ମଲ୍ଲିକ

୧୪ ଅଗଷ୍ଟ ସମୟ ପ୍ରାୟ ରାତି ୧୨ଟା । ଆଖିକୁ ନିଦ ଆସୁ ନଥାଏ । ସେମିତି ଶୋଇଥାଏ । ହଠାତ୍ ମସ୍ତିଷ୍କ ପଚାରିଲା ମନକୁ ।

ମସ୍ତିଷ୍କ - କାଲି । ଅଗଷ୍ଟ ୧୫ ସ୍ୱାଧୀନତା ଦିବସ କଣ କରିବୁ କାଲିର ଯୋଜନା କଣ ?

ମନ- ହଁ । କାଲି ତ ଏକ ବିଶେଷ ଦିନ । ସ୍ୱାଧୀନତା ଦିବସର ପାଳନ କରିବି । ଖାଲି ମୁଁ କଣ ଭାରତର ସବୁଲୋକ ପାଳନ କରିବେ । ପୁରୁଷ, ନାରୀ, ପିଲା ସମସ୍ତେ ।

ମସ୍ତିଷ୍କ- ଟିକେ ହସି । ପଚାରିଲା ସତରେ କଣ ଭାରତବାସୀ ସ୍ୱାଧୀନ ? ମନ- ହଁ ଆମେ ସ୍ୱାଧୀନ । ସ୍ୱାଧୀନ ବୋଲି ତ ସମସ୍ତେ ସବୁ କାମକୁ ନିଜ ଇଚ୍ଛାରେ କରିପାରୁଛୁ ଏବଂ ନିଜ ଇଚ୍ଛାରେ ବଞ୍ଚି ମଧ୍ୟ ପାରୁଛୁ ।

ମସ୍ତିଷ୍କ- ତେବେ ଠିକ୍ ଅଛି ତୋ କହିବା ଅନୁସାରେ ସ୍ୱାଧୀନତା ଆମକୁ ନିଜ ଇଚ୍ଛାରେ ବଞ୍ଚିବାର । ଆଉ ନିଜ ଇଚ୍ଛାରେ କାମ କରିବାର ଅଧିକାର ଦେଇଛି ।

ମନ- ହଁ, ତା ନୁହେଁ ତ ଆଉ କଣ ?

ମସ୍ତିଷ୍କ- ତେବେ ମୋ ମନରେ ଗୋଟେ ପ୍ରଶ୍ନ ଆସୁଛି ପଚାରିବି ଉତ୍ତର ଦେବୁ ?

ମନ- ହଁ ପଚାରୁନୁ ।

ମସ୍ତିଷ୍କ- ଆମେ ସମସ୍ତେ । ଯଦି ସ୍ୱାଧୀନ ତେବେ ଏ ଭାରତ ବର୍ଷରେ ଗୋଟିଏ ନାରୀ କଣ ପାଇଁ ସ୍ୱାଧୀନ ହୋଇପାରିନି । ମନେ ଅଛି ଦିଲ୍ଲୀରେ ଘଟିଥିବା ନିର୍ଭୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଟଣା, ମନେ ଅଛି ମଣିପୁର ଘଟଣା, ଆଉ ୫ ଦିନ ପୂର୍ବରୁ ଘଟିଥିବା କୋଲକାତାର ସେ ଡାକ୍ତର କନ୍ୟାର ହତ୍ୟାର ଘଟଣା ? କଣ ପାଇଁ ନାରୀକୁ ରାତି ୧୦ଟା ପର ଠାରୁ ନାରୀକୁ ଘରୁ ବାହାରିବାକୁ ଦିଆଯାଏ ନାହିଁ ? କଣ ପାଇଁ ଗୋଟିଏ ନାରୀ ବାହା ହେବା ପରେ ତା ସ୍ୱାଧୀନତାକୁ ସେ ହରାଇ ବସେ ? ୧୯୪୭ରେ ହୋଇଥିବା ସେ ସ୍ୱାଧୀନତା ବୋଧେ ନାରୀମାନଙ୍କ ପାଇଁ ନଥିଲା ।

ବାସ୍ ଏତିକି ତା ପରେ ମତେ ନିଦ ହେଇଯାଇଥିଲା । ଆଉ ସେମାନଙ୍କ କଥା ମତେ ଶୁଭୁନଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସରଲ୍ ଲୋକ୍

ସୁନୀଲ କୁମାର ଅଗସ୍ତି



ମୋର୍ ଦାଦି ହରମିସା ଗୁଟେ କଥା କହୁଥିଲେ 'ବାବୁ ଜୀବନ ଥିଁ ସରଲ୍ ହେବ, ସରଲ୍ ଜୀବନ ବଁଚବ, ତେନେ ଯାଇ ମାହାପୁରୁ କୁଁ ଭେଟି ପାରବ' । ଛୁଆବେଲେ ଦାଦିକଁର୍ ଇ' କଥା କେ ହଁ ହାଁ କରି ଦେଉଥିଲୁଁ, ଅସଲ୍ ଥିଁ ସରଲ୍ ବଏଲେ କାଏଁଟା ଆର୍ ସରଲ୍ ଜୀବନ୍ ବଁଚବାର୍ ଟା କାଏଁଟା ଯେ ଆମେ ସୋର୍ ନି' ପାଉଥାଇ । ଇହାଛିନ୍ ଇ' ଖପି ଆଏଲା ବଏସେ ମୁନୁଷ୍ ସୋର୍ ପାଏଲା କେ କି' କାଏଁ ଯେ 'ସରଲ୍ ଜୀବନ୍' ବଏଲେ କାଣା ଆଏ ଯେ ଟିକେ ଗଁଚେ ସୋର୍ ପାଇ ଆଏଲା ବାଗିର୍ ଲାଗୁଛେ ।

ସରଲ୍ ବଏଲେ ଭିତର୍ ବାହାର୍ ଗୁଟେ ଆଏ,ଭିତର୍ ଯେନତା ଭଟା ଗଲେ ସେନତା ଆଏ । ଇତାର୍ ଉଲଟିଆ କପଟିଆ ପନ୍ ର ନିଦାନ୍ କୁଟିଲ୍ ବଏଲେ ଭିତର୍ ଗୁଟେ ଆର୍ ଭଟା ଆର୍ ଗୁଟେ ଆଏ । ଯାହାର୍ ମନ୍ ଥିଁ, କଥା ଥିଁ, କରମ୍ ଥିଁ ଅଲଗ୍ ଅଲଗ୍ ଭାବ୍ ଥିସି ସେଟା ଫେର୍ କେତକେତା ଭାବ୍ ସେ ଅବଗା କୁଟିଲ୍ ଆଏ । ଜୀବନ୍ ଥିଁ ସରଲ୍ ହେବାର୍ ଟା ବଢେ ସହଜ୍ ଆଏ,ଆର୍ ଫାଲେକେ କୁଟିଲ୍ ହେବାର୍ କେ ହେଲେ ବଢେ ବଫୁ ଦରକାର୍ ହେସି, ଦିମାଖ୍ କେ ଆର୍ ବଢେ ଖର୍ଚା କରବାର୍ କେ ହେସି । ଫେର୍ ଇ' ବଫୁ କେ ମନ୍ ଆର୍ ଗାଗର୍ ରଶି ଧରିକରି ଘିଚାଟନା କରୁଥିସନ୍ । ଆର୍ ଫେର୍ ଜୀବନ୍ ଥିଁ ଆମକେ ସରଲ୍ ହେବାକେ ନି' ପଡେ,ଇ' ସରଲ୍ ପନ ଗୁନ୍ ମୁନୁଷର୍ ଜନମ୍ ଜାତ୍ ଆଏ । ହେଲେ କୁଟିଲ୍ ଆମକେ ବଲ୍ ଲଟି ହେଉ କି' କପଟିଆ ପନର୍ ଡାକରା ପାଇକରି ହେଉ ହେବାକେ ପଡସି । ବିଟାଲ୍ ମନ୍ ହର୍ ଏକ୍ ମୁନୁଷର୍ କୁଟିଲ୍ ପନର୍ ଗୁରୁ ଆ'ନ୍ । ଇ'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁକୁଁ ଧରଲେ ଝନେ ବନେ ଜଲଦି କୁଟିଲ୍ ପନର୍ ସାଁକାର୍ ହି' ପାରସନ୍ ।

ହର୍ ଏକ୍ ମୁନୁଷର୍ ମନ୍ ତ' ଡାକୁଥିସି କୁଟିଲ୍ ହେବାର୍ ଲାଗତି । ହେଲେ ଯେନ୍ ସମିଆଁ ନେ ଆମେ କୁଟିଲ ହେବାର୍ କା'ଯେ ଯେନ୍ ବଫୁ ଗାଗରେ ହେଉ କି' ମନେ ହେଉ ଖଟେଇ ଥିସୁଁ ସେଟାକେ କେରେଇ ଦେଲେ ବାକି ଯେନଟା ଗାଗରେ ଆର୍ ମନ୍ ଭିତରେ ରହି ଯାଏସି ସେଟା ଏକା ମୁନୁଷର୍ ସରଲ୍ ପନ୍ ଆଏ । ମୁନୁଷର୍ ମନ୍ ବିଟାଲ୍ ହେବାର୍ ଥିଁ କିଛି ଘବରାବାର୍ ନି'ନ । ହେଲେ ଯେନ୍ ମୁନୁଷ୍ ଇ' ବିଟାଲ୍ ଆର୍ କେଚକେଚା ପନ୍ ନୁ' ବର୍ତିଗଲା ସେ ଅବଗା ମାହାପୁରୁ ଆଏ । କାଁ' ଯେ ବଏଲେ ମାହାପୁରୁ କୁଁ କେନ୍ ଦେଖିଛନ୍ ଭାଏଲ୍ ? ନି' ଦେଖି । ହେତିର୍ ଲାଗତି ବିନ୍ ବିଟାଲର୍ ମୁନୁଷ୍ ଏକା କଲିଯୁଗେ କାଁ' କରି ହର୍ ଏକ୍ ଯୁଗେ ମାହାପୁରୁ ଆ'ନ୍ । ବିନ୍ ବିଟଲିଆ ମୁନୁଷ୍ ତାରସୁକେ ସରଲ୍ ଜୀବନ୍ ଜୀଁ'ସନ୍ । ହେତିର୍ କା'ଯେ ମାହାପୁରୁ ଗଲେ କହିଛନ୍ ସରଲ୍ ଲୋକ୍ ଅବଗା ମାହାପୁରୁ ଆ'ନ୍, ଇ' କିସମର୍ ଲୋକ୍ ସିଧା ମାହାପୁରୁକଁର୍ ସଙ୍ଗେ ଭାବ୍ ରଖସନ୍ । ସରଲ୍ ପନ୍ ଥିଁ ପେରେମ୍ ଭାବ୍ ଜୋଟ୍ କରବାର୍ ତାକତ୍ ଥିସି । ସରଲ୍ ପନ୍ ଯୁଟାବାର୍ ଆର୍ ଯୁଡବାର୍ କବାର୍ କଲାବେଲେ କୁଟିଲ୍ ପନ୍ ମୁନୁଷର୍ ଭାବ୍ କେ ଧସକିବାର୍ ନିଦାନେ ଖେଟେଇ ଦେସି । ସରଲ୍ ପନ୍ ଆମର୍ ଜୀବନ୍ କେ ସରଲ୍ କରିଥିସି ଆର୍ ସଂସାର୍ ସଙ୍ଗେ ହରମିସା ଯୁଡିକରି ରଖିଥିସି ଯେତେବେଲେ କି କୁଟିଲ୍ ପନ୍ ମୁନୁଷ୍ କେ ଇ' ଜଗତ୍ ନୁ,ଇ' ସଂସାର୍ ନୁ ଦୁରିଆନୁ ଦୁରିଆ କେ ଘିଚି ନେଉଥିସି । ହେଥିର୍ ଲାଗତି କୁଟିଲ୍ ପନ୍, ମୁନୁଷର୍ ହର୍ ଏକ୍ ଦୁଖର୍ ନିଦାନ୍ ଆଏ । ଦମ୍ଭ, ଗରବ୍, ମୁଁଇଁ ଗଖା ଆଏ, ମୋର୍ ନୁ ଆର୍ କେନ୍ ନାଁଇଁ ଇ' ସବୁ ବିଟାଲ୍ ଗୁନ୍ ମାନକଁର୍ ଅଭାବ୍ ସରଲ୍ ପନ୍ ଥିଁ ହରମିସା ଥିସି । ହେଲେ ସଂସାରର୍ ହର୍ ଏକ୍ କେଚକେଚା ଆର୍ ବେସରମିଆ ଗୁନ୍ କୁଟିଲ୍ ପନ୍ ଲାଗତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମୃତ୍ ଆଏ ।

ମନ୍ ଭିତରେ ହରମିସା ଗୁଟେ କଥା ଠଁଟେଇ ହେଉଛେ ଯେ ସରଲ୍ ପନ୍ ଆମର୍ ଜୀବନ୍ ଥିଁ ଏତେ ସହଜ୍ ନି'ସେ କାଁ'ଯେ ?

ଯଦରବି ସରଲ୍ ପନ୍ ଆମକେ ପରଭୁ ସଙ୍ଗେ ଭେଟ୍ କରାସି । ତବଭି କାଁ'କରି ମୁନୁଷ୍ ସରଲ୍ ପନ୍ କେ ବରାବର୍ ହରମିସା କେରେଇ ହେଉଥିସି, ସାରି ହେଉଥିସି । ଇ'ଠାନେ ହର୍ ଏକ୍ ମୁନୁଷ୍ କହି ପାରନ୍ ଯେ ସରଲ୍ ପନ୍ ହେଉଛେ ମୁନୁଷର୍ ଜନମ୍ ଜାତ୍ ଗୁନ୍ ଆଏ,ଇ' ଜନମ୍ ଜାତ୍ ଚଲନ୍ ନୁ ଇ' କିସମର୍ ମୁନୁଷ୍ ମାନେ ବର୍ତି ନି' ପାରନ୍ । ସରଲ୍ ପନ୍ ଗୁନ୍ ଜନମ୍ ଜାତ୍ ଆଏ ବଲିକରି ଆଏଜ୍ କାଏଲ୍ ହର୍ ଏକ୍ ମୁନୁଷ୍ ଇ' ଗୁନ୍ ନୁ ଦୁରିଆ ଭାଗୁଛନ୍ ଯେନ୍ ଟା କି' ଆଏବାର୍ ସମିଆଁ ନେ ବଢେ ବିଟାଲ୍ ଆର୍ କେଚକେଚା ସମାଜ୍ ବନାବାର୍ ଲାଗତି ବାଟ୍ କଢେଇ ନେଉଛେ । ହଁ ଇ'ଠାନେ ଆମକେ ସୋର୍ ଧରବାର୍ ଅଛେ ଯେ ସଂସାର୍ ଗୁଲାର୍ ହର୍ ଏକ୍ ମୁନୁଷ୍ କୁଟିଲ୍ ପନର୍ ହଲିଆ ଆଏ । ହେଲେ ମୁନୁଷ୍ ତାର୍ କୁଟିଲ୍ ପନ୍ କେ ଢାପ୍'ବାର୍ ଲାଗତି ଘାଏ ଘଡେ ଲେଖା ସରଲ୍ ପନ୍ ର ନାଟ୍ କରସି । ଆର୍ ଇ' ଭାବର୍ ସମିଆଁ ନେ ମୁନୁଷ୍ ଏନତା କିସମେ ନାଟ୍ କରିଦେବା ଯେ ସତେ ଯେନତା ଆମର୍ ଆଗ୍ ଫାଲେ 'ରାମ୍ ମାହାପୁରୁ' ଠାଡ୍ ହେଇଛନ୍ । ହେଲେ ଇ' ଠାନେ ଆଲ୍'ମାଲ୍ ସୀତାକୁଁ ଦେଖିଦେଲେ ମୁନୁଷର୍ ମନ୍ ଭିତରେ ରାବଣ୍ ପନ୍ ଉଖରି ଆଏସି । ଆର୍ ଗୁଟେ କଥା ଇ'ଠାନେ ଆମକେ ସୋର୍ ଧରବାର୍ ନିହାତି ଜରୁରୀ ଆଏ । କାଁ'ଯେ କି' ରାବଣକଁର୍ ବାଗିର୍ ଗୁନୀ ଜ୍ଞାନୀ କେହେନସି ଯୁଗେ ନି'ଥାଇ, ହେଲେ କାଁ'କରି ରାବଣ ଗଲେ କୁଟିଲ୍ ପନର୍ ମୋହରା ହେଇଗଲେ ଆର୍ ମାଁ' ସୀତାକୁଁ ଧରି ଫେରାର୍ ମାରଲେ, ମନ୍ ବଢେ ଘାଏ ଗୁନ୍ଦଲେଇ ଘାଁଟି ହେଇ ଯାଏସି । ଯାହା ଜନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡୁଛେ କୁଟିଲ୍ ପନ୍ ବିଟଲିଆ କବାର୍ ନିପଟିବାର୍ ଲାଗତି ମୁନୁଷ୍ କେ ସାହାସ୍ ଦେସି ।

ଆଏଜ୍ କାଏଲ୍ ଆମର୍ ଏଭର୍ ଜାଲ୍ ଯୁଗେ ସରଲ୍ ଲୋକ୍ ଆର୍ ଜନମ୍ ନି' ହେବାର୍ ନା' ବାଗିର୍ ଲାଗସି । ହର୍ ଏକ୍ ବିଜା ତ' ବିଟାଲ୍ ଆର୍ କେଚକେଚା ହେଲା, ସରଲ୍ ଆତ୍ମା ଆର୍ କେନ୍ ଠାନୁନ୍ ଆଏବେ । ସରଲ୍ ଲୋକ୍ କେ ତ' ଯୁଗ୍ ଯୁଗ୍ ନେ ଉନିହାଁ ଲୋକ୍ ବେଡା ଠାବ୍ କରି ବେଡା ବନେଇ କରି ତାର୍ ହର୍ ଏକ୍ ଦରବ୍ ଲୁଟ୍ କରୁଛନ୍ । ଫିରଭି ଏଭର୍ ଯୁଗ୍ କେ ଛାଡି ଉନିହାଁ ଯୁଗ୍ ମାନକେ ସରଲ୍ ଲୋକର୍ ଆତାପାତା ମିଲୁଥିଲା । ହେଲେ ଆମର୍ ଡିଜିଟାଲ୍ ଯୁଗେ ସରଲ୍ ଆତ୍ମା ମାନକଁର୍ ଆର୍ ପେହେଚାନ୍ କି' ଠିକାନା ନି'ନ । ଏଭର୍ ଊଁଚା ଦରଜାର୍ ପାଠପଢା ଶିକ୍ଷିତ୍  ଲୋକ ନିଜକେ ବଢେ ହୁସିଆର୍ ଠାବ୍ କରୁଛେ ଆର୍ ଭିତରିଆ ସାରି ସରଲ୍ ଲୋକ୍ ତାର୍ ହାବଡେ ପଡିଗଲେ ତାର୍ ନୁ' ବନେ ତୁଡେ ସରଲା ସୁରଲି କରି ଗେରଫେଇ ନେଉଛେ । ଆର୍ ଗୁଟେ ଫାଲେ ଆମର୍ ଲୋକର୍ ଦରବାରର୍ ନିତିନିଏ ଯେନ୍ କିସମର୍ ବନା ହି'ଛେ ତାକେ ଧରିକରି ଊଁଚା ଦରଜାର୍ ଦରବାରିଆ ଯେତେ ସରଲ୍ ଲୋକ୍ ଦେଖି ଆର୍ ନିଘା କରି ବନେ ତୁଡେ ଗେରଫେଇ ନଉଛନ୍ । କଁଯେ ବଏଲେ କି' ଗେରଫେଇ ହେଉ ସରଲ୍ ଲୋକ୍ ନିଏ ପାଏତେ ପାଏତେ ତାର୍ ଜୀବନ୍ ଆର୍ ନି' ଥାଏ ନ,ଇ'ଫାଲେ ଗେରଫଉ ଦଲ୍ ମଲେଇ ଜଲେବି ତାଡୁ ଥିବେ । ଇ' ବାବଦ୍ ନେ ଚିନ୍ତା କରବାର୍ ଲୋକ୍ ଆମର୍ ଏଭର୍ ସମାଜନେ କେତନିକେତେ ଅଭାବ୍ ଦେଖା ଦେଲା'ନ ।

କେନ୍ କେନ୍ ବଲସନ୍ କୁଟିଲ୍ ପନ୍ କୁଁ ଗୁରୁ ନି'ଧରଲେ ଇହାଛିନ୍ ଜୀଁ'ବାର୍ ଟା ବନେ କାଡର୍ ଆର୍ ମୁସକିଲ୍ ଆଏ । ଆର୍ କେନ୍ କେନ୍ ବଲସନ୍ ଇହାଛିନ୍ ଗଲେ ସରଲ୍ ଆତ୍ମା ମାନକଁର୍ ଅଭାବ୍ ନି' ନ, ହେଲେ ମନ୍ ନି' ଥାଇକରି ଗଲେ ସେମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପେଟର୍ ଲାଗତି କୁଟିଲ୍ ପନର୍ ଆଶରା ନେଉଛନ୍ । ଗୁଟେ କଥା ମନ୍ ଭିତରେ ଘାଁଟି ହେଉଛେ, 'ଆମେ ସରଲ୍ ହେଲେ ଭୁଖେ ମରି ଯିମା କାଏଁ କି କୁଟିଲ୍ ପନର୍ ବିନ୍ ଉଧେ ଆମର୍ ପେଟ୍ ନି'ଚଲେ" କାଏଁ? ଆର୍ ଫାଲେକେ ସମାଜର୍ ଦୁରବଲାଆ ଲୋକ୍ ଯେହେନସି କିସମେ ବଁଚବାର୍ କା'ଯେ କୁଟିଲ୍ ପନର୍ ସାହେଜ୍ ନେସି, ଇତାର୍ ବିନେ ତାର୍ ଜୀବନ୍ ନରକ୍ ଆଏ । ତବ୍'ଭି ଗୁନୀ ଜ୍ଞାନୀ ଯୁଗେ ଯୁଗେ ସରଲ୍ ଜୀବନ୍ ଜାଁ'ବାର୍ ବାଟ୍ ଦେଖେଇ ଆସିଛନ୍ । କାଁ'କରି ବଏଲେ ସରଲ୍ ପନ୍ ଅବଗା ମାହାପୁରୁ ପନ୍ ଆଏ । 'ସରଲ୍ ଲୋକ୍ ସିଧା ମାହାପୁରୁକଁର୍ ସଂଗେନେ ଭାବ୍ ରଖି ପାରସନ୍, କଥା ହି' ପାରସନ୍', ଇ'କଥାକେ କେନ୍ ନି' ବଲି ପାରବେ କାଏଁ ?

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୭୩୪୮ ୭୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

# ଗ୍ରାମ୍ୟ କିଶୋରୀ

ଶିବନାରାୟଣ ଦାସ



ସେ ଆଜିକି କେତେ ବର୍ଷ ତଳେ
ଗ୍ରାମପଥ ସୀମାନ୍ତର
ଘାସ ଗାଲିଚାରେ -
ମୁଁ ତୁମକୁ ଦେଖିଥିଲି
ପାଦ ଟିପି ଚାଲିବାର
କଅଁଳିଆ ଦୁବ-ଘାସ ଭିଜା ଶିଶିରରେ,

ସୁନୀଳ ଆକାଶ ଯହିଁ
ଦିଗନ୍ତର ଧୂସର ସୀମାରେ
ଚୁମିଯାଏ ଶ୍ୟାମ-ସବୁଜିମା ଭରା
ତୃଣାବୃତ୍ତ  ବିସ୍ତୀର୍ଣ୍ଣ ପ୍ରାନ୍ତର,
ନିହାରିଥିଲି ମୁଁ କେବେ
ଲାସ୍ୟ ତୁମ ମୁକ୍ତାଝରା
ଗହନ ଓ ଛନଛନ
ଗ୍ରାମ ଶେଷ ଘାସ ପଡିଆରେ ।

ମନେ ଅଛି
ପୁଣି ମନେ ନାହିଁ
କେବେ ତୁମେ ଭିଜିଥିଲ
ଶ୍ରାବଣର ଧାରା ବରଷାରେ,

Listen to Odia Podcast Original at https://youtube.com/@drjyotiprasad

ଲାଲ ଟୁକୁ ଟୁକୁ ସାଧବ ବୋହୂର
ମୁଲାୟମ ପିଠି ସାଉଁଳାଇ
ଲଜ୍ଜାରୁଣ ରକ୍ତିମ ଅଧରେ
ଗୁଣୁଗୁଣୁ ଗୀତ ଗାଉଥିଲ,
ଅବା ପୁଣି
ଇନ୍ଦ୍ରଧନୁର ରଙ୍ଗ ବୋଳିହୋଇ
ବିଂଚିଦେଉଥିଲ ତୁମେ
ଅନଂଗର ସପ୍ତରଙ୍ଗୀ ସ୍ୱର୍ଗୀୟ ସୁଷମା
ଖରା ଆଉ ବରଷାର
ଆଉଟା ଆଭାରେ ।

ମୁଁ ତୁମକୁ ଦେଖିଥିଲି ସତେ
କେତେ ବର୍ଷ ତଳେ
ବେଳ ଗଡାଣିଆ କେଉଁ
ଗୋଧୂଳି ବେଳାରେ ।

କେତେ ବାର ଚାଲି ଯାଉ ଯାଉ
ଦୃଷ୍ଟି ମୋର ଅଟକିଛି
ଗାଆଁ ଆମ୍ବତୋଟା ମଝି
ସ୍ୱଚ୍ଛ ସରୋବରେ,
ରହି ରହି ବାରମ୍ବାର
ତୁମେ ଯହିଁ ଫୁଟିଉଠ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିକଶିତ ପଦ୍ମଟିଏ ପରି
ସକାଳର କଅଁଳ ଖରାରେ ।

ଅବା ପୁଣି ଲୁଚକାଳି ଖେଳି
ମେଘ ଆଉ ଜହ୍ନ ସାଥେ ଭାସି
ହସିଉଠ ନୀଳକଇଁ ହୋଇ
ରାତି ଅନ୍ଧକାରେ,
ବିସ୍ତାରିତ ଜଳ ଭଉଁରୀରେ ।

ସେ ଅନେକ ବର୍ଷ ତଳେ ସତେ
ସାରା ରାତି ତୁମେ ଥିଲ ମୋର
ନିଦ-ଭିଜା ନୟନର
ସୁଖ ସପନରେ ।

ତୁମ ଗନ୍ଧ ଭାସି ଆସେ
ଦୂର ଧାନ କ୍ଷେତୁଁ
ବେପରୁଆ ହାୱାର ଝୁଂକାରେ,
ଗହନ ଶ୍ୟାମଳ ଶସ୍ୟ
ଭାଙ୍ଗେ ଯହିଁ ଲହରୀର ଢେଉ
ପଣତ ଉଡାଇ ତୁମେ
ଆସ ଡେଇଁ ଡେଇଁ
ମୁହଁ-ସଞ୍ଜ
ମାଛି ଅନ୍ଧାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗହନ ସବୁଜ-ପାଟ ହରିତ କେଦାରୁ ।

ଶାରଦ ଜୋଛନା ରାତି
କାଶତଣ୍ଡୀ  ଚଅଁରର ଫାଂକେ
ପୂର୍ଣ୍ଣମୀର ଜହ୍ନ ଯେବେ ଉଠେ,
ତୁମ ରୂପ ପ୍ରତିଛାୟା କିନ୍ତୁ
ନଈ, ନାଳ, ପୋଖରୀର ଚହଲା ପାଣିରେ
ଅବିକଳ ଜହ୍ନ ପରି ଦିଶେ ।
ସେଇମିତି ଜହ୍ନରାତି କେତେ
ମୋହାଚ୍ଛନ୍ନ କରିଥିଲା ମୋତେ
ସେ ଆଜିକି କେତେ ବର୍ଷ ତଳେ,
ଗ୍ରାମ୍ୟ କିଶୋରୀ ଆଗୋ  !
ଏବେବି ଅକସ୍ମାତ
ଉଙ୍କିମାର ମୋ ସ୍ମୃତିରେ ଆସି
ବାରମ୍ବାର ତୁମେ ଅବହେଳେ ।

ପଣ୍ଡିଚେରୀ
ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬
ଇମେଲ୍ : dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

# ମୋହରା

ଅମୃତନାରାୟଣ ଶତପଥୀ



ସଂସାରରେ ଏବେ ପ୍ରତି ପଦେ ପଦେ ଜଣେ ଜଣେ ଯେ ମୋହରା,
ଜଣା ପଡେ ନାହିଁ କିଏ ଶତ୍ରୁ କିଏ ପୁଣି ବନ୍ଧୁର ଚେହେରା ।(୧)

କେତେବେଳେ ସେହି ବାହ୍ୟ ସ୍ମିତହାସ୍ୟ ହୃଦୟେ ଚଳାଏ ବାଣ,
କେତେବେଳେ ପୁଣି ଖିଙ୍କାରି ଉଠି ଚୋର ମୁହଁ ହୁଏ ଟାଣ ।(୨)

କେବେ କେବେ ପୁଣି ସ୍ୱାର୍ଥ ସାଧନପାଇଁ ବ୍ୟବହାର ଗୁଲୁଗୁଲି,
ପୁଣି ନିସ୍ୱାର୍ଥତା ପରୋପକାରରେ ହୋଇଯାଏ ମଳିମଳି ।(୩)

ଲାଗେ ସଂସାରରେ ମନୁଷ୍ୟ ମୁଠାଇ ଧରିଛି ଅନ୍ୟର କେଶ,
କିନ୍ତୁ ଲେଶ ମାତ୍ର ଜ୍ଞାନ ଥାଏ ଚେଷ୍ଟିତ ହେଲେ କରିବାକୁ ଅନ୍ୟକୁ ବଶ ।(୪)

ନିୟନ୍ତ୍ରଣ ଅନ୍ୟକୁ କରିବା ଅଟଇ ମୁଠାଇ ରଖିବା ବାଲି,
ଜଣାପଡେ ନାହିଁ କେବେ ତାହା ମୁଠାରୁ ହୋଇଯାଏ ବନ୍ଧୁ ଖାଲି ।(୫)

ମୋହର ପାଇଁ ପ୍ରାୟତଃ ସଂସାରେ ହୁଅନ୍ତି ମୋହରା ତୁଲ୍ୟ,
ସଂସାରରେ ପୁଣି ମନୁଷ୍ୟର ରହେନି ମାନବିକତାର ମୂଲ୍ୟ ।(୬)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତି ଭକ୍ତି ଅବା ଅନ୍ଧ ପ୍ରୀତି ପାଇଁ ଆଉ କେତେ ଯେ ମୋହରା,
କୁତ୍ସିତ ମାନସିକତା ସହିତ ହୃଦେ ଜ୍ୱାଳାମୁଖୀ ଭରା ।(୭)

ସର୍ବସ୍ୱ ସମର୍ପି ନିଜ ଇଷ୍ଟ ପଦେ କରଇ ଯିଏ କର୍ତ୍ତବ୍ୟ,
ମୋହରା ନ ହୋଇ ସଂସାରରେ ସିଏ ହୋଇପାରେ ବନ୍ଧୁ ସଭ୍ୟ ।(୮)

କ୍ଷଣ ଭଙ୍ଗୁର ପ୍ରତି ଚିଜ ଏଠି ଏହା ସଂସାର ନିୟମ,
ଶାଶ୍ୱତ କେବଳ ସମର୍ପଣ ଏଠି ତାହା ସହ ଈଶ୍ୱର ପ୍ରେମ ।(୯)

ସେଥିପାଇଁ ଏହି ନଶ୍ୱର ସଂସାରେ ମନୁଷ୍ୟ ମୋହରା ହେବା ବା ବନାଇବା ଛାଡି,
ସମୁଚିତ ନିଜ କର୍ମ କର୍ତ୍ତବ୍ୟରେ ଜୀବନ ଦେଉ ସଜାଡି ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ ହିଁ ଆମର ପଥ ପ୍ରଦର୍ଶକ

ସାଗର ନାୟକ



ତୁମେ ଜୀବନ ବୃକ୍ଷର ଉର୍ବର ମୃତ୍ତିକା
ଧରି ଥାଅ ଦୃଢ଼ କରି,
ତୁମ ଜ୍ଞାନ ଓ ଶାସନ ପ୍ରତି ସୋପାନରେ
ଆଲୋକ ଦିଏ ବିଛାଡ଼ି........ (୧)

ତୁମେ ଧ୍ରୁବ ତାରା ସମ ଦିଶା ପ୍ରଦର୍ଶକ
ବାଟ ହୁଡ଼ି ଗଲେ ସାହା,
ତୁମେ ଅଦେଖାରେ ଥାଇ ବିବେକ ଉହାଡୁ
ଦେଖାଅ ଜୀବନ ରାହା....... (୨)

ତୁମେ ସୂର୍ଯ୍ୟ ସମ ଅଗ୍ନିଦୀପ୍ତ ତମୋହର
ଅଜ୍ଞାନ ତିମିର ନାଶି,
ଦିଅ ଅଯାଚିତ ଭାବେ ନିଜ ଭଣ୍ଡାରରୁ
ଶିକ୍ଷାର ଜ୍ୟୋତି ପ୍ରକାଶି...... (୩)

ତୁମେ ବୟସର ସବୁ ଋତୁଚକ୍ରେ ଥାଅ
ପ୍ରେରଣାର ସ୍ରୋତ ହୋଇ,
ତୁମ ଶୁଭାଶିଷ ଭରା ହସ୍ତ ନଭ ସମ
ମଥା ପରେ ଥାଏ ରହି....... (୪)


ଜଗତସିଂହପୁର
୯୭୯୨୮୧୪୩୭୯ / ୯୧୩୭୩୧୭୧୬୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୀତରେ ଗଣିତ

ଅମରନାଥ ବାରିକ



ଗଛେ ରହୁଥିଲେ ପକ୍ଷୀ ଯେତିକି
ଅଧା ଉଡ଼ିଗଲେ ଖାଦ୍ୟ ପାଇଁକି ।
ବାକି ବସିଛନ୍ତି ଅଧା ଛ ଗୋଟି
ତେବେ କୁହ ପକ୍ଷୀ ଥିଲେ କେତୋଟି ?
(ଉ -:୧୨/ବାର)

ଜଙ୍ଗଲରେ ହାତୀ ଦଶଟି ଥିଲେ
ପ୍ରାଣୀ ଉଦ୍ୟାନକୁ ଦୁଇଟି ଗଲେ ।
ଗାଆଁ ବୁଲିବାକୁ ଗୋଟିଏ ଗଲା
ଜଙ୍ଗଲରେ ଆଉ କେତେ ରହିଲା ?
(ଉ -:୭/ସାତ)

ଆଇ ରଖିଥିଲେ ତେରଟି ଗାଇ
ଅଜା ନିଅନ୍ତି ଚରାଇବା ପାଇଁ ।
ନ ଯାଇ ଗୁହାଳେ ତିନି ରହିଲେ
ଚରିବାକୁ ତେବେ କେତେଟି ଗଲେ ?
(ଉ -:୧୦/ଦଶ)

ଗାତରେ ଢମଣା ଗୋଟିଏ ଥିଲା
କେଳା ଆସି ତାକୁ ଧରିଣ ନେଲା ।
କୁହ ପିଲେ ଏବେ ସେହି ଗାତରେ
ରହିଛି ଢମଣା କେତେ ଗୋଟିରେ ?
(ଉ -:୦/ଜମା ନାହିଁ)

କୁନା ଯାଇଥିଲା ମାମୁଁ ଘରକୁ
ମାଇଁ ପାଞ୍ଚ ଟଙ୍କା ଦେଲେ କୁନାକୁ ।
ଟଙ୍କାକରେ କୁନା ଚୁଚୁମା ନେଲା
କୁନା ପାଖେ ଆଉ କେତେ ରହିଲା ?
(ଉ -:୪/ଚାରି)

ଗ୍ରା/ପୋ-କଯ୍ଥାଁ, ଜି-ଯାଜପୁର ଓଡ଼ିଶା, ୭୫୫୦୧୧,
୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୁରୁଷ ଆଖିର ଲୁହ

ଶାନ୍ତନୁ କୁମାର ରାଉତ



ଦୁନିଆ ଦେଖିଛି ଅନେକ ବିରହ
ବିରହର ଶେଷ କୋହ
କିଏ ଦେଖିଛ କହିଦିଅ ମୋତେ
ପୁରୁଷ ଆଖିରେ ଲୁହ

କେବେ ତାର ସ୍ୱପ୍ନ ଆକାଶ ରାଇଜେ
ଉଡ଼ା ଚଢେଇର ପୁଚ୍ଛ
ଲାଂଛିତ ବିବର୍ଣ୍ଣ ଦୁନିଆ ଆଗରେ
ସାଜେ ଥୁଣ୍ଟା ବରଗଛ

ସବୁ ଦୁଃଖ ପଛେ ମିଛ ହସ ଥାଏ
ସୁଖ ତା ଚୋରାଣୀ ମୃଗ
ସୁଖ ସମୟର ଆଗମନ ବେଳେ
ବଦଳି ଯାଏ ତା ଦିଗ

ପ୍ରତେକ ପୁରୁଷ କାନ୍ଦିବାକୁ ଜନ୍ମ
ସମୟ ଯେ ମୂକ ସାକ୍ଷୀ
ନିଜ ଠୁ ନିଜର ଯାହାକୁ ଭାବିଛୁ
ଉଡିଯିବ ସେଇ ପକ୍ଷୀ

ନା ସେ ଦେଖି ହୁଏ ନା ସେ କହିହୁଏ
ସେ ତ ବଢିଲା ନଦୀର ସୁଅ
ମରଣ ଠୁ ବେଶି ଯନ୍ତ୍ରଣା ଦାୟକ
ଏ ପୁରୁଷ ଆଖିର ଲୁହ
ଏ ପୁରୁଷ ଆଖିର ଲୁହ

ପାଟରଙ୍ଗା, ଯାଜପୁର
୯୮୬୧୭୫୬୧୯୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରସିଆ ଠାକୁର

ଆକୁଳାନନ୍ଦ ପୃଷ୍ଟି



ହାତୀପରି ପ୍ରଭୁ  ଜଳକେଳି କଲ
ସୁବର୍ଣ୍ଣ କୂପ ଜଳରେ
ଜ୍ୱରରେ ଶୋଇଲ  ଉପଚାର ହେଲା
ଅଣସର ଗମ୍ଭୀରାରେ  ।

ଭଲ ହେଲା ଜ୍ୱର  ଗଲ ଶ୍ରୀ ମନ୍ଦିର
ନବ ଯୌବନ ବେଶ
ସେ ବେଶ ଦେଖିଲେ  ପଥର ତରଳେ
ସଂସାର ଲାଗିବ ବିଷ  ।

ଛାଡି ଶ୍ରୀମନ୍ଦିର  ହେଲ ଆଗଭର
ଯିବାକୁ ଗୁଣ୍ଡିଚା ଘର
ଗୁଣ୍ଡିଚା ଚାହିଁଛି  ବରଷକୁ ଥରେ
ଆସିବେ କଳାଠାକୁର  ।

ତୁମ ସହ ଗଲେ  ଭାଇ ବଳଭଦ୍ର
ଭଉଣୀ ସୁଭଦ୍ରା ଦେବୀ
ଲକ୍ଷ୍ମୀ ସାଆନ୍ତାଣୀ  ତୁମ ଲୀଳା ଦେଖି
ଆମ ପରି ଗଲେ ରାଗି  ।

ହେରା ପଞ୍ଚମୀରେ  ମା ଯାଇଥିଲେ
ମିଳିଲାନି ତୁମ ଭେଟ
ସହି ପାରିଲେନି  ତୁମ ଅବହେଳା
ରାଗିଲେ ଭାଙ୍ଗିଲେ
ତୁମ ନନ୍ଦିଘୋଷ କାଠ  ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାହୁଡ଼ା ବାଟକୁ   ଚାହିଁ ରହିଥିଲେ
ସିଂହଦ୍ୱାର ବାଟ କିଳି
ପ୍ରଭୁ ବିଜେକଲେ  ଦ୍ୱାର ଖୋଲିଲେନି
ଲାଗିଗଲେ ଦୁହେଁ କଳି  ।

କହିଲେ ଶୁଣିଲେ   କେତେ କଟୁ କଥା
ଖୋଳା ଖୋଳି ହେଲେ ଗୋଇ
ରସିଆ ଠାକୁର   ମନ ଜିଣିଗଲେ
ରସଗୋଲା ଲାଞ୍ଚ ଦେଇ  ।

ଖାଣ୍ଟି ଓଡ଼ିଆଣୀ   ଲକ୍ଷ୍ମୀ ଠାକୁରାଣୀ
ଭୁଲିଗଲେ ଅଭିମାନ
କାଳିଆ ସାଆନ୍ତ   ତାଙ୍କ ପ୍ରାଣନାଥ
କାହିଁକି କରିବେ ମାନ  ?

ଖୋଲି ଦେଲେ ମାଆ ଦ୍ୱାର
ଜଗତର ନାଥ ଲକ୍ଷ୍ମୀଙ୍କ ସହିତ
ବିଜେ କଲେ ଶ୍ରୀ ମନ୍ଦିର  ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ

Listen to Odia Podcast Original at https://youtube.com/@drjyotiprasad

# ଜୀବନ ହାଟ

ବିନୟ କୁମାର ମିଶ୍ର



ଜୀବନ ହାଟରେ ବୁଲିବାକୁ ଯାଇ
ଆସିଥିଲି  ଦେଖି ବୁଲି,
ଅଣ୍ଟାରେ ପଇସା ନଥାଇ ସଉଦା
କିଣିବାକୁ ମନ କଲି,
ହିନସ୍ଥାରେ ସଢ଼ୀ ଗଲି,
ଗୋଟାଏ କାମକୁ କରିବାକୁ ଯାଇ
ଆଉ ଗୋଟେ କାମ କଲି ।

ଜୀବନ ହାଟରେ ନିର୍ଜୀବ ଦରବ
ମିଛ ମାୟା ମୋହ ଲୋଭ,
ଈର୍ଷା ଦ୍ୱେଷ ହିଂସା କୁଟ କପଟତା
ବିକିଲେ ମିଳଇ ଲାଭ,
ଖାଲି ବୁଲି ଆସିଥିଲେ,
ଭଲ ହୋଇଥାନ୍ତା କିଣି ନ ଥିଲେ ମୁଁ
ବଞ୍ଚି ଥାନ୍ତି ଅବା ଭଲେ ।

ଲୁଣିଆ ସମୁଦ୍ର ମଝିରେ ଥାଇ ଯା
ମଧୁର ଜଳ ଖୋଜିଲି,
କେଉଁଠୁ ପାଇବି କିଏ ଅବା ଦେବ
ମିଛରେ ପାଗଳ ହେଲି,
ଭଲ ବୁଲିବାକୁ ଗଲି,
ଆଘାତ ଦେଇଛି ପ୍ରତିଘାତ ଯାହା
କିଣିବା କଥା କିଣିଲି ।

ବୁଲିବା ଦେଖିବା ବେଳେ ଜୀବନକୁ
ଯେବେ ଭଲ ପାଇଗଲି,
ସଉଦା କରିବା ମନ ମୋର ହେଲା
ଶୁନ୍ୟ କଟି ଦରାଣ୍ଡିଲି,
କପର୍ଦ୍ଦକ୍ ଶୂନ୍ୟ ଥିଲି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଣୁ ହସ ବିନା ଲୁହର ସଉଦା
ସାଧ୍ୟ ମତେ ମୁଣ୍ଡାଇଲି ।
ସରି ଆସିଲାଣି ହାଟ କରିବାର
ବେଳ ହେଲା ରତ ରତ,
ଅବଶ ହେଲାଣି ମାଟିର ଦେହଟା
ଥରିଲାଣି ଗୋଡ ହାତ,
ମଶାଣି ବା କେତେ ବାଟ,
ଦିନ ଗଣୁ ଗଣୁ ଜୀବନ ନଉକା
ଛାଡ଼ିବ ପରା ଏ ଘାଟ ।

ପାହୁଲାଏ ନାହିଁ ଡଙ୍ଗା ମୂଲ ପାଇଁ
ନାଉରୀ କି ଦେବି କିସ,
ପାରି କରିବ କି ନ କରିବ ସିଏ
ନାହିଁ ମୋ ମନେ ବିଶ୍ୱାସ,
ମୂଢ କି କଲି କି କଲି,
ଗର୍ବ ଦମ୍ଭ ଅହଙ୍କାର ଧନ ଜନେ
ସମୟ ଯା ବିତାଇଲି ।

ମିଛ ମାୟା ମୋହ ମିଛ ଅଭିନୟ
କରୁ କରୁ ଦିନ ଗଲା,
ଜୀବନର ଅଙ୍କ କଷୁ କଷୁ ସବୁ
ଫଳ ଭୁଲ ହେଇଗଲା,
ଯବନିକା ପଡ଼ିଯିବ,
ମାଟିରେ ମିଶିବା କାଳ ଆସିଗଲା
ଏ ଦୁନିଆ ଭୁଲିଯିବ।

ହିସାବ କରିବେ ପୁତ୍ର କନ୍ୟା ଜାୟା
କେତେ କାହା ପାଇଁ କଲି,
ମନକୁ ବୁଝାଇ ନିନ୍ଦା ପ୍ରଶଂସାରେ
ଦୁଇ ଦିନେ ଯିବେ ଭୁଲି,
ଭଲ ହାଟକୁ ଆସିଲି,
କଳାକାର ହୋଇ ଅଭିନୟ ସାରି
ଖାଲି କଲବଲ ହେଲି।

ନିଆଳ ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ମୃତ୍ୟୁ ପରେ

ଅଲେଖ କୁମାର ପାଳ



କେଉଁ ଗଭୀର ଶୂନ୍ୟରୁ,
ମହାଶୂନ୍ୟରୁ ଶୁଭିଲାଣି
ମୋ ଶେଷ ଯାତ୍ରାର ବୁକୁଫଟା
କାନ୍ଦ କାନ୍ଦୁଛି ମୋ ଗାଁ,
ମୋ ମାଟି, ମୋ ସାଙ୍ଗ ସାଥୀ
କିଏ କିଏ ଆଖି ମନ୍ଥି ଲୁହରେ
ବେଶ୍ ଭଲ ଅଭିନୟ କରୁଛନ୍ତି ।

ରୁହ ମୁଁ ଆଗ ଖୋଜେ ମୋ ପ୍ରେମିକାକୁ
ଏଇଠି ଏଇ ଘର କଣ ରେ ବସି ମୁରୁକି ମୁରୁକି ହସୁଛି
ସବୁ ପରିସ୍ଥିତିରେ ହସିବାର
କଳା ବେଶ୍ ଭଲରେ ମୋଠୁ ଶିଖୁଛି ।

କୁଆଡେ ଗଲେ
ମୋତେ ଘୃଣା କରୁଥିବା ଲୋକ ସବୁ
ଆସ ପୁଣି ଗୋଟିଏ ମଞ୍ଚ କରି କହିଦିଅ ମୋତେ
ପାପିଟା ବୋଲି ମୋତେ ବୁଢରେ ଜାଳି ସାରିବା ପରେ
ଆଉ ଥରେ ଢାଳି ଦିଅ ଜାଳିଦିଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକଙ୍କ ମନରେ ଥିବା
ମୋ ପାଇଁ ଭଲ ପାଇବା ଟିକକା

କାଇଁ ଦିଶୁନାହାନ୍ତି
ମୋ ଶୁଭଚିନ୍ତକ ସବୁ ଡଃ !
ମୋ ଶେଷ ସଂସ୍କାର କାମରେ
ବ୍ୟସ୍ତ ସବୁ କେହି କେହି ସୁଷୁପ୍ତ ମୋ ଭାବନାରେ
ଓଦା ଆଖରେ ଲୁହର ପୟୋଧର
ମୋତେ ହରେଇବା ଦୁଃଖରେ

ଏମିତି ସରିଯିବ ଗୋଟେ
ମଣିଷ ଜୀବନ ହଜିଯିବ କିଛି କଥା,
କାହାଣୀର ନାୟକ କିମ୍ବା ଖଳନାୟକ ଭୂମିକାଟି ।

OEES , ଜିଲ୍ଲା ପର୍ଯ୍ୟବେକ୍ଷକ ଶିକ୍ଷା ବିଭାଗ , ଓଡିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆମ ଜାତୀୟ ପତାକା

ହରେରାମ ପଣ୍ଡା



ଆମ ସ୍ୱାଭିମାନ ତ୍ରିରଙ୍ଗା ପତାକା
ଫରଫର ଉଡ଼େ ଆକାଶେ,
ଆମରି ଜାତିର କୋଟି ହୃଦୟରେ
ଆନନ୍ଦ ଉଲ୍ଲାସ ପରଶେ ।

ନାଲି, ଧଳା ପୁଣି ସବୁଜ ଦେଉଛି
ଅହିଂସା, ଶାନ୍ତିର ବାରତା,
ସାରା ବିଶ୍ୱ ଆଜି ବିସ୍ମୟ ଚକିତ
ଦେଖି ଭାରତର ଏକତା ।

ପ୍ରାଣପାତ କରି କେତେ ଦେଶପ୍ରେମୀ
ଭାରତକୁ କଲେ ସ୍ୱାଧୀନ,
ଉଡେଇଲେ ଦେଶେ ତ୍ରିରଙ୍ଗା ପତାକା
ଦେଶ କରେ ତାଙ୍କୁ ନମନ ।

ବଡ ହୋଇ ଆମେ ଆଗାମୀ ଦିନରେ
ଚଳେଇବୁ ଦେଶ ଆମରି,
ନବ ଭାରତର ନିର୍ମାଣ କରିବୁ
ହିଂସା ଭେଦଭାବ ପାଶୋରି ।

ଆମ ଏ ଜାତୀୟ ପତାକାର ତଳେ
କରୁଅଛୁ ଆମେ ଶପଥ,
ଜୀବନର ଶେଷ ରକ୍ତ ବିନ୍ଦୁ ଦେଇ
ରଖିବୁ ତାହାର ମହତ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

# ମନ ଅଗଣା

ହାସ୍ୟମୟୀ ରାଜ



ଏ ସାରା ସଂସାରଟା

ଯେତେବେଳେ ଶୋଇଯାଏ

ଗହନ ନିଦରେ

ନିରବତାର ନିବିଡ଼ ଅଶ୍ଲେଷ ଭିତରେ

ବୁଲିଵାକୁ ଚାହେଁ ନିତି ମନ ଅଗଣାରେ

ଭିଜିବାକୁ ଚାହେଁ ଖାସ୍ ତୁମରି ସ୍ୱର୍ଶରେ...

ସେଥିରେ ନଥାଏ କାମନାର ଲାଳସା

ଥାଏ ଖାଲି ମୋକ୍ଷ ପାଇଁ

ଅସରନ୍ତି ଅପେକ୍ଷା ....

କେବେ ହେବ

ସେ ଅପେକ୍ଷାର ଅନ୍ତ ଜାଣେନା

ଯେତେଦିନ ସୂର୍ଯ୍ୟାଲୋକ ଦେଖୁଥିବି

ଆସୁଥିବ ଦିନ ପାହୁଥିବ ରାତି

ତୁମ ହସ ହସ ମୁହଁ ଥିବ

ହୋଇ ଚିର ସାଥୀ

ଛୁଇଁ ଛୁଇଁ ଯାଉଥିବ ତମେ

ନିଶୂନ୍ ନିସ୍ତବ୍ଧରେ ....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ କ୍ଷଣିକ କାମନାରେ

ସତେ କ'ଣ ଜୀବନର ସାର୍ଥକତା ଥାଏ  !!

ଜାଣେ ଯେଉଁଠି ହସ

ସେଇଠି ବି ଲୁହ

ତେଣୁ ହସ ଚାହେଁନା

କି ଲୁହ ବି ନୁହେଁ

ଖାଲି ସେଇ ଅତୀନ୍ଦ୍ରିୟ ରାଜ୍ୟରେ

ହଜିବାକୁ  ଭିଜିବାକୁ ଚାହେଁ

ମନର ଅଗଣାରେ

ଏକା ଏକା ନୀରବ ନିଶୀଥରେ

ସବୁ ଅଳିକ କାମନା ବାସନାକୁ

ଜଳାଞ୍ଜଳି ଦେଇ

ଖାସ୍ ଲୀନ ହେବାକୁ ଚାହେଁ ତୁମରି ଭିତରେ.......

ଓରାଳି, ହାଟଡିହି, କେନ୍ଦୁଝର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଜଣା ଆବେଗ

ରାଧାରାଣୀ ପାତ୍ର



ମନର ମୂର୍ଚ୍ଛନାରେ ତୁମ ଅଶ୍ରୁବିନ୍ଦୁ ଧାର
ପ୍ରେମର ମାଧୁର୍ଯ୍ୟରେ ପ୍ରାଣ ମୋ ବିହ୍ୱଳ ।
ପୂର୍ଣ୍ଣାଙ୍ଗ ଶରୀରେ କଳ୍ପନାର ଭାବଧାରା,
ଭାବନା ସବୁ ଯେ ଥିଲା ମୋ ପାଇଁ ଅଜଣା ।
ସମୟର ପ୍ରତି ଗତି ଛଟପଟ କରେ,
ତୁମ କଥା ଭାବୁଥାଏ ସ୍ୱପ୍ନ ଇଲାକାରେ ।
ତୁମ କଥା, ହସ ମୋର ଭାବନା ଆକର୍ଷେ,
ପ୍ରତି କ୍ଷଣେ ହୃଦୟ ମୋ କୌତୂହଳେ ଭରେ ।
ଏ କେଉଁ ଅବେଗତା ନ ଥିଲା ତ ଜଣା,
ତୁମ ସ୍ମୃତି ଆଜି ମୋତେ କରେ ବାଟବଣା ।
ନିଷ୍କପଟ ସହରରେ ଖୋଜିବୁଲେ ପ୍ରିୟା,
କ୍ଷଣେ ଦେଖା ଦେଇ ପୁଣି ଚାଲିଯାଅ କିଆଁ ।
ଆଖି ସାମ୍ନେ ତାର ଛବି ସ୍ପନ୍ଦନ ବଢାଏ,
ପୂର୍ଣ୍ଣାଙ୍ଗ ପ୍ରେୟସୀ ଛବି ପ୍ରଣୟ ଜଗାଏ ।
ଅପୂର୍ବ ଭାବନା ରଜ୍ଜୁରେ ଆମେ ଦୁହେଁ ବନ୍ଧା,
ଶାଶ୍ୱତ ପ୍ରେମର ଅଙ୍ଗେ ପ୍ରେମ ଆମ ସଜା ।

ବସ୍ତା, ବାଲେଶ୍ୱର
୯୧୭୮୫୯୪୯୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ଗୋ ତୁମେ...

ବାସନ୍ତୀ ଲତା ଜେନା



କବିତା ଗୋ ତୁମେ ମୋ ମନ ମୟୂରୀ
କଳ୍ପନାର ମଧୁଗୀତି
ସୁନେଲି ସ୍ୱପ୍ନର ପ୍ରୀତିର ରାଗିଣୀ
ଭାବନା ରାଜ୍ୟର ସ୍ମୃତି ।୧।
କବିତା ଗୋ ତୁମେ ପାହାଡି ଝରଣା
ତଟିନୀର କୁଳୁତାନ
ପକ୍ଷୀର ଗୁଞ୍ଜନ ପ୍ରତ୍ୟୁଷ କିରଣ
ମୃଦୁମଳୟ ପବନ ।୨।
କବିତା ଗୋ ତୁମେ ସମାଜର ପ୍ରଥା
ସଂସ୍କୃତି  ସଭ୍ୟତା ନୀତି
ଭାଷା ସାହିତ୍ୟର ପ୍ରଗତି ଗୋ ତୁମେ
ଅଶାର କିରଣ ଜ୍ୟୋତି  ।୩।
କବିତା ଗୋ ତୁମେ ଚେତନାର ସ୍ୱର
ଦୁଃଖ ସୁଖ ଲୁହ ଝର
ଘାତ ପ୍ରତିଘାତ ଯନ୍ତ୍ରଣା ଜୀବନ
ପରିସ୍ଫୁଟ ସୃଜନୀର  ।୪।
କବିତା ଗୋ ତୁମେ କୋମଳ ହୃଦୟେ
ଅଥଳ ସାଗର ଢେଉ
ଭାବ ମାଧୁର୍ଯ୍ୟରେ ମଣ୍ଡିତା ତୁମେ ଗୋ
ପାଠକଙ୍କ ପ୍ରିୟ ହେଉ ।୫।
କବିତା ଗୋ ତୁମେ ରଙ୍ଗର ପସରା
ଜୀବନର ସ୍ୱଚ୍ଛ ପାଣି
ସପ୍ତ ରଙ୍ଗର ମୋହିନୀ ମନ୍ତ୍ର ଗୋ
ଶାନ୍ତି ମା ପଣତ କାନି  ।୬।
ଶିଶୁର ଆଖରେ ନିଦ ଭରି ଦିଅ
ଜନନୀ ଲୋରିରେ ଥାଇ
କରୁଣାର ତୁମେ ପ୍ରୀତି ମନ୍ଦାକିନୀ
ଜଗତ ମଙ୍ଗଳ ପାଇଁ  ।୭।
କବିତା ଗୋ ତୁମେ ରୂପସୀ ତରୁଣୀ
ଯୌବନର ପ୍ରୀତି ଗନ୍ଧା
କବିର ପ୍ରାଣରେ ଶାଶ୍ୱତ ପ୍ରେମିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋ ପ୍ରେମରେ ହେଲି ବନ୍ଧା ।୮।

କବିତା ଗୋ ତୁମେ କବି ଲେଖନୀର

ଚଳ ଚଞ୍ଚଳ ତଟିନୀ

ସମୟ ସ୍ରୋତରେ ସାମ୍ପ୍ରତିକ ଭାବ

ସଜାଇ ଥାଉ ସୃଜନୀ ।୯।

ତୁମେ ପ୍ରିୟତ୍ତମା କବିଙ୍କ ପ୍ରାଣର

ପ୍ରିୟ ଲେଖନୀର ସହି

ଅନ୍ତର ବେଦନା ହୃଦୟ ଯାତନା

ଅବ୍ୟକ୍ତରେ ଯାଅ କହି ।୧୦।

ତୁମେ ଶାନ୍ତି ଭକ୍ତି ପ୍ରେମର ଦୀପାଳି

ପୂଜାରିଣୀ ଅର୍ଘ୍ୟ ଥାଳି

ତୁମେ ହିଁ ସାହସ ଭରସାର ଉତ୍ସ ପ୍ରେରଣାର

ନବ କଳୀ ।୧୧।

କବିତାରେ ଯଦି ମନ ଲାଖି ଯାଏ

ପାଠକ ହୁଅନ୍ତି ଖୁସି

କବିଙ୍କ ପ୍ରାଣରେ ଅମୂଲ୍ୟ ରତନ

ସତେ ସେ ପାଇଛି ଶଶୀ ।୧୧।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

# ବନ୍ଦ କୋଠରୀରେ ମୁଁ

ତାରାପ୍ରସାଦ ଜେନା



ମୁଁ ସିନା ରହିଛି ବନ୍ଦ କୋଠରୀରେ
ଚିନ୍ତା ମୋର ନୁହେଁ ବନ୍ଦ
ଜଳ ସ୍ଥଳ ନଭ ବିସ୍ତାରିତ ଚିନ୍ତା
ସ୍ୱପ୍ନ ମୋର ବାର ଛନ୍ଦ
.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୦ !

ସୁଖ ଛୁଉଁ ଛୁଉଁ ଦୁଃଖ ଆବୋରୁଛି
ଯନ୍ତ୍ରଣାରେ ଚଳହୀନ
ଭାଗ୍ୟ ବିଡ଼ମ୍ବନା ପଥ ରୋକୁଅଛି
ସ୍ୱାର୍ଥ ବୁଝାମଣା ମନ,
ମନପବନର ଘୋଡ଼ାରେ ଉଡୁଛି
ପବନକୁ କରି ଫାନ୍ଦ
.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୧ !

ଦ୍ୱିଧା ବିଧା ମାରି ନିଃଶ୍ୱାସଟା ଦୀର୍ଘ
ଆଖି କାନ ମୁଣ୍ଡ ଛୁଏଁ
ପଥ ହୁଡ଼ି କିବା ଠିକଣାକୁ ଭୁଲି
ନିଜ ପର କରି ଧାଏଁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାରିବାର ଭୟ ବିଗାଡୁଛି ମୋତେ

ହଜିଗଲା ପୂର୍ଣ୍ଣ ଚାନ୍ଦ

.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୨ !

କିଛି ବୁଝିବାର ଅବସୋସ ନେଇ

ଜୀଇବାକୁ ଭୁଲେ ଥଳ

ଶୂନ୍ୟ ଚାନ୍ଦ ଦେଖି ଆଖି ଡରାଟୁଛି

ପାଉନାହିଁ ଦେହେ ବଳ,

କଙ୍କାଳର ଭୂତ ନିପଟୁଛି ଅବା

କଣ୍ଠ ରୋଧେ ସତ କାନ୍ଦ

.... ମୁଁ ସିନା ରହିଛି ବନ୍ଦ କୋଠରୀରେ .... ! ୩ !

ସା.-ରଣପୁର (ଗୋଡ଼ିପାଟଣା ସାହି),

ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼,

ପିନ୍-୭୫୨୦୨୬, ଓଡ଼ିଶା

ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେଲାରେ ହେଲା

ଧ୍ରୁବ ଚରଣ ଘିବେଲା

ହେଲାରେ ହେଲା ବରଷା ହେଲା
ପଡ଼ି ରହିଥିଲା ଯାହା ଶୁଖିଲା
ବରଷା ପାଣିରେ ସବୁ ପୂରିଲା
ଶୁଷ୍କ ପରାଣେ ପ୍ରାଣ ଭରିଲା ।
ରହିଲାନି ଆଉ ଭୂଇଁ ଶୁଖିଲା
ଶୁଖିଲା ଭୂଇଁରେ ଘାସ ହସିଲା
ମାଟି ତଳ ଦୁବ ମୁଣ୍ଡ ଟେକିଲା
ସବୁଠି ଶାଗୁଆ ଦିଶି ଆସିଲା ।
ପଡ଼ିଆ ପ୍ରାନ୍ତର ହସି ଉଠିଲା
ସାଧବବୋହୂଟି ଖେଳି ବୁଲିଲା
ନୂଆ ଉତ୍ସାହରେ ଚାଷୀ ଚଷିଲା
ହଳ ଲଙ୍ଗଳକୁ ସାଥି କରିଲା ।
କୃଷକ ସଂଗୀତ କ୍ଷେତୁ ଶୁଭିଲା
ଚାଷ କାମ ପୂରା ଆଗେଇଗଲା
ଚାଷୀର ମୁହଁରେ ହସ ଜମିଲା
ବୁଣା ରୁଆ କ୍ଷେତ ଶାଗୁଆ ହେଲା ।
ପାହାଡ଼ ଡଙ୍ଗରେ ମେଘ ଭାସିଲା
ଭାସି ଆସି ସେଠୁ ବରଷିଗଲା
ଗାଆଁ ସହରରେ ପାଣି ଢାଳିଲା
ବରଷିବା ଯାକେ ଧାର ଛୁଟିଲା ।

ଧିରେ ଧିରେ ବର୍ଷା ଛାଡ଼ି ଆସିଲା
ରଙ୍ଗର ପସରା ଧନୁ ଥୋଇଲା
ପଟୁଆର ମେଲି ଧନୁ ହସିଲା
ଯେ ଦେଖିଲା ତାକୁ ସେ ଖୁସି ହେଲା ।
ବରଷା ବରଷି ତାତି କମିଲା
ସବୁ ନଈ ନାଳେ ସୁଅ ଛୁଟିଲା
ଉଦ୍ଭିଦର ମିତ୍ର ବର୍ଷା ସାଜିଲା
ମାତ୍ର ବର୍ଷା ପାଇ ପଙ୍କଜ ମଲା ।
କଷି କଦମ୍ବରେ ବୃକ୍ଷ ନଇଁଲା
କିଆ କେତକୀ ଯେ ମନ ମୋହିଲା
ଘର ଆଗ ନାଳେ ପାଣି ବୋହିଲା
ଡଙ୍ଗାକୁ ଭସାଇ କୁନା ଡେଇଁଲା ।

ବଉଦରାଜ, ଜି. ବୌଦ୍ଧ
ମୋ : ୯୪୩୭୪୭୮୪୬୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଥା ସାର

ନୀଳମଣି ଚାନ୍ଦ



କ୍ଷିତି, ଅପ୍, ତେଜଃ, ମରୁତ, ବ୍ୟୋମ
ମିଶି ଯାଇ ପାଞ୍ଚ ହେଲେ
ଏହି ଉପାଦାନେ ସୃଷ୍ଟିକରତା
ଶରୀରକୁ ଗଢି  ଦେଲେ ।

ମୃତ୍ୟୁର ପରେ ସେହି ଶରୀର
ହୁଏ ପଞ୍ଚଭୂତେ ଲୀନ
'ଶରୀର' ସ୍ତରଠୁଁ ଉନ୍ନତ ଯିଏ
ତା'କୁ କୁହାଯାଏ ମନ ।

'ମନ'ଠାରୁ ବଡ଼ ବୁଦ୍ଧିଟି ସିନା
କହୁଥାନ୍ତି ଜ୍ଞାନୀ ସନ୍ଥ
'ଧର୍ମ ଏକା ସିନା ଗୋଟିଏ ରାହା
ଆପଣେଇବା ସେ ପଥ ।

ଚୌରାଅଶୀ ଲକ୍ଷ ଜନ୍ମର ପରେ
ମାନବ ଜନ୍ମଟି ମିଳେ
ହିନ୍ଦୁଶାସ୍ତ୍ରଟିରେ ଏ କଥା ଲେଖା
ପଢିଲେ ଜାଣିବା ବଳେ ।

ଦୁର୍ଲ୍ଲଭ ଜନ୍ମ ଯେ ମାନବ ଜନ୍ମ
ଏ କଥା ଭୁଲିବା ନାହିଁ
ଭକ୍ତି, ଜ୍ଞାନ, କର୍ମ ଅସଲ ମାର୍ଗ
ଅଛି ଆଚରିବା ପାଇଁ ।

ଇଏ ମୂଲ୍ୟବାନ ଏ କଥା ସାର
ଯିଏ ପାଳେ ଜୀବନରେ
ପରମେଶ୍ୱର ଯେ ହୁଅନ୍ତି ତୋଷ
ଆଶିଷର ସୁଧା ଝରେ ।

୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ବିନା ମୋର

ରାମ ଚନ୍ଦ୍ର ପ୍ରଧାନ



ତୁମ ବିନା ମୋର ବିଶାଳ ହୃଦୟ
ଲାଗେ ମୋତେ ମହାଶୂନ୍ୟ
ଅସ୍ତିତ୍ୱ ହରେଇ ସବୁ ଭୁଲିଯାଏ
ପାପ ହେଉ କି' ସେ ପୁଣ୍ୟ ।

ତୁମ ବିନା ମୋର ପ୍ରେମ ସରୋବର
ଲାଗେ ମରୁଭୂମି ସମ
ବାଟବଣା ହୋଇ ପାଗଳେ ପ୍ରାୟକେ
କରେନି ମୋ ମୁଣ୍ଡକାମ ।

ତୁମ ବିନା ମୋର ଶୟନ କକ୍ଷଟା
ଲାଗେ ଭାରି ନିଛାଟିଆ
ବିରହ ଯନ୍ତ୍ରଣା ସହି ନ ପାରି କି'
ମନ ହୁଏ ଅମାନିଆ ।

ତୁମ ବିନା ମୋର ନୟନ ଯୁଗଳ
ଲାଗେ ପୁରା ଫିକା ଫିକା
ସ୍ୱପ୍ନ ହଜି ଯାଇ ବୃଥା ଆସ୍ଫାଳନେ
ମନେ ଭରେ ଅହମିକା ।

ତୁମ ବିନା ମୋର ମନ ବେଳାଭୂମି
ଲାଗେ ତଟଶୂନ୍ୟ ଭଳି
ବେସାହାରା ହୋଇ ସାହାରା ଖୋଜେ ମୁଁ
ଆଶାର ପ୍ରଦୀପ ଜାଳି ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୭୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆକାଂକ୍ଷା ଭ୍ରମାଏ

ଅଲେଖ ମେହେର



ମକରନ୍ଦ ଲୋଭେ  ମିଳିନ୍ଦ କଞ୍ଜରେ
  ବନ୍ଧାପଡେ ନିଶିମୁଖେ,
ଯେସନେ ମାତଙ୍ଗ ମଦନ ଆରତେ
  ବନ୍ଦୀହୁଏ ନିଜ ସୁଖେ ।
ସଞ୍ଚିତ ରେତକୁ ଧନି ସରସିଜେ
  କ୍ଷଣସୁଖେ କରି ଦାନ,
ଅକାର୍ପଣ୍ୟ ପ୍ରୀତି  ଆଶ୍ଲେଷେ ମାନବ
  ମଣଇ ନିତ୍ୟ ମହାନ ।
ଚନ୍ଦ୍ରକୁ ଚକୋର ଘସ୍ରକୁ ଉତ୍ପଳ
  ନୀରଦେ ଯଥା କଳାପୀ,
ତେସନେ ପରାଣୀ ଅପ୍ରାକୃତ ପ୍ରେମ
  ଅର୍ଣ୍ଣବ ପାରିନି  ଥାପି ।
କ୍ଷୀର ନୀର ଯୁକ୍ତ ମାୟାର ସଂସାର
  ବଶୀଭୂତ ମନ ବଳେ,
ଆକାଂକ୍ଷା ଜଡିତ କର୍ମଯୋଗ ସିନା
  ବିକ୍ଷଣରେ ଜନେ ଛଳେ ।

କାମନା ବାସନା ପ୍ରବୃତ୍ତି ସ୍ଥିତିରୁ
  ଖେଦ ପୟୋନିଧି ଜାତ,
ମନ ମାନେନାହିଁ ଆତ୍ମାର ବଚନ
  ଖୋଳେ ନରକର ଗାତ ।
ସ୍ୱରୂପ ସ୍ଥିତିରେ ନିମଜ୍ଜିତ ଚିତ୍ତ
  ମିଶେନା ଭବ ସାଗରେ,
ଯେସନେ ଲହୁଣୀ ଉଦକେ ମିଶେନା
  ଅନାଶକ୍ତ ଭାବ ଧରେ ।
ବିମୋହିତ ଯାହା  ମନ ଆତ୍ମା ବଳେ
  ମିଳନ୍ତି ଈଶ ଗୋବିନ୍ଦ,
ଲପନେ ଯେସନେ ସ୍ୱଷ୍ଟ  ବାରିହୁଏ
  ବିଲୋକିଲେ କୁରୁବିନ୍ଦ ।

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast Original at https://youtube.com/@drjyotiprasad

# ମନେ ପଡ଼ ତୁମେ...

ଶିଲ୍ପାଲିପି ବେହେରା

ସବୁ ତ ସରିଯାଇଛି
ପ୍ରେମର ପୃଷ୍ଠାରୁ
ପ୍ରଶ୍ନ ଆଉ ଉତ୍ତର,
ଆଜି ବି କାହିଁକି ମନେ ପଡ
ତୁମେ ଅଦିନ ବର୍ଷା ପରି.. ?

କାହିଁକି ଉଠେ ଶିହରଣ
ତନୁ ମନେ,

ଦିନ ପ୍ରତିଦିନ
ତୁମେ ଉକିଂମାର
ମନର ଗହନ ବନରେ,
କାହିଁକି ଆସିଯାଅ ଜୀବନେ
Live telecast ପରି..॥

ଆଉ ପରୁ ନାହିଁ ବଂଚି
ତୁମକୁ ମନ ଭିତରେ ରଖି,
ଅସହାୟ ଲାଗେ ଭାରି
ଯେବେ ମୋ ମନ ମୋ କଥା ମାନେନା..,

ଚିରି ଯାଏ ଛାତି ଭିତର ଟା
ତୁମ ସ୍ୱପ୍ନର ଅଡୁଆ ସୁତା ଖିଅରେ,

ସରିବ କେବେ ସମୟ
କେବେ ହେବ ଅନ୍ତ
ସବୁ ଦିନ ଭାବେ
କିନ୍ତୁ ଉତ୍ତର ଖୋଜି ପାଏନା..॥

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ
ମହାବିଦ୍ୟାଳୟ ଜଗତସିଂହପୁର
ଫୋନ୍: ୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ଆସିବ ବୋଲି

ରବିନାରାୟଣ ମିଶ୍ର



ତୁମେ ଆସିବ ବୋଲି,
ମୁଁ ଚାହିଁ ବସିଛି ଚାତକ ନୟନେ
ହୃଦୟ ଦରଜା ଖୋଲି,
ପାଦରେ ନୂପୁର ବାନ୍ଧି ଦେଇକରି
ପାଛୋଟି ମୁଁ ନେବି ବୋଲି ।୧।

ତୁମେ ଆସିବ ବୋଲି,
ସଜ ମଲ୍ଲୀ ଫୁଲ ଗଜରାର ମାଳି
ମାନସ ପଟେ ଗୁନ୍ଥିଲି,
ଦୟଣାର ମାଳା ହୃଦରତ୍ନ ହାର
ପିନ୍ଧାଇ ଦେବି ମୁଁ ବୋଲି ।୨।

ତୁମେ ଆସିବ ବୋଲି,
ଶୁଭ୍ର ପଣତ ମୋ ସଜେଇ ରଖିଛି
ଶ୍ରୀମୁଖ ପୋଛିବି ବୋଲି,
ନୟନେ ଲୋତକ ଭରି ରଖିଅଛି
ଶ୍ରୀପାଦ ଧୋଇବି ବୋଲି ।୩।

ତୁମେ ଆସିବ ବୋଲି,
ଭୁଞ୍ଜାଇବି ଫଳ ରଖିଅଛି ମୁହିଁ
ମନ ଗହନରୁ ତୋଳି ।
ସୁବାସିତ ଜଳ ସୁଶୀତଳ କରି
ପାନ କରାଇବି ବୋଲି ।୪।

ତୁମେ ଆସିବ ବୋଲି,
ଭକତି ପସରା ସ୍ୱହସ୍ତେ ଧରି ମୁଁ
ବାଢ଼ି ଦେବି ପାଦେ ବୋଲି,
ମୋ ମନ ଦେବତା ଜଗତର କର୍ତ୍ତା
କୃଷ୍ଣ ପାଦ ଧ୍ୟାୟେ ଖାଲି ।୫।

ବାଲିପଦା, ଘଣ୍ଟେଶ୍ୱର
ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ

ସୁଜିତ କୁମାର ମିଶ୍ର



ଲୁହରେ ସ୍ନାନସିକ୍ତ
ସେ କାହାର ଲୁହ ପୋଛି,
ପଚାରିଲେ କୁହନ୍ତି
ଏ ସ୍ନାନ ହିଁ ତାଙ୍କ ଧନ ସମ୍ପତ୍ତି ।

ପଡିଉଠି ଫୁଲମାଳ ବିନା
ବହି ଯାଉଥିବା ଏକ ମହାନଈ,
ଫୁଲ ପରି କୋମଳ,
ପଥର ପରି କଠୋର,
ତୁମେ ତାଲିବାନୀ ହୋଇପାର
ସେ ତୁଳସୀ ପତ୍ରର ରସ ସବୁଦିନ ପାଇଁ ।

ସେ କେବଳ ଆଖି ଦେଖାନ୍ତି ନାହିଁ,
ସେ ଶ୍ରାବଣରେ ଭିଜିଭିଜି
ହାତ, ହୃଦୟକୁ ଦିଅନ୍ତି ଲମ୍ବାଇ ।

ତୁମେ ଘଣ୍ଟା ପିଟ ସେ ଶୁଣିବେନି,
ତୁମେ ନୀରବରେ କେଇବୁନ୍ଦା ହେଲେ ବର୍ଷା
ସେ ଶୁଦ୍ଧ ସଙ୍ଗୀତର ଆବାହନୀ ।

ଗୁରୁ, ପୂର୍ଣ୍ଣିମାର ଜୋଛନା ରାତି,
କରୁଣାର କେରାଏ କୌମୁଦୀ,
ଆପଣାପଣର ନିର୍ଝରିଣୀ,
ଆଲୋକିତ ପୃଷ୍ଠାର ଐତିହାସିକ କାହାଣୀ,
ସେ ହୁଅନ୍ତି କିମ୍ବଦନ୍ତୀ,
ତୁମେ ତାଙ୍କ ପଥର ଯାତ୍ରୀ ।

ଦେଖ ଆଖି ଖୋଲି, ଦୀପ ଜାଳି,
ତୁମ ଅନ୍ଧାର କେମିତି
ଧୀରେ ଧୀରେ ଯାଉଛି ଦୂରେଇ
ଆଲୋକ ରୋଷଣୀର ଏବେ ପାଳି ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୬୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶ୍ରୀରାମଚନ୍ଦ୍ର ବନ୍ଦନା

ପ୍ରଦୀପ କୁମାର ଜିଲିକାରା



ଜୟ ଜୟ କୋଦଣ୍ଡ ଧାରଣ ରାମଚନ୍ଦ୍ର

ଭୟ ଭଗ୍ନ କର ବିଭୋ ସାକେତ ମହେନ୍ଦ୍ର ହେ ।

ବିଭୀଷଣ ଶରଣ ରକ୍ଷଣ ବନଚାରୀ

ରବି ସୁତ ଉପକୃତ ରବି ସୁତ ମାରି ହେ ।

ଜୟ ଜାନକୀ ରମଣ ବିଂଶବାହୁ ରିପୁ

ସଘନ ଶ୍ୟାମଳ ଦୂର୍ବାଦଳ ରୁଚି ବପୁ ହେ ।

ବ୍ରହ୍ମାଣ୍ଡ ଈଶ୍ୱର ଅକୂପାର ଦର୍ପ ହର

ପବନ ପୁତ୍ର ହୃଦୟ ଉଦୟ ମିହିର ହେ ।

ଖର ଦୂଷଣ ଅନ୍ତକ ମାରୀଚ ମୋକ୍ଷଦ

ଦଣ୍ଡକା ଅରଣ୍ୟ ତପଚାରୀ ହୃଦ ପଦ ହେ ।

ଭଜେ ଅରୁଣ ପଙ୍କଜ ଚରଣ ଯୁଗଳ

ଦୀନ ପ୍ରଦୀପ କିଙ୍କର ଚିତ୍ତ ଭରସଳ ହେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଶା

ଗୁପ୍ତେଶ୍ୱର ଚାନ୍ଦ



ସବୁ ନିଶା ଠାରୁ ଏ ବିଷୟ୍ୟା-ନିଶା
ଅଟଇ ପ୍ରଭାବ-ଶାଳୀ ।
ପ୍ରବଳ ପ୍ରତାପୀ ମହା ପରାକ୍ରମୀ
ଶୋଇ ପଡ଼େ ଗଡ଼-ଘାଲି ।୧।

ହୋଇ ଥାଉ ରାଜା ଅବା ମହା ରାଜା
ସେ ବିଶ୍ୱ ବିଜୟୀ ବୀର ।
ଏ କଥା ନିଶ୍ଚୟ ହେବ ପରାଜୟ
ନ ଚଳେ ସେଠି କାହାର ।୨।

କେତେ କେତେ ଋଷି ମୁନି ମତିଭ୍ରମ
ଧୈର୍ଯ୍ୟ-ତରୁଟି ଉପୁଡ଼େ ।
ସେ ମହାସ୍ରୋତରେ ଯେ ଜନ ପଡ଼ିଲା
ବନ୍ଧ ବାଡ଼ ଯେ ଭୁଷୁଡେ ।୩।

ମାନୀ ଦୁର୍ଯ୍ୟୋଧନ ଲଙ୍କାର ରାବଣ
ମହିଷାସୁର ଦାନବ ।
ଆଖି ପିଛୁଳାକେ ଦୁନିଆଁ ବକ୍ଷରୁ
ବାତଘାତେ ଯେହ୍ନେ ଗବ ।୪।

ଏ ନିଶା ଯାହାକୁ ଘାରିଥାଏ ଥରେ
ବୁଦ୍ଧି-ଜ୍ଞାନ ନିଏ ହରି ।
ସତ୍ୟ ଅସତ୍ୟର ଫରକ ନ ଜାଣେ
ହୁଏ ମଦ୍ୟପର ସରି ।୫।

ଖଣ୍ଟ ପଣେ ଜାଣ ବିବେକ-ରତନ
ଲୁଟି ନିଅଇ ତୁରିତେ ।
ଏଣୁ ହରିରାମ କର ଗଣ୍ଠି ଧନ
ଯିବୁ ଯେବେ ମୁକ୍ତି-ପଥେ ।୬।

ନୋହିଲେ ଶମନ ଶୁଣ ବାପ ଧନ
ବାନ୍ଧି ନେବ ଅନ୍ତ କାଳେ ।
ମାନବ ଜୀବନ ହେବ ଅକାରଣ
ମନକୁ ଚୈତନ୍ୟ ବୋଲେ ।।୭

ସମାସିଂହା ; ଝାରସୁଗୁଡ଼ା ;
ମୋ: ନଂ :-୭୬୮୩୮୪୧୦୬୪.

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଏ ଜୀବନ ଗତିପଥ

ନିରଞ୍ଜନ ସାହୁ



ହାରିବା ଜିତିବା ଭିତରେ ଜୀବନ
ଆଗକୁ ଯାଇଛି ଗଡି
ପଡିଛି ଉଠିଛି ଝୁଣ୍ଟିଛି ଚାଲିଛି
ବିକଳେ ରଡିକୁ ଛାଡି ।

ସୁଅ ମୁହେଁ ମୁହିଁ ପତର ସାଜିକି
ପାଣିରେ ଯାଇଛି ଭାସି
କୂଳ ପାଇନି କି କିନାରା ପାଇନି
ଉଦ୍ଧାରିନି କିଏ ଆସି
ପାଣିସୁଅ ମୋତେ ମନଇଚ୍ଛା କେତେ
ନେଇଯାଇଅଛି ତଡ଼ି ।

କାଳର କବଳେ କବଳିତ ହୋଇ
ବାହିଛି ଜୀବନ ତରୀ
ଭଉଁରୀରେ ପଡ଼ି ଯାତନା ଭୋଗିଛି
ବିପଦ ବରଣ କରି
କାତ ପାଇନାହିଁ ଆହୁଲା ମାରି ମୁଁ
ହାଲିଆ ଘଡ଼ିକି ଘଡ଼ି ।

ଭାଗ୍ୟକୁ ଭୋଗିଛି ସାରା ଜୀବନଟା
କରିଲେ ବି ଯେତେ କର୍ମ
ଭାଗ୍ୟଫଳ ବୋଧେ ଭୋଗିବା କେବଳ
ଏହି ଜୀବନର ଧର୍ମ
କିଏ ଜାଣେ ଏହି ଜୀବନେ ବି ଥିବ
ପଡ଼ିବାକୁ ହାତକଡି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୁଲିବାକୁ ଯାଇଛି

ସ୍ୱାତିଶ୍ରୀ ପଣ୍ଡିତ

ବୁଲିବାକୁ ଯାଇଛି, ଆଜି ସେଇ ଚିହ୍ନ ଅପରିଚିତ,
ସ୍ମୃତିର ଦୁନିଆରେ ଖୋଜିବାକୁ ତୁମ ଆଭାସ ଅକ୍ଷୟ ସମ୍ପଦ ।
ଜୀବନ ର ପଥରେ ଯେତେବେଳେ ମିଳିବ ନିର୍ମଳ ଶାନ୍ତି,
ବୁଲିବାକୁ ଯାଇଛି, କିଛି ସମୟ ଏହି ଅନ୍ତର ଅନ୍ଧାର ତାଳ ।

ଗତି ଓ ମନର ଅସହାୟତା ମଧ୍ୟରେ ସେଇ ଗାଥା,
ମୃତ୍ୟୁର ପଥରେ ଅସ୍ଥାୟୀ ସମୟର ସାନ୍ଧାନ ।
ଜୀବନର ସଂସାର ଅନ୍ତରେ ଏକ ସେଇ ଅନୁଭବ ତୁମ,
ବୁଲିବାକୁ ଯାଇଛି, ତୁମ ନାମରେ ରହିଛି ଏକ ସମାଧାନ ନିର୍ମାଣ ।

ତୁମ ସ୍ମୃତି ଅନ୍ତର ମଧ୍ୟରେ ନିରାମୟ ଅବସ୍ଥା,
ଜାଣିବାକୁ ଆସିଲେ ଦୂରର ଅନ୍ତର ଜ୍ୟୋତି ।
ବୁଲିବାକୁ ଯାଇଛି, ଯାତ୍ରା ଆଜି ଶେଷ ସମୟର ଖୋଜି,
ମାନ୍ୟତାର ମଧୁର ଦୂର ତାଳରେ ପ୍ରେମର ଆଶା ଆଗକୁ ଝଲକି ।

ଯେତେବେଳେ ସେଇ ପାଇଁ ଅନ୍ତର ଅବସ୍ଥା ମିଳିବ,
ବୁଲିବାକୁ ଯାଇଛି, ଆଜି ଆମ ସ୍ମୃତି ଏକ ସଂସ୍କାର ।
ପ୍ରେମର ତାଳ ଓ ଚିହ୍ନର ସହ ସାହାରା କରି,
ତୁମ ପଥରେ ଆସିବାକୁ ସମୟ ଆବଶ୍ୟକ, ଏହି ସମସ୍ତ ଭାବନା ।

ବ୍ରହ୍ମପୁର (ଗଂଜାମ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୃଦ୍ଧାଶ୍ରମ

ଚନ୍ଦ୍ରକାନ୍ତ ଜେନା



ଦଶ ମାସ,ଦଶ ଦିନ ଗର୍ଭର ଜ୍ୱଳନ,

'ମାଆ' ସେ,

ଅନ୍ତ ଫାଡ଼ି ଦେଇଛି ଜନମ,

କେତେ ଅଳି, ଅର୍ଦ୍ଦଳି ସହି !

ନିଜ ପେଟେ ଓଦା କନା ଦେଇ,

ଅହରହ ନିଜ ପିଲାଙ୍କ ଚିନ୍ତାରେ,

ମା' ସେ ତ ମମତାର ସିନ୍ଧୁ ।

ତା ସନ୍ତାନ ପାଇଁ,

ଝରାଉଛି ଜୀବନର ପ୍ରତିଟି ରକ୍ତବିନ୍ଦୁ  ! !

ଲୁହ-ଲହୁ ପିଇ ବଞ୍ଚିଥିବା ନିରୀହ ମଣିଷଟିଏ,

ନିଜ ସନ୍ତାନଙ୍କ ଯାବତିୟ କର୍ମକାଣ୍ଡ ବୋହି,

'ବାପା' ସେ ତ  !

ସରଗଠୁ ବଡ଼,

ଦିନରାତି, ଖରାବର୍ଷାକୁ ଏକ କରି,

ନିଜର ସର୍ବସ୍ୱ ତ୍ୟାଗ କଲାପରେ....

ଆଜି  ! ଦୁହେଁ ଆଜି ବୃଦ୍ଧାଶ୍ରମରେ  ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଧିର ଏ କି ବିଧାନ ସତେ,
ଶେଷରେ ଏ ଦିନ ଦେଖିବାକୁ ଥିଲା,
ଚାରି, ଚାରିଟା ରୋଜଗାରିଆ ଭେଣ୍ଡାପୁଅ !
ସେଦିନ ଧକ୍କା ଦେଇ ତଡି ଦେଇଥିଲେ,
ଯେମିତି ଧକ୍କା ଦେଇ ଜନ୍ମିଥିଲେ ମା'ର ଗର୍ଭରୁ ।
ବାଃ ରେ ଦୁନିଆ !!

ଆଜି...
ବୃଦ୍ଧାଶ୍ରମର ସେ ଅନ୍ଧାରୁଆ ନିବୁଜ୍ କୋଣରେ,
କଷ୍ଟ,ଯନ୍ତ୍ରଣାକୁ ଛାତିଏ କରି ।
ନା ଅଛି ଏଠି ନାତି,ନାତୁଣୀଙ୍କ ସରାଗ !
ଖାଲି ଦୁଖଃଭରା ମନର ଆବେଗେ...
ବିତୁଛି ଜୀବନ ସାୟାହ୍ନର ମୁହୂର୍ତ୍ତ ସବୁ,
ଆଶା,ବିଶ୍ୱାସ ଓ ଭରସାର ବନ୍ଧ ସବୁ ଭାଙ୍ଗିରୁଜି ଗଲାଣି,
ସ୍ନେହ,ପ୍ରେମ,ଶ୍ରଦ୍ଧା ସବୁ କବର ନେଲେଣି,
ଆଉ ବା କେତେଦିନ !
ସମାଧି ନେବାକୁ ଏ ଦେହ !!
ଗଣୁଛି ଦିବସ,ରଜନୀ,
ମାଗୁଛି ମୃତ୍ୟୁର ଭିକ୍ଷା !
ହେ ମୃତ୍ୟୁ !!!
ତୁମେ ସହଳ ଚାଲିଆସ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ନାହିଁ ବଞ୍ଚିବାର ମୋହ,

ଚାଲିଗଲେ ଦୁନିଆରୁ....

ଆଶ୍ରମର ଭାଇ,ବନ୍ଧୁମାନେ

ପୋଡ଼ିଦେବେ ମଶାଣି ଭୂଇଁରେ,

ପାଉଁଶ ପାଲଟିବ ଏ ଦେହ ।

ନା ଥିବ ସନ୍ତାନର ମୋହ,

ନା ଥିବ ହୃଦୟରେ ଆଉ ସେ କୋହ,

ଝୁରୁଛି....

ତୁମକୁ ହେ 'ବୃଦ୍ଧାଶ୍ରମ'

ସୁରକ୍ଷିତ କରିଥିଲ ତୁମେ ଆମ ବାର୍ଦ୍ଧକ୍ୟକୁ....

ହେ ଆଜିର ସନ୍ତାନ !

ହେଜ ଟିକେ ଚିନ୍ତା ଚେତନାରେ

ବୁଝ ଟିକେ ଅନ୍ତର ଆତ୍ମାରେ,

ଆଉ କେତେଦିନ ସତେ ??

ଏଇ ପରିଚୟ ନେଇ....

ରହିଥିବୁ ଏହି 'ବୃଦ୍ଧାଶ୍ରମେ' !

...ହଁ,ଏହି 'ବୃଦ୍ଧାଶ୍ରମେ' !!

ପୁରୁଷୋତ୍ତମପୁର

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ନେହ ମମତାର ଡୋରି ରାକ୍ଷୀ

ଝରଣା ସାହୁ



ତୁ ଜନ୍ମ ହୋଇନଥିଲୁ ବୋଲି ମୁଁ

କେତେଯେ ଯନ୍ତ୍ରଣା ଭୋଗୁଥିଲି

ତା'ର କଳନା ନାହିଁ,

କେତେ ଲୋକଙ୍କୁ ଯେ

ନିବେଦନ କରୁଥିଲି

ଏହି ରେଶମି ସୁତା ଖଣ୍ଡକ ବାନ୍ଧିହେବା ପାଇଁ ।।

କାହା ଭାଇକୁ ନିଜ ଭାଇବୋଲି

ଅତି ଆଗ୍ରହରେ ଦେଖିବାକୁ

ଧାଇଁ ଯାଉଥିଲି,

କେତେ ଲୋକ ମୋତେ

ଦେଖି ନିଜ କବାଟ

ବନ୍ଦ କରି ଦେଉଥିଲେ, କେବେ ଗଣି ପାରିନାହିଁ ।।

କେତେ ଯେ ଭଗ୍ନୀହୀନ ଭାଇଙ୍କର

ମୁଁ ପ୍ରିୟ ଭଉଣୀ ଥିଲି

Listen to Odia Podcast Original at https://youtube.com/@drjyotiprasad

ମୋତେ ଖାଲି ଜଣା,

ସ୍କୁଲରେ ଗୀତଗାଇ ଗାଇ

ଭାଇ, ଭଉଣୀଙ୍କୁ

ରାକ୍ଷୀବାନ୍ଧି, ଖୁସି ହେଇ ଯାଉଥିଲି କ୍ଷଣିକ ପାଇଁ ।।

ଭାତୃହିନା ବୋଲି ବିବେଚିତା ହୋଇ

ଦୁଃଖେ କାଳାତିପାତ

କରୁକରୁ,

ମୁଁ ମଧ୍ୟ ଖୁସିରେ କେବେ

ପ୍ୟାଣ୍ଟ, ସାର୍ଟ ଖୋଲି

ଧାଇଁ ବୁଲିଥିଲି, ତତେ ଛୁଇଁ, ତୁ ଜନ୍ମହେଲୁ ବୋଲି ।।

ସମାଜର ମୋ ପ୍ରତି ଥିବା କୁଦୃଷ୍ଟି

ତୋ ଆସିବାରେ ଶେଷ

ହେଲା ସତ

ହେଲେ, ପ୍ରତିବର୍ଷ ତୋ ନାଁରେ

ଶୁଭମନାସି ସେହି

ନାଲିସୂତା ଖଣ୍ଡିକ ଆଜିବି ମୁଁ ବାନ୍ଧି ପାରୁନାହିଁ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି ବଡହେଲେ ଭଲ ମଣିଷଟିଏ

ହେବୁ ବୋଲି ଠାକୁରଙ୍କ

ପାଖରେ ମୋ

ପ୍ରାର୍ଥନା ଏଯାବତ ରହିଆସିଛି

ଆଗକୁ ମଧ୍ୟ ରହିବ

କେବେ ଦୂରେଇ ପାରିବିନି ତତେ, ତୁ ମୋ ପ୍ରିୟ ଭାଇ।।

ଡଙ୍ଗରମାଳ, ନର୍ଲା

କଳାହାଣ୍ଡି

ମୋ : ୭୩୨୭୦୭୯୭୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏଇ ପ୍ରେମ ପାଇଁ

ସିଦ୍ଧେଶ୍ୱର ତ୍ରିପାଠୀ



କାହିଁକି ତୁ ଦିନେ ଆସିଲୁ ଜୀବନେ
ଶିଖେଇଲୁ ମୋତେ ପ୍ରେମ
ସେଇ ପ୍ରେମ ପାଇଁ ପର କରିଦେଲୁ
ମିଛେ ହେଲି ବଦନାମ ।

ସେବେଠୁ ଝରୁଛି ଏ ଆଖିରୁ ଲୁହ
ଝୁରୁଛି ଏମନ ତୋତେ
ମିଠା ମଳୟରେ ନୂଆ ସାଥି ପାଇ
ଖୁସିରେ ଅଛୁ ତା ସାଥେ ।

ତଥାପି ଏ ଆଖି ତୋତେ ଝୁରେ ନିତି
କିଏବା ହେବ ତୋ ସମ
କାହିଁକି ତୁଦିନେ ଆସିଲୁ ଜୀବନେ
ଶିଖେଇଲୁ ମୋତେ ପ୍ରେମ ।

ସେଇ ତୋ ଚେହେରା ଆଖିର ଇଶାରା
କେଇ ଦିନ ଭାବ ପ୍ରୀତି
ଆଜିବି ତୁ ଅଛୁ ଏ ଛାତିରେ ମୋର
ଭୁଲିବି ତୋତେ କେମିତି ।

ତୋତେ ଭୁଲିବାକୁ ମିଛ କଉଷଳ
କରେନାହିଁ କିଛି କାମ
କାହିଁକି ତୁ ଦିନେ ଆସିଲୁ ଜୀବନେ
ଶିଖେଇଲୁ ମୋତେ ପ୍ରେମ ।


ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୂନ୍ୟ ନୀଡ଼

ବିନୟ ମହାପାତ୍ର



କେବେ ଯଦି ଜୀବନ ଜଞ୍ଜାଳରୁ
ଦୁଇ ଘଡି ଫୁରସତ୍ ମିଳିବ,
ସେଇଥିରୁ ଘଡିଏ,
ମୋ ପାଇଁ ସାଇତି ରଖିବ,
ଧଳା କଳା ମିଶା ଉଲୁରା ବାଳ ସଜାଡି
ପଣତରେ ଝାଳ ପୋଛି ପୋଛି
କେବେ ଯଦି ଆସିବ,
ଅଗଣାର ବଉଳ ମୂଳରେ
ମୋ ପାଖେ ଖୁନ୍ଦିହୋଇ ଦି'ଘଡି ବସିବ ।

ତୁମେ କିଛି କହିବ, ମୁଁ କିଛି କହିବି
ନିଜ କଥା କହି ଶୁଣି
କେବେ ହସି, କେବେ ପୁଣି
ଆଖି ଲୁହ ପଣତରେ ପୋଛିବା,
ସମୟ ସୁଅରେ ବିତିଗଲା ଦିନ
ଆଉ ହଜିଗଲା ବୟସର
ହିସାବ କିତାବ ସାଥିହୋଇ କରିବା ।
ଜୀବନ କେମିତି ଥିଲା,
ସମୟର ସୁଅରେ
କେତେ କଥା ବୋହିଗଲା
ସଂସାରର ଟେଢା ମେଢା ରାସ୍ତାରେ
ପଥ ଚାଲୁ ଚାଲୁ, କେତେ କଣ ପାଇଲେ,
ଆଉ କଣ ହରାଇ ଦେଲେ,
ଯାତ୍ରାର ଅନୁଭବ ନିଜ ସାଥେ ବାଣ୍ଟିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଜୀବନର ଯାତ୍ରା

କେଉଁଠୁ ଯାତ୍ରା ଆରମ୍ଭ ହେଲା

ଆଜି ଆସି କେଉଁଠି ପହଞ୍ଚି ଗଲା

ଚଲ ଚଞ୍ଚଳ ଏ ଘରର ଗହଳ ଚହଳ

ଆଜି ସତେ ସ୍ୱପ୍ନ ପରି ଲାଗେ,

ସମୟର ସାଥେ, କଥାସବୁ ସ୍ମୃତି ହୋଇଗଲା

ତୁମେ ମୋର ସାଥେ ଅଛ,

ଜୀବନର ସଂଧ୍ୟାରେ ସବୁକିଛି ମନେପଡେ,

ବର୍ଷ ଆଉ ବୟସ ବଢିବା ଭିତରେ

ଏ ଦେହ, ଏ ମନରେ

ସମୟ କେତେ ରଙ୍ଗ ବୋଳିଦେଲା

କେତେ କେତେ ଘାଆ ଦେଇଗଲା

ରଙ୍ଗ ସବୁ ଧୋଇଗଲା ପରେ

ଘାଆ ଯେତେ ସୁଖିଗଲା ପରେ

ଦାଗ ଯେତେ ଜଳ ଜଳ ଦିଶେ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଟିକି ପ୍ରଣତୀ ଘେନ

ନଳିନୀ ଦାଶ



ଛୋଟ ପିଲା ମୁହିଁ  କିଛି ଜାଣେ ନାହିଁ
ମୋ ଟିକି ପ୍ରଣତୀ ଘେନ
ସଞ୍ଜ ସକାଳରେ  କରୁଛି ପ୍ରାର୍ଥନା
ଗାଉଛି ନିତି ଭଜନ  ।

ଅଗତିର ଗତି  ଆହେ ରଘୁପତି
ସତ୍ୟ ପଥେ ମୋତେ ନିଅ
ଧରମ କରମ  ଶିଖାଇ ଦିଅ ହେ
ବଳ ବୁଦ୍ଧି ଜ୍ଞାନ ଦିଅ  ।

ମୋ ଶାନ୍ତ ସରଳ  ମନରେ ପ୍ରଭୁ ହେ
ହସ ଖୁସି ଭରିଦିଅ
ସବୁରି ଓଠରେ  ହସ ଫୁଟାଇବି
ହୋଇବି ମୁଁ ସୁନା ପୁଅ  ।

ଆହେ କୃପାସିନ୍ଧୁ  ଦୁଃଖୀ ଜନବନ୍ଧୁ
ତୁମେତ ଜଗତ ପିତା
ଆଶିଷ ଝରାଅ  ମଥାରେ ମୋହର
ହୋଇବି ଜଗତାଜିତା  ।

କେତେ ଭକତଙ୍କୁ  ଉଦ୍ଧାର କରିଛ
ତୁମ ପାଦେ ଥାଉ ମତି
ରାମ ନାମ ଗାଇ  ପଥ ଲଂଘିଯିବି
ଆହେ ପ୍ରଭୁ ରଘୁପତି  ।


ଭିକାରିପଡା, ଶରଣକୁଳ, ନୟାଗଡ଼।
ଦୂରଭାଷ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଧନ୍ୟରେ ଆଜିର ଓକିଲ !

ଅଜିତ କୁମାର ରାଉତ



ଲଜ୍ଜା ଲାଗେ ଶୁଣି, ଜାଣି,
ଜନତ କହୁଛି, ଅପରାଧୀ ସିଏ,
କରି ନିର୍ଯ୍ୟାତନା, ହତ୍ୟା କରିଛି,
ଆନ୍ଦୋଳନ ହୁଏ, ଦେଶବ୍ୟାପୀ
କିନ୍ତୁ,ଦେଖ ଦେଶବାସୀ ଥରେ,
ଅପରାଧୀ ପାଇଁ ଓକିଲ ମିଳୁଛି, ଦେଶର ପ୍ରତିଷ୍ଠିତ ଓକିଲ ହେ,
ଓକିଲ ହେଉଛି ସେ କିଏ ?

କାହିଁକି ଡରିବ ଅପରାଧୀ ?
ଟଙ୍କା ଅଛି, ରାଜନୈତିକ ସଂରକ୍ଷଣ ଅଛି,
ଅପରାଧ ଜାଣି ସୁଦ୍ଧା, ଓକିଲ ତା'ର ଓକିଲାତି କରୁଛି !
ଅପରାଧୀକୁ ନିର୍ଦ୍ଦୋଷ ଘୋଷିତ କରିବା ପାଇଁ !
ହେ ନାରୀ, ହେଉ ବା ତୋର ନିର୍ଯାତନା, ହେଉ ତୋର ବା ବଳାତ୍କାର,
ହେଉ ବା ତୋର ହତ୍ୟା,
ଶୁଭୁ ବା ତୋ ଚିତ୍କାର, ରୋଦନର କଷ୍ଟକର ସ୍ୱର,
ଟଙ୍କା ଦରକାର ଓକିଲର,
ତୋର ଅପରାଧୀର, ସେ ଓକିଲାତି କରିବ,
ଯାଏ ଆସେ ତାର କଣ ?
ମାନବତାରେ କଣ ଅଛି, ତାକୁ ଟଙ୍କା ଦରକାର ?
ଚିହ୍ନିବାକୁ ହେବ ଏପରି ଓକିଲଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

## ସେ କିଏ ?

ଆଜି ମଦ ଯୋଗୁଁ ଅପରାଧ ବଢୁଛି
କାହିଁକି ନା ?
ସ୍ଥାନ ସ୍ଥାନ ମଦ ବିପଣି
ଦେଶରେ ରାଜସ୍ୱ ଦରକାର,ସରକାର କହୁଛି
ଭରୁଛି ଖଜଣା,
ରାଷ୍ଟ୍ରର ଉନ୍ନତି ପାଇଁ !
ଜାଣି ପାରୁ ନାହିଁ ସମାଜର କେତେ କ୍ଷତି ହେଉଛି,
ଯୁବା ବେକରେ ହେଉ ଛନ୍ତି,
ଜ୍ଞାନ ଶୁନ୍ୟ ହେଉଛି, ଯୁବାଙ୍କର ବୁଦ୍ଧି ବିବେକ !
ବଢୁଛି ଅପରାଧ, ନାରୀ ନିର୍ଯ୍ୟାତନା,
ତା ସଙ୍ଗେ ଓକିଲ, ଅପରାଧୀର ଓକିଲାତି କରୁଛୁ ?
ରାଜନୈତିକ ଦଳ ଅପରାଧୀର ସମର୍ଥନ କରୁଛନ୍ତି
ଚିନ୍ତା ଲାଗୁଛି, ଦେଖି ଏ ସବୁ ଘଟଣା
କିପରି ହେବ, ଅପରାଧୀଙ୍କର ଦମନ ?
କିପରି ଘୁଞ୍ଚିବ ନାରୀ ନିର୍ଯ୍ୟାତନା, ନାରୀ ଜାତିର ହତ୍ୟା ?
ଦେଶରେ ମଦ ବିପଣି ପଢୁ ଥିବ ?
ଓକିଲ ଅପରାଧୀର ଓକିଲାତି କରୁଥିବ ?
ହେ ଇଶ୍ୱର ତୁମେ ହିଁ ଭରସା !

ସଭାପତି ଉତ୍କଳ ସମ୍ମିଳନୀ ଷଢେଇକଳା
ଖରସୁଆଁ ଜିଲ୍ଲାର ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

# ଶିଖା ନାୟକ

ତେଜସ୍ୱିନୀ ପଣ୍ଡା



\\୧\\

ସେ ନୁହେଁ ସଳିତାର ଶିଖା,
ଅବା ସେ ନୁହେଁ କାହା
ଭାଗ୍ୟର ଭାଗ୍ୟରେଖା ।
ସେ ଭଲପାଏ ଜଣେ
ଅସ୍ତିତ୍ୱହୀନ ଜଡ଼ ମଣିଷକୁ
କହି ବୁଲେ ଦେଖ ଦେଖ !
ଏଇ ପାଷାଣ ହିଁ ମୋର ପ୍ରେମିକ ।
ଶିଖା ନାୟକ କଣ
ଗୋଟେ ଅଭିଶପ୍ତ ନାରୀ !
ନା ନା ! ସେ ଗଙ୍ଗଶିଉଳି,
ସମସ୍ତଙ୍କୁ ବାସ ଦେଇ ନିଜେ
ଝରିଯାଏ ସଂଜର ଅନ୍ତିମ ପ୍ରହରୀ ।

//୨//

ଶିଖା ନାୟକ ଭଲପାଏ
ବିହଙ୍ଗର ମଧୁର କାକଳି ।
ବସିଦେଖେ ଲଣ୍ଠନ ଆଲୁଅ
ଘେରିଗଲେ ନିର୍ଜନତା ବେଶୀ,
ଦୂରରୁ ଶୁଭିଲା ଯେବେ ପ୍ରଣୟ ରାଗିଣୀ,
ଶିଖା ନାୟକ କହେ ଦେଖ ଦେଖ !
ଚିତ୍କାର କରୁଛି ଆଜି ଝରାଶେଫାଳୀ ।

//୩//

ଶିଖା ନାୟକ ଦିନେ କାନ୍ଦୁଥିଲା
ପ୍ରେମିକର ଜୁଇ ଜଳିବା ଦେଖି
ମନରେ ଲାଖୁଥିଲା ପ୍ରଥମ ସମ୍ମୋହନ,
ଯେ ପୁରୁଷ ସ୍ପର୍ଶରେ ସେ
ପାଇଥିଲା ଦିନେ ନବଜୀବନ ।
ଏବେ ସେ ଅନୁତପ୍ତ କାହାଣୀର
ନାୟିକା ଚରିତ୍ର,ତା ଦେହେ
ଏବେ ଅନେଶତ ଦାଗ,
ସବୁ ଦାଗ ଦେଇଥିଲେ
କେତେ ରସିକ ନାଗର ।
ଶିଖା ନାୟକ - ମୁଠାଏ ଅଭିଶପ୍ତ
ପାଉଁଶର ଅବଶେଷ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁରୁ ଦିବସ

ମନ୍ଦାକିନୀ ପାଢ଼ୀ



ସତ୍ୟର ମାର୍ଗରେ, ପୂଣ୍ୟସଂସ୍କାରରେ
ଜ୍ଞାନ ଆଲୋକରେ ମିଳନ୍ତି ଗୁରୁ ।।
ଗୁରୁ ଯେ ସମାନ ଈଶ୍ୱରଙ୍କ ସହ
ସିଦ୍ଧ ପୁରୁଷଟିଏ ।।

ମାନବ କଲ୍ୟାଣ ପାଇଁ ଜନ୍ମ ଯାହାଙ୍କ
ମହାନ ଶକ୍ତିର ସିଏ ଆଧାର
ଆଲୋକ ବର୍ତ୍ତିକା ସମ ଜଳି ଉଠେ
ଗୁରୁ ପାଇଁ ଶିଷ୍ୟ ଜ୍ଞାନର ।।

କର୍ମ, ଭାବ, ଜ୍ଞାନର ପରିବର୍ତ୍ତନରେ
ଗୁରୁ ଏକା ଆଧାର ଶିଷ୍ୟ ଜୀବନର
ଗୁରୁଙ୍କ ଭିତରେ ବିଶ୍ୱକୁ ଦେଖେ
ଆଦର୍ଶ ଶିଷ୍ୟ ମହାନ ।।

ଗୁରୁଙ୍କ ସଂସ୍ପର୍ଶରେ ମିଳେ ତାକୁ
ପ୍ରତ୍ୟକ୍ଷ ଦିବ୍ୟଜ୍ଞାନ
ସାଧନାକୁ ସିଦ୍ଧି କରନ୍ତି ଯେ ଗୁରୁ
ସିଏ ଅଟନ୍ତି ମହାନ ।।

କାଠ ବୋଲି ଶିଷ୍ୟ ନିଜକୁ ଭାବିଲେ
ବାସେ ହୋଇ ସେ ଚନ୍ଦନ
ମହକାଇ ଦିଏ ସାରା ବିଶ୍ୱକୁ
ଦେଇ ତା ମହତ ଜ୍ଞାନ ।।

ଧୈର୍ଯ୍ୟ, ଶ୍ରଦ୍ଧା, ସ୍ନେହ ଶିଖାନ୍ତି ଗୁରୁ
ଲଭନ୍ତି ଆତ୍ମସମ୍ମାନ
ଶିଷ୍ୟ ସମର୍ପଣେ ଗୁରୁ ଜ୍ଞାନ ମିଳେ
ସେ ହୁଏ ଗୁରୁଙ୍କ ପରି
ଗୁରୁଙ୍କ ପାଖରେ ଅତୁଟ ବିଶ୍ୱାସ
ରହେ ନାହିଁ ଶିଷ୍ୟଙ୍କ ଅବଶୋଷ ।।

ପଦ୍ମପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭକ୍ତି ନୈବେଦ୍ୟ

ସରୋଜ କୁମାର ପଣ୍ଡା



ଦାମୀ ଉପହାର ଦେବାକୁ ସାଇଁ ହେ
କଉଡ଼ି ନାହିଁ ମୋ ପାଖେ
କି ଦେଇ ପୂଜିବି ଶ୍ରୀଛାମୁ ପୟର
କି ସ୍ତୋତ୍ର ଗାଇବି ମୁଖେ ?

ପ୍ରୀତି ଉପହାର ସଜେଇ ରଖିଛି
ଅନ୍ତର ହୃଦୟ କୋଣେ
ସାଇତି ରଖିଛି ଲୋତକ ଦି ଟୋପା
ଧୋଇବି ଶୀରି ଚରଣେ ।।

ମନ ଉପବନେ ପ୍ରୀତିର କୁସୁମ
ଫୁଟିଛି ଜାତିକା ଜାତି
ଶ୍ରଦ୍ଧା ମାଳ ଟିଏ ତିଆରି କରିଛି
ସ୍ନେହର ସୂତାରେ ଗୁନ୍ଥି ।।

ଦୀପରେ ସଜାଇ ଭକତି ସଳିତା
ଢ଼ାଳିଛି ପ୍ରେମର ଘିଅ
ଶୋକକୁ ଆଡେଇ ଦୁଃଖକୁ ଘୁଞ୍ଚାଇ
ପୂଜିବି ଆରାଧ୍ୟ ଦିଅଁ ।।

ପୂଜାବିଧି କିଛି ଜାଣିନାହିଁ ପ୍ରଭୁ
ନ ଜାଣେ ମନ୍ତ୍ର କି ଶ୍ଳୋକ
ଭକତି ମନରେ କରେ ଆରାଧନା
ପ୍ରୀତ ହୁଅ ପୀତବାସ ।।

ଧର୍ମଗଡ଼, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଐତିହ୍ୟ ରକ୍ଷକ

ପ୍ରାଣବନ୍ଧୁ ରାଉତ



ପ୍ରଭୁ ଗଜାନନ କରନ୍ତି ଗମନ
    ମୂଷିକ ବାହନ ସାଥିରେ ଧରି ।
ମର୍ତ୍ତ୍ୟ ମଣ୍ଡଳରେ ଭକ୍ତ ଚାହିଁଛନ୍ତି
    ଡିଜେ ସାଙ୍ଗେ କେତେ ରଙ୍ଗ ରୋଷଣୀ

ରାତିରେ ଅପେରା ଦିନରେ ଯାତରା
    ମଞ୍ଚ ପୁର ସତେ ପଡେ ଉଚ୍ଛୁଳି ।
ଭକ୍ତି ଭାବେ ଛାତ୍ର ଛାତ୍ରୀ ପୂଜୁଛନ୍ତ
    ଶିକ୍ଷା ଅନୁଷ୍ଠାନ ସବୁ ଉଠୁଛି ଜଳି ।

କ୍ଲବ ପିଲାମାନେ ଲାଗି ପଡିଛନ୍ତି
    ବିଦ୍ୟା ଦାତାଙ୍କର ହେବ ବନ୍ଦନ ।
ବିଭିନ୍ନ ବେଶରେ ବେଶ କରିଛନ୍ତି
    ପାର୍ବତୀ ନନ୍ଦନ କି ମନୋହର ।

ଐତିହ୍ୟ ଗ୍ରାମ ମୋ ପିଙ୍ଗୁଆ ନାମ
    ବାରମାସେ ତେର ପର୍ବ ହୁଏ ପାଳନ
ଯାତ୍ରା ମଞ୍ଚ  ସଜହୁଏ ପ୍ରତେକ ବର୍ଷ
    କର୍ଣ୍ଣଧାର ମହାନ, ସେ ଲଳିତ ସିଂହ ।

ସଂସ୍କୃତି ରକ୍ଷକ ସେ ଲମ୍ବୋଦର
    ସାଥେ ଯୁବ ଗୋଷ୍ଠୀ ଆଦର କର ।
ଐତିହ୍ୟ ରକ୍ଷକ ସୁଦ୍ଧ ତୁମ ବିଚାର
    କରୁ ନମସ୍କାର ଗ୍ରହଣ କର ॥


ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶ୍ରେଷ୍ଠଜୀବ ଆମେ ସାରା ସୃଷ୍ଟିର

ଛବିରାଣୀ ପତି



ଶ୍ରେଷ୍ଠ ଜୀବ ଆମେ ସାରା ସୃଷ୍ଟିର
ନିଃଶ୍ୱାସକୁ ବିଶ୍ୱାସ ନଥିବା ଜୀବନ ଆମର
ବାଟୋଇ ଏକ ଅଜଣା ଅମଡ଼ା ବାଟର
ସେଥିପାଇଁ ତ ଜୀବନ ଏକ ପରୀକ୍ଷାଗାର
ନିଷ୍ଫଳ ସୂତ୍ର ସେ ଜଟିଳ ଅଙ୍କର
କଷି କଷି ଭାଙ୍ଗିଯାଏ କଷଟି ପଥର ।

ଜୀବନ ପରୀକ୍ଷା ନିଷ୍ଠୁର କଠୋର
ଅସମାହିତ ପ୍ରଶ୍ନ ମାୟା ମରିଚିକାର
ଦୟା କ୍ଷମା କରୁଣା ସମର୍ପଣର
ଧର୍ଯ୍ୟ ସାହାସ ଶକ୍ତି ବୁଦ୍ଧି ପରାକ୍ରମର
ସତ୍ୟ ଧର୍ମ କର୍ମ ନ୍ୟାୟ ନିଷ୍ଠା ଅଧ୍ୟବସାୟର
ସବୁ ପରେବି ସବୁ ଖେଳ ଭାଗ୍ୟ ନିୟତି ।

ସୁନ୍ଦର ପରିଭାଷା ଜୀବନ ପ୍ରେମର
ସ୍ୱତନ୍ତ୍ର ହୃଦୟ ତାର ଚିନ୍ତା ଚେତନାର
ମାର୍ମିକ ଅଭିବ୍ୟକ୍ତି ଐଶୋରୀୟ ଭାବନାର
ରହସ୍ୟମୟ ଅସରନ୍ତି ସମସ୍ୟାର ଘର

କର୍ମ ବ୍ରତୀ ଅବିଶ୍ରାନ୍ତ ସାଧନାର
ଦୟା କ୍ଷମା ସ୍ନେହ ପ୍ରେମାନୁରାଗର
ସର୍ଜନା ସନ୍ନିବେଶିତ ପ୍ରଶ୍ନ ପତ୍ରର
ସଠିକ୍ ମୂଲ୍ୟାୟନେ ଉଦ୍ୟମ ସାକାର ।

ଜୀବନ ଖୋଜେ ସଦା ତିତିକ୍ଷା ତ୍ୟାଗର
ଶ୍ରମ ସଂଜୀବନୀ ପୁଳାଏ ବେଦନାସିକ୍ତର
ଦୃଢ଼ ଇଚ୍ଛାଶକ୍ତି ବଳେ ପ୍ରାପ୍ତି ଯୋଗ ସିଦ୍ଧିର
ଏନ୍ତୁଡ଼ି ରୁ ଶ୍ମଶାନ ଯାଏଁ ପ୍ରଶ୍ନ ସମାହାର
ସଫଳତା ବୁଦ୍ଧି ବିଦ୍ୟା ଶକ୍ତି ସାମର୍ଥ୍ୟର
ସୁସ୍ଥ ମସ୍ତିଷ୍କରେ ବି କେବେ ପାଏନା ଉତ୍ତର

ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର ।
ଫୋନ୍ _୯୩୩୭୯୬୦୦୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଏଲିନା ପାଣିଗ୍ରାହୀ



ହେ ମୋର ପ୍ରାଣ ପ୍ରିୟ ମୂରଲୀଧର
ଅଷ୍ଟ ପାଟରାଣୀ ରାଧା ମନଚୋର ।

ରୋହିଣୀ ନକ୍ଷେତ୍ରେ ଭାଦ୍ରବ ମାସର
ଜଗତ କଲ୍ୟାଣେ ଜନ୍ମଟି ତୁମର ।

ଅଷ୍ଟମ ତିଥିର ତୁମେ ଅଷ୍ଟମ ଅତିଥି
ଆସିଛି ଜନ୍ମାଷ୍ଟମୀର ପୁଣ୍ୟ ତିଥି ।

ଭୟଙ୍କର ରାତି ଅଷ୍ଟମ ପ୍ରହରେ
ଜନମିଲ କଂସର ବନ୍ଦୀ ଶାଳରେ ।

ଧର୍ମ ସଂସ୍ଥାପନ ଅର୍ଥେ ଅବତରି
ଆସିଲ ତୁମେ ଶ୍ରୀକୃଷ୍ଣ ରୂପ ଧରି

ଚକୋର ମୁଖ ଯେ କୋମଳ କଳିକା
ମୁକୁଟେ ଶୋଭିତ ମୟୂର ଚନ୍ଦ୍ରିକା

ଅମୃତ ବାରିଧି କଳା କାନ୍ତି ତିରେ
ସୁନ୍ଦର ମୁଖରୁ ମୃଦୁ ମଧୁ ଝରେ ।

ନୀଳମଣି ନୀଳ ନାରଙ୍ଗୀ ବସନ
ମୁଖ ମେଘ ଘନ ଚମକିତ ଜହ୍ନ ।

ବ୍ରହ୍ମାଣ୍ଡ ଗୋସାଇଁ ଦେବକୀ ନନ୍ଦନ
ମନଲୋଭା ତୁମ ରୂପ ସନାତନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଦ୍ମ ଲୋଚନ ଜଗଦୀଶ ହେ କୃଷ୍ଣ
ମାତା ଯଶୋଦାଙ୍କର ହୃଦ ଚନ୍ଦନ ।

କୃଷ୍ଣ ଜନ୍ମାଷ୍ଟମୀର ଶୁଭ ମୁହୂର୍ତ୍ତ
ଧରାପୃଷ୍ଠେ ହୋଇଅଛି ଉପନୀତ ।

ବସୁଦେବ ସୁତ ନନ୍ଦଙ୍କର ପ୍ରାଣ
ତୁମ ଜନ୍ମେ ଉଲ୍ଲସିତ ଦେବ ଗଣ ।

ଗୋପିକା ବଲ୍ଲଭ ପ୍ରଭୁ ଜନାର୍ଦ୍ଦନ
ସ୍ୱାଗତ କରେ ମୋ ମନ ବୃନ୍ଦାବନ ।

ସାକ୍ଷୀ ଅଛି ଯମୁନା ନଦୀର ତିର
କୃଷ୍ଣ ଯେ ସ୍ପନ୍ଦନ ରାଧା ହୃଦୟର ।

ହେ ପ୍ରଭୁ ଆସ ନିତ୍ୟ ଝଙ୍କାର ତୋଳି
ହୃଦୟ ପଲ୍ଲବରେ ହେ ବନମାଳି ।

ଝଙ୍କାର ତୋଳେ ତବ ବଂଶୀର ସ୍ୱର
ସପ୍ତ ରାଗର ଦିବ୍ୟ ଆଦ୍ୟ ଓଁକାର ।

ଦ୍ରୌପଦୀର ସମ୍ମାନ ଆଜି ବିଧ୍ୱସ୍ତ
ଉଦଣ୍ଡ ସମାଜ ଦ୍ୱାରା ନିର୍ଯାତିତ ।

ଦେଖି ତୁମ ଅଧରେ ଅମୃତ ଶଶୀ
ଆନନ୍ଦିତ ସାରା ଗୋପପୁର ବାସୀ ।

ରାକ୍ଷସ ପ୍ରବୃତ୍ତି ଗାମୀ ସମାଜକୁ
ସତ୍ୟ ଧର୍ମ ଅହିଂସା ଶିକ୍ଷା ଦେବାକୁ ।

ହେ କୃଷ୍ଣ ଜନମ ନିଅ ପୁଣି ଥରେ
ମୋର ଏହି ପୁଣ୍ୟ ଭାରତଭୂମିରେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ସ୍ୱାଗତିକା ସାହୁ



ତୁମ ସ୍ପର୍ଶ ସଂଚାରେ ଭୂମିରୁ ଭୂମା
ଅଭିମନ୍ତ୍ରିତ ବିଶ୍ୱ ଜୀଇଁଉଠେ ମଣେ ଧନ୍ୟ
ଅନାଦି ସୃଷ୍ଟିର ବୀଜ ତୁମେ
ବିଷୟ୍ ମଧ୍ୟେ ବ୍ରହ୍ମବିଦ୍ୟା ତୁମେ
ଅକ୍ଷର ମଧ୍ୟେ ଆ'କାର
କାଳ ମଧ୍ୟରେ ମହାକାଳ ତୁମେ
ସମାସ ମଧ୍ୟେ 'ଦ୍ୱନ୍ଦ' ତୁମ ନାମ

ତୁମେ 'ଧାତା' ବିଶ୍ୱଦେବ
ଛନ୍ଦରେ ତୁମେ ଗାୟତ୍ରୀ
'ବୃହତ୍ତସାମ' ନାମେ ତୁମେ ଶ୍ରୁତି
ଛଳନାରେ ଦ୍ୟୁତ, ଗୋପନୀୟ୍ ମଧ୍ୟେ ମୌନ
ତେଜ ତୁମେ ତେଜସ୍ୱର
ତ୍ରୀଗୁଣର ସତ୍ତ୍ୱଗୁଣଟି ତୁମେ
ସକଳ ବ୍ରହ୍ମାଣ୍ଡ ତୁମ ତେଜରୁ ଜାତ

ଭାଦ୍ର ମାସେ କୃଷ୍ଣ ପକ୍ଷେ
ଅଷ୍ଟମୀ ତିଥି ନିଶାର୍ଦ୍ଧ ଭାଗେ
ରୋହିଣୀ ନକ୍ଷତ୍ର ସଂଯୋଗେ
ବୃଷ ରାଶି ସମ୍ପୂର୍ଣ୍ଣ କଳା ସହ
ଆଗମନୀର ବାର୍ତ୍ତା କହେ ମୁଷଳ ବର୍ଷା
ଦ୍ୱାପର ଯୁଗରେ ବାଛିନେଲ ମଥୁରା
ମାତା ଦେବକୀ ଗର୍ଭରୁ ଭୂମିଷ୍ଠ ହେବାକ୍ଷଣୀ
ଲୀଳା ସଂଯୋଗିଲ ଲୀଳାସମ୍ଭୂତ

ଧର୍ମର ସୁରକ୍ଷା, ସଂସ୍କାର,ସଂହାର
ଥିଲା ତୁମ ଲକ୍ଷ୍ୟ.....
ଆକାଶ ଉତ୍ସବ ମୁଖରିତ
ଦୁନ୍ଦୁଭି ନାଦେ ପ୍ରକମ୍ପିତ ଧରା
ଦେବଙ୍କ ପୁଷ୍ପ ବୃଷ୍ଟି ମଧ୍ୟେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀଳ ଜୀମୂତ ତନୁ କାନ୍ତି ଝଟକେ
ପାଦେ ଦିଶେ ଶଙ୍ଖ ଚକ୍ର ତେଜ
ଅଧର ଓଠ ରକ୍ତ ରଙ୍ଗ
ଶ୍ରୀବତ୍ସ ଚିହ୍ନ ହୃଦେ ଶୋଭାପାଏ
ଅପୂର୍ବ ରୂପ ଯାଦବ କୂଳେ
ଚତୁର୍ଦ୍ଧା ମୁରତି ସମ ସୌମ୍ୟ ଶରୀର
କଂସର ବନ୍ଦୀସାଳା ହେଲା ଦିବ୍ୟ ତେଜମୟ
ବସୁଦେବଙ୍କ ଶିଙ୍କୁଳି ଫିଟେ ତତ୍କ୍ଷଣେ
ଛତ୍ର ସାଜେ ଅନନ୍ତ ନାଗ
ଦେଖି ଶଙ୍ଖ ଚକ୍ର ବାଟ ଛାଡ଼େ ଉଗ୍ରଶେନ

ଯୁମୁନା ନଦୀ ବାଲି ବାନ୍ଧେ ନିଜେ
ଗୋପପୁର ବଢ଼ିଲେ ଆନନ୍ଦେ
ଯଶୋଦା,ନନ୍ଦ ରାଜା କୋଳରେ
କଂସର ବନ୍ଦୀସାଳା ରୁ ସଚରାଚର ଜଗତ
ସ୍ତବ୍ଧ ତୁମ  ଭାବ ଛନ୍ଦେ
ପୁତନା, ଶକଟାସୁର ବକାସୁର ବଦ୍ଧ
ସବୁତ ତୁମ ସ୍ୱୟଂ ରଚିତ ଅନିର୍ବାର୍ଯ୍ୟ ଧାରା
ଧର୍ମରକ୍ଷକ ରଚିଲ ଗୀତା ଉପଦେଶ
ଶୁଣାଇ ମହାଭାରତ ସମରେ ଅର୍ଜୁନଙ୍କୁ
କୋଟି ବସ୍ତ୍ର ତୁମ ଉଦ୍ଧାରିଲା ଦ୍ରୌପଦୀ ମାନ

ସୁଦାମାଙ୍କ ସହ ବନ୍ଧୁତ୍ୱର ଅନ୍ତରଙ୍ଗ ସମ୍ପର୍କ
ଅସମ୍ଭାଳି ବିନା ପାଦୁକାରେ ଦୌଡିଲ
ହୋଇ ସୁଧା ଅଷ୍ଟପାଟ ବଂଶୀ ଦ୍ୱାରକା ଅଧୀଶ
ଆହେ ଭାବ ବିନୋଦିଆ ମୟୁର ଚୂଳିଆ
ଅନାଦି ଅନନ୍ତ ବିଭୁ ତୁମେ
ତୁମ ପ୍ରୀତିର ଗଙ୍ଗା ଧାରେ
ପ୍ରେମ ହେଲା ଆଦ୍ୟ ଭାଷା
କୃଷ୍ଣମୟ ହେଉ ଏ ଜଗତ
ତୋଳେ ପାଦ ପଦ୍ମ ତୁମ
ଲଭିବାକୁ ମୋକ୍ଷ ନିର୍ବାଣ ମାର୍ଗ

ଉମରକୋଟ, ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ବନ୍ଦନା ମହାପାତ୍ର



କରୁଛି ବନ୍ଦନ ନନ୍ଦଙ୍କ ନନ୍ଦନ
କର ଯୋଡି ଚରଣ ରେ,
କଳିର କରାଳ କରେ ବିକଟାଳ
କର୍ଣ୍ଣ ଦେଇ ଶୁଣ ବାରେ ।।

କାନ୍ଦେ ମା ଦେବକୀ ଖୋଜେ ମା ଯଶୋଦା
କାନ୍ଦି ଜରାଶ୍ରମ ପୁରେ,
କରୁଛି ଚିତ୍କାର ଧର୍ଷଣ ଦାଣ୍ଡରେ
କୃଷ୍ଣା ର ଆରତ ସ୍ୱରେ ।।

କରେ ନିବେଦନ ଅଧର୍ମ ଦୁଆରେ
ଧର୍ମ ମଥା ପିଟି ପିଟି
କରୁଛି ରାଜୁତି ଅନ୍ୟାୟ ମଣ୍ଡପେ
ନ୍ୟାୟ ଗଲା କାହିଁ ଲୁଚି ।

କଂସ ଅତ୍ୟାଚାର ବିଶ୍ୱ ଥରହର
ହିଂସା, ସ୍ୱାର୍ଥ ଘୃଣେ ମାତି ।
କରେ ଉପଦ୍ରବ ଦୁର୍ନୀତି ରାକ୍ଷସ
ନିର୍ଭୟ ନିଷ୍ଠୁର ଚିତ୍ତେ

କାହା ହୃଦେ ନାହିଁ ସ୍ନେହ ଶାନ୍ତି ଦୟା
ଅସହାୟ ବସୁମତୀ ।
କରିଲେ ହେ ହେଳା ବୁଡ଼ିଯିବ ଭେଳା
ଅପୂଜ୍ୟ ହେବ ନିଶ୍ଚିତ

ଆଉ ଥରେ ତୁମେ ଜନ୍ମ ନିଅ କୃଷ୍ଣ
ରଖ ଏ ପୁଣ୍ୟ ଭାରତ ।।
କରୁଣା ସାଗର କଳି ଅବତାରେ
କରେ ଧରି ଧର୍ମ ଅସ୍ତ୍ର

କରି ବିନାଶନ ନ୍ୟାୟ ଅଶ୍ୱେ ଚଢି
ଉଡ଼ାଅ ଶାନ୍ତିର ନେତ ।

Listen to Odia Podcast Original at https://youtube.com/@drjyotiprasad

କାଳେ କାଳେ ତୁମେ ଧରା ଉଶ୍ୱାସୀଛ
କେବେ କେଉଁ ରୂପେ ସାଜି
କରୁଛ ତାରଣ ମାରଣ ଶରଣ
କୃପାସିନ୍ଧୁ ନାମେ ମଜି ।।
କାନ୍ଦି ଡାକେ ମୁହିଁ ଦୀନା ଅନାଥିନି
କିଏ ବା ଶୁଣିବ ଦୁଃଖ
କୃଷ୍ଣ କୃଷ୍ଣ କୃଷ୍ଣ ନାମ ଜପି ଜପି
ଛାଡ଼ିବି ଶେଷ ନିଃଶ୍ୱାସ ।
କମଳଲୋଚନ କଳାବଦନ ହେ
ଆଦି ଅନାଦି ଅଚ୍ୟୁତ
ଆଉ ଥରେ ତୁମେ ଜନ୍ମ ନିଅ କୃଷ୍ଣ
ହସୁ ଏ ପୁଣ୍ୟ ଭାରତ ।।

ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଭରତବନ୍ଧୁ ବିଶ୍ୱାଳ



ଘୋର କଳିକାଳେ ବିପର୍ଯ୍ୟସ୍ତ ଧର୍ମ
ସତ୍ୟ ନ୍ୟାୟ ନୀତି ଭ୍ରଷ୍ଟ
ପାଲଟେ ମଣିଷ ହିଂସ୍ର ଦୁରାଚାରୀ
ନିଷ୍ଠୁର ଦାନବ ଦୁଷ୍ଟ ।
ହିତାହିତ ଜ୍ଞାନ ହରାଇ ଦୁର୍ମତି
କରେ ଅଟ୍ଟହାସ୍ୟ କଂସ
ଅନ୍ଧ ଅବିଚାରେ ସୁନ୍ଦର ସୃଷ୍ଟିକୁ
କରଇ ବିନାଶ ଧ୍ୱଂସ ।
ରାହୁକେତୁ ପ୍ରାୟ ମିଥ୍ୟା ବ୍ୟଭିଚାର
ସଂପୂର୍ଣ୍ଣ ଧରଣୀ ଗ୍ରାସେ
ବଡ ଦୁର୍ବିସହ ଲାଗଇ ଜୀବନ
ଆତଙ୍କିତ ଭୟତ୍ରାସେ ।

ପରିପୂର୍ଣ୍ଣ ଯହିଁ ଦୈବିକ ସମ୍ପଦା
ସର୍ବୋଚ୍ଚ ବିଚାରବୋଧ
ହତଶିରୀ ଶୋଭା ଗୋଲୋକ ବୈକୁଣ୍ଠ
ପରମ୍ପରା ମୂଲ୍ୟବୋଧ ।
ଭଗ୍ନ କୋଣାରକ ଧାମ ବୃନ୍ଦାବନ
ସମାଜ ଅଥର୍ବ ପଙ୍ଗୁ
ସେନେହ ମମତା ହୀନ ପରିବାର
ଦିନ ବିତେ କାନ୍ଦୁ କାନ୍ଦୁ ।
ଉଡି ଯାଇଅଛି କର୍ପୂର ସୁବାସ
ଛିଣ୍ଡା କନା ଅଛି ପଡି
ଭକ୍ତି ସମର୍ପଣ ନିଷ୍ଠା ଆରାଧନା
ଆଦର୍ଶ ଗଲାଣି ଛାଡି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ଯୁଗପୁରୁଷ ପୁରୁଷ ଉତ୍ତମ
ମାଧବ କେଶବ କୃଷ୍ଣ
ଗୁଞ୍ଜି ଉଠୁ ତୁମ ଶୁଭ ପଞ୍ଚଜନ୍ୟ
ମୂରଲୀ ସ୍ୱନ ମୋହନ ।
ଉତ୍କର୍ଷୁ ମାନବ ଆତ୍ମା ସାର୍ବଭୌମ୍ୟ
ମୁକ୍ତିର ସାଧନ ପ୍ରେମ
ହେଉ ସମନ୍ୱିତ ସତ୍ୟ ଗୁଣାଦର୍ଶ
ଉନ୍ମେଷୁ ଦିବ୍ୟ ଜୀବନ ।
ହେଉ ବହୁମୁଖୀ ପ୍ରଗତି ବାସ୍ତବ
ଫୁଟୁ ପ୍ରତି ମୁଖେ ହସ
ଗୀତୋପନିଷଦ ଅକ୍ଷର ଅମୃତ
କରୁ ବିଶ୍ୱପ୍ରାଣ ସ୍ୱର୍ଶ ।
ଅବତର ଶ୍ୟାମ ଗୋବିନ୍ଦ ଗୋପାଳ
ଜଗଦଗୁରୁ ଧରାତଳେ
ଆଉଥରେ ଜନ୍ମ ନିଅ ରାମକୃଷ୍ଣ
ପୁଣ୍ୟଭୂମି ଭାରତରେ ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ପଙ୍କଜିନୀ ଉପାଧ୍ୟାୟ



ତୁମ ଆକର୍ଷଣ କରେ ମୁଖରିତ ସାରା ବିଶ୍ୱ ବ୍ରହ୍ମାଣ୍ଡରେ
ଲୀଳାମୟ ତୁମ ଲୀଳାର କାହାଣୀ ଚେତନା ଜାଗ୍ରତ କରେ ।
ସୃଷ୍ଟି ଆରମ୍ଭର କାରଣ ହେ ତୁମେ କୀଟରୁ ବ୍ରହ୍ମ ପର୍ଯ୍ୟନ୍ତ
ବୀଜ ମନ୍ତ୍ର ବୁଣ ପ୍ରତି କାନେ କାନେ ଭୂମିରେ ହେଲେ ପତିତ ।

ବ୍ରହ୍ମ ବିଦ୍ୟାଧାରୀ ହେ ବିଶ୍ୱବିହାରୀ ତୁମେ ଜଗତର ଧାତା
ସବୁ ମନ୍ତ୍ରର ଉଚ୍ଚାରଣ ତୁମେ ହେ ସବୁ ଜୀବନର ସତ୍ତା ।
ବାସ୍ତବ କଳ୍ପନା ଛଳନା ମନ୍ତ୍ରଣା ସମସ୍ତ ସୃଷ୍ଟି ତୁମର
ତ୍ରିଗୁଣ ସହ ତ୍ରିଗୁଣାତୀତ ଗୁଣ ମାନଙ୍କର ସମାହାର ।

ଏ ମର୍ତ୍ତ୍ୟ ମଣ୍ଡଳେ କଂସ ବନ୍ଦୀ ଘରେ ବର୍ଷଣ ମୁଖର ରାତ୍ରି
ବିରଳ ଘଟଣା ଘଟିଥିଲା ଯାହା ଦେଖିଛି ଆମ ଧରିତ୍ରୀ ।
ଶାନ୍ତି ଅବତାର ଦୁଷ୍ଟଙ୍କ ସଂହାର କରିବା ଯାହାର କାମ
କଂସ ଆଦି ଯେତେ ଦୁରାଚାରିଙ୍କୁ ସଂହାରି ରଖିଲେ ସୁନାମ ।

ଅସମୟ ଏବେ ଦସ୍ତଖତ ଦିଏ ପ୍ରତି ଘରର ଦ୍ୱାରରେ
ଆଉ ଥରେ ଜନ୍ମ ନିଅ ହେ କୃଷ୍ଣ ମୋ ପୁଣ୍ୟ ଭାରତ ଭୂଇଁରେ ।


ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୁଣ୍ୟ ଭାରତରେ

ବିଦ୍ୟୁତପ୍ରଭା ମିଶ୍ର



ଆଉଥରେ ପ୍ରଭୁ ଅବତରି ଆସ
ମୋର ପୁଣ୍ୟ ଭାରତରେ ,
ଏ କଳିଯୁଗରେ ପାପର ଭାରା ରେ
ବସୁମତୀ ଲୁହ ଝରେ ।
ଦ୍ୱାପର ଯୁଗରେ ମାରିଥିଲ ତୁମେ
ଗୋଟିଏ କଂସକୁ ସିନା,
ଅନେକ ଦାନବ କଳି ଯୁଗେ ଜନ୍ମି
ରଚନ୍ତି ତାଣ୍ଡବ ନାନା ।
ପାଣ୍ଡବ ରାଣୀଙ୍କ ମାନ ରଖିଥିଲ
କୁରୁପତି ସଭା ତଳେ,
କେତେ ନାରୀ ଆଜି କଷଣ ସହନ୍ତି
ଗଣି କେବା କହିପାରେ ।
ବାଲ୍ୟ ଅବସ୍ଥାରୁ ବଡ଼ ହେବା ଯାଏଁ
ଦୁଃଖର ନାହିଁ ତ ସୀମା,
ସମାଜରେ ଆଜି ପ୍ରତି ମୁହୂର୍ତ୍ତରେ
କାନ୍ଦୁଛି ତାଙ୍କର ଆତ୍ମା ।
କେତେବି ସୁଦାମା ଅଭାବେ ସଢ଼ନ୍ତି
ଖାଇବାକୁ ଗଣ୍ଡେ ନାହିଁ,
ଆସିବକି ପ୍ରଭୁ ମିତ୍ର ସାଜି ତାଙ୍କ
ଲୁହ ପୋଛିବାର ପାଇଁ ।
ଘରେ ଘରେ ଆଜି  ମହାଭାରତର
ଭାଇ ମଧ୍ୟେ ଦ୍ୱନ୍ଦ୍ୱ ହୁଏ,
ଅଧର୍ମଟି ଏବେ ବାହାସ୍ଫୋଟ ମାରି
ସବୁସ୍ଥାନେ ଜିତି ଯାଏ ।
କଳିଯୁଗ ଶେଷ କରିବାକୁ ପ୍ରଭୁ
ଆସ ଏବେ ଅବତରି,
ସତ୍ୟ ଶାନ୍ତି ଧର୍ମଭାବ ଓ ପ୍ରେମକୁ
ପ୍ରତି ହୃଦେ ଦିଅ ଭରି ॥
ତୁମରି ମୋହନ ମୁରଲୀ ସ୍ୱରରେ
କରିଦିଅ ଆତ୍ମହରା,
ପ୍ରୀତି ମୟ ସାଜୁ ଏହି ବସୁନ୍ଧରା
ହୃଦ ହେଉ ମଧୁଝରା ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ନିରୁପମା ପଣ୍ଡା



ଜୟ ଶଙ୍ଖଗଦାଧର ନୀଳ କଳେବର
ପୀତ ପଟାମ୍ବର ଦେହୀ ପଦମ୍
ଜୟ ଚନ୍ଦନ ଚର୍ଚ୍ଚିତ କୁଣ୍ଡଳ ମଣ୍ଡିତ
କୌସ୍ତୁଭ ଶୋଭିତ ଦେହୀ ପଦମ୍ ।।

ହେ କୃଷ୍ଣ କେଶବ ଦେବକୀ ନନ୍ଦନ
ଆଉ ଥରେ ଜନ୍ମ ନିଅ
ଦ୍‌ଵାପର ଯୁଗରେ ଅବତରି ଥିଲ
କଳି ଯୁଗେ ଦେଖା ଦିଅ ।।

ଚାହିଁ ରହିଛି ମୁଁ କୋଳେଇ ନେବାକୁ
ବାହୁବନ୍ଧେ ଝୁଲାଇବି
କ୍ଷୀର, ସର ,ସହ ଲବଣୀ ଖୁଆଇ
କଦମ୍ବ ଫୁଲ ବି ଦେବି ।।

ଆସ ଆସ ପ୍ରଭୁ ମୋ ସୁନା ଠାକୁର
ହୃଦ ଅଗଣାକୁ ମୋର
ନିତି ଶୁଣାଇବି ମଧୁରା ଅଷ୍ଟକମ୍
ତୁମେ ହୋଇବ ବିଭୋର ।।

ମୋ ପୁଣ୍ୟ ଭାରତେ ସ୍ୱଦେହେ ଆସ ହେ
ଯଶୋଦା ଜୀବନ ଧନ
ବସୁଦେବଙ୍କର ପୁତ୍ର ବାସୁଦେବ
ନନ୍ଦରାଜାଙ୍କ ସ୍ପନ୍ଦନ ।।



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଧିବନ ଛାଡ଼ି ଆସ ହେ ମୁରାରୀ
ସର୍ବ ସମ୍ମୁଖକୁ ବାରେ
ପୁଣ୍ୟମୟୀ ମୋର ଭାରତ ବୁକୁରେ
ଉଭା ହୋଇଯାଅ ଥରେ ।।

ଦେଖିଯାଅ ଥରେ ଆସି ଭୂପୃଷ୍ଠକୁ
ଭିଆଇ ଥିବା ସୃଷ୍ଟିକୁ
ବାଣ୍ଟି ଦେଇଯାଅ ଅମୃତର ବାରି
ମେଣ୍ଟାଉ ସ୍ୱାର୍ଥ ତୃଷ୍ଣାକୁ ।।

ହେ କୃଷ୍ଣ କହ୍ନାଇ ନିରୋଳରେ କାହିଁ
ବାଣ୍ଟୁଛ ଭାବ ପୀୟୂଷ
ବଇଁଶୀ ରେ ସାତ ସୁରେ ବାନ୍ଧିଦିଅ
ଭକ୍ତ ହୋଇଯିବେ ତୋଷ ।।

ଅହଙ୍କାର ଶୂନ୍ୟ କରିଦେଇ ଯାଅ
ଆତ୍ମୀୟତା ବୀଜ ବୁଣି
ହତାଦର ଭାବ ଉଭେଇ ଦିଅ ହେ
ସଭିଙ୍କ ଗୁହାରୀ ଶୁଣି ।।

ବ୍ରହ୍ମ ଅଟେ ଏକ ଅଭିନ୍ନ ନୁହଁଇ
ପ୍ରତି ଯୁଗେ ଅବତାର
ସ୍ୱଦେହରେ ଆସି ଲୀଳା କରିଥାଅ
କଳିରେ ମୌନବତାର ।।

କଳି ର କବଳୁ ରକ୍ଷା କରିବାକୁ
ଆସ ଆସ ପ୍ରଭୁ ମୋର
ପଞ୍ଚେନ୍ଦ୍ରିୟ ସ୍ଥିର କରିଦିଅ ପ୍ରଭୁ
ପଚିଶି ପ୍ରକୃତି ସ୍ଥିର ।।

ସବୁ ଦେଖୁଅଛ ରତ୍ନ ସିଂହାସନେ
କାହିଁ ବସିଛ ମଉନ
କେବେ ଆସିବ ସେ ସୁଦିନ ପ୍ରଭୁ ହେ
ଦେବ ଅଜ୍ଞାନୀଙ୍କୁ ଜ୍ଞାନ ।।

କୋଟି ପ୍ରଣିପାତ ହେ ନଟନାଗର
ରାଧିକାଙ୍କ ପ୍ରିୟତମ
ଆସ ଆସ ପ୍ରଭୁ ନିବେଦନ ମୋର
ଆସ ହେ ଜୀବ ପରମ ।।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ନୂତନ କୁମାର ବେହେରା



ହେ କୃଷ୍ଣ ! ନନ୍ଦରାଜାଙ୍କ ନନ୍ଦନ ଯଶୋଦାଙ୍କ ପ୍ରାଣଧନ
ଦେବକୀ ରତନ ବାସୁଦେବଙ୍କ ଯଦୁ କୁଳର ଚନ୍ଦନ
ଗାଣ୍ଡିବଧାରୀ ବୀର ଫାଲ୍ଗୁନିଙ୍କର ବନ୍ଧୁ ସଖା ସାରଥି
ରାଧାରମଣ ପ୍ରିୟ ବାଲ୍ୟବନ୍ଧୁ ସୁଦାମାଙ୍କର ସାଥୀ
ଅଲିଅଳି ଭଗ୍ନୀ ଦେବୀ ସୁଭଦ୍ରାଙ୍କ ଭ୍ରାତା
ଯାଜ୍ଞସେନୀ ପାଞ୍ଚାଳୀଙ୍କ ସମ୍ମାନର ରକ୍ଷାକର୍ତ୍ତା
ହୋଇ ଭଜଣା ମାମୁଁ କଂସକୁ କଲ ନିଧନ
ଅନ୍ୟାୟ ଅତ୍ୟାଚାରରୁ ରକ୍ଷା କଲ ତ୍ରିଭୁବନ
ମାତ୍ର କଂସର ବଂଶ ହୋଇ ନାହିଁ ସମୂଳେ ଧ୍ୱଂସ
ଏବେ ବି ତଦ୍ରୁପ ଉପଦ୍ରବ କରନ୍ତି ଅସୀମ ଅଶେଷ
ନାରୀ ହୁଏ ସମାଜରେ ନିର୍ଯ୍ୟାତିତା ଧର୍ଷିତା
ନରାଧମେ ବଳ ପୂର୍ବକ ନାଶି ଦିଅନ୍ତି ପବିତ୍ରତା
ପୁତୁନା ରାକ୍ଷସୀ ପରି ଭରି ବିଷ ହୁଏ ଭେଜାଲ ଔଷଧ
ଅର୍ଥ ଲୋଭେ ଆଜି ନିଷ୍ପାପ ଶିଶୁକୁ କରନ୍ତି ବଧ
ତୁମେ ସିନା ଜାଣି ପୁତୁନାର କ୍ଷୀର ସଙ୍ଗେ ନେଲ ପ୍ରାଣ
ଏ ସାଧାରଣ ଶିଶୁ କି ପାରୁଛି କରି ତା' ନିବାରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଗ୍ରସେନ ପରି ପିତା ହୁଅନ୍ତି ପୁତ୍ର ଦ୍ୱାରା ଦଣ୍ଡିତ

ଆଜି ବି କଂସ ପରି ଭାଇ ନିଜ ରକ୍ତକୁ କରେ ହତ

ଭଲ ହୋଇ ବି ଭଉଣୀ ଭିଣୋଇ ହୁଅନ୍ତି ଉପେକ୍ଷିତ

ସେ ଦ୍ୱାପର ଯୁଗଠାରୁ କଳି ଯୁଗର ମଣିଷ ଯାଏ ବଳି

ସ୍ଥାନ କାଳ ପାତ୍ରରେ କଳସୀର ଜଳ ପରି ପଡ଼େ ଉଚ୍ଛୁଳି

ଅଚ୍ଛେନା ଧରାରେ ସ୍ୱାର୍ଥରେ ହୁଏ ସେ ସ୍ୱେଚ୍ଛାଚାରୀ

ମଧୁର ସଂପର୍କ କ'ଣ ନ ବୁଝି ସାଜେ ବୈରୀ

ଦେଲ ତୁମେ ଭଗବତ ଗୀତାର ଅମୃତ ଦିବ୍ୟଜ୍ଞାନ

ତଥାପି ଏ ମଣିଷ ରହୁଛି ପୂର୍ବବତ୍ ମୂଢ଼ ଅଜ୍ଞାନ

ଯେତେ ଯା' କଲେ ସମସ୍ୟାର ହେଉନି ସମାଧାନ

ଘଟେ ଘଟଣା ଅନେକ ଅବାଞ୍ଛିତ ଆନ ଆନ

ହେ କୃଷ୍ଣ ! ତୁମେ ପୂର୍ଣ୍ଣ ବ୍ରହ୍ମ ପରମାତ୍ମା ଭଗବାନ

ତୁମ ବିନା କି ଜଗତରେ ଆସିଛି କେବେ ଜାଗରଣ

ଚାରି ଯୁଗେ ନେଇଛ ତୁମେ ଯେ ଦଶ ଅବତାର

ଏ ଯୁଗରେ ରୁହ କିଆଁ ନୀରବ ଦେଖୁନ କି ହାହାକାର

ତୁମେ ତ ଶାଶ୍ୱତ ସତ୍ୟ ସନାତନ ଚିରନ୍ତନ

ଯୁଗେ ଯୁଗେ ସମ୍ଭବି ସାଧୁ ସନ୍ଥଙ୍କୁ କର ପାଳନ

କେଉଁ ଭାବ ହେଲା ଅଭାବ ହେ ଭାବଗ୍ରାହୀ

ପୁଣି ଥରେ ଅବତାର ନେଇ କରୁନ ସୁଜନଙ୍କୁ ତ୍ରାହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳିର କଳୁଷ ପଙ୍କେ ପଡ଼ି ହଜି ଯାଇଛି ଶାନ୍ତି
ଶାନ୍ତି ଦୂତ ସାଜି ଆସ ପ୍ରଭୁ ଆଣ ଆଉ ଏକ କ୍ରାନ୍ତି
ପବିତ୍ର ଜନ୍ମଭୂମି ଭାରତ ଆଜି ତୁମକୁ ଖୋଜେ
ଦୁଃଚିନ୍ତା ଦୁର୍ଭାବନାରେ ତାର ଚେତନା ହଜେ
ପାଏ ନାହିଁ ଆଶ୍ରା ହୁଏ ନିରାଶ୍ରୟ ଦୁଃଖ ସନ୍ତାପରେ
ବିଶ୍ୱାସ ଭରସା ରଖି ମନ ପ୍ରାଣ ହୃଦୟରେ
ଆଜିର ସୁଦାମାମାନେ କରନ୍ତି ଗୁହାରି ତୁମଠାରେ
ଆଉଥରେ ଜନ୍ମନିଅ କୃଷ୍ଣ ମୋ ପୁଣ୍ୟ ଭାରତରେ...।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଅନୁପମା ବିଶ୍ୱାଳ



ହେ ଗୋବିନ୍ଦ କୃଷ୍ଣ ମୁରାରି ବଇଁଶୀଧାରୀ

ଆସ ଏ ପୁଣ୍ୟ ଭୂମିକୁ ପୁଣି ଅବତରି ।

ତୁମ ଆଗମନେ ଉଲ୍ଲସିତ ହେବ ଧରା

ସଂଚାରିତ ହେବ ସବୁଠି ପ୍ରେମ ପସରା ।

ହସିବେ ତରୁଲତା ଗୋ କୁଳ ମୁଖରିତା

କଦମ୍ବ ବନେ ମୟୂର ହେବ ନୃତ୍ୟରତା ।

ଅନୂଢା କନ୍ୟା ନିଃଦ୍ୱନ୍ଦେ କରିବ ଶୃଙ୍ଗାର

ଲାଗୁଥିବ ସତେ ଅବା ଅଟେ ଗୋପପୁର ।

ମଧୁର ସ୍ୱନରେ ସାଧୁ ହୋଇବ ମୋହିତ

ଯମୁନା ବି ବହୁଥିବ ହୋଇ ଆନନ୍ଦିତ ।

ଧର୍ମହୀନ ଜନ ସଦା ହୋଇବ ଶଙ୍କିତ

ଦୁଷ୍ଟ ପ୍ରକୃତିର ଲୋକ ହେବ ଭୟଭୀତ ।

ମନ୍ଦ ବୁଦ୍ଧି ହେବ ନାହିଁ କେବେ ଆଗୁଆର

ହୀନ ଚିନ୍ତା କରୁଥିଲେ ନାଶ ହେବ ତା'ର ।

ଧରମର ଜୟଗାନ ଅଧର୍ମର କ୍ଷୟ

ପାପୀ ତାପୀ ସତ୍ୟ ପାଶେ ହେବେ ପରାଜୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି କୋଟି ଦଉପଦୀ  ହେବେ ସୁରକ୍ଷିତା

ରାସ୍ତାଘାଟେ ହେବେ ନାହିଁ କେବେ ବିବସ୍ତ୍ରିତା ।

ଉନ୍ନତ ବିଚାର ଧାରା ହେବ ପ୍ରବାହିତ

ଅହଂଭାବ ଅପଲକେ ହେବ ପରାହତ ।

ବୃଥା କ୍ଷମତାରେ କେହି ନ ହୋଇବେ ଟାଣ

ଦୟା କ୍ଷମା ଗୁଣେ ସର୍ବେ ଦେଖାଇବେ ପଣ ।

ସ୍ନେହ ଶ୍ରଦ୍ଧା ମନ୍ଦାକିନୀ କୁଳୁକୁଳୁ ନାଦେ

ବହୁଥିବ ସ୍ୱଚ୍ଛନ୍ଦରେ ନରହିଣ ଛନ୍ଦେ ।

ବନ୍ଧୁ ଚିହ୍ନିବ ବନ୍ଧୁକୁ ତେଜି ସ୍ୱାର୍ଥଭାବ

ବନ୍ଧୁର ଶ୍ରେଷ୍ଠତା ମୁଦେ କରି ଅନୁଭବ ।

ପ୍ରକୃତି କହିବ କଥା ନ ରଖିଣ ବ୍ୟଥା

ବିଧାତାର ବୈରୀ ଭାବ ନକରିବ ଅଥା ।

ଆସ  କୃଷ୍ଣ ଜନ୍ମ ନିଅ ମୋ ପୁଣ୍ୟ ଭାରତେ

ନୂଆ ସକାଳ କିରଣ ଲଭନ୍ତୁ ସମସ୍ତେ ।

ଆଧ୍ୟାତ୍ମିକ ଭକ୍ତିଭାବ ହେଉ ଗୁଞ୍ଜରିତ

ଶାନ୍ତି, ମୈତ୍ରୀ, ସଦ୍ଭାବନା ହେଉ ପ୍ରତିଷ୍ଠିତ ।

ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ରଶ୍ମିତା ରାଉତ



ଭାଦ୍ରବର କୃଷ୍ଣ ଅଷ୍ଟମୀ ତିଥିରେ
ଜନମିଲ ମଥୁରାରେ
ଦେବକୀ ଗର୍ଭରୁ ହୋଇଲ ସମ୍ଭୂତ
ମାତୃ ସୁଖ ଦେଲ ବାରେ ।
ବଢ଼ିଲ ତ ଯାଇ ଯଶୋଦା କୋଳରେ
ନନ୍ଦର ବଡ ଆନନ୍ଦ
ବୃଦ୍ଧ କାଳେ ପାଇ କଳା କହ୍ନେଇକୁ
ଧନ୍ୟ ହେଲେ ତାତ ମାତ ।
ବାଲ୍ୟ ଚପଳତା ଦେଖାଇଲ ପ୍ରଭୁ
ଗୋପବାସୀ ସହ ମିଶି
ପ୍ରଭୁଙ୍କୁ ପାଖରେ ପାଇ ଗୋପୀମାନେ
ଆନନ୍ଦେ ଯାଆନ୍ତି ଭାସି ।

ବୁଝି ପାରେନାହିଁ ଯଶୋମତି ରାଣୀ
ମାତୃ ସ୍ନେହେ ଅନ୍ଧ ହୋଇ
ଆକଟ କରଇ ଦୁଷ୍ଟ ହେଲେ କାହ୍ନୁ
ଡରାନ୍ତି ଛାଟ ଦେଖାଇ ।
ମାଟି ଖାଇଥିଲ ଦେଖିଲେ ଯଶୋଦା
କହିଲେ ଦେଖା ତୋ ପାଟି
ମେଲି ଦେଲ ମୁଖ ଦେଖି ବିଶ୍ୱ ରୂପ
ଭୂମିରେ ପଡିଲେ ଲୋଟି ।
ଆସିଥିଲ ପ୍ରଭୁ ଅବତାର ନେଇ
ଅସୁର ବିନାଶ ପାଇଁ
ଏଇ କଥାଟିକୁ ଯଶୋମତି ମାତ
ବୁଝି ତ ପାରିଲେ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଘା, ବକା ଆଉ ତାଡ଼କା, ଶକଟା
ଆହୁରି କେତେ ଅସୁର
କଂସର ଆଦେଶେ ମାରିବା ନିମନ୍ତେ
ଆସିଥିଲେ ଗୋପ ପୁର ।
ଶେଷେ କଂସ ନିଜେ କପଟ କରିଲା
ଯଜ୍ଞ ଆୟୋଜନ କଲା
ମାରିବା ନିମନ୍ତେ ବେନି ଭାଇଙ୍କୁ ତ
ମଥୁରାକୁ ଡକାଇଲା ।
ଯଜ୍ଞ ମଣ୍ଡପରେ ଦେଖିଲା ତୁମକୁ
ସେହିକ୍ଷଣି ମୂର୍ଚ୍ଛା ଗଲା
ମଞ୍ଚରୁ ପଡ଼ିଲା ପ୍ରାଣ ତାର ଗଲା
ପାପର ବିନାଶ ହେଲା ।
ଏ କଳିରେ ପ୍ରଭୁ ଶହ ଶହ କଂସ
ରାବଣ ଜନମି ଛନ୍ତି
ନାରୀ ଆଜି ଏଠି ନୁହେଁ ସୁରକ୍ଷିତ
ନାନା ଯାତନା ସହୁଛି ।

ନାହିଁ ଭ୍ରାତୃ ଭାବ ନାହିଁ ବନ୍ଧୁ ଭାବ
ଗରବରେ ମାତି ସର୍ବେ
ଧନ ମୋହେ ଅନ୍ଧ ହୋଇ ଏ ମାନବ
ଦିନ ବିତାଉଛି ଗର୍ବେ ।
ଶାନ୍ତି, ମୈତ୍ରୀ, ପ୍ରୀତି ଦୂରେଇ ଗଲାଣି
ନାହିଁ ଭାଇଚାରା ଭାବ
ନାରୀଟିଏ ଏଠି ନୁହେଁ ସୁରକ୍ଷିତ
ନ୍ୟାୟ ପାଏନାହିଁ ସେତ ।
ଆସ ଆଉଥରେ ଅବତରି ପ୍ରଭୁ
ଅସୁର ବିନାଶ କର
ସମ୍ପର୍କ ମାନେ ଜାଣୁ ଏ ସଂସାର
ଏତିକି ସୁଦୟା କର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଭାସ୍କର ରାଉତ



ମରି ନାହିଁ କଂସ ଶୁଭେ ତା'ର ହସ
ଦେବକୀ ଯେତେ କାତରେ
ହୋଇ ଅପହୃତା ହୁଅନ୍ତି ଧର୍ଷିତା
ଦେଖ ଦିନ ଦ୍ୱିପ୍ରହରେ ।
ଏବେବି ପୁତନା କରଇ ଛଳନା
ସାଜି ସୁନ୍ଦରୀ ଲଳନା
ପ୍ରେମର ଜାଲକୁ ବିଛେଇ ତାହାକୁ
କରଇ ମାୟା ରଚନା ।
ବକା ଅଘା ଷଣ୍ଢ ବୁଲେ ଗଣ୍ଡା ଗଣ୍ଡା
ମନରେ ଆସେ ଛନକା
ବସୁଦେବ ଯେତେ ବନ୍ଧନେ ସମସ୍ତେ
ଦାନବେ ଯେ ରଣରଙ୍କା ।

ଭାଦ୍ର କୃଷ୍ଣାଷ୍ଟମୀ ଆଜିର ଯାମିନୀ
ଜନ୍ମି ଥିଲ ବନ୍ଦୀଘରେ
ଏ ପୂଣ୍ୟ ଭାରତେ ଆଉଥରେ ସତେ
ଆସ କୃଷ୍ଣ ଅବତାରେ ।

ଜନମ ଭୂମିରେ ବଢ଼ିବ ସେଠାରେ
ସ୍ଥାନୀୟ ବାଳକ ମେଳେ
ଦୁରାଚାରୀ କଂସ କରିବ ବିନାଶ
ରଣନୀତି କଉଶଳେ ।
ଯାତ୍ରା ନିର୍ବାଚନ କରାଉଛି ଜାଣ
କରିବାକୁ ମତଦାନ
ଜନ ଜାଗରଣ କରାଇ ବହନ
ଏ କଂସ କର ନିଧନ ।
ଦେବକୀ ଯଶୋଦା ନଲଭନ୍ତୁ ବାଧା
ହସି ଉଠୁ ଏ ଧରଣୀ
ପାପଭାରା ଯାଉ ଧର୍ମ ଉଦେହେଉ
ଆସ ଆସ ନୀଳମଣି ।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

କୁମୁଦିନୀ ପତି



ଆଉ ଥରେ କୃଷ୍ଣ ଜନ୍ମ ନିଅ ଆସି
ମୋର ପୂଣ୍ୟ ଭାରତରେ,
ମୋ ପୂଣ୍ୟ ଭାରତେ ବଢୁଅଛି ପାପ
କଂସଙ୍କର ଦୁରାଚାରେ ।

କଂସ ମାନଙ୍କର ଅତ୍ୟାଚାର ଦାଉ
ଅସହ୍ୟ ହେଲାଣି ପରା,
ନାରୀ ବଳାତ୍କାର, ହତ୍ୟା ଲୁଣ୍ଠନରେ
ଆଜି ଶଯ୍ୟାଶାୟୀ ଧରା ।

ରକତ ଚିହ୍ନୁନି ରକତକୁ ଆଜି
ଗୃହ ବିବାଦରେ ମାତି,
ରକ୍ତ ସମ୍ପର୍କୀୟ ମୁହଁକୁ ଚାହିଁଲେ
ରକତ ଯାଉଛି ତାତି ।

ସକାଳୁ ଉଠିଲେ ମୁହଁ ଧୋଇବାକୁ
ପାଣି ଲୋଡ଼ା ହେଉ ନାହିଁ,
ମଦରେ ଯେ ମୁହଁ ଧୋଉଛନ୍ତି ଲୋକ
କାଣ୍ଡଜ୍ଞାନ ଭୁଲିଯାଇ ।

ନିଶା ପାଣି ପାଇଁ ଅଶାନ୍ତିର ବହ୍ନି
ଜଳୁଅଛି ଘରେ ଘରେ,
ନିରୀହ ଜନତା ଚୁପଚାପ ଦେଖି
ବଞ୍ଚି ଥାଉ ଥାଉ ମରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିଶ୍ୱାସ ଆଜି ପହଞ୍ଚି ଗଲାଣି
ପୂର୍ଣ୍ଣ ଚରମ ସୀମାରେ,
ସେଥିପାଇଁ ଆଜି ସି ସି ଟିଭି ଲାଗେ
ପ୍ରତି ଦୋକାନ ଓ ଘରେ ।

ହିଂସା, ଈର୍ଷା, ଦ୍ୱେଷ, ଛଳନା କପଟ
ମନରେ କରିଛି ଘର,
ଥରୁଟିଏ ଆସି କୃଷ୍ଣ ଦେଖିଯାଅ,
କରିବାକୁ ପ୍ରତିକାର ।

କଂସଙ୍କର ଲୀଳା ଖେଳାରେ ଲଙ୍ଗଳା
ହେଲାଣି ମୋହରି ଦେଶ,
ଆଉଥରେ କୃଷ୍ଣ ଜନ୍ମ ନିଅ ଆସି
ହସୁ ମୋ ଭାରତ ବର୍ଷ,
ହସୁ ମୋ ଭାରତ ବର୍ଷ ।

ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ନଳିନୀ ପ୍ରଭା ମିଶ୍ର



ସେ ଯୁଗରେ ଥିଲା କଂସ ଏକ
ହୋଇ ଏ ଯୁଗରେ କୋଟି କୋଟି
ରଚି ଧ୍ୱଂସ ଲୀଳା କରୁଛନ୍ତି ଖେଳା
ଶତ ଦାନବ ଙ୍କ ସୃଷ୍ଟି ।
ଦେବକୀ କାନ୍ଦୁଛି ହରାଇ ତା
ପୁତ୍ର ପୃଥ୍ୱୀ ହୁଏ ଥରହର
ଫେରି ଆସ କୃଷ୍ଣ ପୁଣି ଭାରତରେ
ଜଗତ ହେଉ ଉଦ୍ଧାର ।
କଂସର ନିଧନେ ତୁମ ଆବିର୍ଭାବ
ଜଗତ ହେଉ ମଙ୍ଗଳ
ଉଜ୍ୱଳ ଆଲୋକେ ଉଦ୍ଭାସିତ
ହେଉ ପୁନଶ୍ଚ ସେ ବନ୍ଦୀ ଶାଳ ।
ଯମୁନା ଚାହିଁଛି ଛାଡି ଦେବ ବାଟ
ବସୁଦେବ ନେବ ବହି
ଆଣିବ କନ୍ୟାକୁ ଯଶୋଦା କୋଳରୁ
ତୁମକୁ ସେ ସ୍ଥାନେ ଥୋଇ ।
ଦିନୁ ଦିନ ହୁଏ ଅଭିବୃଦ୍ଧି ପାପ
ଭାରା ରେ ମହୀ ଅଶାନ୍ତ
ଜନ୍ମ ନିଅ କୃଷ୍ଣ ପୁଣି ଏ ଭାରତେ
ରଚି ତୁମରି ବୃତ୍ତାନ୍ତ ।

ପରିତ୍ରାଣ ଲାଗି ସାଧୁ ସନ୍ଥ ଙ୍କର
ଯୁଗେ ଯୁଗେ ଆସ ତୁମେ
ଦୁଷ୍କୃତ୍ତ ବିନାଶ ଧର୍ମ ସଂସ୍ଥାପନା
ହେଉ ଏ ଭାରତ ଭୂମେ ।
ଦେବକୀ ଜନନୀ ହେଉ ପୁଣି
ଧନ୍ୟା କରି ଗର୍ଭ ରେ ଧାରଣ
ନନ୍ଦ ରାଜା ସୁତ ଗୋପ ହେଉ
ପୂତ ଶ୍ରୀ କୃଷ୍ଣ ଜନ୍ମ ଆଖ୍ୟାନ ।
ଫେରି ଆସ କୃଷ୍ଣ ପୁଣି ଏ ଭାରତେ
ଯୁଗ ଅବତାର କ୍ରମେ
ସତ୍ୟ, ଶାନ୍ତି, ଧର୍ମ ହେଉ ପ୍ରତିଷ୍ଠିତ
ଶ୍ରୀ କୃଷ୍ଣ ପରମ ନାମେ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ରାଧାଶ୍ୟାମ ମହାନ୍ତି



ଦେବକୀ କୁମର ନେଇଥିଲ ଜନ୍ମ
କଂସର ବନ୍ଦୀ ଗୃହରେ
ଚାହିଁ ରହିଲେ ଶହ ଶହ ଶୈନ୍ୟ
ଚେତା ଶୂନ୍ୟ ଧରା ପରେ ।

ଆଉ ଥରେ ଜନ୍ମ ନିଅ ଆହେ କୃଷ୍ଣ
ଏହି ପୁଣ୍ୟ ଭାରତରେ
ଦ୍ୱାପର ଯୁଗରେ ନାଶ କରିଥିଲ
ପ୍ରତାପୀ କଂସକୁ ବାରେ ।

ସମୂଳେ ତାଙ୍କ ବଂଶ ହୋଇନି ନାଶ
ଅତ୍ୟାଚାର ଏଠି ବଢେ
ନାରୀ ନିର୍ଯାତନା ସୀମା ଟପିଲାଣି
ତାଙ୍କ କାୟା ଚାରିଆଡେ ।

କୁରୁ ସଭା ସ୍ଥଳେ ଜଣେ ଦ୍ରୌପଦୀଙ୍କୁ
କୋଟି ବସ୍ତ୍ର ଦେଇ ଥିଲ
ଶହ ଶହ ନାରୀ ଆକୁଳେ ଡାକନ୍ତି
କଂସ ପାଇଁ ହୁଲସ୍ଥୁଲ ।

ଶହ ଶହ କଂସ କାୟା କୁ ବିସ୍ତାରି
କରନ୍ତି ଏଠି ଉତ୍ପାତ
ରଖ ପ୍ରଭୁ ଏଠି ମାନ ଓ ମହତ
ଉଡ଼ିବ ତୁମରି ନେତ ।

କରୁଛି ଜଣାଣ ନନ୍ଦଙ୍କ ନନ୍ଦନ
କର ଯୋଡ଼ି ବିନୟରେ
ଏ କଳି କାଳରେ ମିଳୁନାହିଁ ଶାନ୍ତି
ଅବତରି ଆସ ଥରେ ।

ତ୍ରାହି ତ୍ରାହି ଡାକେ ଏ ମର୍ତ୍ତ୍ୟ ଭୁବନ
ଶାନ୍ତି ଏଠି ମିଳୁ ନାହିଁ
ପାପିଷ୍ଠ ମାନଙ୍କ ରାଜତ୍ୱ ବଢୁଛି
ନିଧନ କରୁଛ କାହିଁ ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ସଂତୋଷିନୀ ଦାଶ



ଦେବକୀ ନନ୍ଦନ କୃଷ୍ଣ ହେ ତୁମେ
ଯଶୋଦା ପ୍ରାଣର ଧନ
ବସୁଦେବ ସୁତ ନନ୍ଦର ନନ୍ଦନ
ରାଧିକା ମନ ମୋହନ

ଦୁଷ୍ଟର ଦଳନ ସନ୍ଥର ପାଳନ
ପାଇଁ ତୁମ ଅବତାର
ଅନ୍ଧକାର କାରାଗୃହେ ଜନ୍ମି ତୁମେ
ବଧକଲ କଂସାସୁର

ଗୋଟିଏ କଂସକୁ ମାରିଦେଇ ସିନା
ଉଶ୍ୱାସ କରିଲ ମହୀ
ଏ କଳି ଯୁଗରେ କୋଟି କୋଟି କଂସ
ଜୀବନ ଦିଅନ୍ତି ଦହି

ବଢ଼େ ବ୍ୟଭିଚାର ହିଂସା ଅହଂକାର
ପରଶ୍ରୀକାତର ଜନ
ନାହିଁ ସନମାନ ଗୁରୁ ଗୁରୁଜନ
ସ୍ନେହ ପ୍ରେମ ମୂଲ୍ୟହୀନ

ଅଣ୍ଟି ଛୁରୀ ଏଠି ତଣ୍ଟି କାଟୁଅଛି
ଭାଇ ଭାଇ ମଧ୍ୟେ ଦ୍ୱନ୍ଦ
ପୁଅ ବିଦେଶରେ ପିତାମାତା ଘରେ
ମନରେ ନାହିଁ ଆନନ୍ଦ

ତେଲିଆ ମୁଣ୍ଡରେ ତେଲ ପରି ଏଠି
ଧନୀ ଲୋକର ଅବସ୍ଥା
ଦୁସ୍ଥ ଜନତାକୁ ନିଷ୍ପେସିତ କରି
ମାରନ୍ତି କରି ହୀନସ୍ତା

ଦୁର୍ବଳ ଉପରେ ସବଳର
ଅତ୍ୟାଚାର ଚାଲେ ନିରନ୍ତର
ଆଉଥରେ ଜନ୍ମ ନିଅ ହେ କୃଷ୍ଣ
ସମସ୍ତଙ୍କୁ ରକ୍ଷା କର ।

ବରଗଡ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଲତା ବେହେରା



ଆଉ ଥରେ କୃଷ୍ଣ ଜନ୍ମ ତୁମେ ନିଏ
ଏ ମୋ ପୁଣ୍ୟ ଭାରତରେ
ଅଧର୍ମ ବିନାଶି ସାଧୁଙ୍କୁ ଯେ ରଖି
ପାପୀଙ୍କି ସଂହାର କରେ ।

ହେଉ ନାହିଁ  ସହି ପାପ ଭରା ଏହି
ଲୁହ ଧାର ଧାର ଝରେ
ଯୁଆଡେ ଗଲେ ବି ବିପଦର କାୟା
ଗୋଡାଇ ଥାଏ ପଛରେ ।

ଏଡିକି ନୃଶଂସ ଅଟନ୍ତି ମଣିଷ
ବିଶ୍ୱାସରେ ବିଷ ଭରେ
ପିତା ମାତା ଜାୟା କିଛି ସେ ମାନେନି
ଡରେଇ ରଖଇ ଘରେ ।

ଜବରଦସ୍ତି ଲୁଟି ଆଣିଥାଏ ସେ
ନିଜର ବାହୁ ବଳରେ
ପ୍ରତିବାଦ ଯିଏ କରୁଛି ତାହାକୁ
ମାଡପିଟି ବହେ କରେ ।

ଏଡିକି ପାପୀ ସେ ଧନର ଲୋଭରେ
ମାଆକୁ ଜୀବନେ ମାରେ
ମାଆ ମରି ଗଲେ ସେ ସମ୍ପତ୍ତି ଆଣି
ରଖେ ନିଜ ଆୟତ୍ତରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆର ଋଣକୁ ଶୁଝେ ନାହିଁ ସିଏ
ଗାଳି ଗୁଲଜଟି କରେ
ମାଗି ଯେ ଆସଇ ଅପମାନ ଦେଇ
ଧମକ ଦିଅଇ ବାରେ ।

ବାପା ମା କରଜ ନ ଶୁଝିଣ ସିଏ
ବିଳାସ ବ୍ୟସନ କରେ
ଟଙ୍କାର ଲୋଭରେ ଭଉଣୀ ବିକୁଛି
ଏଡେ ସଇତାନି ବାରେ ।

ଭୁଲି ସେ ଯାଉଛି ଏଇ ଟଙ୍କା ଦିନେ
ରହିବନି ତାର କରେ
ଏଇ ଟଙ୍କା ଦିନେ କାଳ ପାଲଟିବ
ମରିବ ରାଜ ରାସ୍ତାରେ ।

ଚୋରୀ ଦାରି ନାରୀ ଧର୍ଷଣ ବଢୁଛି
ଦେଖୁଥାନ୍ତି ନୟନରେ
କଲବଲ ହୋଇ ଛଟପଟ ହୁଏ
ଯନ୍ତ୍ରଣାରେ ଶେଷେ ମରେ ।

ଭୁଲି ସେ ଯାଉଛି ମାଆର ଗର୍ଭରୁ
ଜନ୍ମିଛି ସିଏ ମର୍ତ୍ତ୍ୟରେ
କନ୍ୟାଟି ନ ଥିଲେ ସ୍ତ୍ରୀ କାହୁଁ ପାଇବ
ରହିବ ମାଆ ଡାକରେ ।

ଭାଇ ଭାଇ ମଧ୍ୟେ ହଣା କଟା ଚାଲେ
ବାପ ସମ୍ପତ୍ତି ଉପରେ
ଭାବୁ ସେ ନାହାନ୍ତି ସେ ବାପା ମାଆଙ୍କୁ
ପଚାରି ଥିଲା କିଏରେ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାର୍ଥ ପାଇଁ ଏଠି ସମସ୍ତେ ଯେ ବାଇ
ଚାଲନ୍ତି ଲୋଭ ପଛରେ
ବନ୍ଧୁଟି ଏଇଠି ବନ୍ଧୁର ମହତ୍ତ୍ୱ
ଧନରେ ତଉଲ କରେ ।

ସେନେହ ମମତା ହଜି ତ ଗଲାଣି
କାହାକୁ କିଏ ପଚାରେ
ଦିନରେ ସାଧୁ ସେ ରାତିରେ ଲମ୍ପଟ
ବେଶ ଭଲ ଭାବେ ଧରେ ।

କୋକୁଆର ଭୟ ଖାଇ ଯାଉଅଛି
ଡରଟି ରହେ ଛାତିରେ
ଏଡିକି ପିଚାସ ଏ ନର ରାକ୍ଷାସ
ରାଜୁତି କରେ ଧରାରେ ।

ଛୁଟାଇ ଦେଉଛି ରକତର ସୁଅ
ଏଇ ତ ଧରା ବକ୍ଷରେ
ଅନ୍ୟାୟ ଅଧର୍ମ ଅସତ୍ୟ ବଢୁଛି
ହେ କୃଷ୍ଣ ସଂହାର ବାରେ ।


ଗୋଟିଏ କଂସକୁ ମାରିଲେକି ହେବ
ଅଗଣିତ ଧରା ପରେ
ମୋ ଭାରତ ପୁଣ୍ୟ କ୍ଷେତ୍ରେ ଜନ୍ମ ନେଇ
ସଂହାର କର ଚକ୍ରରେ ।

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ବିନୋଦିନୀ ଦାଶ



ଆଉ ଥରେ ଜନ୍ମ ନିଅ ହେ କୃଷ୍ଣ
ମୋ ପୁଣ୍ୟ ଭାରତ ଭୂଇଁରେ
ଅଧର୍ମୀ ବିନାଶି ସଜ୍ଜନେ ଆଶ୍ୱାସି
ଶାନ୍ତି ତୋଳି ଦିଅ ମହୀରେ
ସୁଖ କୋଳେଇ
କାଟୁଥିବେ ଦିନ ନିଇତି
ଆର୍ଯ୍ୟାବର୍ତ୍ତର ହେ ଶ୍ରେଷ୍ଠ ପୁରୁଷ
ରଟୁଥିବେ ନାମର ଖ୍ୟାତି ।

ଅଧର୍ମ ଅନ୍ୟାୟ ସତେ ବୃହକ୍କାୟ
ପକ୍ଷୀ ମେଲି ମାଡ଼ି ବସଇ
ବିକଟାଳ ରୂପ ଦିଶଇ ବିରୂପ
ଦେଖି ଦେଲେ ଭୟ ଲାଗଇ
ଦିନକୁଦିନ
ସାଜୁଅଛି ସରବଗିଳା
ଲାଗଇ ଯେମିତି ସବୁଆଡ଼େ କ୍ଷେପି
ବୁଡ଼ାଇଦେବ ସର୍ବ ଭେଳା ।

ନୁହେଁ ସୁରକ୍ଷିତ ନାରୀର ମହତ
କେ ଦେବ କୋଟିବସ୍ତ୍ର ତୋଳି
ଯେବେ ରକ୍ଷକ ସାଜେ ଭକ୍ଷକ
ସବୁକୁ ଟଙ୍କାରେ ତଉଲି
ବୁଡ଼ଇ ହଂସା
ମନରେ କରିଲେ ବିଚାର
ନ୍ୟାୟାନ୍ଧପୁଟୁଳି ପାରିବ କି ଖୋଲି
ଯେତେ ଦୁର୍ନୀତି କାରବାର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପ୍ରତି ଘରେ ଘରେ ବିଦେଶୀ ଛାପରେ
କବଳିତ ଏ ପୁଣ୍ୟ ମାଟି
ଅବୁଝାମାନଙ୍କୁ ବୁଝାଇବ କିଏ
ଯେମିତିକି ଅଫିଟା ଗଣ୍ଠି
ନିଜ ସମ୍ମାନ
ପାଇଁ ଚିନ୍ତା ନାହିଁ ଟିକିଏ
ନୀତି ଆଦରଶ ସବୁ କରି ନାଶ
ଜୀବନେ ଆଗାନ୍ତି ଥୋକାଏ ।

ପିତୃମାତୃ ଭକ୍ତି ନାହିଁ ଭ୍ରାତୃପ୍ରୀତି
ନାହିଁ ପରିବାରେ ମମତା
ଚିହ୍ନାଟିଏ କେହି ଅଚିହ୍ନା ଲାଗଇ
ହେଉଥିଲେ ଦି'ପଦ କଥା
ଆତ୍ମୀୟତା
ଭାବ ନଥିବାରୁ ହୃଦୟେ
କିଏ ସେ ଭାବକୁ ଆଣିବ ପାଖକୁ
ଯେବେ ସୂର୍ଯ୍ୟୋଦୟ ନହୁଏ ।

ତୁମେ ସେ ସୂରୁଜ ପ୍ରକାଶିତ ଆଜ
ଯେବେ ହୁଅନ୍ତ ହେ ମାଧବ
ତୁମ କିରଣରେ ଉଜ୍ଜ୍ୱଳି ସରବେ
ନିଶ୍ଚେ ଦିଶିବେ ତୋଫା-ଧୋବ
ଚାତକୀ ସମ
ଅନାଇଁ ରହିଛନ୍ତି ସର୍ବେ
କେଉଁ ଦିନ ଆସି ଧରାକୁ ଉଶ୍ୱାସି
ପ୍ରେମ ଭକ୍ତି ହୃଦେ ଜାଳିବେ ?

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ସୁଶ୍ରୀ ଇତିଶ୍ରୀ ଶତପଥୀ



ହେ ଶ୍ରୀ କୃଷ୍ଣ ତୁମ ମହିମା ଅପାର ।
ତୁମ ଜନ୍ମେ ଝଲସି ଉଠିଲା କାରାଗାର ।
ଦେବକୀ ବସୁଦେବ କୋଳେ ନେଲୁ ଜନ୍ମ ।
ନନ୍ଦ ଯଶୋଦା ର ଜୀବନ ଧନ ।
ହେ କୃଷ୍ଣ କେଶବ ମୁକୁନ୍ଦ ମୁରାରି ।
ବଂଶୀ ସ୍ୱନେ ମନ ମୋହିଲୁ ସବୁରି ।
ଗୋପୀ ମେଳେ ଯମୁନା କୂଳେ କରୁଥିଲୁ କେଳି ।
ଲବଣୀ ଚୋରାଉଥିଲୁ ହୋଇ ସାଙ୍ଗ ସାଥୀ ମେଳି ।
ଯଶୋଦାର କୋଳ ଅମୂଲ ମୂଲ ତୋ ପାଇଁ ।
ତୋ ପ୍ରେମେ ପାଗଳି ରାଧା, ମୀରା ବାଈ ।
ଅଝଟିଆ ଥିଲୁରେ କଳା କହ୍ନାଇ ।
ଗୋପ ପୁର ହସୁଥିଲା ତୋରି ପାଇଁ ।
ପୁତନା ବଧିଲୁ ଗୋବର୍ଦ୍ଧନ ଗିରି ଉଠାଇଲୁ ।
ଏଡ଼େ ଟିକି ପିଲାଟେ ହୋଇ କେମିତି ପାରିଲୁ ।
ଅତ୍ୟାଚାରୀ କଂସକୁ କରି ବଧ ।
ପିତା ମାତାଙ୍କୁ ବନ୍ଦୀଶାଳାରୁ କଲୁ ମୁକ୍ତ ।
ଆଉ ଥରେ ଜନ୍ମ ନିଅ କୃଷ୍ଣ ମୋ ପୁଣ୍ୟ ଭାରତରେ ।
ଧର୍ମର ଜୟଗାନ ହେଉ ବିଶ୍ୱ ବ୍ରହ୍ମାଣ୍ଡରେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ପ୍ରତାପ କିଶୋର ରାଉତ



କଂସ ବନ୍ଦୀଶାଳେ ଜନମ ଲଭିଲ
ଲୀଳା କଲ ଦ୍ୱାରିକାରେ
ହେ କୃଷ୍ଣ କଂସାରୀ ସ୍ୱୟଂ ଭଗବାନ
ବନ୍ଦଇ ତବ ପୟରେ ।୦।

ଆଉଥରେ ତୁମେ ଜନ୍ମ ନିଅ କୃଷ୍ଣ
ଏଇ ଧରା ମାଟି ପରେ
ପାପ ଭାରେ ଆଜି ଜଳୁଛି ଦୁନିଆଁ
ଏଇ ଧରମ ମାଟିରେ ।୧।

ସତ୍ୟ ଶାନ୍ତି ଆଜି ମଉଳି ଗଲାଣି
କଂସ ଆଜି ଘରେ ଘରେ
ନାରୀ ଆଜି ସତେ ହାତର ଖେଳନା
ସତେ ପଣ୍ୟ ବଜାରରେ ।୨।

ସ୍ନେହ ପ୍ରୀତି ଆଉ ମମତାର ମୂଲ
ବୁଝେନା ଆଜି ମଣିଷ
ଭକ୍ତି ସାଧନାର ପୀଠସ୍ଥଳୀ ଆଜି
ନରକର ନିତ୍ୟ ରାସ ।୩।

ବୃନ୍ଦାବନେ ଆଉ ଶୁଭୁନାହିଁ କେବେ
ତୁମ ବେଣୁର ମୂର୍ଚ୍ଛନା
ଧରମ ରାଇଜେ ଅଧର୍ମର ପୀଡା
ନିତି ଚାଲୁଅଛି ସିନା ।୪।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରମ ନାମରେ ବ୍ୟଭିଚାର ଚାଲେ
ସମାଜରେ ଆଜି ନିତି
ପିତାମାତା ମାନେ ଅଲୋଡ଼ା ହୁଅନ୍ତି
ବାରଙ୍ଗନା ହୁଏ ସତୀ ।୫।

ଭ୍ରଷ୍ଟାଚାର ଆଜି କାୟା ମେଲାଇଛି
ଗଣତନ୍ତ୍ରର ମନ୍ଦିରେ
ସତ୍ୟ ଧର୍ମ ଆଜି ବଳି ପଡୁଅଛି
ଗରିବ ଶୋଷଣେ ମରେ ।୬।

ଆଉ ଥରେ ତୁମେ ଜନମ ନିଅ ହେ
କୃଷ୍ଣ କେଶବ ମୁରାରୀ
କୌମୁଦୁକି ଗଦା ପ୍ରହାରରେ ତୁମେ
ଚୂର୍ଣ୍ଣ କର ପାପ ଭାରି ।୭।

ତେନ୍ତୁଳିପଦୀ, ହାଟଡ଼ିହି , କେନ୍ଦୁଝର
ଦୂରଭାଷ-- ୮୩୨୭୭୨୫୦୩୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ବୀଣା ସାହୁ



ହେ କୃଷ୍ଣ କେଶବ ହରି ତୁମକୁ କରୁଛି

ଗୁହାରି

ଆଉ ଥରେ ଜନ୍ମ ନିଅ ମୋ ପୂଣ୍ୟ ଭାରତରେ,

ଧରଣୀ ଆଖିରୁ ଲୁହ ଶୁଖୁନାହିଁ,

ରକ୍ତ ଜୁଡୁ ବୁଡୁ ଶରୀର ମନ ଦୁଃଖରେ ଅସହ୍ୟ ହୋଇ ଡାକେ

ବିକଳରେ ।

ଭାଙ୍ଗିଯାଇଛି ସତ୍ୟ ଧର୍ମ ଶାନ୍ତି

ଓ ପ୍ରେମ ର ମନ୍ଦିର ଖାଲି ପଡିଛି,

ଅନୀତି ଦୁର୍ନୀତି ମିଛ ଅହଂକାର

ହିଂସା ବେଭିଚାର ସବୁଠି ଯୁଦ୍ଧର

ବିଭୀଷିକା,ମୃତ୍ୟୁ ନେଇଛି କରାଳ

ରୂପ ।

କାନ୍ଦୁଛି ଦେବକୀ ଆଜି ଯଶୋଦା

କାନ୍ଦୁଛି, ଜରାଶ୍ରମ ଲୁହ ଢାଳେ,

ଅନାହାର ରେ ଜୀବନ ଜଳୁଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସହାୟ ପିତାମାତା ସ୍ନେହ ଆତୁର

ଛଳେ ।

ସେ କାଳରେ ଥିଲା ସିନା ଜଣେ କଂସ

ଏ କଳି କାଳରେ ଅନେକ କଂସ ଖୋଲା ଆକାଶ ତଳେ,

କଳିର ବିକଟାଳ ରାବ ଶୁଭୁଛି ପ୍ରତି

ଘରେ ବାହାରେ ।

ଧର୍ମର ଆଖିରେ ବନ୍ଧା ଯାଇଛି କଳାପଟି,ଅଧର୍ମ ଜୟଗାନ କରେ

ରାଜୁତି ।

ଏ ସବୁ ଦେଖିବ ପ୍ରଭୁ ଏ ମୁଢ ମଣିଷ ଭଲ ମନ୍ଦ ବୁଝିବ ନିଜକୁ ତୁମ ଚରଣେ କରିବ

ସମର୍ପଣ,

କେବେ ନିରିହ ଅସହାୟ ସରଳ ଏ

ସଂସାର ରେ ନିର୍ଭୟ ରେ ବଞ୍ଚି ଖୋଲା ହସ ହସି ପାରିବ

ସେ ରାମ ରାଜ୍ୟ କୁ ଅପେକ୍ଷିତ ।

ପାପ ଭାର ଏଠି ବଢ଼ି ଚାଲିଛି ତୁମେ

ଆସି ରକ୍ଷା କର, ପାପି ମାନଙ୍କୁ ସଂହାର କରି ଧର୍ମ ସଂସ୍ଥାପନ କର ।

ବାଜୁ ପଞ୍ଚଜନ୍ୟ ଶୁଭ ଧ୍ୱନି ଚାରିଆଡ଼େ ଖେଳିଯାଉ

ଓମ୍ କାର ଶବ୍ଦ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ନାମ ଧରି ବିଶ୍ୱାସେ ସର୍ବେ କରନ୍ତୁ ସଂକୀର୍ତ୍ତନ ।

ଅହଂ ପରିତ୍ୟାଗ କରି ସମସ୍ତେ

ତୁମ ମୁଖ ନିଶୃତ ବାଣୀକୁ ପ୍ରସାର ପ୍ରଚାର କରନ୍ତୁ ।

ଶାନ୍ତି ମୈତ୍ରୀ ପ୍ରେମ ସମସ୍ତଙ୍କ ମନେ

ଜଗାନ୍ତୁ ।

ଆଉଥରେ ଜନ୍ମ ନିଅ କୃଷ୍ଣ ମୋ ପୂଣ୍ୟ

ଭାରତରେ,

ଫୁଲ ଫୁଟି ମହକି ଉଠିବ ପୁଣି ଥରେ

ତୁମ ସୃଷ୍ଟିରେ ତୁମ ଆଗମନେ

ଏ ପୂଣ୍ୟ ଭାରତ କୋଳେ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ସୁନିତା ମହାନ୍ତି



ଶୁଭ ଜନ୍ମ ଦିନେ ଜଣାଏ ଶୁଭେଚ୍ଛା
ଯଶୋଦା ଦୁଲାର ନନ୍ଦ ନନ୍ଦନ
କରୁଛି ବନ୍ଦନା ଅର୍ଚ୍ଚନା ପୟରେ
ଜନ୍ମ ନିଅ ଥରେ ଭାରତରେ ।

ପାପ ଭାରା ଆଉ ସହିତ ହେଉନି
ଦୁର୍ନୀତି ଧର୍ଷଣ ନାହିଁ କଳନା
ଧର୍ମ ର ନାମରେ ଅଧର୍ମର ସ୍ଥିତି
ରାକ୍ଷସ ମାନଙ୍କ ବଢେ ନିର୍ଯାତନା ।

ପିତା ମାତା ଆଜି ଅସହାୟ ମଣେ
ପୁଅ କରେ ବନ୍ଦୀ ଜରାଶ୍ରମରେ
ମମତା ମୟୀ ସେ ଯଶୋଦା ଦେବକୀ
ନନ୍ଦ ବାସୁଦେବ କୋହରେ ଝୁରେ ।

ହିଂସାର ତାଣ୍ଡବ ରାଜନୀତି ଖେଳେ
ଦୁର୍ନୀତି ଖେଳୁଛି ମିଛ ମାୟାରେ
କଂସ ଜନ୍ମେ ନୀତି ସାଜିସେ କରାଳ
ଖେଳୁଛି ହୋଲି ନାରୀ ରକ୍ତରେ ।

ଆସ ଅବତରି କରୁଛି ମିନତୀ
ଧରା କଷ୍ଟ ଶହେ ପାପର ଭାରା
ଅନ୍ୟାୟ ଅନୀତି ଦୁରେଇ ଦିଅହେ
ଧର୍ମ ସଂସ୍ଥାପନା ହେଉ ଏ ଧରା ।

ହେ କେଶବ ହରି ମନେ ପଡେ ଭାରି
ତୁମ ରାସଲୀଳା ଅମୃତ ବାଣୀ
ହଟାଇ ପାପ ପୂଣ୍ୟ ଭାରତରୁ
ରଚିଦିଅ ଗୋଟେ ନୂଆ କାହାଣୀ ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ପୁଷ୍ପଲତା ମିଶ୍ର



ହେ ନନ୍ଦନନ୍ଦନ କରେ ନିବେଦନ
ଆଉ ଥରେ ଜନ୍ମ ନିଅ,
ମୋ ପୁଣ୍ୟ ଭାରତ ଅପେକ୍ଷାରେ ରତ
ତୁମ ପରି ଜଣେ ଦିଅଁ ।।

କଂସ ସଂହାରଣ ପାଇଁ କି କାରଣ
ଜନ୍ମ ନେଲ କାରାଗାରେ,
ମନରେ ନ ଥିଲା ଦୁଃଖ କ୍ଲେଶ ଥରେ
ପୁଣି ନିସ୍ତବ୍ଧ ରାତିରେ ।।

ଦେବକୀ କୋଳରୁ ଯଶୋଦା କୋଳକୁ
ଆସିଲ ହେ ଅବହେଳେ,
ପଠାଇ ଦେଲ ହେ ମାତା ଅମ୍ବିକାଙ୍କୁ
କଂସକୁ ଚେତେଇ ଦେଲେ ।।

ଯମୁନା କୂଳରେ କଦମ୍ବ ମୂଳରେ
ବଜାଇଲ ବଂଶୀ ସ୍ୱନ,
ସେହି ବଂଶୀ ସ୍ୱନ ଶୁଣିବା ପାଇଁ କି
ମନ ମୋ ହୁଏ ଉଛନ୍ନ ।।

ବାଲ୍ୟଲୀଳା କଲ ଗୋପପୁରେ ରହି
ଚୋରାଇ ସର ଲବଣୀ,
ରାଧାରାଣୀ ସାଥେ ଗୋପ ଗୋପାଳୁଣୀ
କେତେ କଉତୁକ ପୁଣି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଲମ୍ବା ଅସୁର ବକା ଅଘାସୁର

ପୁତନାକୁ ଦେଲ ମାରି,

ଇନ୍ଦ୍ରଙ୍କର ଗର୍ବ କରିଥିଲ ଖର୍ବ

ଗୋବର୍ଦ୍ଧନ ଗିରି ଧରି ।।

କାଳିନ୍ଦୀର ଜଳ ଥିଲା ବିଷ ପୁର୍ଣ୍ଣ

କରିଲ ଜଳ ମଧୁର,

ଅକ୍ରୁର ହାତରେ ନିମନ୍ତ୍ରଣ ଦେଇ

ମଲା ନିଜେ କଂସାସୁର ।।

ଅନ୍ୟାୟ ଅନୀତି କିପରି ସହିଛ

ରହିଛ ମଉନ ହୋଇ,

ଆସ ଥରେ ଫେରି ଏ ଧରା ଧାମକୁ

କଷ୍ଟ ନିବାରଣ ପାଇଁ ।।

ସହଜ ହୋଇବ ଏ ଭାରତ ଭୁଇଁ

ତୁମ୍ଭ ଆଗମନ ଦେଖି,

ସତ୍ୟ ସଂସ୍ଥାପନ ହେବ ଭାରତରେ

ଦେଶ ବାସୀ ହେବେ ସୁଖି ।।

ଭୁବନେଶ୍ୱର

୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଡଃ ତାନଶ୍ରୀ ପାଣିଗ୍ରାହୀ



କୋଟି ସୂର୍ଯ୍ୟ କାନ୍ତି ଆହେ ପ୍ରେମଜ୍ୟୋତି
ଦ୍ୱାପରରେ ତୁମେ କୃଷ୍ଣ
ଭାଦ୍ରବ ମାସରେ ଅଷ୍ଟମୀ ତିଥିରେ
ତୁମ ଶୁଭ ଆଗମନ...

ଦେବକୀ ଗର୍ଭରୁ ହୋଇଲ ଜନମ
କଂସରାଜା ବନ୍ଦୀ ଶାଳେ
ପିତା ବସୁଦେବ ଗୋପପୁର ନେଲେ
ବଢିଲ ଯଶୋଦା କୋଳେ...

ରାଧାରାଣୀଙ୍କର ନୟନର ତାରା
ନନ୍ଦରାଜାଙ୍କ ଜୀବନ
ଗୋପୀ ଗୋପାଙ୍ଗନା କଦମ୍ବ ଯମୁନା
ତୁମରି ପାଇଁ ଉଛନ୍ନ...

ପ୍ରତି ଜୀବନରେ ତୁମେ ଗତି ମୁକ୍ତି
ଭକତର ଭଗବାନ
ଆର୍ଯ୍ୟାବର୍ତ୍ତର ପରମ ପୁରୁଷ
ତୁମେ ହେ ପ୍ରଭୁ ଶ୍ରୀକୃଷ୍ଣ...

ଦୁଷ୍ଟର ଦଳନ ସନ୍ଥର ପାଳନ
କେତେ ଅସୁର ବିନାଶି
ଏ କଳିଯୁଗରେ ଶହ ଶହ କଂସ
ସଂହାର କର ହେ ଆସି...

ଯୁଗେ ଯୁଗେ ତୁମେ ଧର୍ମ ରକ୍ଷା ପାଇଁ
ଅବତାର ନିଅ ମର୍ତ୍ତେ
ଆଉ ଥରେ ଜନ୍ମ ନିଅ ତୁମେ କୃଷ୍ଣ
ମୋ ପୁଣ୍ୟଭୂମି ଭାରତେ ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ରମେଶ ଟାକ୍ରୀ



କୃଷ୍ଣ ବନ୍ଦୀଘରେ    ଜନମିଲା ପରେ
  ଗୋପପୁରେ ବଢ଼ି ଥିଲେ
ସାଧୁଙ୍କ ସୁରକ୍ଷା    ଯୋଗାଇ ଦେବାକୁ
  କଂସର ନିଧନ କଲେ ।୧।

ଜନନୀ ଦେବକୀ    ପିତା ବସୁଦେବ
  କଂସ ବନ୍ଦୀ ଘରେ ରହି
ପ୍ରଭୁ ଶ୍ରୀକୃଷ୍ଣଙ୍କୁ    ଜନ୍ମ ନେଇଥିଲେ
  ଧର୍ମର ସୁରକ୍ଷା ପାଇଁ ।୨।

ଲୁଣ୍ଠନ ଧର୍ଷଣ    ଶୋଷଣ କଷଣ
  ହୁଏ ଦୁଷ୍ଟ ଜନ ପାଇଁ
ଅନୀତି ଦୁର୍ନୀତି    ଚାଲିଥାଏ ନିତି
  ସୁରକ୍ଷା ମିଳଇ ନାହିଁ ।୩।

ଆଉଥରେ କୃଷ୍ଣ    ଜନ୍ମନିଅ ତୁମେ
  ପୁଣ୍ୟଭୂମି ଭାରତରେ
ତୁମେ ଏକା ପ୍ରଭୁ    ସହାୟ ହୋଇବ
  ସୁରକ୍ଷା ଯୋଗାଇବାରେ ।୪।

ଆତଙ୍କବାଦୀଏ    ଆତଙ୍କ ଚଳାନ୍ତି
  ନୀରିହ ଜନତା ଠାରେ
ଦୁଷ୍ଟ ଜନ ମାନେ    ଦମନ ହୋଇବେ
  ତୁମେ ଜନ୍ମ ନେବାପରେ ।୫।

ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୁଣ୍ୟ ଭାରତରେ

ଝୁମୁରୀ ସାହୁ



ବଡ଼ ବିଚିତ୍ର ଏ ଜନ୍ମାଷ୍ଟମୀ ଗାଥା
କୃଷ୍ଣଙ୍କର ଜନ୍ମ ତିଥି,
ଭାଦ୍ରବ ଅଷ୍ଟମୀରେ କାରା କୋଠରୀ
ଭୂମିଷ୍ଠ ହେ ବାଙ୍କନିଧି ।।
ଭାବିଲେ ଲାଗଇ ବାସ୍ତବ କଳ୍ପନା
ଆଜିରେ ହୁଅନ୍ତା ସତ,
ପ୍ରଭୁ ପରାପୃର ପରମ ଈଶ୍ୱର
ଧରାପୃଷ୍ଟେ ଆବିର୍ଭୁତ ।।
ପୁରାଣରୁ ପଢି ବୁଝିଛୁ ଏତିକି
କୃଷ୍ଣଙ୍କ ମହିମା ଶକ୍ତି,
ଏନ୍ତୁଡ଼ିଶାଳରୁ ଗୋପ ଦାଣ୍ଡ ଯାଏ
ସ୍ୱୟଂ ଯେ ଗଲେ କେମିତି ?
ଦେଖି ବାକୁ ଇଚ୍ଛା ଯମୁନାର ଜଳ
ପାରିଲେ ନନ୍ଦ ଯେମିତି,
ବାଲ୍ୟକାଲୁ ପ୍ରଭୁ ଶକ୍ତିମାନ କର୍ମଶାଳା
ଶୋଷିଲେ ପୁତନା ଛାତି ।।
ଦେଖିବାକୁ ଥରେ ସେଇ ବିଶ୍ୱରୂପ
ଯଶୋଦା ଭାବ ଯେମିତି,
ମାଗୁନାହି ଧନ ହେ କଳା କାଞ୍ଚନ
ତୁମେ ମୋ ହୃଦ ସମ୍ପତି ।।
ମନେ ଭାବୁଅଛି ଆଜିର ଯୁଗରେ
ହୋଇଯିବୁ ବ୍ରଜବାସୀ,
ବାଲ୍ୟଲୀଳା ଖେଳା ଖେଳିବୁ ସଭିଏଁ
ହୋଇଣ ତୁମରି ସାଥୀ ।।
ମୂରଲୀ ମୋହନ ରଙ୍ଗର ରତନ
ଗୋଶାଳାକୁ ଯିବା ମିଶି,
ବିଳମ୍ବ ରେ ଆସି ମାଆର ମମତା
ସାଉଁଟିବା ବେଶି ବେଶି ।।
ଲବଣୀ ଚୋରାଇ ଖାଇବାକୁ ତୁହି
ଓମଫେଡରେ ଦେବା ମଡ଼ି,
ସେକାଳର ନୀତି ଯାଇଛି ବଦଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୁମାଟେ ଖାଇବା ଶାନ୍ତି ।।

ବାନ୍ଧି ବେନି ଆଉ ମାଆ ନନ୍ଦରାଣୀ

ଯାଆଁଲା ଅର୍ଜୁନ ବୃକ୍ଷ,

ନାହିଁ ସନ୍ତର୍ପଣ ନାହିଁ ସମର୍ପଣ

ସଭିଏଁ ଅଟନ୍ତି ଦକ୍ଷ ।।

ଯମୁନାର ତୀରେ ସେହି ଗୋପ ନାରୀ

କରିଥିଲ ବସ୍ତ୍ର ଚୋରି,

ବର୍ତ୍ତମାନ ଯୁଗେ ଆସ ଅବତାରୀ

ବଢ଼ିବ ଜଗତ ଶିରୀ ।।

କାଳୀୟ ଗଞ୍ଜନ ଗୋପୀମନ ଚୋର

ଆସହେ ଧରାକୁ ଧାଇଁ,

ସ୍ୱଚକ୍ଷୁ ଦର୍ଶନ ପୁରି ଯିବ ମନ

ଦଣ୍ଡବତ କରେ ସାଇଁ ।।

ପ୍ରଭୁ ତୁମକୁ ମୋର ରହିଲା ରାଣ

ଆଉଥରେ ଜନ୍ମ ନିଅ,

ଏ ଧରା ଧାମେ ଦେଖିବୁ ସରବେ

କଦମ୍ବ ମୂଳିଆ ମୁହଁ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

କଳ୍ପନା ବିନ୍ଧାଣୀ



ଆଉ  ଥରେ ତୁମେ
 କୃଷ୍ଣ  ଅବତାରେ
ଜନ୍ମ ନିଅ ପ୍ରଭୁ କଳାଠାକୁର
 ମୋ ଭାରତ ଭୂମି
 ଗୋପପୁର  ସାଜୁ
ଝଙ୍କୃତ ହେଉ ବଂଶୀର  ସ୍ୱର  ।
 କେତେ ଲୀଳା ଖେଳା
 କରିବ ପ୍ରଭୁ ହେ
ତୁମ ଇଛା ମତେ ଏ ପୁଣ୍ୟଧାମେ
 ଅନ୍ୟାୟ ଅନୀତି
 କର ପରାହତ
ଧର୍ମ ସଂସ୍ଥାପନେ ସାହା ତ ତୁମେ ।
 କେତେ କେତେ କଂସ
 ରଚିଲେଣି ବଂଶ
ନର ରାକ୍ଷସଙ୍କ ବିପ୍ଳାତ ବଢେ
 ନିରୀହ ଜୀବନ
 ଅକାଳେ ଝଡୁଛି
ଅଧର୍ମୀ ଲମ୍ପଟ ରାଇଜ ଗଢେ  ।

 ଆହେ ଚକ୍ରଧାରୀ
 ତୁମେ କର ପାରି
ସହି ହେଉ ନାହିଁ ଏ ସାରା ପାପ
 କାମ କ୍ରୋଧ  ହିଂସା
 ଚେର ମାଡିଲାଣି
ଭୋଗୁଛି ମଣିଷ ଏ କେଉଁ ଶାପ  ?
 ଦିଅ ସଦ୍ ବୁଦ୍ଧି
 ବିଚାର  ବିବେକ
ଜନ ପ୍ରାଣେ ବହୁ ଅମୃତ ଝର
 ଆସ ଅବତରି
 ହେ କୃଷ୍ଣ ମୁରାରୀ
ରକ୍ଷାକର ପ୍ରଭୁ ଏହି ସଂସାର  ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉଥରେ କୃଷ୍ଣ ଜନ୍ମନିଅ ପୂଣ୍ୟ ଭାରତରେ

ଡଃ ନାରାୟଣ ଚନ୍ଦ୍ର ସେନାପତି



ସେଦିନ କଂସ ଦୁର୍ଯ୍ୟୋଧନ ପରି ପାପାତ୍ମାଙ୍କ ବିନାଶ କରିବାକୁ
ବଜାଇ ପଞ୍ଚଜନ୍ୟ
ଓହ୍ଲାଇଲ ମର୍ତ୍ତ୍ୟକୁ
ଧରି ସୁଦର୍ଶନ
କଲ ମହାଭାରତ ଯୁଦ୍ଧ
ହେଲେ ଆଜିର କଂସ ଦୁର୍ଯ୍ୟୋଧନ କୁହାଟ ଛାଡି ଡାକୁଛନ୍ତି ତୁମକୁ
ତିରସ୍କାର କରୁଛନ୍ତି ତୁମ ପୌରୁଷତ୍ୱକୁ
ଆହ୍ୱାନ କରୁଛନ୍ତି ତୁମ ବୀରତ୍ୱକୁ
ଆସୁନ
ଚଖେଇ ଦିଅ ତୁମ ତେଜ
ଯେମିତି ଦେଖେଇ ଥିଲ ଶିଶୁପାଳକୁ
ଶୋଷି ଦିଅ ତାଙ୍କ ଔଦ୍ଧତ୍ୟାମିକୁ
ଯେମିତି ଶୋଷିଥିଲ ପୁତନା ପ୍ରାଣକୁ ।

ସେଦିନ ପଞ୍ଚୁ ପାଣ୍ଡବଙ୍କୁ ବଞ୍ଚାଇ ବଢାଇ ପ୍ରତିଷ୍ଠିତ କରିବାକୁ
କରିଥିଲ ସବୁ କିଛି ତ୍ୟାଗ
ଘୋଡ଼େଇ ଥିଲ ଘଣ୍ଟ
ବନ୍ଧୁତ୍ୱ ଏକ ପୂଜା ମଣି ଫିଙ୍ଗି ଦେଇଥିଲ ମୁକୁଟ ଉତ୍ତରୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୋଇଥିଲ ସୁଦାମାର କ୍ଷତାକ୍ତ ପାଦ
ହେଲେ ଆଜିର ପାଣ୍ଡବ ମାନେ ସାଜିଛନ୍ତି କୃତଘ୍ନ
ସୁଦାମା ମାନେ ସ୍ୱାର୍ଥପର ସାଜି କଲେଣି ବିଶ୍ୱାସ ଘାତକତା
କରୁଛନ୍ତି ଅଟ୍ଟହାସ୍ୟ ଉପହାସ ତୁମକୁ
ଆସୁନ
ପଢ଼େଇ ଦେବ ଗୀତା
ଶିଖେଇ ଦେବ ତୁମ ଅର୍ଜୁନଙ୍କୁ ବଞ୍ଚାଇବା କୌଶଳ
ଉପଲବ୍ଧି କରେଇବ
ବୀର କର୍ଣ୍ଣ କେମିତି ମଲା ଦୁର୍ଯ୍ୟୋଧନ ପାଇଁ
ଆଉ ତୁମ ପାଇଁ ସଖୀ କୃଷ୍ଣା କେମିତି
ଫେରି ପାଇଲା ସମ୍ମାନ
ଫାଡ଼ି ଦେଲା  କୌରବଙ୍କ ଆସ୍ଫାଳନ ।

ସେଦିନ ଦେବକୀଙ୍କୁ ପଛରେ ରଖି
ଯଶୋଦାଙ୍କୁ ଦେଇଥିଲ ଅସଲ ମାଆର ସମ୍ମାନ
ଗାନ୍ଧାରୀଙ୍କ ଅଭିଶାପ ବିଷକୁ ଅମୃତ ପରି ପିଇ
ଉଚ୍ଚ କରିଥିଲ ମାଆର ମଥାନ
ଗୁରୁ ମାତାଙ୍କ କଥା ରଖି
ଯମ ସହ କଲ ଲଢେଇ
ଫେରେଇ ଦେଲ ମୃତ ପୁଅ
ଦେଇ ଗୁରୁ ଦକ୍ଷିଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ଆଜିର ସନ୍ତାନ ମାନେ ମାଆର ପେଟକୁ ବି ମାରୁଛନ୍ତି ନାତ

ଦେଖାଉ ଛନ୍ତି ବୃଦ୍ଧାଶ୍ରମ ରାସ୍ତା

ଜନ୍ମ କଲା ମାଆ ବି ଟପି ଗଲାଣି ସାବତ ମାଆଠୁ

ଶିଷ୍ୟ ଗୁରୁଠୁ ଖୋଜୁଛି ପ୍ରଣାମ

ଆଉ ଗୁରୁ ତ୍ୟାଗ ନିଷ୍ଠା ଭୁଲି ସାଜିଲାଣି

ଘୋଡା ବେପାରୀ

ତୁମକୁ ତାଚ୍ଛଲ୍ୟ କରି କହିଲେଣି କରୁଥିଲା ଅଭିନୟ

ଆସୁନ

ଦେଖେଇ ଦିଅ ବିଶ୍ୱରୂପ

ଟେକିଦିଅ ଅହଙ୍କାରର ମନ୍ଦର

ତୁମ କନିଷ୍ଠାରେ

ଫାଡ଼ିଦିଅ ଅହଙ୍କରୀର ଅହଂ

ବାସୁକି ନାଗକୁ ଫାଡ଼ିଲା ପରି

ତୁମ ଦୁଇ ହାତରେ ।

ସେଦିନ ସୁନ୍ଦରୀ ରାଣୀଙ୍କୁ ନୀତିଶିକ୍ଷା ଦେବାକୁ ଯାଇ

ଦେଇଥିଲ ନିଷ୍କପଟ ରାଧାଙ୍କୁ ଅଯାଚିତ ପ୍ରେମ

ମୀରାକୁ ଦେଇଥିଲ ସ୍ନେହ ହୃଦୟ ଫରୁଆ ଖୋଲି

ବିଶ୍ୱକୁ ଶିଖାଇଥିଲ

ପ୍ରେମ ଶାଶ୍ୱତ ଚିରନ୍ତନ ଅମର ଅଜର

ହେଲେ ଆଜିର ଲୋକ ଦେଖାଣିଆ ପ୍ରେମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମକୁ କରୁଛି ଧିକ୍କାର

କହି କୃଷ୍ଣିଆ କରେ

ଆସୁନ ଶିଖେଇ ଦେବ ପ୍ରେମର ସଂଜ୍ଞା

ନ ଦେଖି ଯେ ପାଖରେ ପାଏ

ନ ଛୁଇଁ ଯେ ସବୁ ପାଇ ଯାଏ

ତା କଥା ଭାଳିରେ ଆଖି ଯଦି ସ୍ନାନ କରେ

ଆଖି ବୁଜିଲେ ଖୋଲିଲେ ତାକୁ ପାଇଲେ

ସେଇ ପରା ପ୍ରେମ

କେମିତି ଲଜ୍ଜା କୁ ସଜ୍ଜା ଦିଏ

ଲକ୍ଷ୍ୟ କୁ ପକ୍ଷ କରେ

ଆତ୍ମ ବଳିଦାନ ଦିଏ

ଦ୍ରୌପଦୀ ପରି

ସୁଭଦ୍ରା ପରି

ଭାସି ବିପଦର ନଈ ସୁଅରେ ।

ଜମ୍ଭରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶ୍ରୀକୃଷ୍ଣ ଜନ୍ମ ଚରିତ

କୁଳମଣି ବାରିକ



ଜୟ ଜୟ ବାଳକୃଷ୍ଣ, ଜୟ ଜଗନ୍ନାଥ,

ଜନ୍ମ ତିଥି ପାଳୁ ଅଦ୍ୟ, ହୋଇ ଆନନ୍ଦିତ ।।

ଜନ୍ମାଷ୍ଟମୀ ବୋଲି ନାମ, ଜଗତେ ବିଦିତ,

ହୁଏ ନାହିଁ ପିଠା ମିଠା, ଭୋଗରେ ସନ୍ତୁଷ୍ଟ ।।

ବ୍ରାହ୍ମଣ ବାପୁଡ଼ା ଆସି,ଗୃହେ ଭାଗବତ,

ଆମୂଳ-ଚୁଳ ପଠନ, କରଇ ସମସ୍ତ ।।

ବସୁଦେବ, ଦେବକୀର, ଅଟୁ ତୁହି ସୁତ,

କଂସାସୁର ତୋ'ମାତୁଳ, ଦୁରାଚାରୀ ସେତ ।।

ବନ୍ଦୀ ଗୃହେ ରଖାଇଲା, ବେଡ଼ି ପକାଇତ,

ସହ୍ୟନ କରିଲ ତାଙ୍କ, କଷଣ ବହୁତ ।।

ଆପେ ଆସି ମାତୃ ଗର୍ଭେ, ହେଲ ସଞ୍ଚରିତ,

ବନ୍ଦୀ ଘରେ ଅଦଭୂତ, ହେଲା ଆଲୋକିତ ।।

ଜନ-ମିଲ ଅଷ୍ଟ ଗର୍ଭୁ, ପ୍ରଭୁ ଗୋପୀନାଥ ।।

ବସୁଦେବ ବାହିନେଲେ, ହୋଇ ବିମୋହିତ,

ରାଜ ପଥେ ଉଗାଳିଲା, ଉଗ୍ରସେନ ପଥ ।।

ଶଙ୍ଖ, ଚକ୍ର, ଗଦା, ପଦ୍ମ, ଦେଖାଇଲ ଭକ୍ତେ,

ଅପସରି ଗଲା ନମି, ହୋଇ ପ୍ରଫୁଲ୍ଲିତେ ।।

ଯମୁନାର ଜଳ ରାଶି,ବଢଇ ବହୁତ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆପେ ଆପେ ଶୁଖିଗଲା, ସେ ନଦୀର ସ୍ରୋତ ।।
ବରଷାବି ଥମିଗଲା, ଗଲ ରାଧାକାନ୍ତ,
ପହଞ୍ଚିଲ ଅକ୍ଲେଶରେ, ଗୋପପୁରେ ସତ ।।
ଅବ-ଚେତନରେ ଯଶୋ-ମତୀମୟୀ ମାତ,
ପ୍ରସୂତି ଭବନେ ଶୋଇ, ଥିଲେଟି ନିଶ୍ଚିତ ।।
ତାଙ୍କ କୋଳେ ଶୋଇଦେଇ, ଆସିଲେ ତୁରିତ,
ସାଥୀରେ ଆଣିଲେ ପୁଣି, ବିଶ୍ୱମାୟୀ-ଙ୍କୁ ତ ।।
ତତ ପର ପ୍ରଭାତରେ, ଦରଶନେ ମାତ,
ତୋତେ ଦେଖି ଯଶୋମତୀ, ହେଲେ ପୁଲ୍ଲକିତ ।।
ବିଧି ସହ ଜନ୍ମୋତ୍ସବ, ହୋଇଲା ପାଳିତ,
ଜନ୍ମାଷ୍ଟମୀ ନାମେ ଦିନ, ହେଲା ଯେ ପାରିତ ।।
ବାଦ୍ୟ, ବାଣ, ଶବଦରେ, ନଭ ପ୍ରକମ୍ପିତ,
ଗୋପବାସୀ ଶୁଣି ତାହା, ଧାଇଁଲେ ତୁରିତ ।।
ଗୋପୀ-ଗୋପାଙ୍ଗନା ଗଣ, ହେଲେ ଆନନ୍ଦିତା,
ଦରଶନେ ପୁଲ୍ଲକିତା, ହେଲେ ପୁର କାନ୍ତା ।।
କେ ଧରିଲା କୋଳରେ'ତା, ଭାଳି ପ୍ରାଣ କାନ୍ତ,
ଭଗବତ୍ ପ୍ରେମେ ବାଇ, ହେଲେ ପ୍ରଫୁଲ୍ଲିତ ।।
ମୂଢ଼ ମତି କୁଳମଣି, ଜାତିରେ ନାପିତ,
ତୋ'ଜନ୍ମ ଚରିତ ଗାଇ,ହୁଏ ଆନନ୍ଦିତ ।।

ଶିଶୁଆ, ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

# ଗୋପଦାଣ୍ଡେ

ଭାରତୀ ହୋତା



ମେଘମାଳା ଆଜି ମଥୁରା ଆକାଶେ
ସଗର୍ବେ ସଜେଇ ପସରା
ବରଣୀ ଉଦ୍ଦେଶ୍ୟେ ବରଷିବେ ପରା
ଆନନ୍ଦେ ଅସରା ଅସରା
ବଉଳ..... ରହିଥିବୁ ବେଳ ଅନାଇ
ବିଭାବରୀର ସେ ମଧ୍ୟମ ପ୍ରହରେ
ଅବତରିବେ ଲୋ କହ୍ନାଇ ।

ମଥୁରା ପୁରର ବନ୍ଦୀ ଶାଳା ଆଜି
ଦିବ୍ୟ ଆଲୋକେ ପ୍ରକାଶ...
ଅଗୁରୁ ଚନ୍ଦନ ସୁଗନ୍ଧିତ ପୁଷ୍ପ
ମହ ମହ ଧୂପ ବାସେ
ବଉଳ....ଦେବକୀ ନିଦ୍ରାଦେବୀ ବଶେ
ଦେଖି ଦିବ୍ୟାଲୋକ ଚକିତ ରାଜନ
ଧ୍ୟାନରତ ବିଷ୍ଣୁ ଆଦେଶେ ॥

ପିତା ବସୁଦେବ ଚଳନ୍ତି ସଧିରେ
ଘେନି ବାଳୁତ ଯତନେ
ଯମୁନା ଉଜାଣି ବହଇ ପ୍ରଖରେ
ଘୋଟଇ ତମସା ଘନେ
ବଉଳ... ସୁମରି ଗୋଲକ ବିହାରୀ
ଯାଏ ଘୁଞ୍ଚି ଘୁଞ୍ଚି ପଥ ଗୋପପୁର
ମସ୍ତକେ ବିରାଜ ଶ୍ରୀହରି ॥

ମଙ୍ଗଳ ଆରତୀ ସ୍ୱାଗତ ସଙ୍ଗୀତ
ଗାଇବା ଆସ ଗୋ ସଖୀ
ଭାଦ୍ରବ ଅଷ୍ଟମୀ ଉତ୍ସବ ମୁଖର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳା ଜହ୍ନ ଯିବା ଗୋ ଦେଖି
ବଉଳ....ଗୋପରେ ବାଜୁଛି ନାଗରା
ଯଶୋଦା କୋଳରେ କଳା କନ୍‌ହାଇ ଲୋ
ନନ୍ଦ ଦେଉଛନ୍ତି ଡାକରା ॥

ଘନ କୃଷ୍ଣ କେଶ ଲଲାଟେ କୁଙ୍କୁମ
ନୟନେ କଜ୍ଜଳ ଗାର
ନାସିକା ସୁନ୍ଦର ସୁକୋମଳ ତନୁ
ରଙ୍ଗ ଜବା ରକ୍ତ ଅଧର
ବଉଳ....... ମଥାରେ ମୟୂର ଚନ୍ଦ୍ରିକା
କଟିରେ କିଙ୍କିଣୀ ପାଦରେ ନୂପୁର
ବାଳ କୃଷ୍ଣ ପରିପାଟୀକା ॥

ଶ୍ୟାମଳ ବରନ ଦେବକୀ ନନ୍ଦନ
ଦେଖିବା ମୋହନ ମୂରତି
ସରଗପୁରରୁ କୁସୁମ ବରଷି
ଦେବଗଣେ କଲେ ଆରତୀ
ବଉଳ...... ଗୋପେ ଉଲ୍ଲାସ ଅନୁପମ
ନନ୍ଦର ନନ୍ଦନ ସୁନ୍ଦର ବଦନ
ଗୋପୀ ଜନ ହୃଦ ଚନ୍ଦନ ॥

ଏ ରୂପ ମାଧୁରୀ ଦେଖିଲେ ସତେ କି
ପଲକ ନ ପଡ଼େ ନୟନେ
ପାପ ତାପ ସବୁ କ୍ଷଣକେ ନାଶଇ
ମୋକ୍ଷ ଗତି ହେଲା ଜୀବନେ
ବଉଳ.... ବସିଥିଲୁ ପଥ ଚାହିଁ
ଗୋପଦାଣ୍ଡ ଆଜି ସାର୍ଥକ ହୋଇଲା
ଦର୍ଶନେ ଜଗତ ସାଇଁ ॥

ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହସୁଛି ମାଳିକା କାନ୍ଦୁଛି ବେଦ

ଗୋଲାପ କୁମାରୀ ସାହୁ



ଯୁଗକୁ ଯୁଗ ଚାରି ଯୁଗ

ସତ୍ୟ, ତ୍ରେତୟା, ଦ୍ୱାପର

କଳି ହେଉଛି ଏବେ ଭୋଗ

ସତ୍ୟରେ ଥିଲା ବେଦ ପାଠ

ତ୍ରେତୟାରେ ସତ୍ୟ ପାଳନ

ଦ୍ୱାପରରେ ଖାଲି ହରଣ

କଳି ଯୁଗ ଏବେ ଉତ୍ପାତ ହେଉଛି

ନିକଟେ ହେବ ତା ମରଣ.....

ପୂର୍ବ ମାଳିକାର ବଚନ

ମାଳିକା ହସୁଛି

ବେଦ ତ କାନ୍ଦୁଛି

ମାଳିକାରେ ଅଛି ଲେଖନ...

ମାଳିକାକୁ କର ଓଲଟା

କାଳି ମା ଏବେ ଭୈରବୀ ସାଜି

ଗିଳି ଦେବ ସେ ଗୋଟାଗୋଟା

ଗୁରୁ ଗୁରୁଜନ ନ ମାନି

ବେଦ ପଠନ ନ କଲେ ଜ୍ଞାନି

ପଣ୍ଡିତ କରୁଛି ଚୋରି ନାରୀ

ନ ମାନୁଛି ବେଦ ବାଣୀ

ବେଦ ଏଠି କାନ୍ଦେ ବାହୁନି

ମାଳିକା ବଚନ ସତ୍ୟ ହେଲାଣି ଲୋ

ପାପୀ ତ ଉତ୍ପାତ କଲେଣି....

Listen to Odia Podcast Original at https://youtube.com/@drjyotiprasad

ମାଳିକାରେ ଅଛି ଲେଖା

କଳି କହେ ଏବେ ଦେଖା

ବେଦକୁ ମୁଁ ଏବେ ଲୁଚେଇ ରଖିଛି

ପଢିବନି ଗୋଟେ ରେଖା...

କଳି ଯୁଗର ଏ ମଣିଷ

ଅଳ୍ପ ଦିନେ ହେବ ବିନାଶ

ଖଣ୍ଡ ଖଣ୍ଡ କରି ଖଣ୍ଡ ପ୍ରଳୟରେ

ପୃଥିବୀ କରିବି ମୁଁ ଗ୍ରାସ

ମୁଁ କଳି ବାନ୍ଧିଲିଣି ସାହାସ

ବାତ୍ୟା, ଭୂମିକମ୍ପ, ସୁନାମି ହୋଇବ

ଅଚିହ୍ନା ବ୍ୟାଧିରେ ସବୁ ଶେଷ ।।

ନୀଳାଦ୍ରି ବିହାର, ଭୁବନେଶ୍ୱର,

୭୦୭୪୧୫୧୧୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଶ୍ଚିମ ଗାଥା

ମନୋରଞ୍ଜନ ସୁରୁଜାଳ



ଓଡ଼ିଶା ରାଇଜ ପଶ୍ଚିମ ଭୂଖଣ୍ଡ
ହୃଦୟେ ସାଇତା ଗାଥା,
ପୂଣ୍ୟ ଭୂଇଁ ବୋଲି ସାକ୍ଷର ବହନେ
କୁହଇ ଅନ୍ତର କଥା ।

ହୀରାକୁଦ ବନ୍ଧ ବକ୍ର ଶିବାଳୟ
ବିଶ୍ୱ ମଧ୍ୟେ ପରିଚିତ,
ବନ୍ୟ ସମ୍ପଦରେ ଖଣି ଖାଦାନରେ
ସବୁଜ ସୁବର୍ଣ୍ଣା କ୍ଷେତ ।

ପୂଣ୍ୟତୋୟା ଧାରା ମହାନଦୀ ଯହିଁ
ଦିଅନ୍ତି ଅମୃତ ବାରି,
ଚେରି ମୂଳି ଲତା ଆଚ୍ଛାଦି ଔଷଧି
ଗନ୍ଧମାରଦନ ଗିରି ।

ଦର୍ଶନୀୟ ସ୍ଥାନ ନରସିଂହ ନାଥ
ଘଣ୍ଟେଶ୍ୱରୀ ସୁରେଶ୍ୱରୀ,
ମାଆ ମେଟାକାନୀ ଶ୍ରୀହରି ଶଙ୍କର
ଆବର ମାଣିକେଶ୍ୱରୀ ।

ପାତାଳି ଶ୍ରୀକ୍ଷେତ୍ର ପାଟଣା ଈଶ୍ୱରୀ
ଯହିଁ ବେଦବ୍ୟାସ ଧାମ,
ବୁଢାରଜା ହର ଗୁଡୁଗୁଡା ଝର
ପାଣିମୁରା ବୀର-ଗ୍ରାମ ।

ଜଳ ପ୍ରପାତରେ ଖଣ୍ଡାଧାର ଆଉ
ପ୍ରଧାନପାଟ ଟି ସାର,
ଡେବ୍ରିଗଡ଼ ନାମେ ଅଭୟା ଅରଣ୍ୟ
ଉଷାକୋଠି ତହୁଁପର ।

ବୟନ ଶିଳ୍ପରେ ବିଶ୍ୱେ ପଡ଼େ ହୁରି
ବାନ୍ଧ-ସୁତା କାରିଗରୀ,
ରଙ୍ଗବତୀ ଗୀତ ଡାଲଖାଇ ନୃତ୍ୟ
ମଧୁର ସମ୍ବଲପୁରୀ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଅଷ୍ଟ ଚଣ୍ଡୀ ମଧ୍ୟେ    ମାତା ସମଲେଇ
ସରାଗେ ପାଆନ୍ତି ପୂଜା,
ଶୀତଳ ଷଷ୍ଠୀ ଓ    କଂସ ଧନୁଯାତ୍ରା
ବିଶ୍ୱରେ ଉଡୁଛି ଧ୍ୱଜା ।
ବାସି ପଖାଳକୁ    ଆମ୍ବୁଲ ଚକଟା
ସଙ୍ଗେ ଲୁଣ ଲଙ୍କା ଉଲି,
ଆମ୍ବିଳ ତିଅଣ    କରଡ଼ି ଭଜାକୁ
କିଏ କି ପାରିବ ଭୁଲି ।
ଆତିଥ୍ୟ ଦେବାରେ    ତିଳେ କୁଣ୍ଠା ନାହିଁ
ସଭିଙ୍କ ସରଳ ଭାବ,
ଗ୍ରାମ ଦେବତୀଙ୍କୁ    ପୂଜା ଦେଇ ଶେଷେ
ଚାଷ ଅନୁକୂଳ ଶୁଭ ।
ଭାତ ତରକାରୀ    ନୁଆଁ ଜମା ଲୁଗା
ହୃଦ ମଧ୍ୟେ ଭାଇଚାରା,
ନୁଆଁଖାଇ ଦିନ    ନୁଆଁ ଅନ୍ନ ଖାଇ
ଜୁହାର ଗାଆଁଟି ସାରା ।

ମଣ୍ଡା ପିଠା କେତେ    ରକମ ରକମ
ପଉଷ ପୂର୍ଣ୍ଣିମା ଦିନ,
ଛେରଛେରା ବୋଲି    ମାଗଣ କରନ୍ତି
ଦୁଃଖୀ ରଙ୍କି ଶିଶୁ ଜନ ।
ବିନୋଦ ନାୟକ    ମଙ୍ଗଲୁ ଚରଣ
ଗଙ୍ଗାଧର, ହଳଧର,
ସାହିତ୍ୟ କ୍ଷେତ୍ରରେ    ଏ ମାଟିର କୀର୍ତ୍ତି
କାବ୍ୟ କବିତା ସମ୍ଭାର ।
ସ୍ୱାଧୀନତା ପାଇଁ    ତ୍ୟାଗୀ ବୀର ପୁତ୍ର
ବୀରସା ସୁରେନ୍ଦ୍ର ଗଣ
ମାଧୋ ବଳିୟାର    ଉଦନ୍ତ କୁଞ୍ଜଳ
ଗୋରା ସଙ୍ଗେ କଲେ ରଣ ।
ସନ୍ଥ ଭୀମ ଭୋଇ    ଜନ୍ମୁ ଅନ୍ଧ ସେହି
କରନ୍ତି ଧର୍ମ ପ୍ରଚାର
ଧନ୍ୟ ଏହି ମାଟି    ଯାର କଳା କୃତି
ବିଶ୍ୱରେ ଖ୍ୟାତି ତାହାର ।


ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାନ ଅଟନ୍ତି ଗୁରୁ

## ନିହାର ରଞ୍ଜନ ସାବତ



ଅମୂଲ୍ୟ ରତନ ଅଟଇ ପାଠ
ଆମକୁ ଜୀବନେ ଦେଖାଏ ବାଟ ।୧।
ମୁକତିର ପଥ ଦେଖାଇଥାଏ
ଜୀବନରେ ବଡ଼ କରାଇଥାଏ ।୨।
ପାଠକୁ ପଢ଼ାଇ ଦିଅନ୍ତି ଗୁରୁ
ଜୀବନ୍ତ ଜ୍ଞାନର କଳପ ତରୁ ।୩।
ଅଜ୍ଞାନ ଅନ୍ଧାର କରନ୍ତି ଦୂର
ଜ୍ଞାନ ଲଭି ଧନ୍ୟ ହୁଅଇ ନର ।୪।
ସେ ପରା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ରୂପରେ ସାକ୍ଷାତ ପରମେଶ୍ୱର ।୫।
ଗୁରୁଙ୍କର ବିନୁ ନାହିଁ ମୁକତି
ରଖ ତାଙ୍କପାଇଁ ମନେ ଭକତି ।୬।
ଭାଗ୍ୟବାନ ଅଟେ ମହୀରେ ସିଏ
ଗୁରୁଙ୍କୁ ଜୀବନେ ପାଏରେ ଯିଏ ।୭।

ଅଧ୍ୟାପକ, ସୂଚନା ପ୍ରୌଦ୍ୟୋଗିକ ଏବଂ ପ୍ରବନ୍ଧନ
ଶିକ୍ଷା ମହାବିଦ୍ୟାଳୟ (ସାଇମ)
ଭୁବନେଶ୍ୱର – ୭୫୧୦୦୧୦
ଭ୍ରାମ୍ୟଭାଷ – ୯୭୭୭୦୧୧୯୬୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୁଇଟି କବିତା

ଆଶୁତୋଷ ମେହେର



।। ଦୁଇଟି କବିତା ।।

ଏକ ଜୀବନ କାହାଣୀ

ପତର ଜୀବନ ଝଡିବାଟା ସାର
ମାଟି ପଣେ ଯିବି ମିଶି ,
ସବୁଜ ସଙ୍ଗୀତ ଗାଇ ଜିଇଁବାଟା
ସପନ ମୋ ଦିବା ନିଶି ।।
କିଏ କାହା କଥା ଜାଣିଛି ସଂସାରେ
ଆୟୁସ କେତେ ଯେ ଲେଖା ,
ଏକେଲା ସାହାରା ବନ୍ଧୁ ପରିଜନ
ବାଟ ଅବାଟରେ ଦେଖା ।।
ହାତ ଧରାଧରି ଏକାଠି ଚାଲିବା
ମଧୁର ସଂପର୍କ ଧାରା ,
ଜୀବନ କାହାଣୀ ମିଠା ମିଠା ଲାଗେ
ପ୍ରିତି ପ୍ରେମ ସ୍ନେହ ଭରା ।।
ବୁଝିବା ଲୋକ ସେ ବୁଝେ ଆପେ ଆପେ
ଅବୁଝା ରହେ ତ କୋହେ ।।
ଉପରେ ଆକାଶ ତଳେ ମାଟିମୋହ
ଜୀବନର ଶେଷ ଲେଖା ,
କବିତା ବଖାଣେ ବଞ୍ଚିବାର ରାହା
କାହାଣୀ ଅନ୍ତିମ ଦେଖା ।।
ପ୍ରତିଧ୍ୱନି ହୁଏ ଅଜଣା ପୁଲକ
ଧାଡି ପରେ ଧାଡି ଯୋଡି,
ଲେଖା ହୋଇଯାଏ ଉପନ୍ୟାସ ସତେ
ସୁଖ ଦୁଃଖ ଯାଏ ପୋଡି ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

ଦୁଇ ----- ନିରବତା

ଏଇଠି କେଉଁଠି ନିରବତା ହସେ
ଅଜଣା ଭାଷାରେ କୁହେ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରହସ୍ୟ

ରଶ୍ମିତା ନାୟକ



ଅବ୍ୟକ୍ତ ଅଚିନ୍ତ୍ୟ ଅନାଦି ଅନନ୍ତ
ଅଣାକାର ଅବିନାଶି
ଆଦି ଅନ୍ତ ଶୂନ୍ୟ ତୁମେ ପୂର୍ଣ୍ଣ ବ୍ରହ୍ମ
ଆଦିକନ୍ଦ କୃଷ୍ଣଶଶୀ ll

ଇଚ୍ଛା କରିନାହିଁ ଇପ୍ସିତ ବସ୍ତୁକୁ
ହେ ଇଚ୍ଛାମୟ ଇପ୍ସିତ
ଇତି କର ମୋର ଜୀବନ ରହସ୍ୟ
ଇତର କରେ ଇଙ୍ଗିତ ll

ଈଶ୍ୱର ଈହାରେ ଈଷିକା ଧରିମୁଁ
ଈଷତ୍ ଈହାରେ ସ୍ରଷ୍ଟା
ଈଶ୍ୱର ଈଦୃକ କୃପା ପାଇବାକୁ
ଈକ୍ଷଣେ ନାହିଁ ମୋ ନିଷ୍ଠା ll

ଉପଦୃତ କଲ ଉଚିତ ଭାବିଲ
ଉପନାମ ଅଟ୍ଟହାସ୍ୟ
ଉପପାଦ୍ୟ ଦେଇ ଉପପନ୍ନ ଦ୍ୱାରା
ଉପସ୍ୱତ୍ୱ ତୋ ରହସ୍ୟ ll

ଊଣା କର ମୋର ଜୀବନ ପ୍ରଦୀପେ
ଆୟୁଷର ତୈଳ ରାଶି
ଊଣା କରିଅଛି ତବ ପୂଜାର୍ଚ୍ଚନା
ରହସ୍ୟ ଜାଲରେ ପଶି ll

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଋଣୀ ମୁଁ ତୁମର ହେ କରୁଣା କର
ଜନ୍ମ ଜନ୍ମାନ୍ତର ପାଇଁ
ଋଣ ସୁଝିବାକୁ ଇଦୃକ ଭକତି
ହୃଦୟରେ ମୋର ନାହିଁ ॥

ଏକଛତ୍ରପତି ତୁମେ ଏ ବିଶ୍ୱର
ଏଷଣା ମୋ ଭରି ଦିଅ
ଏଜମାନୀ ଆହେ ତୋର ଏଜଲାସେ
ମୁହିଁ ହେମଏଣୀ ପ୍ରାୟ ॥

ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ଲୋଡ଼ା ମୋର ନାହିଁ
ଐଶୀ ବାଣୀ ଶ୍ରୁତି ଥାଉ
ଐକାନ୍ତିକ ଭକ୍ତିରେ କରଙ୍କ ଥାଉ
ଆନ ଐଚ୍ଛିକ ନ ହେଉ ॥

ଓଦର ଓଦର ଓଜର କରିବି
ଓଜସ୍ୱୀ ହେ ବିଶ୍ୱରୂପ
ଓପ୍ରୋଧ ମୋ ରଖି ସ୍ଥାନ ଦିଅ ପାଦେ
ଓଟାରି ନିଅହେ ଭୂପ ॥

ଔଜ୍ଜ୍ୱଲ୍ୟ ତୋର ଏ ବିଶ୍ୱ ରହସ୍ୟ
ରେଣୁଏ ମୁଁ ବୁଝେ ନାହିଁ
ଔଦ୍ଧତ୍ୟ ବିନାଶି ଔଚିତ୍ୟ ଦଣ୍ଡକୁ
ଭେଟି ଦିଅ ମୋତେ ସାଇଁ ॥

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତଟିନୀ

ବାସନ୍ତୀ ମଞ୍ଜରୀ ହନୁମାନ



ବସୁନ୍ଧରା କୋଳ ର ମୁଁ  ସ୍ୱଚ୍ଛ ଜଳଧାରା
ବର୍ଷା ସାରା ବୋହୁ ଥା ଏଁ ହୋଇଣ ଉଛୁଳା
ନ ମାନେ ବନ ପାହାଡ଼  ଖାଲ ଆଉ ଢ଼ିପ
ଅଟକି ନ ଯାଏଁ ମୁହିଁ ଶୁଣି କାହା ଚାପ ।।୧।।
ସମୀର ସଙ୍ଗୀତ ଗାଏ ଚଉପାଶେ ମୋର
 ମଧୂପ  ବୀଣା  ବଜାଏ  ହୋଇ ଆଗଭର
ମେଘ ସାଜେ ପ୍ରିୟ ତମା ଉଡ଼ାଇ ଅଞ୍ଚଳ
ବିଞ୍ଛି ଦିଏ ମୋ ଦେହରେ ପ୍ରେମର ଅବିର ।।୨ ।।
ବନ ଦେହି ହସେ ଧରି ପୂଜା ଅର୍ଘ୍ୟ ଥାଳ
 ସୁମନ ସଜାଇ ତହିଁ  ଗୁନ୍ଥି ଲମ୍ବ ମାଳ
ଅଜସ୍ର ବନ ଜିବଏଁ ହୁଅନ୍ତି  ବିହ୍ୱଳ
ଅଗ୍ନି ଦର୍ଶନରେ ଭୟେ  ହୋନ୍ତି ଥରହର ।।୩ ।।
ନବି ନା କିଶୋରୀ ଆସେ ମାଜିବାକୁ ଦେହ
ପଥ ଚାରି  ତା ଦର୍ଶନେ ହୋଇ ଥାନ୍ତି ମୋହ
ଓଲଟି ଓଲଟି ଦେଖେ କେହି ଯୁବା ପୁଅ
କିଶୋରୀ ମୁଖୁ ନିର୍ଗତ  ମୃଦୁ ହସ  ସୁ ଅ ।।୪ ।।
 ଗ୍ରାମ ପଥ ଅତି କ୍ରମି ଯେବେ ଯାଏଁ ମୁହିଁ
ସୁନ୍ଦର୍ ମୁଖର ଦୃଶ୍ୟ ଦରଶନ ତହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେ କୋମଳ ପାଦ ତାର ବୁଡାଇ ଅଧିରେ

ଚୁମେ ମୋ ଦେହକୁ ଅତି ଆଦରେ ମୁଖରେ ।।୫ ।।

ମୃଦୁ ସିଞ୍ଚନରେ  ମୁଖ କରି ତାର ଧୌତ

ଓଠରେ ଫୁଟନ୍ତି କୁସୁମର ନାନା ଗୋତ୍ର

ବାସ ଚହଟାଇ ହସେ କୁସୁମ ସୁନ୍ଦରୀ

ବିସ୍ତାରି ଯାଏ ଚୌପାଶ  ସୁଗନ୍ଧିତ ଭେ ରୀ ।।୬ ।।

ଉଷା ଆଗମନେ ବନ ରାଜା ଆସେ ଧୀରେ

ସେକାଳେ ପ୍ରକମ୍ପେ ବଣ ହୁଙ୍କାର ଶବ୍ଦରେ

ଲୁଚି ଯାଆନ୍ତି ବନ ପଶୁ ଶୁଣି ତା ହୁଙ୍କାର

ଗଗନ ଭେଦି ଶବଦେ ସର୍ବେ ଥରହର ।।,୭ ।।

ଏତାଦୃଶ ଦୃଶ୍ୟ ରାଜି ଦେଖେ ଏ ନୟନ

ମଉନରେ  ବହି ଥାଇଁ ବହିବା ମୋ କାମ

କୁଳୁ କୁଳୁ ରବ ମୋର ଆକ ର୍ଷେ ପ୍ରାଣୀଙ୍କୁ

ସ୍ୱାଗତ ଜଣାଇ ଡାକେ ପାଶେ ଆସିବାକୁ ।।୮ ।।

କାଳୁ କାଳ ଚିର ସ୍ରୋ ତା ନାମ ମୋ ତଟିନୀ

ସାଗରେ ମିଶିବା ପାଇଁ ହୋଇ ପାଗଳିନୀ

କେବେ ଅବା ଖରସ୍ରୋତା କେବେ ଧୀର ଗାମୀ

ସାଗର ସଙ୍ଗମା ନଇ ତା ଅଙ୍କ ଶାୟିନୀ ।।୯ ।।

୯୪୩୮୫୪୭୬୧୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ୟାରିସ୍

ଦେବାଶିଷ ଚକ୍ରବର୍ତ୍ତୀ



ହାତୁଡ଼ି ମାଡରେ ପଥର ଚୂନା
ହେବା କଥା ସିନା ଦେଖିଥିଲି
ହେଲେ, କିଛି ଘଟଣାରେ
ଶହେ ଚାଳିଶ କୋଟି ମଣିଷଙ୍କ
ହୃଦୟ ଭାଙ୍ଗି ଚୂନା ଚୂନା ହେବାକଥା
ଏବେ ଅନୁଭବ କଲି ।

ତୋ କତି କୁ ଯିବାବେଳେ
ହୃଦୟରେ ଭାସୁଥିଲା
ସ୍ୱପ୍ନ ଭର୍ତ୍ତି ବୋଇତ
ଅଥଚ, ଫେରିବା ବେଳ କୁ ଶୂନ୍ୟ ପୋତ
ଯେଉଁ ଦେଶରେ ଅଗଣିତ ନିରନ୍ନ
ସେଠି ରାତିକ ଭିତରେ କେମିତି
ବଢ଼ିଯାଏ ଓଜନ ?

ଆମର ଯେତେ ଖେଳାଳୀ
ତା'ଠାରୁ ଢେଏର୍ ଅଧିକ
ବାବୁ ଭାୟା ଓ ଜଗୁଆଳି
ତଥାପି, ସ୍ୱପ୍ନମାନେ ହୁଅନ୍ତି ଉଚ୍ଛନ୍ନ
ୟେ' ତ ବଡ ଆଚମ୍ବିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହାର ଭେଦ ପାଇଁ ଏବେବି
ମୋ ପାଇଁ ଅବୁଝା ଗଣିତ ।

ଆଶା ଥିଲା ପୋଡିଅମ୍ ରେ ଅନ୍ତତଃ
କେତେଥର ଉଡ଼ିବ ତ୍ରିରଙ୍ଗା
ଗୁଞ୍ଜରିତ ହେବ "ଜନ ଗଣ ମନ"
ଅଥଚ, ସବୁଥର ଭଳି ଏଥର ବି
ପ୍ରାୟ ଶୂନ୍ୟ ଥାଳ
ହାୟ, ଏହାକୁ କୁହନ୍ତି କପାଳ
କାହାର ସୁନା ଚାନ୍ଦି ରେ ଉଚ୍ଛୁଳୁଛି ଥାଳ
ହେଲେ ଆମର ତ ଖଣ୍ଡେ ରୂପା
କେଇଖଣ୍ଡ ବ୍ରୋଞ୍ଜ ହିଁ ସମ୍ବଳ ।

ଖୁଣ୍ଟ ପୋତି ଝଡ ଝାଉଁଳା ଘର କୁ
ଛିଡ଼ା କଲା ଭଳି
ବାରମ୍ବାର ଆମେ ବାଟଭୁଲୁଥିବା
ସ୍ୱପ୍ନଙ୍କୁ ସାଉଁଟି
ମନର ଘାଆରେ ଆଶ୍ୱାସନାର ମଲମ ଲେପୁ
"ହଉ, ଏଥର ନହେଲା ନାଇଁ
ହେବନି କି ଆର ଥରକୁ" ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଲୀଳାମୟ କୃଷ୍ଣ

ସ୍ନେହ ମିଶ୍ର



ଅଷ୍ଟମୀ ତିଥିରେ ଅଷ୍ଟମ ଗର୍ଭରେ
ଧରାପୃଷ୍ଠେ ଅବତାର ।
ଅଷ୍ଟାଙ୍ଗ ଯୋଗର ଅଷ୍ଟମ ଅବସ୍ଥା
ତୁମେ ପ୍ରଭୁ ଯୋଗେଶ୍ୱର ।।୧।।

ଭିନ୍ନ ଭକ୍ତି ଭାବେ ଅବତାର ବାଦେ
ଅଷ୍ଟମଟି ତୁମ ସ୍ଥାନ
ଅଷ୍ଟଧା ପ୍ରକୃତି ଅଷ୍ଟ ପାଟରାଣୀ
କରୁଛନ୍ତି ତୁମ ଧ୍ୟାନ ।।୨।।

ଦୈବୀ ଗୁଣକୁ ଆଶ୍ରୟ କରି
ବ୍ରହ୍ମଜ୍ଞାନ ପ୍ରକଟିତ ।
ସଂସାର ସିଙ୍କୁଳି ଫିଟିଯାଏ ସବୁ
ଯମୁନାରେ ଭକ୍ତି ସ୍ରୋତ ।।୩।।

ସୃଷ୍ଟି ସ୍ଥିତି ଲୟ ତୁମରି ତ ଖେଳ
ସବୁରି ଭିତରେ ତୁମେ ।
ଅଭେଦ ଦର୍ଶନେ ଭେଦଭାବ ନାହିଁ
କେବଳ ତୁମେ ହିଁ ତୁମେ ।।୪।।

ସଂସାର ରୂପକ ଅଶ୍ୱତ୍ଥ ବୃକ୍ଷର
ତୁମେ ମୂଳ ଅଗୋଚର ।
ତୁମରି ସତ୍ତାରେ ମିଥ୍ୟା ସଂସାରଟି
ସତ୍ୟସଦୃଶ ଗୋଚର ।୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ ଭାବାପନ୍ନ ସର୍ବପ୍ରାଣୀମଧ୍ୟେ
କୃପାଦୃଷ୍ଟି ପ୍ରଦାୟକ ।
ସାଧୁସନ୍ଥ ପାଇଁ ଆନନ୍ଦର ଜ୍ୟୋତି
ଖଳ ଦୁଷ୍ଟ ସଂହାରକ ।।୬।।

ଆହେ ମାୟାପତି ଦେବତା ଦାନବ
ତୁମରି ମାୟାର ସୃଷ୍ଟି ।
କର୍ତ୍ତାପଣର ଅହଙ୍କାର ହେତୁ
କର୍ମଫଳ ଭୋଗୁଥାନ୍ତି ।।୭।।


ଯୁଗେ ଯୁଗେ ତୁମେ ଅବତାର ଧରି
ଲୀଳା କରୁଅଛ ପ୍ରଭୁ ।
ତୁମ୍ଭ ଗୁଣଗାନ ଭକ୍ତିଭାବେ ଗାଇ
ତରୁଚନ୍ତି ଭବର୍ଣ୍ଣବୁ ।।୮।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗଜାନନଙ୍କୁ ଗୁହାରି

ଏଲିନା ଜେନା



ନମସ୍ତେ ପ୍ରଭୁ ଗଜାନନ
ପ୍ରଣତି ମୋର ଘେନ
କେଉଁ ଅର୍ଘ୍ୟ ଦେଇ ପୂଜିବି ତୁମକୁ
ନ ଜାଣେ ପୂଜା ବିଧାନ ।

ହେ ବିଘ୍ନ ନାଶକ ବିଘ୍ନ ବିନାଶକ
ମୋର ଶକ୍ତିର କାରକ
ତୁମ ନାମ  ସଦା ତୁଣ୍ଡେ ଥାଉ ମୋର
ଜପୁ ଥାଏ ନିରନ୍ତର ।

ଜୀବନର ସବୁ ଝଡ ଦୁରହୁଏ
ଲଭିଲ କରୁଣା ତବ
ଆଶିଷର ହାତ ଶୀରରେ ଥିଲେ ମୋ
ସବୁ ହୋଇବ ସମ୍ଭବ ।

ତୁମକୁ ପୂଜିଣ କାର୍ଯ୍ୟ ଆରମ୍ଭରେ
ସର୍ବେ ସଫଳ ଲଭନ୍ତି
ତୁମରି ଆଶିଷ ସାଉଁଟି ହୃଦରେ
ନିଜ ଜୀବନ ଗଢନ୍ତି ।

ଆହେ ବିଦ୍ୟାଦାତା ଜ୍ଞାନର ଭଣ୍ଡାର
ମୋତେ ପ୍ରଭୁ ଦାନ କର
କଲମର ମୂନ ସଦା ଚାଲୁଥାଉ
ଏତିକି ଗୁହାରି ମୋର ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଲୁହ

ଲୋପାମୁଦ୍ରା ସାହୁ



ରାତି ରାତି ଅନିଦ୍ରା ରହିଛି,
କେତେ କେତେ କୋହ ଜାଳି ଅନ୍ତୁରେ
ମିଛେ ମିଛେ ଛଳନା କରି କୁହେ
ଏ ଲୁହର ଦାମ୍ ନାହିଁ କେଉଁ ହାଟରେ !........୧

କିଣିବାକୁ ଗ୍ରାହକ କେହି ନାହିଁ,,
ସେ ଲୁହକୁ ବିକିବାକୁ,ବିକିବି ଅଯଥା କାହିଁ ?
ପଛେ ଶୁଖି ଯାଉ ସେଇ ଲୁହ,
ଯନ୍ତ୍ରଣାର ଆଞ୍ଚରେ ଉଷ୍ମତା ପାଇ ।..........୨

ଟୋପେ ଲୁହ ତଳେ ପଡେ ଯେବେ,
ହରାଏ ତା ମାନ ।
କେହି ବୁଝୁ ବା ନ ବୁଝୁ,
ମୁଁ ଜାଣିଛି ସେ ବି ସହେ ଅପମାନ ।.........୩


ଜିଲ୍ଲା:- ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରିୟରେ ପ୍ରିଅଙ୍କା

ଲିପି



ଖୋଜି ବୁଲୁଥାଏ    ନିସଂଗ ଅରଣ୍ୟେ
ସରି ମରି ଆଶା ଧରି
କେଉଁଠି କୁଆଡେ    ଆଖି ପାଉନାହିଁ
ସାଥିଟିଏ ନୁହେଁ ପରୀ।.......୧

ନାରୀରୂପେ ପୁଣି    ଅନ୍ୟ ଏକ ରୂପ
ବନ୍ଧୁଟିଏ ସାଜି ଆସେ
ହୃଦୟ ବେଦନା    ଦୂରକରି ପୁଣି
ଆଶ୍ୱସନା ତଟେ ବସେ।.......୨

ସଖା ନୁହେଁ ପୁଣି    ସଖି ଯେ ବୋଲାଇ
ହ୍ରସ୍ୱ ନାଦ ଓଠେ ଧରି
ବିଶାଦ ଜୀବନେ    ଈଶ୍ୱର ପଠାଇ
ଆନନ୍ଦ ସହରେ ମରି।......୩

ସମୀରେ ମେଲାଣି    ସାଗରେ କାହାଣୀ
ମୁଖେ ଧରି ମୃଦୁ ଶଙ୍ଖ
ଜୀବନ ଯମୁନା    ପାରି କରିଦିଏ
ସୁଖବି ହେଉକି ଦୁଃଖ।.......୪

ଦୁନିଆ ଭିଡ଼ଇ    ଦୁନିଆ ଭିଡ଼ରେ
କାହିଁ କେତେଜଣ ଦେଖି
ଭିଡରେ ହାଟରେ    ଭେଟବି ହୁଅଇ
ସାଥୀ ନୁହେଁ ବନ୍ଧୁ ରଖି।.......୫

ଗଣିତେ ପସରା    ଛାତ୍ରୀସେ ଆସରା
ବିରଳେ ବିଶ୍ୱାସେ ପାଶେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭରଷା ବିଜୟୀ ହୃଦୟ କୁ ଜୟୀ

ବିଶାଦ ଦୂରଇ ନାଶେ।.....୬

ବୟସ ହାରଇ ବନ୍ଧୁତ୍ୱର ଖିଏ

ଅମୂଲ୍ୟ ସ୍ୱର୍ଗୀୟ ଆହା

ନାହିଁ ଜାତିଧର୍ମ ପଶୁ କି ଉଦ୍ଭିଦ

ଶାଶ୍ୱତ ବନ୍ଧନ ତାହା।.......୭

କି କରିବ ଆନ ଭାଗ୍ୟର ସୌଭାଗ୍ୟ

ମିଳେ କେଉଁ ଚଲାପଥ

ସୌନ୍ଦର୍ଯ୍ୟ ହୃଦୟ ନାହିଁ ମୁଖେ ବକ୍ଷ

ବାହୁଡ଼େ ଜୀବନ ରଥ।......୮

ମନଟିଏ ସିଏ ଈଶ୍ୱର ମିଳାଏ

କେଉଁଠି କେଜାଣି କିଏ

ପ୍ରିୟସଖା କୁହେ ସୁଦାମା କୁଆଡେ

ଦୁନିଆ ଲିପି ରେ ଦିଏ।......୯

ସୁନ୍ଦରୀ ରମଣୀ କେତେଯେ ଚାହାଣୀ

ଅଦିନିଆ ମେଘ ଝଡି

ମେଳାପୀ ବନ୍ଧୁଟେ ହୃଦୟ ଯେ ପଢି

ଭାଗ୍ୟରେ ଥିଲେ ହିଁ ମିଳି।.....୧୦

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିନାୟକ

ମଧୁସ୍ମିତା ସାହୁ



ମିଠାଳିଆ କଥାରେ,
ଲମ୍ବୋଦର  କହୁଛୁ,
ଲଡୁ, ମୃଦୃକ ଖାଅ,
ଭୋଗ କରି ବସିଛୁ ।।
ଚତୁର୍ଥୀର ବ୍ରତରେ,
ଗଜାନନ ଠାକୁର,
ଗଜମୁଖ ବେଶରେ
ଭକ୍ତଙ୍କ ଶ୍ରଦ୍ଧା ଆତୁର ।।
ଏକଦନ୍ତ ନାମରେ,
ପୂଜା କରୁ ସର୍ବତ୍ର
ହେ ଦୟାବନ୍ତ ଧାରି
ଭବସାଗର ଏକତ୍ର ।।
ସୃଷ୍ଟି କୂଳଦେବତା,
ବିନାୟକ ନାମରେ,
ବିଶ୍ୱଭ୍ରମଣ କର
ମୂଷକ ସବାରୀରେ ।।
ଗଣେଶ ପୂଜା ପର୍ବ,
ଆନନ୍ଦ ଉଲ୍ଲାସରେ,
ପାଳନ ହୁଏ ବର୍ଷକେ,
ହୃଦୟ ଭରା ଭକ୍ତିରେ ।।

ବିଘ୍ନରାଜ ତୁମ ନାମ,
ହରଣ କର ବିପଦ,
ଜ୍ଞାନ ଗୁଣ ଭଣ୍ଡାର,
ଦିଅ ସାହାସ ସଂପଦ ।।
ବକ୍ର ତୁଣ୍ଡ ମହା କାୟ,
ସୂର୍ଯ୍ୟ କୋଟି ସମପ୍ରଭା,
ର୍ନିବିଘ୍ନ  କାର୍ଯ୍ୟ ସଫଳ,
ସୁସଜ୍ଜିତରେ ଶୋଭା ।।
ଅଗ୍ରପୂଜ୍ୟକ  ଦେବତା,
ପ୍ରିୟ ଠାକୁର ସବୁରି,
ଜ୍ଞାନ ଗୁଣ ଭଣ୍ଡାର,
ଆଶିଷ ମିଳେ ତୋହରି ।।

ବ୍ରହ୍ମା ନଗର, ପ୍ରଥମ ଗଳି ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ,
ଓଡ଼ିଶା, ମୋ-୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚିତାର ଅଗ୍ନିରେ ଚିତ୍ତ

ସ୍ମୃତିରଞ୍ଜନ ବାରିକ



ଚିତାର ଅଗ୍ନିରେ ଚିତ୍ତ ଜଳେକି, ଚିନ୍ତାର ଅଗ୍ନିରେ ଘୃତ
ତନୁର ବିଶ୍ରାମେ ଆତ୍ମା ମରେକି, ଶରୀର ହୁଅଇ ମୃତ।....୧

ମୃତ ହୁଏ କେବେ ଅମୃତ, ଦୁଃଖ ସୁଖେବି ପ୍ରୀତ
ଅନେକ ଚିତ୍ରଣ ଚରିତ୍ର, ସ୍ୱାର୍ଥ ସାରଥୀ ହିତ।......୨

ମାନବ ଦାନରେ ଦେବ ଚଳେକି, ଭକ୍ତି ଭକତେ ଅନ୍ତ
ସ୍ୱାର୍ଥର ଛଳରେ ବିଭୁ ଅନ୍ଧକି, ଅଜଣା ତଣ୍ଡୁଳେ ଭାତ।....୩

ପ୍ରହେଳିକା ହସ୍ତେ ମିଥ୍ୟା ନାଟକ, ବନ୍ଦୀ ଜୀବନେ ସତ
ସତ୍ୟର ପରଦା ସତ୍ୟ ଜାଣେକି, କାହିଁ ଲୁଚଇ ସେତ।...୪

ମନର ବେଦନା ମନ ନପିଅଇ, ପିଇ ଯାଏ ହୃଦ ଚିତ୍ତ
ନୟନ ଅଶ୍ରୁରେ ଭିଜେ ନୟନ, ଅଶ୍ରୁ ଓଠରେ ଗୀତ।.....୫

ମିଥ୍ୟା ନୁହେଁ ମିଛ ଛଳନା, କାଇଁ ମାୟାରେ ହତ
ସତ ନୁହେଁ ଏତ ସପନ, ମୋହ ଫାଶରେ ମିତ।......୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିତାର ଶେଯରେ ଚିନ୍ତାବି, ଦେଖେ ଶରୀର ହିତ,
ଲକ୍ଷ କୋଟି ସ୍ୱାର୍ଥ ସାରଥୀ, ପାଖେ ବଢାଇ ହାତ।......୭

କାମନା ଲାଳସା ଜୀବ ଛାଡେକି, ଖାଇ ମଧ୍ୟମ ଲାତ
ସୁନ୍ଦର ଜୀବନେ ଲୋଭ ହାରେକି, ଦେଖି ସପନ ସାତ।.....୮

ଆକାଂକ୍ଷା ଆଙ୍କିଦେ ଅଙ୍କନ, ମନ ଆଶାରେ ଲିପ୍ତ
ବିଶାଦେ ଜୀବନ ନିରାଶା, ଜାଗେ ଶିଖର ସୁପ୍ତ।......୯

ଚିତାର ଚଇତି ପବନ ଚିନ୍ତିତ, କାଇଁ ଜଳଇ ଚିତ୍ତ,
ନିନ୍ଦାରେ ନିନ୍ଦିତ ନିନ୍ଦୁକ, କାହିଁ ପାଏ ଆଘାତ।।......୧୦

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜାତୀୟକବି ବାଞ୍ଛାନିଧି ସ୍ମରଣେ

ଇତିଶ୍ରୀ ପତି



ଇରମ ମାଟିର ସୁଯୋଗ୍ୟ ସନ୍ତାନ
ଓଡ଼ିଶାର ବରପୁତ୍ର,
ରକ୍ତତୀର୍ଥ ମାଟି ଦାୟାଦ ତୁମେହେ
ଯୋଗଜନ୍ମା-ଭଗୀରଥ ।

ଶାନ୍ତି, ମୈତ୍ରୀ, ପ୍ରୀତି, ସାମ୍ୟ, ସମନ୍ୱୟ
ଜାତୀୟତା ମହାମନ୍ତ୍ର,
ସଙ୍ଗୀତ-ଅସ୍ତ୍ରରେ ସୁପ୍ତ-ପ୍ରାଣେ କଲ
ମୁକ୍ତି-ମନ୍ତ୍ର ଉଜ୍ଜୀବିତ ।

ଜାତି, ଅସ୍ପୃଶ୍ୟତା, ବିଦେଶୀ-ବର୍ଜନ
ସ୍ୱାଧୀନ-ଚେତନା ସ୍ୱର
ନାରୀ ଜାଗରଣ ନିଶା ନିବାରଣ
ସାମଞ୍ଜସ୍ୟ-ଇସ୍ତାହାର ।

ଜାତୀୟ-ଚେତନା ସ୍ୱରାଜ୍ୟ-ଭାବନା
ମୁକ୍ତିକାମୀ-ଅନ୍ତଃ ସ୍ୱର,
ସାଗର,ଭୂଧର ଅମ୍ବର ଥରାଇ
ପ୍ରକମ୍ପିଲା ମୁକ୍ତିସ୍ୱର ।

ହେ ଚାରଣ-କବି ଜାଗରଣ-ରବି
ଅବେଳରେ ଅସ୍ତମିତ,
କ୍ଷଣଜନ୍ମା ତୁମ ଜାତୀୟତା ପ୍ରୀତି
ଗାଇବ ତୁମ ସଙ୍ଗୀତ ।

ଆଉ ଥରେ ତୁମେ ଫେରିଆସ କବି
ସ୍ୱରାଜ୍ୟ ଯାଉ ବଦଳି,
ଏ ପୁଣ୍ୟ ତିଥିରେ କରେ ନିବେଦନ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ଲେନ୍-୭, ଲିଙ୍ଗରାଜ ନଗର, ପୁରୁଣା ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାଗତରେ ଗୁରୁ ଚିତ୍ର

ମହେନ୍ଦ୍ର



ପ୍ରଭାତ ଥରଇ ଶୀତ ଧରିଣ ବନ୍ଦଇ ଗୀତ
ମୁକ୍ତକରେ ବନ୍ଦା ଦୀପ ଦର୍ଶନାଜି ଗୁରୁ ରୂପ ।..........୧
ସମୀର ଯେ କୁହୁତାନ ଶିଶିରକୁ ନଦୀ ତୀର
ପଟୁଆରେ ମାଡି ଶ୍ୱେତ କୁହୁଡିର ଦପ୍ତେ ବୀର ।..........୨
ବୁଢିଆଣୀ ବୁଣେ ଶେଯ ଚକ୍ରରୁପି ତୃଣ କ୍ଷେତ
ସ୍ୱାଗତ ଭାବୁକ ସାଜି ଉଡାଏ ଶୀତୁଆ ନେତ ।.........୩
ମୁକ୍ତାମଣି କଳ ରବେ ହସ୍ତେଥଳି ଦୀପ ନାବେ
ଗୁରୁ ଶ୍ରେଷ୍ଠ ଗୁରୁ ପୂଜ୍ୟ ସ୍ୱାଗତଇ ଦିବା କାବ୍ୟ ।..........୪
ପ୍ରତୀକ୍ଷିତ ଦୀପ୍ତିରାଜି ଜଳବିନ୍ଦୁ ମୁକ୍ତା ସାଜି
ଗୁରୁ ରୂପ ଶ୍ରବଣଇ ହୃଦ ସ୍ରୋତେ ଦର୍ଶନଇ ।...........୫
ଜାଡସହି ଶୀତୁ ପ୍ରଭା ଚାହିଁରହି ସୂର୍ଯ୍ୟେ ଲୋଭା
ଉଷ୍ମ ରଶ୍ମି ପ୍ରମୋଦଇ ଦେହେ ଆଶା ଗୁରୁ ଚାହିଁ ।..........୬
ଶିଶିର ଧାରେ ମୁକୁତା ମୁକୁତା ଝାରଇ ଲୁହ
ଝଲସଇ ମୋହେ ଲହୁ ଶିକ୍ଷକେ ରଟାଇ କୋହ ।..........୭
ପୁଷ୍ପିତ ପୁଷ୍ପରେ ଆଶା ଦେଖିବ ଗୁରୁଯେ ନିଶା
କଢବି ରୁସଇ ରୋସେ ଫୁଟିବ ସମୟେ ଦିଶେ ।...........୮
ଦୀନ ବି ଦିନକୁ ଚାହିଁ ଗୁରୁଦିନ କାହିଁ ପାଇଁ
ପବିତ୍ରେ ଦିବସ ଧାଇଁ ଗୁରୁପୂଜା ଅଗ୍ରେ କହି ।............୯
ବୃଷଭ ନୁଆଁଇ ଶିଙ୍ଗ ପଙ୍କଜ ଚିହାଁଇ ଚେଙ୍ଗ
ଗଗନେ ବଉଦ ଢାଙ୍କି ଗୁରୁ ପଟ ହୃଦେ ଆଙ୍କି ।...........୧୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପତ୍ରଅଙ୍ଗେ ଝୋଟିଚିତା କରପର୍ବେ ଗାଇ ଗୀତା
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ତୁହି ସ୍ୱୟଂ ପିତା ।............୧୧
ଟିପା ଟିପା ଜଳବିନ୍ଦୁ କୁଙ୍କୁମ ସେ ମଥେ ଇନ୍ଦୁ
କାହିଁଯାଉ ଦେଖି ସିନ୍ଧୁ ଗୁରୁ ପୁଣି ସେହି ବନ୍ଧୁ ।.............୧୨
ତୁଳନା ମୋ ଗୁରୁସୂର୍ଯ୍ୟ ଜଳିପୁଣି ଦିଏ ଧୈର୍ଯ୍ୟ
ସମ ଦୃଷ୍ଟି ଭାବା ପନ୍ନ ଗୁରୁଦୃଷ୍ଟି ବୀର ସୌର୍ଯ୍ୟ ।...........୧୩
ସ୍ୱୟଂଅଗ୍ନି ଗୋଲା ଖାଇ ସ୍ୱାର୍ଥ ଛାତ୍ର ପାଇଁ ଧାଇଁ
ଅନ୍ଧାର ଦୂରଇ କେହି ସୂର୍ଯ୍ୟ ନୁହେଁ ଗୁରୁ ସେହି ।............୧୪
ଜଳି ହାରେ ଜଳି ମରେ ଶିକ୍ଷା ଅସ୍ତ୍ରେ ପାରିକରେ
ନିର୍ମିତ ଚରିତ୍ର ଧାରେ ଜ୍ଞାନ ରୂପ ଯମୁନାରେ ।............୧୫
ପବିତ୍ର ସୁଭାସେ ରବି ଦିଦୃକ୍ଷା ଗୁରୁରେ ଛବି
ସୁନେଲି କିରଣ ଛାଇ କୋମଳ ଉନ୍ମାଦ ନେଇ ।.............୧୬
ଆଗମନେ ପ୍ରବେଶଇ ପ୍ରଭାକର ଗୃହେ ଥାଇ
ଦିବାକର କରେ ଧରି ସ୍ୱାଗତର ଗୀତ ଗାଇ ।..............୧୭
ମଦ୍ୟପରେ ମଧୁ ମାଛି ମତୁଆଲା ଧରି ସାଥି
ମହୁରୀ ସୁରରେ ବଣି କାଠହଣା ଥଣ୍ଟେ ହାଣି ।..............୧୮
ବ୍ୟଞ୍ଜନ ଭୋଜନ ଆଦି କୁମ୍ଭାଟୁଆ ନନା ସାଜି
ଅତିଥି ପ୍ରାଙ୍ଗଣେ ଶୁଆ ସାଥିରେ କୋକିଳ ଛୁଆ ।............୧୯
ଗୁରୁ ତୁହି ପରଂବ୍ରହ୍ମ ଦୂରକର ଅହଂ ଭାବ
ଦୃଷ୍ଟାନ୍ତ ହୋଇବ ଜାଣି କ୍ଷମାକର ହୃଦେ ଶୁଣି ।............୨୦

ଜିଲ୍ଲା:- ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

# ନୀରବତା ତୁମେ

ଡଃ ସଂଯୁକ୍ତା ପରିଡ଼ା



ପୁଣ୍ୟଗର୍ଭା ତୀରେ

ଅପରୂପ ସୌନ୍ଦର୍ଯ୍ୟରେ

ଚୁପଚାପ୍ ଝାଉଁଳିଛି

ଶବ୍ଦର ସହର ............

ଦିସ୍ତାଦିସ୍ତା ମନ କାଗଜରେ

ଆଙ୍କିଥିବା ଛବି ସବୁ

ଶୂନ୍ୟ, ମହା ଶୂନ୍ୟ ହୋଇଗଲା

ନିଜ ସହ କଥା ହୋଇ

ସଂତର୍ପଣତାରେ ହସିଲି ଭିତରୁ

କେଜାଣି କାହିଁକି

ନୀରବତାରେ ତୁମ

ମନ ମୋର ଫିକା ଫିକା ଲାଗୁଥିଲା

କେବେ କିଛି ନ କହିଥିବା ମୁଁ

ତୁମ ଉଦାସୀନ ତାକୁ ଦେଖି

ପଚାରିଲି.....................

ସଂପୂର୍ଣ୍ଣ ଅଧିକାର ନେଇ

ସୀମା ସରହଦ ପାହାଡ଼କୁ ଡେଇଁ

ପ୍ରଶ୍ନ କିଛି ରହିଥିଲା

ଉତ୍ତର ତ ଦିଅ

ଉଦୁଉଦୁ ଖରା ବେଳେ

ସିଝୁଥିଲା ମୁହଁ

ତମାମ ଜୀବନ........

ଗୋଲାପ ଫୁଲର ମଧୁମୟ

ବାସ୍ନାବିତ ନୁହଁ

କେମିତି ବୁଝାଇ କହିବି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ମୁଁ ପ୍ରେମିକା ତ ନୁହଁ
ଯାବତୀୟ କାମ ମୋର
ରହିଗଲା ଅଧା ............

ଚାହିଁ କିବି ପାରିବିନି
ଶେଷ କରିବାକୁ ସୁଦ୍ଧା
କେଉଁଠି ଦେଖିଛ.................

ରାଗ ନାହିଁ, ଅଭିମାନ ନାହିଁ
ନୀରବରେ ହୃଦୟକୁ
କଷ୍ଟ ଦିଅକାହିଁ ...........

ଖୋଲି କୁହ ମତେ ନିଜ ମନ କଥା
ବୁଝିଯିବ ବାକି ଯେବେ
ମନେ ଥିବ ବ୍ୟଥା ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନାରୀ

ରୂପଶ୍ରୀ କର



ଜଳପରି ସ୍ୱଚ୍ଛ ମନଟା ତାହାର
ଭାନୁଙ୍କ ପରି ତାତେଜ
ହୃଦୟ ତାର କେତେଯେ ବିଶାଳ
ଅନେକ ତାହାର ଧୈର୍ଯ୍ୟ ।

କ୍ଷମାଶୀଳା ପୁଣି ଅଟେ ଦୟାଶୀଳା
କୋମଳ ତାହାର ମନ
ବିଚାରି ଆଚରି ସଂସାର ଚଳାଏ
ହୋଇପୁଣି ସାବଧାନ ।

ସମାଜର ହିତସାଧନା ନିମନ୍ତେ
ସବୁକଷ୍ଟ ଯାଏସହି
ନିଜର ପରର ଦେଖେ ନାହିଁ ସିଏ
ଜଗତେ କଲ୍ୟାଣମୟୀ ।

ସମାଜେ ନାରୀର ସୁଗୁଣେ ଆଦର
ଦୂର୍ଗୁଣଯେ ଚରିତ୍ରର
ଓଡ଼ିଆ ନାରୀଟି ଓଢ଼ଣା ନଦେଲେ
ଟୀକା ପିନ୍ଧେ କଲଙ୍କର ।

ନାରୀର ସୁରକ୍ଷା ସଭିଙ୍କ କର୍ତ୍ତବ୍ୟ
ସଭିଏ ଭାବି ଏହାକୁ
ଦୁର୍ଗା, ଲକ୍ଷ୍ମୀ, କାଳୀ ମାଆ ସମ
ସମ୍ମାନ ଦେବା ସଭିଙ୍କୁ ।

ଜନନୀ, ଜାୟା ଓ ଭଗିନୀ ରୂପରେ
ସ୍ନେହ, ଶ୍ରଦ୍ଧା ବନ୍ଧନରେ
ନାରୀର ସାମର୍ଥ୍ୟ ପୁରୁଷ ସଦୃଶ୍ୟ
ଆଶାସବୁ ପୂର୍ଣ୍ଣକରେ ।

ବାଙ୍କୀ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଣୟ ନୁହେଁ ଅସ୍ଥାୟୀ

ଗାୟତ୍ରୀ ଦାଶ



ବିଦଗ୍ଧ ଏ ମୋର କ୍ଷୁବ୍ଧ ମନତଳେ
ବିରହର ଜ୍ୱାଳା ଜଳେ !
ସତେ କି ଭାସୁଛି ତୁମ ପ୍ରତିବିମ୍ବ
ଲୁହସ୍ନାତ ଅନ୍ତରାଳେ !!

ଅନ୍ତରାଳ ମୋର ଅନନ୍ତ ସାଗର ,
ଲୁହରେ ବି ଲୋଭନୀୟ !
ତୁମ ସାନ୍ନିଧ୍ୟର କଳ୍ପନା-ଢେଉରେ
ଭିଜି ହୁଏ ମହନୀୟ !!

ଯନ୍ତ୍ରଣା ଜ୍ୱାଳାରେ ଅତର୍କିତେ କଲ
ତିକ୍ତତାର ଶିଳାନ୍ୟାସ !
ଆଲିଙ୍ଗନ ଦେଇ ଗଲ ଯେ ଦୂରେଇ
ଢାଳି ମନେ ଅବଶୋଷ !!

ଅବଶୋଷ ଆସେ , ଆସି ଚାଲିଯାଏ ,
ଶିଳାନ୍ୟାସ ଚିରସ୍ଥାୟୀ !
ସଂସାର ଅସ୍ଥାୟୀ , ଜୀବନ ଅସ୍ଥାୟୀ ,
ପ୍ରଣୟ ନୁହେଁ ଅସ୍ଥାୟୀ !!

ତିକ୍ତତାର ସିନା କଲ ଶିଳାନ୍ୟାସ
ପରିସ୍ଥିତି ଚକ୍ରେ ପଡି !
ତା' ଗର୍ଭଗୃହରୁ ଉଦ୍ଗୀରଣ ହେଲା
ପ୍ରୀତି-ଅମୃତ-ଲହରୀ !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ପ୍ରେମସୁଧା ପରଶେ ହେଲି ମୁଁ
ଅଖଣ୍ଡ ସୌଭାଗ୍ୟବତୀ !
ବୃନ୍ଦାବତୀ ପରି ସମୟ ବିତୁଛି
ପ୍ରଣୟର ମାଳା ଗୁନ୍ଥି !!

ଗୁନ୍ଥାମାଳ କେବେ ହେବନାହିଁ ପ୍ରିୟ
ମଉଳିଯାଇ ମଳିନ !
ତା' ଭିତରେ ଅଛି ମୋ' ପ୍ରୀତିପୁଷ୍ପର
ସୁରଭିଯୁକ୍ତ ଚନ୍ଦନ !!

ଚନ୍ଦନ ଚନ୍ଦନ ବାସି ଚାଲିଥିବ
ପ୍ରୀତିପୂର୍ଣ୍ଣ ଗୁନ୍ଥାମାଳି !
ତୁଳସୀ ତୁଳସୀ ବାସି ଚାଲିଥିବି
ହୋଇ ତୁମ ଗଳାମାଳି !!

ଯାଜପୁର !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତି ବୁକୁରେ ବର୍ଷା

ମୁନା ବେହେରା



ଦାରୁଣ ନିଦାଘ ବକ୍ଷ ଭେଦ କରି
ବର୍ଷାଋତୁ ଅବତରେ,
କୋମଳ ଶୀତଳ ଜଳ ବିନ୍ଦୁ ଝରେ
ମହୀ ମଣ୍ଡଳ ଉପରେ ।

କରତାର ଖରେ ଅତିଷ୍ଠ ହୋଇଣ
ଏ ଧରା ର ଜୀବ ଜନ୍ତୁ ,
ଇଶ୍ୱରଙ୍କ ପାଶେ ପ୍ରାଣୀଙ୍କ ମିନତୀ
ମୂଷଳ ବାରି ବର୍ଷାନ୍ତୁ ।

ବାରିପାତ ପରେ ଏ ଧରାରେ ସୃଜେ
ଘାସଫୁଲର ଗାଲିଚା ,
ନାନା ଜାତି ରଙ୍ଗ ପାଟକୁ ପିନ୍ଧିଛି
ପ୍ରକୃତି ରାଣୀ ବଗିଚା ।

ଆଷାଢ଼ ଶ୍ରାବଣ ଏହି ଦୁଇ ମାସେ
ସୁନ୍ଦର ପ୍ରକୃତି ରାଣୀ,
ଜଳପାନ କରି ତୃଷା ମେଣ୍ଟି ଥାନ୍ତି
ଏ ଧରାର କୀଟ ପ୍ରାଣୀ ।

ଷଣ୍ଢପୁର , ଗୋରୁଆଳ , ପୁରୀ
୮୨୮୦୨୩୩୧୬୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରଭୁ ଗଜାନନ

ପ୍ରକାଶ କୁମାର ଚାନ୍ଦ



ଗଣପତି ଗଣନାଥ
ପ୍ରଭୁ ଗଜାନନ
ଯୋଡୁଅଛୁ ଦୁଇହାତ
ଦିଅ ଦରଶନ ।।
ବୁଦ୍ଧିଦାତା ସିଦ୍ଧି ଦାତା
ପାଠର ଠାକୁର
ଅଜ୍ଞାନ କୁ ନାଶ କର
ମହେଶ କୁମର ।।
ଜାଣିନାହୁଁ ମନ୍ତ୍ରପାଠ
ଅବା ପୂଜା ବିଧି
ଆଶିଷରେ ହେଉ ତୁମ
ଆମ୍ଭ କାର୍ଯ୍ୟ ସିଦ୍ଧି ।।
ତୁମେ ପ୍ରଭୁ ଅଟ ପରା
ଶ୍ରେଷ୍ଠ ଏ ଜଗତେ
ସେଥିପାଇଁ ପୂଜା ପାଅ
ଆଗୁଆ ମରତେ ।।

ତୁମ ଲାଗି ମଣ୍ଡପକୁ
ରଖିଛୁ ସଜେଇ
ଆମ ଲାଗି ମରତକୁ
ଆସ ହେ ଓହ୍ଲେଇ ।।
ଧୂପ ଦୀପ ନୈବେଦ୍ୟ
ରଖିଛୁ ସଜାଡି
ତୋଳିଅଛୁ ଫୁଲ ପାଦେ
ଦବାକୁ ଅଜାଡି ।।
ଏଇଦିନେ ତୁମ ଦୃଷ୍ଟି
ଆମ ପରେ ପଡୁ
ରଖିଅଛୁ ପ୍ରଭୁ ତୁମ
ପ୍ରିୟ ଖସାଲଡୁ ।।


ଜୟପୁର ଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସବୁଦିନ ଭଳି ରାତି ପୁଣି ଫେରେ

ବିଶ୍ୱନାଥ କର



ସବୁଦିନ ପରି ରାତି ପୁଣି ଫେରେ
ବାଦଲ ଢେଉରେ କେବେ ମେଘ ସ୍ନାତା ଜହ୍ନ
କେବେ କେବେ କଳା ମଚ ମଚ ଚାଦର ତଳେ ଆକାଶ
କେବେ ପବନରେ ପ୍ରେମର ବାସ୍ନା
କେବେ ଭଙ୍ଗାରୁଜା ମନ ।

ତୁ ନିଖୋଜ ଦିନରୁ
ଅନ୍ଧାରର ଛାଇ ପଛେ ପଛେ ଧାଉଁଥିବା ତୋ ଛବି
ରାତି ଫେରିଲେ ମନେ ହୁଏ ଭାରି ଚିହ୍ନା ଚିହ୍ନା
ହାତରୁ ଖସି ଯାଇଥିବା ସମୟ
ରାତି ଫେରିଲେ ଚହଲେ ମୋ ଛଳ ଛଳ ମନରେ
ଜ୍ୟୋତ୍ସ୍ନାର ସୁଅରେ ଭାସି ଚନ୍ଦ୍ରଧନୁର ଛାତିରେ ।

ମୁଁ ଶୋଇବାକୁ ଚେଷ୍ଟା କରେ ଅସଜଡା ବିଛଣାରେ
ପକ୍ଷୀ ମାନେ ଅନ୍ଧାରି ନୀଡରେ
ଅଣନିଃଶ୍ୱାସୀ ମୋ ମିନିଟ୍ ସେକେଣ୍ଡ ସବୁକୁ ଗୋଟେଇ
ଯେବେ ଯେବେ ତୋ ବିରଷ ମୁହଁର ଢଳ ଢଳ ଆଖି ଦିଶେ
ଢେର ରାତିଯାଏ କାହିଁକି କେଜାଣି
କଳା ବାଦଲରେ ମୋ ଯାଯାବର ମନ ଭାସେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠେଇ ହେଇନି ଆଉ ଅତୀତର ଯବନିକା
ଜଳେଇ ହେଉନି ପାଦ ପ୍ରଦୀପର ଶିଖା
ଖୋଜିଲେ ମିଳୁନି ତୋ ବାସ୍ନାରେ ମହକୁ ଥିବା ମଞ୍ଚ
ଶୁଭୁନି ଶୁଭୁନି ଆଉ ତୁ ଗୁଣୁଗୁଣାଉ ଥିବା ଗୀତ ।

ଏମିତିକା ରାତି ମୋର ନୂଆ ନୁହେଁ
ଫି ସଞ୍ଜ ନଇଁଲେ ଆସେ
ଏମିତିକା ରାତି ମୋର ନୂଆ ନୁହେଁ
କେବେ ମୁଁ ଅନ୍ଧାରେ ଭାସେ
କେବେ ମୋ ମନରେ ଜହ୍ନ ହସେ
ସବୁଦିନ ଭଳି ଯେବେ ଏଇମିତି ରାତି ଫେରେ ।

ସବୁଦିନ ଭଳି ଏଇମିତି ରାତି ଫେରେ
ଶୁଣାଏ ମୋତେ ଅସମ୍ପୂର୍ଣ୍ଣ କଥା ସବୁ
ତୁ ନିଖୋଜ ହେବା ଦିନରୁ
ଜହ୍ନର ଦହନରେ
କଳା ମଚମଚ ବାଦଲର ଅନ୍ଧାରରେ
ମୋ ମନ ଭାଙ୍ଗି ରୁଜି ଚୁନା ହେବା ପରେ ।

ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର
କଟକ - ୭୫୩୦୦୮,
ସମ୍ପର୍କ : ୯୭୭୬୩୩୨୬୩୯
ଇମେଲ୍ : biswanathkar1956@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସିବ ପୁଅ

ଶିଶିର କୁମାର ପଣ୍ଡା



ଉଚ୍ଚ ବେତନରେ ପୁଅ କାମକରେ
ବିଦେଶ ମାଟିରେ ଯାଇ
ବାପା ଏଠି ପଡ଼ି ଅଛନ୍ତି ଗାଆଁରେ
ଖାଇବା ଥାଇ ନ ଥାଇ ।
ପାଞ୍ଚବର୍ଷ ହେଲା ଆସିନି ଘରକୁ
ସେଇଠି ହୋଇଲା ବାହା
ପୁଅକୁ ଝୁରୀକି ଛଅମାସ ହେବ
ମଲାଣି ରୋଗୀଣା ମାଆ ।
ଶୁଦ୍ଧିକ୍ରିୟା କାଳେ ସେଇଠି କରିଲା
ଆସି ପାରିଲାନି ଘର
ଏବେବି ଆସିବା ତାରିଖ ଘୁଞ୍ଚେଇ
ଚାଲିଛି ଥରକୁ ଥର ।

ତଥାପି ବାପ ତା' ଭରସା ଛାଡ଼ିନି
କହୁଛି , ଆସିବ ପୁଅ
ଗରବରେ କହେ ମୋ ପୁଅ ସାଙ୍ଗରେ
କେହିବି ସମାନ ନୁହଁ ।
ମୋ ପୁଅ ଆସିଲେ କ୍ଷଣିକ ହେଲେବି
ଝଲସି ଉଠିବ ଗାଆଁ
ଚାକର ଭଳିଆ ଆମେ କରୁଥିବୁ
ତା'ପାଖେ ଦଉଡ଼ ଧାଆଁ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଖା

ଆକାଂକ୍ଷା ଅରୁଣିମା



ତୋର ଦରଶନେ କି ଶାନ୍ତି ରେ ଜଗା
ତୋତେ ଦେଖିନାହିଁ କେଇ ଦିନୁ,
ନେତ୍ର ପିତୁଳା ତୁ ହୃଦ ଚନ୍ଦନ ତୁ
କହ, କାହିଁ ଡୋରି ଆଉ ଲଗାଇନୁ !

ଅମା ରାତିରେ ତୁ ମୋ ଉଦିଆ ଚାନ୍ଦ
ଝାଞ୍ଜି ବୈଶାଖ ରେ ଠୋପାଏ ପାଣି,
ତୋ ଚକା ଆଖିରେ ଦୁନିଆ ଦେଖେ ମୁଁ
ତୋ ପାଖକୁ କେବେ ନବୁ କେଜାଣି !

ଶ୍ରୀକ୍ଷେତ୍ରରେ ସିନା ଜନମ ନେଇନି
ଚତୁର୍ଦ୍ଧା ମୂର୍ତ୍ତି କୁ ଦେଖି ପାରୁନାହିଁ,
ମନେ ମୋ କାଳିଆ ଘରେ ମୋର ଅଛୁ
ପୁଣି ମୋ ଗାଁ ମନ୍ଦିରେ ପତିତପାବନ ତୁହି !

ଦୟଣା ତୁଳସୀ ଅଗୁରୁ ଚନ୍ଦନେ
ପଣ୍ଡା ପଢ଼ିଆରୀ ମେଳେ ବସିଛୁ,
ଷାଠିଏ ପହୁଡି ରନ୍ଧାଇଣ ଖାଲି
ନାନା ବେଶେ ଧୂପେ ପୂଜା ପାଉଛୁ !

ତୁ ମୋର ଖୁସି ତୁ ମୋ ସଂସାର
ସବୁ ତୁଚ୍ଛ ଏଠି ତୁ ସତ ଏକା,
ତୋ ଇଚ୍ଛା ଯାହା ପୂରା କରିବାକୁ
ଖାଲି ଆଶିଷ ଟିକିଏ ରଖିଥା ସଖା !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ସେହି ଝିଅଟି

ପ୍ରଶାନ୍ତ ବ୍ରହ୍ମା



ସେହି ଝିଅଟି ମୁଁ ଅତି ପରିଚିତ
ସଭିଙ୍କ ପାଖରେ ପରା
ତଥାପି ମନରେ ଲାଗେ କାହିଁ ଭୟ
ସୁଖ ଦିଏ ନାହିଁ ଧରା

ମୁଁ ସେହି ଝିଅଟି ପାଠରେ ଟପ୍ପର
ସଭିଏଁ ପାଆନ୍ତି ଭଲ
ତଥାପି ମନରେ ଲାଗେ କାହିଁ ଭୟ
ଅନେକ ଖୋଜନ୍ତି ଭୁଲ ।

ମୁଁ ସେହି ଝିଅଟି ଅଛି ବାପଘରେ
କାଲି ଯିବି ଶାଶୁ ଘର
ମନରେ ଟିକିଏ ଜାଗଇ କଳ୍ପନା
ଗଢିବି ନୂଆ ସଂସାର ।

ମୁଁ ସେହି ଝିଅଟି କରୁଥାଏ ସେବା
ସଦା ଦେଶବାସୀଙ୍କର
ତଥାପି ମନରେ ଲାଗେ କାହିଁ ଭୟ
ସବୁଠି ଦୁଷ୍ଟ ନଜର।

ମୁଁ ସେହି ଝିଅଟି କାହାର ଭଉଣୀ
ଆଉ କାହାର ମୁଁ ଝିଅ
ବୁଝାମଣା ଯଦି ରହିବ ସଂସାରେ
ଛାଡ଼ି ଯିବ ମୋର ଭୟ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପତ୍ନୀ ପ୍ରୀତି

ଦିବ୍ୟଜ୍ୟୋତି ପଟ୍ଟନାୟକ



ପହିଲି ଦେଖାରେ କିମିଆଁ କରିଲ
ପୁଲକିତ ତନୁ ମନ ।
ପାଖରେ ନଥାଇ ପ୍ରୀତି ପରଷିଲ
ପିଉଛି ମୁଁ ରାତି ଦିନ ।।
ପାଶେ ଯେବେ ଆସ ବର୍ଣ୍ଣାଳି ଗୋ ତୁମେ
ପଡେ ନାହିଁ ଆଖି ପତା ।
ପୀୟୂଷ ପରାଏ ତୁମ ହସ ଧାର
ପାଶୋରି ଯାଏ ମୁଁ ବ୍ୟଥା ।।
ପବନେ ଗଗନେ ନଥାଏ ଯେବେ
ପୀରତି ର ସାତ ସୁର ।
ପରଶେ ତୁମର ମଧୁ ଝରି ଯାଏ
ପୁରି ଉଠେ ପ୍ରେମ ପୁର ।।
ପାହାନ୍ତା ପ୍ରହରେ ତନୁ ପ୍ରଖାଳଣେ
ପାଦ ଚିପି ଆସ ଯେବେ ।
ପାଉଁଜି ଶବଦ ଭାଙ୍ଗି ଦିଏ ନିଦ
ପୀରତି ରେ ଭିଜେ ଲାଜେ ।।

ପ୍ରେୟସୀ ଗୋ ତୁମ ଅଳସି ଆଖିର
ପ୍ରଚ୍ଛଦରେ ଯେତେ ନିଶା ।
ପ୍ରଜାପତି ସମ ମନ ପକ୍ଷୀ ମୋର
ପିଇବାକୁ କରେ ଆଶା ।।
ପ୍ରସାରିତ କୃଷ୍ଣ ଘନ କେଶ ଆସି
ପଡେ ଯେବେ କଟି ଦେଶେ ।
ପ୍ରଦୋଷ ପ୍ରତ୍ୟୁଷ ବାରି ମୁଁ ପାରେନା
ପ୍ରାୟ ଏକା ପରି ଦିଶେ ।।
ପ୍ରଣୟରେ ସାଜ ପ୍ରଣୟିନୀ ପୁଣି
ପ୍ରେମ ପୁରେ ପ୍ରିୟତମା ।
ପୀରତି ରେ ତବ ଟିକେ ଉଣା ହେଲେ
ପ୍ରାଣ ମୋ ବୁଝେନା ଜମା ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିସ୍ଥିତି ଯେବେ ପ୍ରତିକୂଳ ସାଜେ

ପାରେନା ଏକାକୀ ଲଢ଼ି ।

ପ୍ରାଚୀର ପରିକା ପଣତକୁ ତୁମ

ପ୍ରିୟା ଧରି ଥାଅ ଭିଡି ।।

ପାଏ ଜୀବନ୍ୟାସ ପାଇ ତୁମ ସ୍ପର୍ଶ

ପଥ ଧାରରପ୍ରସ୍ତର ।

ପୀରତି ନଈକୁ ପାରି ହେବା ପାଇଁ

ପଥ ପ୍ରିୟା ତୁମେ ମୋର ।।

ପଣ କଲି ତବ ରାଣ ନେଇ ପ୍ରିୟା

ପର କେବେ ନ କରିବି ।

ପଥେ ଚାଲ ଯେବେ ଛାଇ ପରି ତୁମ

ପଛେ ପଛେ ରହିଥିବି ।।

ସହ ଉପବିଭାଗ ଅଧିକାରୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

ଲୋକସେବା ଭବନ

ଭୁବନେଶ୍ୱର-୭୫୧୦୦୧

ମୋ - ୯୧୧୪୧୯୨୦୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବ୍ୟବଧାନ

ସତ୍ୟବାନ ସାହୁ



ଆଜି ହଠାତ ମନେପଡ଼ିଲା ତୁମ କଥା,
ବର୍ଷ ବିତିଯାଇଥିଲେ ବି ଆଜି ବି ସତେଜ
ପହଞ୍ଚିବା ଠାରୁ ନ ପହଞ୍ଚିପାରିବା ପର୍ଯ୍ୟନ୍ତ
ତା ମଧ୍ୟରେ ସମୟର ବ୍ୟବଧାନ ଅତି ଚମତ୍କାର ।
ଯୌବନର ସଫଳତା, ଯୌବନର ପ୍ରଥମ ପ୍ରେମ
ସମସ୍ତଙ୍କୁ କଣ ସବୁ ମିଳେ,
ଆଶାରେ ସବୁ ସମ୍ଭବ, କିନ୍ତୁ ବାସ୍ତବରେ... ।
ତୁମ କବିତାର ଗାନ ଅନେକଙ୍କୁ ଆଛନ୍ନ କରେ
ପ୍ରସାରିତ କରେ ହୃଦୟ, ହେଲେ ମତେ ସେ ସବୁ
ଲାଗେ ମିଛ ଆଶ୍ୱାସନା, ମରିଚୀକାରେ ଜଳରାଶି ।
ମନ ଗହନର କଥା କିଏ ବା ଜାଣେ ନିଜ ଛଡ଼ା
ପାହାଡ଼, ପର୍ବତ ଡେଇଁ ଯିବାକୁ ହୁଏ ଅବାଂଛିତ
ଭବିଷ୍ୟତ ଆଡ଼କୁ,
ନୂତନତ୍ୱର ସନ୍ଧାନରେ...
ଆଶାର ଆଲୋକ ନେଇ... ।

ଗ୍ରା : ବେହେରା, ଜିଲ୍ଲା : ବରଗଡ଼
୭୬୮୦୨୮, ଓଡ଼ିଶା ଭ୍ରାମ୍ୟଭାଷ : ୭୩୨୭୦୧୮୮୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶେଷ ଦେଖା

ଶ୍ରୀକ୍ଷେତ୍ର ସୁନ୍ଦର



ତୁମ ସଙ୍ଗେ ସେଇ ଶେଷ ଦେଖା

ଦେଖା ହେଲ ଦେଖି ନେଲ କହିଲନି ବି

ଏ ଶେଷ ଦେଖା

କି ଅକ୍ଷମଣୀୟ ଅପରାଧ, ନା ପାପ, ନା ଦୋଷ ଥିଲା ମୋର

ନଥିଲା କି ଯାର ପ୍ରାୟଶ୍ଚିତ, ନା ଦଣ୍ଡ, ନା ତିତିକ୍ଷା

ଦି'ଦିନର ଜୀବନରୁ ଓଳିକର ଏ କାହାଣୀ

ଯହିଁ,

ବର୍ଷା ଅଛି ଲୁହ ନାହିଁ, ବସନ୍ତ ଅଛି ହସ ନାହିଁ

ଫଗୁଣ ଅଛି ପ୍ରେମ ନାହିଁ, ଜୀବନ ଅଛି ନିଶ୍ୱାସ ନାହିଁ

ହୃଦୟ ଅଛି ସ୍ପନ୍ଦନ ନାହିଁ, ପ୍ରୀତି ଅଛି ପ୍ରିୟା ନାହିଁ

କିଛି ଅଛି ପୁଣି କିଛି ନାହିଁ ।

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ,ବରଗଡ

ମୋ ୯୦୯୦୨୭୭୮୦୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କେମିତି କହିବି

କିରନ୍ ସ୍ୱାଇଁ



କେମିତି କହିବି
ତମ ଆଖି ଡୋଳା ମୋର ପୃଥିବୀ !
ପଲକର ଆସ୍ତରଣ ମଧ୍ୟରେ
ଆଜି ବି ଅନୁଭବ କରିପାରେ
ମୋର ସର୍ବସ୍ୱ ।

କେମିତି କହିବି
କୃଷ୍ଣ ପାଇଁ ଝୁରି ମରୁଥିବା
ମୁଁ ଅନ୍ୟତମ ମୀରା,
ଆଜି ବି ଅପେକ୍ଷାରେ
ପଥ ଚାହେଁ
କାଳେ ଆସିବ ?

କେମିତି କହିବି
ଏ ଅପେକ୍ଷା ଚିରନ୍ତନ,
ଅନ୍ୟର ହେଲେ ବି
ମୋ ମନର ଉପବନରେ,
ପ୍ରତି ସବୁଜିମା ଓ ସ୍ପନ୍ଦନରେ
ମୁଁ ଅନୁଭବ କରିପାରେ
ଝରା ଶେଫାଳିର ମହକ ପରି
ତମେ ଖାଲି ମୋର ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା

ବିଶ୍ୱ ରଞ୍ଜନ ମହାନ୍ତି



ଭଲ ପାଏ ମୁଁ ତୁମକୁ ବହୁତ
ରହିବାକୁ ଚାହେଁ ସଦା ତୁମ ସହିତ ।
କିନ୍ତୁ, ତୁମେ ଆସ ମୋପାଖକୁ ଏକାନ୍ତରେ
ହସ୍ତକ୍ଷେପ କରନି ଗୃହ ବା କାର୍ଯ୍ୟାଳୟରେ ।
ତୁମ ପ୍ରଶ୍ନ,..... ମୁଁ କଣ ତୁମକୁ ମନେ ପକାଏ ?
ମୋ ଉତ୍ତର..... ଅହରହ ତୁମକୁ ଖୋଜୁଥାଏ ।
ରାତ୍ରିର ନିବିଡତାରେ ତୁମେ ପାଖକୁ ଅସ
କେହି ନଥିଲା ବେଳେ ପାଖରେ ବସ ।
ଅସହ୍ୟ ତୁମ ଆସିବାର ବ୍ୟବଧାନ,  ଯେପରି ତୁମେ ପୁନେଇ ଚାନ୍ଦ
କିଛିସମୟ ତୁମସହ ଏକାଠି  କଟାଇବା.... କି ଆନନ୍ଦ ।
ଆଜି, ମୁଁ ଜାଣିଛି ତୁମେ ନିଶ୍ଚେ ଆସିବ
କିଛିଗୋଟେ ନୂଆ ଜିନିଷ ନିଶ୍ଚେ ଆଣିବ ।
ଯାହାକୁ ସାଧନ କରି ମୁଁ ଆଉ ଗୋଟେ ଦିନ ବଞ୍ଚିବି
ତୁମର ସାନିଧ୍ୟ କୁ ଉପସ୍ଥାପନ କରିବି ।
ଆଲୋକିତ କର ମୋତେ ହେବାକୁ ଜଗତ ଜିତା
ତୁମେ ମୋ ଦୀପର ସଳିତା
କାଳେ କେହି ତୁମକୁ ଜାଣିବେ ତୁମେ ଶଙ୍କିତା
ତୁମେ ମୋ ପ୍ରାଣର କବିତା ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବନ୍ଧୁ ତୁମେ ଗଲାପରେ

ଦଣ୍ଡାସି ପ୍ରଧାନ



କହି ଥା'ନ୍ତି ଲୋକ ସମ୍ପର୍କ ଭିତରେ
ଭିନ୍ନ ଏକ ବନ୍ଧୁ ପ୍ରାଣ ,
ଏବେ ମୁ ବୁଝିଲି ତୁମେ ଗଲା ପରେ
ନିଃସଙ୍ଗ ଏକାକିପଣ । ୦୧

ଇନ୍ଦ୍ରଧନୁ ବଳି ବନ୍ଧୁତା ଆବେଗ
ଉଦାର ସୁଧାର ଭାବ ,
କି ଉପମା ଦେଇ ବର୍ଣ୍ଣିବି ଏଇଠି
ତୁମ ସରି କିଏ ହେବ ? ।୦୨

ପଡିଥିଲେ ଧୂଳି ଝାଡିଦେଇ ଥା'ନ୍ତି
ଲାଗିଥିଲେ ମଳି ଧୋଇ ,
ଛିଣ୍ଡି ଯାଇ ଥିଲେ ଦେଇଥା'ନ୍ତି ଯୋଡି
ନିଜେ ନିଜକୁ ବୁଝାଇ ।୦୩

ହଜି ଯାଇଥିଲେ ଆଣିଥା'ନ୍ତି ଲୋଡି
ଭାଙ୍ଗି ଥିଲେ ଥା'ନ୍ତି ଗଢି ,
ରୋଗଗ୍ରସ୍ତ ଥିଲେ ଆରୋଗ୍ୟ ବିଧାନେ
ସେବା ଶ୍ରଦ୍ଧାପଣେ ଜଡି ।୦୪

ଆମ ପରସର ପାଣି ପବନ କି
ହୃଦେ ଭରିଥିଲା କଷ୍ଟ ?
ଛାଡି ଚାଲିଗଲ ଅଜଣା ରାଇଜେ
ବାଛିନେଲ ନିଜ ବାଟ ।୦୫

କେଉଁ କଥା କହି ସଭିଏଁଙ୍କୁ ବୋଧି
କରାଇବି ମନେ ଥୟ,
ହତବାକ୍ ଏଠି ସରବେ ସ୍ୱଜନେ
ତୁମ ବିହୁନେ ଅଥୟ ।୦୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଋଣୀ କରିଦେଇ ଆବୋରିଲ ପଥ
କିପରି ପରିଶୋଧିବି
ସେନେହ ମମତା କାଙ୍ଗାଳ ଜୀବନ
ମୃତବତ୍ ସବୁ ଥିବି ।୦୭

ମିଷ୍ଟ କଥା ଗାଥା ବିବିଧ ଢଙ୍ଗର
ହସଭରା ସୁଧାଳାପ
ଅହର୍ନିଶ ସ୍ମରି ବିତିବ ଜୀବନ
ବିଦଗ୍ଧ ହୃଦେ ବିଳାପ ।୦୮

ଆଘାତର ସିନା ଦିଶୁନାହିଁ ଚିହ୍ନ
ଦିଗହରା ସବୁ ଚାହିଁ
କାହାକୁ କହିବ ଆଖି କଥା ଆଖି
ଲୁହ ପୋଛେ ଲୁହ ଯହିଁ ।୦୯

ଜ୍ୟେଷ୍ଠ ଜନ ଚାହେଁ କନିଷ୍ଠ କାନ୍ଧରେ
ଶ୍ମଶାନ ଜୁଇକୁ ଯିବା
ବିପରିତ ମତେ ବିଧିବାମ ହେଲେ
କର କପାଳ ତାଡିବା ।୧୦

ଜୀବ ପରମାତ୍ମା ଆତ୍ମଙ୍କ ଅର୍ଥରେ
ଲୟ ସନ୍ନିବେଶ କଲ,
କର୍ମ ଯୋଗ ଘେନି ସରଳ ବିଧାନେ
ରଥାରଢେ ବାହୁଡିଲ ।୧୧

ମହତ୍ତ ମଣିଷ ଆତ୍ମନିଷ୍ଠ ଜନ
ବେଗେ ବେଗେ ରୂପାନ୍ତରେ
ଆଦ୍ୟ ପ୍ରାନ୍ତ ବିନ୍ଦୁ ସନ୍ନିବିଷ୍ଟ ହେଲେ
ଆକର୍ଷେ ମୋକ୍ଷ ପ୍ରାପ୍ତିରେ ।୧୨

ଜୀବନ ବୃକ୍ଷର ଧନ ଆଉ ବଳ
ଫୁଲ ଓ ଫଳ ପରିକା
ଗଣ୍ଡି ,ମୂଳ ସମ ବନ୍ଧୁ ,ପରିବାର
ଚୀର ସହଚର ସଖା ।୧୩

କ୍ଷମତା, ସମ୍ପଦ ଅଢେଇ ଦିନିଆ
ମଉଳି ପାଚି ଝଡଇ
ଇହ ପରକାଳ ବାଣ୍ଟି ଥାନ୍ତି ସୁଖ
କୁଟୁମ୍ବ, ବନ୍ଧୁ ବଢାଇ ।୧୪

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା
ସଂସଦ, ପାତ୍ରପୁର, ଗଞ୍ଜାମ ୮୭୬୦୧୯୪୯୭୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଶ୍ଚିମ୍ ଓଡ଼ିଶାର୍ ଶିଘା ତିହାର୍...

କ୍ଷୀରୋଦିନୀ ସାହୁ



ପଶ୍ଚିମ୍ ଓଡିଶାର୍ ଶିଘା ତିହାର୍
ଆଇଛେ ନୁଆଁଖାଇ ,
ଯିଏ ଯେନ୍ ଠାନେ ଅଛ ଧାଇଁଆସ
ମୋର୍ ବୁହେନ୍ ଭାଇ ।

ଘର୍ ଦୁଆର୍ ସାଫ୍ ସୁତର୍ କରି
ରଙ୍ଗ୍ ରୁଙ୍ଗା ଟିକେ ରଚାମା ,
ମିତ ମାର୍ ସାତ୍ ଘର୍ ମାନ୍ କେ
ନୁଆଁଖାଇ ଭାର୍ ପଠାମା ।

ଡେରି ନାଇଁ ହଉଁ ଫୁଲା ନାଇଁ ହଉଁ
ଲେତାଗୁତା ଥିମା ଆବରି ,
ଦିଲ୍ ଖୁସ୍ ହେଇ ଡାକ୍ ଦେଉଥିମା
ଜଏ ମାଁ ସମଲେଶିରୀ ।

ହାଟ୍ ବଜାର୍ ଯାଇ ଆନମା ଘିନି
ମେନ୍ ମେନ୍ ସା ଦରବ୍ ,
ଇ ନୁଆଁଖାଇ ପରେ ଆମର୍ ତିହାର୍
ଲୁଭ୍ ଲୁଭାନି ପରବ୍ ।

ନୁଆଁ ଧାନ୍ କେଁଡା ଆନି କରି ଭାଇ
ନୁଆଁ ଚୁଡା ଦେମା ବନେଇ ,
ପିଠା ମଡା ବରା ସିଆଁଲି କରମା
ଭୋଗ୍ ରାଗ୍ ଦେମା ଛଡେଇ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଖେତ୍ ଖଲା ଯାଇ ଇଷ୍ଟଦେବୀର୍ ପାଦେ
 ପୁଜାଧଜା କରିଦେମା ,
ବନେ ବନେ କରି ସୁନାର୍ ଫସଲ୍
 ଦେବାରକେ ବିନତି କରମା ।

ସିଆନ୍ ମାନକେ ମୁଡିଆ ମାରମା
 ସାନ୍ ମାନକେ ଗହକି ,
ଭାବ୍ ସର୍ ସର୍ କଥାଥି ଭାଇ
 ଘର୍ ଦୁଆର୍ ଯିବା ମହକି ।

କୁରେ ପତର୍ ଥି ଖାଏମା ନୁଆଁ
 ଖାକ୍ ପିଟି କରି ହରଷେ ,
ପନତ୍ ଢାପିକରି ରଖିଥା ଗୋ ମାଁ ସମଲେଇ
 ଜୀଁ ଜାଗିଥିଲେ ବରଷେ ।

ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ , ବି. ଏଡ୍
ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ,
ବିଲାସପୁର
ମୋ: ୬୩୭୧୩୦୫୯୯୫

Listen to Odia Podcast Original at https://youtube.com/@drjyotiprasad

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଶ୍ଚିମ ଓଡ଼ିଶାର ଗଣପର୍ବ : ନୂଆଖାଇ

ଅନନ୍ୟା ପ୍ରଧାନ



ନୂଆଖାଇ ଏକ କୃଷିଭିତ୍ତିକ ପର୍ବ ଅଟେ । ସାଧାରଣତଃ ପଶ୍ଚିମ ଓଡ଼ିଶାର ଲୋକେ କୃଷି ଉପରେ ନିର୍ଭରଶୀଳ । ଧାନ ଅମଳ ଖୁସିରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପଞ୍ଚମୀ ତିଥିରେ ଏହି ନୂଆଖାଇ ପର୍ବ ପାଳନ କରାଯାଏ । କୃଷିଜାତ ଅନ୍ନର ମହତ୍ତ୍ୱ ନେଇ କାଇଁ କେଉଁ ଆବାହନ କାଳରୁ ଏହି କୃଷିଭିତ୍ତିକ ପର୍ବ ପାଳନ ହୋଇଆସୁଛି । ଏହି ଦିନ ଘରେ ଘରେ ଅକାଣ୍ଡିଆ ଚାଉଳରେ କ୍ଷୀରି ପ୍ରସ୍ତୁତ କରାଯାଏ । ଏହି କ୍ଷୀରିକୁ 'ନବାନ୍ନ' ବୋଲି କୁହାଯାଏ । ଏହି କ୍ଷୀରି ବା ନବାନ୍ନକୁ ଇଷ୍ଟ ଦେବାଦେବୀଙ୍କୁ ଅର୍ପଣ କରି ସେହି ପ୍ରସାଦକୁ ନିଜ ଗ୍ରହଣ କରିବା ସହ ଅନ୍ୟମାନଙ୍କୁ ପଙ୍କ୍ତିଂ ଭୋଜନ ଆକାରରେ ପ୍ରଦାନ କରିବାର ଧାରା ହେଉଛି ନୂଆଖାଇ ।

ରାଜ୍ୟର ଅବିଭକ୍ତ କଳାହାଣ୍ଡି, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର ଓ ବୌଦ୍ଧ ଜିଲ୍ଲା ସମେତ କୋରାପୁଟର କେତେକ  ଅଞ୍ଚଳରେ ଏହି ନୂଆଖାଇ ପର୍ବକୁ ଧୂମଧାମରେ ପାଳନ କରାଯାଏ ।

ଆମ ସାମାଜିକ ଚଳଣିରେ ନୂଆଖାଇ ଏକ ସ୍ୱତନ୍ତ୍ର ପର୍ବ । ଯେଉଁ ପର୍ବରେ ଦେଖିବାକୁ ମିଳିଥାଏ ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବଗତର ଝଲକ । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷରେ ପାଳନ କରାଯାଇଥାଏ ନୂଆଖାଇ ପର୍ବ । ଓଡିଶାର ବିଶେଷ କରି ପଶ୍ଚିମ ଓଡିଶାର ଏହାଏକ ଗଣପର୍ବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ନୂଆଖାଇ ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ବିଶେଷ କରି ଏହା ଏକ କୃଷି ଭିର୍ତ୍ତିକ ପର୍ବ । ପଶ୍ଚିମ ଓଡିଶା ବାସୀଙ୍କର ମୁଖ୍ୟଜୀବିକା ହେଉଛି କୃଷି । କୃଷିଜାତ ଅନ୍ନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହତ୍ୱକୁ ନେଇ କେଉଁ ଆବହମାନ କାଳରୁ ଏହି ନୂଆଖାଇ ପର୍ବ ପାଳିତ ହୋଇଆସୁଛି । ଓଡିଶାର ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ ଓ ବଉଦ ଜିଲ୍ଲା ସମେତ କୋରାପୁଟର କେତେକ ଅଂଚଳ ଏବଂ ଛତିଶଗଡ ରାଜ୍ୟର ଦେଓଭୋଗ ସମେତ କେତେକ ଅଂଚଳରେ ଏହି ନୂଆଖାଇ ପର୍ବ ଖୁବ ଧୂମଧାମରେ ପାଳିତ ହୋଇଥାଏ ।

ବର୍ଷ ପ୍ରାରମ୍ଭରେ ଉତ୍ପାଦିତ ଶସ୍ୟର ଅନ୍ନ କୁ ବିଶେଷ କରି ବର୍ଷର ଅମଳ ପ୍ରାରମ୍ଭରୁ ଉତ୍ପାଦିତ ହେଉଥିବା ଧାନରୁ ଯେଉଁ ଅନ୍ନ ବାହାରେ ସେହି ଅନ୍ନକୁ ନିଜଇଷ୍ଟ ଦେବାଦେବୀଙ୍କ ଅର୍ପଣକରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ସଙ୍ଗେସଙ୍ଗେ ଅନ୍ୟ ମାନଙ୍କୁ ପଂକ୍ତି ଭୋଜନରେ ଆପ୍ୟାୟିତ କରିବାର ଧାରା ନୂଆଖାଇ ପର୍ବ ।

ପଶ୍ଚିମ ଓଡିଶା କଳିଙ୍ଗ-କୋଶଳ ଭାବେ ପରିଚିତ ଏବଂ ଆଦିବାସୀ ଅଧ୍ୟୁଷିତ ଅଂଚଳ ଭାବେ ପ୍ରସିଦ୍ଧ । ଏହି ଅଂଚଳବାସୀ ମୁଖ୍ୟତଃ କୃଷିଜୀବି । ଏମାନେ ପ୍ରକୃତି ସହିତ ଏକ ନିବିଡ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରି ବଂଚି ଆସୁଥିବାରୁ କେବଳ ଧାନ ହିଁ ନୂଆ ବା ନବାନ୍ନ ମଧ୍ୟରେ ସିମିତ ନ ରହି ପ୍ରତିଟି ଶସ୍ୟର ନୂଆ ଫସଲକୁ ନିଜ ଇଷ୍ଟ ଦେବାଦେବୀଙ୍କୁ ସମର୍ପଣ କରିବା ପରେ ହିଁ ନିଜେ ବ୍ୟବହାର କରିଥାନ୍ତି । ଠିକ ସେହିପରି ଶ୍ରାବଣ ମାସରେ ମାଣ୍ଡିଆ ନୂଆଖିଆ ଓ ଗୁର୍ଜୀ ନୂଆଖିଆ, ଦଶହରା ଶୁକ୍ଳ ଦଶମୀ ଦିନ ବାଲିଗଜା ସମୟରେ ମକା ମଞ୍ଜିର ଗଜାକରି ପୂଜା କରିବା ପରେ ମକା ଖାଇବା ପରମ୍ପରା ଥିଲା । ଦଶହରା ଅଷ୍ଟମୀ ଦିନ ପୁଅ ଜିଉନ୍ତିଆ ଓଷା କରିସାରିବା ପରେ କମଳା ଜାତୀୟ ଫଳ ପୂଜା କରିସାରିବା ପରେ ସେହି ଫଳସବୁ ଖାଇବା ପଶ୍ଚିମ ଓଡିଶାର ଏକ ମୁଖ୍ୟ ପ୍ରଥା ଅଟେ । ମାର୍ଗଶୀର ମାସର କୃଷ୍ଣପକ୍ଷ ଅଷ୍ଟମୀ ଦିନ ଶିମ୍ବ, କଖାରୁ, ବିରି, ଝୁଡଙ୍ଗ, ମୂଳା ଇତ୍ୟାଦିକୁ ଦେବୋତାଙ୍କୁ ଅର୍ପଣ କରିସାରିବା ପରେ ଖିଆଯାଇଥାଏ । ଫାଲଗୁନ ପୂର୍ଣ୍ଣିମା ଦିନ ଆମ୍ବକୁ ଦେବତାଙ୍କ ପାଖରେ ପୂଜା କରି ସେହିଦିନ ଠାରୁ ଖିଆଯାଏ । ଏତେସବୁ ଘଟଣା ପରେ ମଧ୍ୟ ମୁଖ୍ୟତଃ ଧାନଚାଷକୁ ପ୍ରାଧାନ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଆଯାଇଛି । ପରମ୍ପରା ଅନୁଯାୟୀ ଏହି ଅଂଚଳବାସୀ ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ମହା ଧୂମଧାମରେ ପାଳନକରି ଆସୁଛନ୍ତି । ତେଣୁ ଏହା ହିଁ ପଶ୍ଚିମ ଓଡିଶାର ମୁଖ୍ୟପର୍ବ ବା ଗଣପର୍ବ ନୂଆଖାଇ ।

ପଶ୍ଚିମ ଓଡିଶା ଶକ୍ତିପୀଠ ଭାବେ ପରିଚିତ । କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ ଓ ଆଖପାଖର ଲଙ୍କେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବାଦେବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗଲାଗି ହେବାପରେ ସେହି ନୂଆ ଅନ୍ନକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଆସିଛି ।

ନୂଆଖାଇର ପ୍ରାକ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ ନିର୍ଦ୍ଧିଷ୍ଟ ଦିନର କିଛି ଦିନ ପୂର୍ବରୁ । ନୂଆଖାଇ ଦିନ ପ୍ରାୟତଃ ସମସ୍ତଙ୍କ ଘରେ ସମସ୍ତେ ନୂଆ ବସ୍ତ୍ର ପରିଧାନ କରିଥାନ୍ତି । ଏହି ସମୟରେ ପରିବାରର ସମସ୍ତେ ଯିଏ ଯେତେ ଦୂରରେ ଥିଲେ ମଧ୍ୟ ନିଜ ଗ୍ରାମରେ ଆସି ଏକତ୍ରିତ ହୋଇଥାନ୍ତି । ନବନିର୍ମିତ ଚୂଲିରେ ନୂଆହାଣ୍ଡିରେ ଧାନ ପକାଇ ଚୂଡା ଭଜା ଯାଇଥାଏ । ସେହି ନୂତନ ଚୂଡାରେ ଗାଈ ଘିଅ, କ୍ଷୀର, ନଡିଆ, କଦଳୀ, ଗୁଡ ଆଦି ମିଶ୍ରଣ କରାଯାଇ ପ୍ରସାଦ ବା ନବାନ୍ନ ପ୍ରସ୍ତୁତ କରାଯାଇଥାଏ । ନୂଆଖାଇରେ ସର୍ବଶୁଦ୍ଧି ଓ ଦେବାଦେବୀଙ୍କ ମାନ୍ୟତା ପ୍ରାପ୍ତ କୁରେଇପତ୍ର ପୂର୍ବରୁ ସଂଗ୍ରହ କରି ରଖାଯାଇଥାଏ । ସେହି କୁରେଇ ପତ୍ରରେ ହିଁ ଘରର ମୁଖିଆ ସମସ୍ତଙ୍କୁ ନବାନ୍ନ ବଂଟନ କରିଥାନ୍ତି । ପ୍ରଥମେ ଇଷ୍ଟ ଦେବାଦେବୀଙ୍କ ପାଖରେ ନୂଆ ଧାନର ବେଣି କରି ଝୁଲାଇ ଦିଆଯାଇଥାଏ ଏବଂ ଇଷ୍ଟ ଦେବାଦେବୀ ଓ ପୂର୍ବପୁରୁଷଙ୍କୁ ନବାନ୍ନ ଅର୍ପଣ କରିସାରିବା ପରେ ପ୍ରତ୍ୟେକ ବ୍ୟକ୍ତି ସାନରୁ ବଡ ଯାଏ ସମସ୍ତେ ନିଜ ନିଜ ମୁଣ୍ଡରେ ଲଗାଇ ନବାନ୍ନ ପ୍ରସାଦ ଭକ୍ଷଣ କରିଥାନ୍ତି ।

ନୂଆଖାଇ ବା ନବାନ୍ନ ଭକ୍ଷଣ ପର୍ବ ଯେଉଁଦିନ ନୂଆଅନ୍ନ ଖିଆଯାଏ କେବଳ ସେହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନଟିକୁ ବୁଝାଏ ନାହିଁ ବରଂ ନୂଆଖାଇ ଦିନ ସହିତ ତାର ପୂର୍ବ ପ୍ରସ୍ତୁତି ଏବଂ ପରର ଯେଉଁ ପ୍ରଥା ସବୁ ରହିଛି ତାକୁ ମିଶାଇ ନୂଆଖାଇ ପର୍ବ କୁହାଯାଇଥାଏ । ନୂଆଖାଇର ପରଦିନକୁ ନୂଆଖାଇ ବାସି ପାଳନ କରାଯାଇଥାଏ । ଏହିଦିନ ଆହୁରି ଧୂମଧାମରେ ପିଠାପଣା ମାଛ ମାଂସ ଇତ୍ୟାଦି କରି ଭୋଜିଭାତ ମାଧ୍ୟମରେ ବନ୍ଧୁ ମିଳନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ । ସ୍ଥାନେ ସ୍ଥାନେ ନବାନ୍ନ ଭକ୍ଷଣ ପରେ ସାତ ଆଠଦିନ ପରେ ମଧ୍ୟ ଆଖପାଖ ସାଂସ୍କୃତିକ ଦଳ ଓ ମୁଖ୍ୟ ଲୋକମାନଙ୍କୁ ନେଇ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ ।

ଇତିହାସ କୁହେ ୧୮୫୩ ମସିହା ବେଳକୁ କଳାହାଣ୍ଡିର ମହାରାଜା ଉଦିତ ପ୍ରତାପ ଦେଓଙ୍କ ଶାସନ କାଳରେ ସମ୍ବଲପୁରର କୁଲତା ସଂପ୍ରଦାୟର ଲୋକମାନଙ୍କୁ ନିମନ୍ତ୍ରଣ କରି କଳାହାଣ୍ଡିରେ ଚାଷର ବିକାଶ କରିଥିଲେ ।

କଳାହାଣ୍ଡିର ଗଣପର୍ବ ଯେମିତି ନୂଆଖାଇ ଠିକ ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଣବାଦ୍ୟ ରୂପେ ଘୁମୁରା ବେଶ ପ୍ରଚଳିତ । ନୂଆଖାଇ ଆସିବା ପୂର୍ବରୁ ପୋଏଲ ଉଆଁସ ଅର୍ଥାତ ଶ୍ରାବଣ ଅମାବାସ୍ୟା ଦିନ ଘୁମୁରା ବାଦ୍ୟ ସବୁକୁ ପୂଜାକରି ଏହି ଗଣବାଦ୍ୟ ଘୁମୁରା ବାଦ୍ୟର ଅଭ୍ୟାସ ଆରମ୍ଭ କରାଯାଉଥିବାର ମଧ୍ୟ ପରଂପରା ରହିଛି । ନୂଆଖାଇ ଦିନ ତାର ଆତ୍ମପ୍ରକାଶ ଘଟି ସମସ୍ତଙ୍କ ଘରକୁ ଘର ବୁଲି ଘୁମୁରାନୃତ୍ୟ ବାଦ୍ୟ ପରିବେଷଣ କରିବାର ପରଂପରା ଆଜିମଧ୍ୟ ପ୍ରଚଳିତ ।

ମାଟି ଓ ମଣିଷର ଯେଉଁ ଅତୁଟ ସଂପର୍କ ରହିଛି ସେହି ସଂପର୍କରୁ ଉଦବୁଦ୍ଧ ଏହି କୃଷି ଭିତ୍ତିକପର୍ବ ସମାଜରେ ଐକ୍ୟବଦ୍ଧତା, ଭାତୃଭାବ ପ୍ରତିଷ୍ଠା କରିବା ଗଣପର୍ବ ନୂଆଖାଇ ପାଳନର ମୁଖ୍ୟ ଉଦେଶ୍ୟ ।

ଡାକ୍ତରୀ ଦ୍ୱିତୀୟ ବର୍ଷ ଛାତ୍ରୀ

ଠିକଣା - କୁଚିଣ୍ଡା ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୃଷିଭିତ୍ତିକ ଗଣପର୍ବ : ନୂଆଁଖାଇ

ସାଇ ପ୍ରସାଦ ସାହୁ



ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ କୃଷିଭିତ୍ତିକ ଓ ପାରମ୍ପରିକ ପର୍ବ। କୃଷି କ୍ଷେତ୍ରରେ ଫସଲକୁ ଦେଖି କୃଷକ ଧାନ ଅମଳର ଖୁସିକୁ ସେ ପରିବାର ମଧ୍ୟରେ ବାଣ୍ଟିବା ପାଇଁ ଏହି ପର୍ବର ପରିକଳ୍ପନା ରହିଥିଲା । ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସର ଶୁକ୍ଲ ପଞ୍ଚମୀ ତିଥିରେ ଅଥବା ଗଣେଶ ଚତୁର୍ଥୀର ପରଦିନ ପାଳିତ ହୋଇଥାଏ । ଏହା ନୂଆଁଖାଇ ପରବ୍ ନାମରେ ଜଣାଶୁଣା । ବର୍ଷା ଶେଷ ହେବା ପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ । ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀ ପ୍ରଥମକରି ଅମଳକ୍ଷମ ଧାନକୁ ଇଷ୍ଟଦେବୀଙ୍କ ଠାରେ ସମର୍ପଣ କରିବା ହିଁ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ କୁହାଯାଏ ।

ନୂଆଁଖାଇ ପାଳନ ନିମନ୍ତେ ଆଗରୁ "ଲଗନ" ବା "ତିଥି" ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରାଯାଇଥାଏ । ନୂଆଁଖାଇ ଏକ ଗଣପର୍ବ । ଅତୀତରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଁ ଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆଁ ଖାଉଥିଲେ । ରାଜାରାଜୁଡ଼ା ଶାସନ ପରେ ମଧ୍ୟ ରାଜାଙ୍କ ଇଷ୍ଟଦେବୀଙ୍କ ନାମ ଅନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ । ସ୍ଥାନ ବିଶେଷରେ ଏହା ଭିନ୍ନ ଭିନ୍ନ ଦିନରେ ପାଳିତ ହେଉଥିଲା । ତେଣୁ ଗୋଟିଏ ସ୍ଥାନର ନୂଆଁଖାଇ ପର୍ବ ସାରିବା ପରେ ଲୋକେ ନିଜର ବନ୍ଧୁମାନଙ୍କ ଘରକୁ ଯାଉଥିଲେ । ନୂଆଁଖାଇ ପାଳନ କରିବା ପାଇଁ ବନ୍ଧୁ ବର୍ଗମାନଙ୍କୁ ଡକା ଯାଉଥିଲା । ଏକ ନିର୍ଦ୍ଦିଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିଥିରେ ପାଳିତ ନ ହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳିତ ହେଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଁଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ସାରା ଓଡ଼ିଶା ସରକାରୀ ଛୁଟି କରିବା ପାଇଁ ମଧ୍ୟ ଘୋଷଣା କରିଥିଲେ । ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତା କରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ ଋଷି ପଞ୍ଚମୀ ଦିନଟି ସ୍ଥିର କରାଗଲା । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି । କଳାହାଣ୍ଡି ଜିଲ୍ଲାର ଅନେକ ଅଞ୍ଚଳରେ ଏହା ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ପାଳନ କରାଯାଇଥାଏ ।

ପୂର୍ବାଞ୍ଚଳରେ ଏହା ଆଶ୍ୱୀନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ ହେବାର ବିଧାନ ରହିଅଛି । କାରଣ ଏହି ନବାନ୍ନ ପିତୃପୁରୁଷଙ୍କ ପିଣ୍ଡଦାନ ପାଇଁ ବ୍ୟବହୃତ ହୋଇଥାଏ । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷ (ମହାଳୟା) ପରଠାରୁ ଶ୍ରାଦ୍ଧ ଦେବାର ବ୍ୟବସ୍ଥା ଅଛି ।

ଏହା ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାସମୂହରେ ମହା ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକ ନବାନ୍ନ ଦିନ ଘରେ ଉପସ୍ଥିତ ହେବାକୁ ଚେଷ୍ଟା କରିଥାନ୍ତି, ଯେଉଁମାନେ ଆସି ନ ପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରିଥାନ୍ତି । ଏହି ଦିନଟିର ଅମୃତବେଳା ବା ଶୁଭବେଳା ଜ୍ୟୋତିଷ ମାନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆ ଭାବରେ ଅମଳ କରାଯାଇଥିବା ଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଭକ୍ଷଣ କରିଥାନ୍ତି । ନୂଆଧାନରୁ ପ୍ରସ୍ତୁତ ଭାତ, କ୍ଷୀରି, ମଣ୍ଡାପିଠା ନିଜ ନିଜ ଘରେ ପ୍ରସ୍ତୁତ କରି ନିଜ ନିଜର ଇଷ୍ଟଦେବୀ, ଗ୍ରାମଦେବୀ ଦେବତା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରାଧ୍ୟ ପାଖରେ ପ୍ରଥମେ ଅର୍ପଣ କରି ସମସ୍ତେ ଏକାଠି ବସି ଖାଇଥାନ୍ତି । ଖାଇ ସାରିବା ପରେ ଭେଟଘାଟ ପର୍ବ ଆରମ୍ଭ ହୋଇଥାଏ । ପ୍ରଥମେ ଗ୍ରାମଦେବତୀଙ୍କ ପୀଠ ବା ଭାଗବତ ଟୁଙ୍ଗୀରେ ଏକାଠି ହୋଇ ମୁଣ୍ଡିଆ ମାରିବା ପରେ ସାନମାନେ ବଡ଼ମାନଙ୍କୁ ପ୍ରଣାମ ଜଣାଇ ଆଶୀର୍ବାଦ କାମନା କରିଥାନ୍ତି । ଭେଟଘାଟ ଶେଷ ହେବା ପରେ ଗାଁରେ ଖେଳକୁଦ ପ୍ରତିଯୋଗିତା, ଝିଅ ମାନଙ୍କର ପୁଚି ଖେଳ, ହୁମୋବାଉଳି, ପୁରୁଷ ମାନଙ୍କ ଗୁଡୁ ଖେଳ, କସରତ ଖେଳ ଆଦି ଅନୁଷ୍ଠିତ ହେଉଥିଲା । ଗ୍ରାମର ଆବାଳ ବୃଦ୍ଧ ବନିତା ଏହା ଦେଖିବା ପାଇଁ ରୁଣ୍ଡ ହେଉଥିଲେ । ଏହା ବଡ କୌତୁହଳପୂର୍ଣ୍ଣ ଓ ମନୋରଂଜନଧର୍ମୀ ଥିଲା । ଏହା ବ୍ୟତୀତ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହୁଥିଲା । ପରସ୍ପର ମଧ୍ୟରେ ଥିବା ପୂର୍ବର ରାଗ ରୋଷ ସବୁ ଭୁଲି ପୁଣି ଏକାଠି ହେବାର ସୁଯୋଗ ଦେଉଥିଲା ।

ନୂଆଖାଇ ପରଦିନକୁ ନୂଆଖାଇ ବାସି ବୋଲି କୁହାଯାଏ । ଏହି ଦିନଟିକୁ ମଉଜ ମଜଲିସର ଦିନ ଭାବେ ପାଳନ କରାଯାଏ । ନୂଆଖାଇ ଦିନ ନିଜର ଇଷ୍ଟଦେବୀଙ୍କୁ ଭୋଗଲାଗି କରୁଥିବାରୁ ସେଦିନ ପ୍ରାୟତଃ କେହି ଆଇଁଷ ଖାଆନ୍ତି ନାହିଁ । ସେଥିପାଇଁ ଏହି ଦିନ ଆଇଁଷ ଖାଇଥାନ୍ତି ।

କିନ୍ତୁ ସମୟ କ୍ରମେ ପୂର୍ବରୁ ଚାଲି ଆସୁଥିବା ଏହି ପର୍ବର ରୀତିନୀତିରେ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଆଧୁନିକ ବିଜ୍ଞାନର ଉନ୍ନତି, ଯନ୍ତ୍ରାଂଶର ବ୍ୟବହାର, ମୋବାଇଲର ବହୁଳ ବ୍ୟବହାର ଓ ସର୍ବୋପରି ମଣିଷର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀ ବହୁ ମାତ୍ରାରେ ଏଥିପାଇଁ ଦାୟୀ ବୋଲି କୁହାଯାଇପାରେ । ଆଜି ସମସ୍ତେ ଶିକ୍ଷିତ ହୋଇ ପ୍ରାୟ ୬୦ ପ୍ରତିଶତ ଲୋକ ବାହାରେ ଦେଶ ବିଦେଶରେ ରହି ଚାକିରୀ କରୁଛନ୍ତି । ତେଣୁ ବେଳେ ବେଳେ କାର୍ଯ୍ୟ ବ୍ୟସ୍ତତା ହେଉ ବା ନିୟମ ପ୍ରତିବନ୍ଧକ ସାଜିଛି । ଅନେକ ପରିବାର ଏଥିପାଇଁ ଏକତ୍ରିତ ହୋଇପାରୁ ନାହାନ୍ତି ନୂଆଁଖାଇରେ । ଦ୍ୱିତୀୟତଃ ଖାଦ୍ୟର ରୁଚି ମଧ୍ୟ ବଦଳି ଯାଇଛି । ଅତୀତରେ ଯାହା ସବୁ ଖାଦ୍ୟ ତିଆରି ହେଉଥିଲା ତାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶରୀର ପାଇଁ ସୁଷମ ଖାଦ୍ୟ ଯୁକ୍ତ ଥିଲା । କିନ୍ତୁ ଆଜିକାଲି ସବୁ ଅଧିକ ମସଲା ତଥା ତେଲ ଜାତୀୟ ଖାଦ୍ୟ ଲୋକଙ୍କ ରୁଚି ହୋଇଛି । ଯାହା ଶରୀର ପାଇଁ କ୍ଷତିକାରକ ।

ଏହା ବ୍ୟତୀତ ଆଗ କାଳରେ ଲୋକେ ଖୋଲା ଆକାଶ ତଳେ, ମୁକ୍ତ ବାୟୁରେ ଖେଳକୁଦ କରୁଥିଲେ ଯାହା ଶରୀର ପାଇଁ ବ୍ୟାୟାମ ରୂପେ କାର୍ଯ୍ୟ କରୁଥିଲା । ଘର ଘର ଯାଇ ବଡମାନଙ୍କୁ ମୁଣ୍ଡିଆ ହୋଇ ନୂଆଖାଇ ଜୁହାର କରି ଆଶୀର୍ବାଦ ନେଉଥିଲେ । ଗାଆଁ ମାନଙ୍କରେ ପାଲା, ଦାସକାଠିଆ, ସଂକୀର୍ତ୍ତନ ଆଦି ହେଉଥିଲା । ଯାହା ଛୋଟ ଛୋଟ ପିଲାମାନଙ୍କ ମନରେ ନୈତିକତା ଗୁଣର ବିକାଶ କରୁଥିଲା । କିନ୍ତୁ ଆଜିକାଲି ମୋବାଇଲରେ ନୂଆଖାଇର ବାର୍ତାଟିଏ ପଠେଇ ଦେଇ ବେଶ୍ ଖୁସି ଅନୁଭବ କରୁଛନ୍ତି । ଘର ଘର ଯାଇ ବା ଗାଆଁ ଦାଣ୍ଡରେ ପାଦ ଛୁଇଁ ପ୍ରଣାମ କରିବା ଆଉ ବିଶେଷ ଦେଖିବାକୁ ମିଳୁନାହିଁ । ଅପର ପକ୍ଷରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆଜି ବି ହେଉଛି, କିନ୍ତୁ ଯେଉଁ ସବୁ ନୃତ୍ୟ ଗୀତ ପରିବେଷିତ ହେଉଛି ସେଥିରେ ଅଶ୍ଲୀଳ ଭାଷାର ବ୍ୟବହାର ରହିବା ସହ ବେଶ ପୋଷାକରେ ମଧ୍ୟ ଶାଳୀନତା ରହୁନାହିଁ । ଯାହା ମଣିଷ ମନରେ ତାମସିକ ଭାବନା ଜାଗ୍ରତ କରୁଛି । ଛୋଟ ଛୋଟ ପିଲାମାନେ ଘରେ ବସି ମୋବାଇଲରେ ଖେଳ ଖେଳୁଛନ୍ତି, ଫଳରେ ବାହ୍ୟ ଜ୍ଞାନର ଘୋର ଅଭାବ ରହିବା ସହ ଶରୀର ହୃଷ୍ଟ ପୁଷ୍ଟ ହୋଇ ପାରୁନାହିଁ । ରୋଗ ପ୍ରତିରୋଧକ କ୍ଷମତା କମିଯାଇଛି । ସ୍ୱାସ୍ଥ୍ୟ ବେଶୀ ପରିମାଣରେ ଖରାପ ହେଉଛି । କିନ୍ତୁ ଏହି ନୂଆଁଖାଇ ପର୍ବ ଆଜି ଦେଶ ବିଦେଶରେ ରହୁଥିବା ଅଞ୍ଚଳର ଲୋକେ ଏକତ୍ରିତ ଭାବରେ ପାଳନ କରୁଛନ୍ତି । ଫଳରେ ବିଦେଶୀମାନେ ମଧ୍ୟ ନୂଆଖାଇର ପରମ୍ପରା ବିଷୟରେ ଜାଣୁଛନ୍ତି, ଯାହା ପଶ୍ଚିମ ଓଡ଼ିଶା ପାଇଁ ଏକ ଗର୍ବର କଥା । ଯାହା ବି ହେଉ, ପାଳନରେ ନୁତନତା ହେଉ ବା ପୁରାତନତା, କୋଣ ଅନୁକୋଣରେ ଏହି ପର୍ବର ମାନ୍ୟତା ଆଜି ବି ରହିଛି ଓ ଆଗକୁ ବି ରହିବ ଏଥିରେ ସନ୍ଦେହ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ କାୟା ବିସ୍ତାର ଏବଂ ଶିଳ୍ପାୟନ ସାଙ୍ଗକୁ ଜଗତୀକରଣର ପ୍ରଭାବ ସାରା ବିଶ୍ୱରେ ଛାଇ ଯାଇଥିବାବେଳେ ନୂଆଁଖାଇ ତା'ର ଅସ୍ତିତ୍ୱ ହରାଇ ନାହିଁ ; ବରଂ ଦିନକୁ ଦିନ ଏକତା, ମୈତ୍ରୀ, ସୌହାର୍ଦ୍ଦ୍ୟ ଓ ସଂପ୍ରତିର ବାର୍ତ୍ତା ବହନ କରିଚାଲିଛି । ସମୟର ସବୁ ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ଏହାର ବିଭବରେ ଲୋକାଚାର ବାଚକ ଯଥାର୍ଥତା ପରିପୂର୍ତ୍ତିରେ କୌଣସି ଅଭାବ ପରିଲକ୍ଷିତ ହେଉ ନାହିଁ । ଆଧୁନିକତାର ଯେତେ ଚକଚାକ୍ୟ ମଣିଷକୁ କବଳିତ କରିଥିଲେ ହେଁ ବିଶେଷତ୍ୱ ଘରେ ଯେଉଁମାନେ ସପରିବାର ଓ କୁଳକୁଟୁମ୍ବଙ୍କୁ ନେଇ ନବାନ୍ନ ଭକ୍ଷଣ କରୁଛନ୍ତି ଏବଂ ଅତ୍ୟନ୍ତ ନିଷ୍ଠା ଓ ଶୁଦ୍ଧ ପୂତ ଭାବେ ପାଳନ କରୁଛନ୍ତି । ସମୟାନୁକ୍ରମେ ନୂଆଁଖାଇ ଏକ ଉଚ୍ଚ ମୂଲ୍ୟବୋଧର ପରମ୍ପରାକୁ ସମୃଦ୍ଧ ଓ ଅଭିବୃଦ୍ଧି କରିଚାଲିଛି । ନୂଆଁଖାଇ ହେଉଛି ସମର୍ପଣ, ସଂହତି, ସମନ୍ୱୟ ଓ ଏକତାର ପ୍ରତୀକ । ଜାତି ସଂପ୍ରଦାୟ ନିର୍ବିଶେଷରେ ବ୍ୟକ୍ତିଗତ ରାଗରୋଷକୁ ଭୁଲି ସମସ୍ତଙ୍କ ମଧ୍ୟରେ ଆନ୍ତରିକତା ଓ ସହୃଦୟତା ସ୍ଥାପନରେ ଏହାର ମହନୀୟତା ଅତୁଳନୀୟ । ବିଶ୍ୱର କୌଣସି ଉନ୍ନତ ରାଷ୍ଟ୍ର ବା ଦେଶର କୃଷିଭିତ୍ତିକ ସଭ୍ୟତାରେ ପଶ୍ଚିମ ଓଡିଶାର ନୂଆଁଖାଇ ପରି ପର୍ବ ବିରଳ ।

ଗବେଷକ ଓ ସ୍ତମ୍ଭକାର ,

ସିନ୍ଧେକେଲା , ବଲାଙ୍ଗୀର

ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନୁଷ୍ୟ ଜୀବନ ସହ ସାଂଘାତିକ ଖେଳ

ଆଶୁତୋଷ ନାୟକ



ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷୀପ୍ର ବେଗରେ ବଢ଼ିଚାଲିଛି ତାର କଳ୍ପନା କରିବା ଅସମ୍ଭବ । ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ୍ୟ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । (ପକାଇ ସାରିଲାଣି) ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି । ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ, କିଛି କଳକାରଖାନାର ମାଲିକଙ୍କ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି । ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି । ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ଼ ମିଶାଯାଏ । ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ଼ ବ୍ୟବହାର କରାଯାଏ । ଫର୍ମାଲ ଡିହାଇଡ଼ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ । କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ଼ ବ୍ୟବହାର ଦ୍ୱାରା ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ ।

ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ୱାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ । ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀକୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର କରାଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଦ୍ୱାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ । କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ତ୍ୱେ ଅସାଧୁ ବ୍ୟବସାୟୀମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି । ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି । ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ । ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି ।

ବିଭିନ୍ନ ଜାତୀୟ ଓ ଆନ୍ତଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଗତ ପାଞ୍ଚ ବର୍ଷ (୨୦୧୯-୨୦୨୪) ମଧ୍ୟରେ ଭାରତରେ ପ୍ରସ୍ତୁତ ହୋଇ ବିଦେଶକୁ ଯାଉଥିବା ୪୦୦ ପ୍ରକାରର ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ୟୁରୋପୀୟ ସଂଘ (ଇୟୁ)ନିଷିଦ୍ଧ କରିଛି । ଉକ୍ତ ଖାଦ୍ୟ ସାମଗ୍ରୀ ଗୁଡିକରେ କୀଟନାଶକ କବକ ଏବଂ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ମିଳିବା ପରେ ୟୁରୋପୀୟ ୟୁନିଅନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇୟୁ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ରହିଛି ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚିବା ସହ ନଷ୍ଟ କରିଦେବ । ସେହିପରି ୨୧ଟି ସାମଗ୍ରୀରେ କ୍ୟାଡ଼ମିୟମ୍ ଭଳି ଭାରୀ ଧାତୁ ରହିଛି । ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଅତି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ୱାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି । ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି । ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅପିଙ୍ଗା ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ ।

ଗୋପାଳପୁର, ବାଲେଶ୍ୱର, ୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାହିତ୍ୟରେ ଭାଷା ଓ ସଂସ୍କୃତିର ଗୁରୁତ୍ୱ

ଅସିତ ମହାନ୍ତି



ବିଭିନ୍ନ କାରଣରୁ ଭାଷା, ସଂସ୍କୃତି ଏବଂ ସାହିତ୍ୟକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାଷା ହେଉଛି ଯୋଗାଯୋଗର ଏକ ମାଧ୍ୟମ ଯାହା ଆମ ଚିନ୍ତାଧାରା, ଭାବନା ଏବଂ ମତାମତ ପ୍ରକାଶ କରିବାକୁ ଅନୁମତି ଦିଏ । ଅନ୍ୟପକ୍ଷରେ, ସାହିତ୍ୟ ଆମକୁ ପ୍ରତିଫଳିତ କରେ ଏବଂ ଏଥିରେ ଉତ୍ପନ୍ନ ସଂସ୍କୃତି ଉପରେ ପ୍ରତିଫଳିତ କରିବାରେ ସାହାଯ୍ୟ କରେ, ବିଭିନ୍ନ ଦୃଷ୍ଟିକୋଣ ଏବଂ ଅନୁଭୂତି ବିଷୟରେ ଅନ୍ତର୍ନିହିତ ସୂଚନା ପ୍ରଦାନ କରେ । ଭାଷା ଶ୍ରେଣୀଗୃହରେ ସାହିତ୍ୟକୁ ଅନ୍ତର୍ଭୁକ୍ତ କରି ଶିକ୍ଷକମାନେ ଭାଷା ଦକ୍ଷତା ବୃଦ୍ଧି କରିପାରିବେ ଏବଂ ସାଂସ୍କୃତିକ ବୁଝାମଣାକୁ ଗଭୀର କରିପାରିବେ । ସାହିତ୍ୟ ହେଉଛି ଏକ ସମାଜର ସଂସ୍କୃତିର ଏକ ପ୍ରମୁଖ ଦିଗ ଏବଂ ସାହିତ୍ୟର ମାଧ୍ୟମ ମଧ୍ୟ ଭାଷା । ଲିଖିତ ସାହିତ୍ୟ କେବଳ ଏହାର ଅଞ୍ଚଳ ଏବଂ ସମାଜର ସଂସ୍କୃତିର ପରିଚୟ ଦେଇନଥାଏ, ଭାଷା ଏହାର ଶବ୍ଦ, ଶବ୍ଦକୋଷ, ଢ଼ଗ ଇତ୍ୟାଦି ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତିର ପରିଚୟକୁ ମଧ୍ୟ ସ୍ପଷ୍ଟ କରିଥାଏ । ସାଂସ୍କୃତିକ ମାନ୍ୟତାଗୁଡିକୁ ଏଭଳି ମାନ୍ୟତା ଭାବରେ ବ୍ୟାଖ୍ୟା କରାଯାଇଛି ଯାହା ସାଧାରଣତଃ ଏକ ସଂସ୍କୃତିରେ ଜଣାଶୁଣା । ଆମେ ରହୁଥିବା ଆଧୁନିକ ସମାଜରେ ଏହି ବିଶ୍ୱାସଗୁଡ଼ିକ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ତୁମେ କିଏ କିମ୍ବା କେଉଁଠାରୁ ଆସିଛ ସେଥିରେ କିଛି ଗୁରୁତ୍ୱ ନାହିଁ, ତୁମର ସର୍ବଦା ନିଜର ମାନ୍ୟତା ରହିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଷା ଶିକ୍ଷଣରେ ସଂସ୍କୃତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ କାରଣ ଏହା ଯୋଗାଯୋଗର ବିଭିନ୍ନ ଦିଗକୁ ଯଥେଷ୍ଟ ପ୍ରଭାବିତ କରିଥାଏ । ଭାଷା ସଂସ୍କୃତି ସହିତ ଗଭୀର ଭାବରେ ଜଡିତ, ଜାତୀୟ ଚେତନାକୁ ପ୍ରତିଫଳିତ କରେ ଏବଂ ବିଶ୍ୱର ବ୍ୟକ୍ତିବିଶେଷଙ୍କ ଦୃଷ୍ଟିକୋଣକୁ ଆକୃଷ୍ଟ କରେ । ପ୍ରଭାବଶାଳୀ ଯୋଗାଯୋଗ ଏବଂ ଭାଷା ଅର୍ଜନ ପାଇଁ ଏକ ଭାଷା ବ୍ୟବହୃତ ସାଂସ୍କୃତିକ ପ୍ରସଙ୍ଗକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଂସ୍କୃତି ଏବଂ ଭାଷା ମଧ୍ୟରେ ଅବିଚ୍ଛେଦ୍ୟ ସମ୍ପର୍କ ଶିକ୍ଷଣ ଫଳାଫଳକୁ ବଢାଇବା ପାଇଁ ସାଂସ୍କୃତିକ ଶିକ୍ଷାକୁ ଭାଷା ଶିକ୍ଷା ପ୍ରଣାଳୀରେ ଅନ୍ତର୍ଭୁକ୍ତ କରିବାର ଗୁରୁତ୍ୱକୁ ଦର୍ଶାଏ । ଅଧିକନ୍ତୁ, ସାଂସ୍କୃତିକ ଯୋଗାଯୋଗରେ, ବ୍ୟବହାରିକ ନିୟମ ଏବଂ ଯୋଗାଯୋଗ ରଣନୀତିର ପାର୍ଥକ୍ୟ ଦ୍ୱିତୀୟ ଭାଷା ଶିଖିବାରେ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ, ଭାଷା ଶିକ୍ଷାର୍ଥୀମାନଙ୍କୁ ସଂସ୍କୃତି ଶିକ୍ଷା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାଏ । ତେଣୁ, ସାଂସ୍କୃତିକ ଉପାଦାନଗୁଡ଼ିକୁ ଭାଷା ଶିକ୍ଷା ସହିତ ଏକୀକୃତ କରିବା କେବଳ ଭାଷା ବିକାଶକୁ ସହଜ କରେ ନାହିଁ ବରଂ ଭାଷା ଏବଂ ଏହାର ବକ୍ତାମାନଙ୍କ ବିଷୟରେ ଏକ ଗଭୀର ବୁଝାମଣାକୁ ମଧ୍ୟ ବଢ଼ିଥାଏ ।

ବ୍ୟକ୍ତିଗତ ଲେଖକମାନେ ସେମାନଙ୍କର ସମାଜ କିମ୍ବା ସଂସ୍କୃତିର ବିଶ୍ୱାସ, ରୀତିନୀତି, ମୂଲ୍ୟବୋଧ ଏବଂ କାର୍ଯ୍ୟକଳାପ ଦ୍ୱାରା ଅବଶ୍ୟ ପ୍ରଭାବିତ ହୁଅନ୍ତି । ତେଣୁ, ସେମାନଙ୍କର କାହାଣୀଗୁଡିକ ଭଲ ଭାବରେ ବୁଝାଯାଇପାରେ, ଯଦି ଆମେ ସେହି ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ସମୟର ଲୋକଙ୍କ ମନୋଭାବକୁ ଆକୃଷ୍ଟ କରୁଥିବା ଧାରଣା ଏବଂ ଘଟଣାଗୁଡ଼ିକୁ ବିଚାର କରୁ । ଏହି ଡକ୍ୟୁମେଣ୍ଟ ସାହିତ୍ୟକୁ ବିଶ୍ଳେଷଣ କରିବା ପାଇଁ ଅନେକ ସାହିତ୍ୟିକ ଏବଂ ସମାଲୋଚିତ ଆଭିମୁଖ୍ୟ ଦର୍ଶାଏ, ଯେଉଁଥିରେ ସମ୍ମିଳିତ ଅଛି -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଂସ୍କୃତିକ ଆଭିମୁଖ୍ୟ - ସାହିତ୍ୟକୁ ଏକ ସଂସ୍କୃତିର ପରମ୍ପରାର ପ୍ରତିଫଳନ ଭାବରେ ବିବେଚନା କରେ ଏବଂ କାର୍ଯ୍ୟକୁ ଏହାର ସମ୍ପୂର୍ଣ୍ଣ ସାଂସ୍କୃତିକ ପ୍ରସଙ୍ଗରେ ଦେଖେ ।

"ସାହିତ୍ୟିକ ତତ୍ତ୍ୱ", ବେଳେବେଳେ "ସମାଲୋଚନା ତତ୍ତ୍ୱ" କିମ୍ବା "ତତ୍ତ୍ୱ" ଭାବରେ ନାମିତ, ଏବଂ ଯାହା ବର୍ତ୍ତମାନ ସାହିତ୍ୟ ଅଧ୍ୟୟନର ଅନୁଶାସନ ମଧ୍ୟରେ ସାଂସ୍କୃତିକ ତତ୍ତ୍ୱରେ ରୂପାନ୍ତରିତ ହେଉଛି, ଏହାକୁ ଧାରଣା ଭାବରେ ବ୍ୟାଖ୍ୟା କରାଯାଇଛି ଏବଂ ଏହାକୁ ବୌଦ୍ଧିକ ସେଟ୍ ଭାବରେ ବୁଝାଯାଇପାରିବ, ଯେଉଁଥିରେ ସାହିତ୍ୟିକ ଗ୍ରନ୍ଥଗୁଡ଼ିକର ବ୍ୟାଖ୍ୟା କିମ୍ବା ବ୍ୟାଖ୍ୟା କରିବାର କାର୍ଯ୍ୟ ରହିଥାଏ । ସାହିତ୍ୟ ଏବଂ ସାଂସ୍କୃତିକ ଅଧ୍ୟୟନ ଆପଣଙ୍କୁ ସାହିତ୍ୟ, ସଂସ୍କୃତି ଏବଂ ଚିନ୍ତାଧାରାର ଐତିହାସିକ ତଥା ଉଦୀୟମାନ ପରମ୍ପରାକୁ ପ୍ରବେଶ କରିବାକୁ ଦେଇଥାଏ । ଜଟିଳ ବ୍ୟାଖ୍ୟା ଏବଂ ସଂଳାପ ମାଧ୍ୟମରେ, ଆମେ ଦେଖିପାରୁ ଯେ ଭାଷା ମାଧ୍ୟମରେ ମଧ୍ୟସ୍ଥତା କିପରି ସଂଗଠିତ ହୁଏ ଏବଂ ଜାଣିବା ଏବଂ ବଞ୍ଚିବାର ବିଭିନ୍ନ ଉପାୟ ପାଇଁ ଅନୁମତି ଦିଏ । ସାହିତ୍ୟ ହେଉଛି ଏକ ସମାଜର ସଂସ୍କୃତିର ଏକ ପ୍ରମୁଖ ଦିଗ ଏବଂ ସାହିତ୍ୟର ମାଧ୍ୟମ ମଧ୍ୟ ଭାଷା । ଲିଖିତ ସାହିତ୍ୟ କେବଳ ଏହାର ଅଞ୍ଚଳ ଏବଂ ସମାଜର ସଂସ୍କୃତିର ପରିଚୟ ଦେଇନଥାଏ, ଭାଷା ଏହାର ଶବ୍ଦ, ଶବ୍ଦକୋଷ, ଢ଼ଗ ଇତ୍ୟାଦି ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତିର ପରିଚୟକୁ ମଧ୍ୟ ସ୍ପଷ୍ଟ କରିଥାଏ । ପରିଶେଷରେ, ସଂସ୍କୃତି ଏବଂ ସମାଜ ଉପରେ ସାହିତ୍ୟର ବହୁତ ପ୍ରଭାବ ପଡିଥାଏ । ଏହା ସାଂସ୍କୃତିକ ଅଭିବ୍ୟକ୍ତି ପାଇଁ ସ୍ଥାନ ପ୍ରଦାନ କରେ, ବୁଝାମଣାକୁ ଏବଂ ସହାନୁଭୂତିକୁ ପ୍ରୋତ୍ସାହିତ କରେ, ସମାଲୋଚିତ ଚିନ୍ତାଧାରାକୁ ପ୍ରେରଣା ଦିଏ, ସାଂସ୍କୃତିକ ମୂଲ୍ୟବୋଧକୁ ଆକୃଷ୍ଟ କରେ ଏବଂ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବାର ସାମର୍ଥ୍ୟ ରଖିଥାଏ । ସଂସ୍କୃତି ସମାଜର ମାନ୍ୟତା ଗୁଡିକୁ ଏବଂ ମୂଲ୍ୟବୋଧକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତର୍ଭୁକ୍ତ କରେ ଏବଂ ଅନ୍ୟ ପଟେ ସାହିତ୍ୟ ସେମାନଙ୍କୁ ବିଭିନ୍ନ ସାହିତ୍ୟିକ ରୂପରେ ପ୍ରକାଶ କରେ । ତେଣୁ ପରିଶେଷରେ ଏହା ସଂସ୍କୃତିର ଗୌରବକୁ ପରିଣାମ ଆଡକୁ ନେଇଥାଏ । ସାଂସ୍କୃତିକ ଉଦ୍ଦେଶ୍ୟର ସମର୍ଥକଙ୍କ କହିବାନୁସାରେ, ଶିକ୍ଷା ହେଉଛି ମନୁଷ୍ୟ ଏବଂ ତାଙ୍କ ସମାଜର ସାଂସ୍କୃତିକ ଉନ୍ନତିର ଏକ ନିରନ୍ତର ପ୍ରକ୍ରିୟା । ଏହି ପ୍ରକ୍ରିୟା ଅଧୀନରେ, ଜଣେ ମଣିଷ ସାହିତ୍ୟିକ, କଳା, ସାମାଜିକ ଏବଂ ସାଂସ୍କୃତିକ ଅଭିଜ୍ଞତା ହାସଲ କରେ ଏବଂ ନିଜ ସମ୍ପ୍ରଦାୟର ସଭ୍ୟ ତଥା ସଂସ୍କୃତ ନାଗରିକ ଭାବରେ ଗଢ଼ିତୋଳେ । ଏହାହିଁ ହେଉଛି କାରଣ ପ୍ରଗତିଶୀଳ ସାହିତ୍ୟରେ ଭାଷା ଏବଂ ସଂସ୍କୃତିର ଏକ ଅମୋଘ ଭୂମିକା ରହିଛି । ପ୍ରଗତିଶୀଳ ସାହିତ୍ୟର ପ୍ରଗତିର କ୍ରମରେ ଲେଖାଯାଇଥିବା ସାହିତ୍ୟ ମଧ୍ୟରୁ ଆମେ ମଧ୍ୟ ଭାଷା ଏବଂ ସଂକୃତିର ବିକାଶର ଧାରାବାହିକତାକୁ ଚିହ୍ନିପାରିବା । ପ୍ରଗତିଶୀଳ ସାହିତ୍ୟର ଧାରା ମଧ୍ୟ ଐତିହାସିକ, ଯାହା ମାଧ୍ୟମରେ ଆହୁରି ଉନ୍ନତ ସାହିତ୍ୟର ବିକାଶ ହୋଇଥାଏ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର, ଯାଜପୁର

୯୦୩୪୮୭୬୮୧୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଓଡ଼ିଆ ଜାତିର ଗର୍ବ - ପ୍ରଭୁ ଶ୍ରୀଜଗନ୍ନାଥ

ପ୍ରହ୍ଲାଦ ସାହୁ



ସଚରାଚର ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ ଅଟନ୍ତି । ସେ କେବଳ ଓଡ଼ିଆ ଜାତିର ବଡ଼ଠାକୁର ନୁହଁନ୍ତି, ବରଂ ସାରା ଜଗତକୁ ପ୍ରତିପାଳନ କରୁଥିବା ବଡଠାକୁର ବା ବଡଦିଅଁ ଭାବେ ସର୍ବବିଦିତ । ସେ ପ୍ରତ୍ୟକ୍ଷ ଦେବତା ଅଟନ୍ତି । ସେ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ପୂର୍ଣ୍ଣତାର ସିଦ୍ଧାନ୍ତ । ସେ ଅଦୃଶ୍ୟରେ ଦୃଶ୍ୟମାନ । ସେ ଭାବର ଠାକୁର । ଭକ୍ତ ଯାହା ଭାବୁଥାଏ, ତାର ମନ କଥାକୁ ସେ ବୁଝିପାରନ୍ତି । ଭକ୍ତ ଯାହା କହୁଥାଏ ସେ ଶୁଣି ପାରନ୍ତି ।

ଏହି ଜଗନ୍ନାଥ ଧାମର ବିଶେଷତ୍ୱ ହେଉଛି, ଏହା ସର୍ବଧର୍ମ ସମନ୍ୱୟର ପ୍ରତୀକ । ଏଠାକୁ ଯେ ଥରେ ଆସିଛି, ସେ ଖାଲି ହାତରେ ଫେରିନାହିଁ ।

ପ୍ରଭୁ ଜଗନ୍ନାଥଙ୍କ ଅପାର ମହିମା ଯୁଗେ ଯୁଗେ ବିଖ୍ୟାତ । ସାରା ବିଶ୍ୱର ଧର୍ମ ପୀଠ ଠାରୁ ଭିନ୍ନତମ ଅଟେ ଜଗନ୍ନାଥଙ୍କ ଧାମ । ଚାରିଧାମ ମଧ୍ୟରୁ ଜଗନ୍ନାଥ ଧାମ ଅନ୍ୟତମ । ଏହି ଧାମର ଅନେକ ବୈଶିଷ୍ଟ୍ୟ ଅଛି ଯାହା ଅନ୍ୟ ଧାମରେ ଦେଖିବାକୁ ମିଳେନାହିଁ ।

ଶୀଜଗନ୍ନାଥ ହେଉଛନ୍ତି ଏକମାତ୍ର ଶୂନ୍ୟ ପୁରୁଷ ଏବଂ ପ୍ରଭୁ ଶୀଜଗନ୍ନାଥ ଶୂନ୍ୟର ପ୍ରତୀକ ଅଟନ୍ତି ।

ଶ୍ରୀଜଗନ୍ନାଥଙ୍କୁ ବାସ୍ତୁ ପୁରୁଷ କୁହାଯାଇଥାଏ । ଶ୍ରୀମନ୍ଦିରର ବାସ୍ତୁ ଅଖଣ୍ଡ ଭାରତର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୃଦ୍ଧିର ପରିଚାୟକ, ଅଗ୍ନି କୋଣରେ ଶ୍ରୀ ମନ୍ଦିର ଅବସ୍ଥିତ ।

ଶ୍ରୀ ଅର୍ଥାତ୍ ଦେବୀ ମହାଲକ୍ଷ୍ମୀ । ଶ୍ରୀ ହିଁ ସେହି କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ଯଦ୍ୱାରା କେବେ ହେଲେ ଶିରୀ ଛାଡି ଯାଆନ୍ତି ନାହିଁ । ତେଣୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଶ୍ରୀମନ୍ଦିର ଭାବେ ପରିଚିତ । ଶ୍ରୀ ମୟ ଏହି ଧାମ । ଧନ ଧାନ୍ୟ, ଗୋପ, ଲକ୍ଷ୍ମୀଙ୍କ ଦ୍ୱାରା ଭରପୁର ଏହି ଧାମ ।

ଏହି ଧାମର ଅଧିଷ୍ଠିତ ଦେବାଦେବୀ ଅନ୍ୟ ଦେବାଦେବୀଙ୍କ ଠାରୁ ଭିନ୍ନ । ଦିଅଁଙ୍କର ଅବୟବ ଗଠନ ଶୈଳୀ ଅନ୍ୟ ଦେବାଦେବୀଙ୍କ ଠାରୁ ଭିନ୍ନ ଅଟେ । ଦାରୁ ଦେବତା ଭାବେ ଯେଉଁ ଖ୍ୟାତି ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କର ରହିଛି ତାହା ପୃଥିବୀରେ ଅନ୍ୟତ୍ର ପ୍ରାୟତଃ ଦୁର୍ଲଭ ଅଟେ । ନିଜେ ସୃଷ୍ଟିକର୍ତ୍ତା ନିଜକୁ ହିଁ ଗଢିଥିଲେ । କିମ୍ବଦନ୍ତୀରୁ ଅନୁମେୟ ଯେ, ମହାରାଣୀ ଏକୋଇଶ ଦିନ ଅପେକ୍ଷା କରିନପାରି ଦିଅଁ ଗଢାଯାଉଥିବା ଘରର ଦୁଆର ଖୋଲିଦେବାରୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଦିଅଁ ଦେଖିବାକୁ ପାଇଲେ ଏବଂ ସେହିଦିନ ଠାରୁ ଏମିତି ଅଧାଗଢା ମହାପ୍ରଭୁ ଏହି ଶ୍ରୀମନ୍ଦିରରେ ପୂଜା ପାଇଆସୁଛନ୍ତି ।

ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଏକମାତ୍ର ଦେବତା, ଯାହାଙ୍କର ଚକ୍ଷୁ ଚକ ପରି ଗୋଲ, ଚକ୍ଷୁରେ ପତା ନାହିଁ, ଚକ୍ଷୁ କେବେ ବି ମୁଦ୍ରିତ ହୁଏ ନାହିଁ । ତାଙ୍କର ଠାଣି ବିଚିତ୍ର । ଯାହାଙ୍କର ହସ୍ତ, ପଦ ଅସମ୍ପୂର୍ଣ୍ଣ । ହାତ ନଥାଇ ସେ ସବୁ ଦେଇ ଦିଅନ୍ତି । ପାଦ ନଥାଇ ବିଶ୍ୱବ୍ରହ୍ମାଣ୍ଡ ପ୍ରଦକ୍ଷିଣ କରିପାରନ୍ତି । ସେ ଅସମ୍ପୂର୍ଣ୍ଣ ଭିତରେ ପୂର୍ଣତାର ପୂର୍ଣ୍ଣବ୍ରହ୍ମ । ସେ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ପୂର୍ଣ୍ଣତ୍ୱ ପ୍ରାପ୍ତିର ଧାମ ଭାବରେ ତାଙ୍କ ଧାମ, ଜଗନ୍ନାଥ ଧାମ ସାରା ବିଶ୍ୱରେ ପ୍ରସିଦ୍ଧ ।

ଯେଉଁ ବର୍ଷ ଯୋଡ଼ା ଆଷାଢ଼ ପଡ଼ିଥାଏ ସେହି ବର୍ଷ ଶ୍ରୀଜଗନ୍ନାଥ ଏକମାତ୍ର ଦେବତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିଏ ଘଟ ପରିବର୍ତ୍ତନ କରିଥାନ୍ତି, ଯାହା ଅନ୍ୟ ଧାମରେ ଏ ପରମ୍ପରା ନାହିଁ । ଏହି ବିଶେଷ ରୀତି ନିତୀକୁ ନବକଳେବର କୁହାଯାଇଥାଏ ।

କେବଳ ଗୋଟିଏ ଧାମ, ଜଗନ୍ନାଥ ଧାମରେ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ନିଜ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ଶ୍ରୀବଳଭଦ୍ରଙ୍କ ସହ ପୂଜା ପାଆନ୍ତି । ପ୍ରାୟତଃ ସମସ୍ତ ଧର୍ମ କ୍ଷେତ୍ରରେ ଭଗବାନ ଏକାକୀ କିମ୍ବା ନିଜ ସହଧର୍ମିଣୀଙ୍କ ସହ ପୂଜା ପାଉଥିବାର ଦେଖିବାକୁ ମିଳେ ।

ସମଗ୍ର ବିଶ୍ୱରେ ଶ୍ରୀଜଗନ୍ନାଥ ହିଁ ଏକମାତ୍ର ଲିଙ୍ଗବିହୀନ ଠାକୁର । ଜଗନ୍ନାଥ ପୁରୁଷବାଚକ ଶବ୍ଦ ହୋଇ ମଧ୍ୟ ପ୍ରକୃତରେ ସେ କୌଣସି ନିର୍ଦ୍ଧିଷ୍ଟ ଲିଙ୍ଗର ସୁଚକ ନୁହଁନ୍ତି । ତେଣୁ ସେ ପୂର୍ଣ୍ଣବ୍ରହ୍ମ, ପରମବ୍ରହ୍ମ, ପରମାତ୍ମା ଓ ଜଗତମୟ ଅଟନ୍ତି ।

ଶ୍ରୀଜଗନ୍ନାଥ ନବଗ୍ରହଙ୍କ ସମନ୍ୱୟର ପ୍ରତୀକ । ପ୍ରଭୁ ଜଗନ୍ନାଥ ହିଁ ନବଗ୍ରହ, ସମ୍ପୂର୍ଣ୍ଣ ରାଶିଚକ୍ର ଓ ନକ୍ଷତ୍ର ମଣ୍ଡଳ । ତିନି ଠାକୁର ଅର୍ଥାତ୍ ଲଗ୍ନ, ରାଶି ଓ ନକ୍ଷତ୍ର ଅଟନ୍ତି ।

ମଣିଷ ପରି ସେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଚନ୍ଦନ ପୂର୍ଣ୍ଣମୀରେ ଚାପ ଖେଳି ଏକ ଅଦ୍ଭୁତ, ଅଲୌକିକ ଲୀଳା ଶ୍ରୀଜଗନ୍ନାଥଙ୍କର ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥାଏ ।

ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ମନୁଷ୍ୟ ପରି ସେ ମଧ୍ୟ ନିଜକୁ କଷ୍ଟ ଦେଇ ୧୫ଦିନ ଜ୍ୱରରେ ପୀଡିତ ହୋଇ ଅନବସର/ଅଣସର ଗୃହରେ ରୁହନ୍ତି । ଯେଉଁଠାରେ କି ଆଦ୍ୟ ସେବକ ବା ଅଙ୍ଗଲାଗି ସେବକମାନଙ୍କ ଦ୍ୱାରା ସେବା ପୂଜା ହୋଇଥାଏ ଓ ସ୍ୱତନ୍ତ୍ର ଶୈଳୀ ଯାହାକୁ ଗୁପ୍ତସେବା ବୋଲି କୁହାଯାଏ । ଏହି ସମୟରେ ଚତୁର୍ଦ୍ଧା ମୂର୍ତ୍ତିକୁ ଅନ୍ନ ବ୍ୟଞ୍ଜନ ପରିବର୍ତ୍ତେ ସ୍ୱତନ୍ତ୍ର ଭୋଗ ଦିଆଯାଇଥାଏ ।

ଅଧିକାଂଶ ଧର୍ମ ପୀଠରେ ଠାକୁରଙ୍କୁ ବର୍ଷସାରା ଦର୍ଶନ କରିବାର ସୁଯୋଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳିଥାଏ । କିନ୍ତୁ ଜଗନ୍ନାଥ ଧାମର ଠାକୁର ପ୍ରତ୍ୟେକ ବର୍ଷ ଘୋଷଯାତ୍ରାର ପନ୍ଦର ଦିନ ପୂର୍ବରୁ ଅଣସର ଯାଆନ୍ତି, ଯେଉଁଥିପାଇଁ ଅନେକ ଲୋକ ଏହି ସମୟରେ ଦର୍ଶନରୁ ବଞ୍ଚିତ ହୁଅନ୍ତି ।

ମହାପ୍ରଭୁ, ଭକ୍ତବତ୍ସଳ ବଡଠାକୁର ଶ୍ରୀଜଗନ୍ନାଥ ଆଷାଢ଼ ମାସର ଦ୍ୱିତୀୟ ତିଥିରେ ନିଜର ରତ୍ନ ସିଂହାସନ, ଷାଠିଏ ପଉଟି ଏବଂ ଅନ୍ୟ ସବୁ ମୋହ ଛାଡ଼ି ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି ଭକ୍ତ ମାନଙ୍କ ନିକଟକୁ । ରଥାରୂଢ଼ ହୋଇ ଭକ୍ତ ମାନଙ୍କ ସହ ମିଶିଯାଆନ୍ତି ଏବଂ ସ୍ୱଛନ୍ଦରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି ।

ସାରା ବିଶ୍ୱର ଏକମାତ୍ର ଠାକୁର ଯେ ନିଜ ଭାଇ, ଭଉଣୀଙ୍କ ସହିତ ମାଉସୀ ମାଆ ଘର ଶ୍ରୀଗୁଣ୍ଡିଚା ବର୍ଷର ଥରେ ବୁଲି ଯାଆନ୍ତି ଏବଂ ସେଠାରେ ନଅ ଦିନ ରହି ମାଉସୀ ମାଆର ହାତ ରନ୍ଧା ବ୍ୟଞ୍ଜନ, ପୋଡ଼ପିଠା ଇତ୍ୟାଦି ଖିରି, ପୁରି ସହିତ ଖାଇ ପୁଣି ଶ୍ରୀମନ୍ଦିର ଫେରିଆସନ୍ତି ।

ଯେହେତୁ ନବମ ହେଉଛି ଏକମାତ୍ର ପୂର୍ଣ୍ଣସଖ୍ୟା ଜଗନ୍ନାଥଙ୍କ ସଂସ୍କୃତି ପୂର୍ଣ୍ଣତାର ପରିଭାଷା । ଏଣୁ ଶ୍ରୀଜଗନ୍ନାଥଙ୍କର ନବଦିନ ବ୍ୟାପୀ ଘୋଷଯାତ୍ରା ପୂର୍ଣ୍ଣତାର ପ୍ରତୀକ ଅଟେ ।

ଶ୍ରୀକ୍ଷେତ୍ରକୁ ବହୁ ଋଷି, ସାଧୁ, ସନ୍ଥ ଆସି ସେମାନଙ୍କର ଆଧ୍ୟାତ୍ମିକ ସାଧନା ସଫଳ କରି ସାରା ବିଶ୍ୱରେ ଜଗନ୍ନାଥଙ୍କ ମୂଳତତ୍ତ୍ୱ ପ୍ରଚାର କରିଯାଇଛନ୍ତି । ବିଭିନ୍ନ ଧର୍ମର ସମନ୍ନୟ ଏଠାରେ ଦେଖିବାକୁ ମିଳିଥାଏ । ତେଣୁ ସେ ସର୍ବଧର୍ମର ସମନ୍ୱୟ ।

ଜଗନ୍ନାଥ ହିଁ ପ୍ରଥମ ଗଣଦେବତା, ଯେଉଁ ପୀଠରେ ରହିଛି ଗଣତନ୍ତ୍ରର ମୂଳତତ୍ତ୍ୱ । ଏହାର ଲକ୍ଷ୍ୟ ହେଲା ସମାନତା ବା ସମସ୍ତଙ୍କର ସମାନ ଅଧିକାର, ଯାହା ଘୋଷଯାତ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟରେ ଦେଖାଦେଇଥାଏ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଗଣତନ୍ତ୍ର ଓ ସମାନତାର ସୂତ୍ରଧର ମଧ୍ୟ କୁହାଯାଏ । ସାମାଜିକ ମୂଲ୍ୟବୋଧର ପ୍ରତୀକ ଶ୍ରୀଜଗନ୍ନାଥ । ସମାଜରେ ଘଟୁଥିବା ସମସ୍ତ ଘଟଣ ଓ ଅଘଟଣର ମୂକସାଖି ସେ । ଭକ୍ତର ଭକ୍ତି ଓ କର୍ମ ଅନୁସାର ସେ ଫଳ ଦିଅନ୍ତି ।

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାର ଶ୍ରୀଜଗନ୍ନାଥ ମନ୍ଦିରରେ ବିଭିନ୍ନ ସେବା ଲାଗି ନିଯୁକ୍ତ ସେବାକାରୀ ସେବକ ନାମରେ ଜଣା । ଶ୍ରୀମନ୍ଦିରର ଦୈନନ୍ଦିନ ନୀତି ସଂପାଦନ କରିବା ପାଇଁ ୧୨୦ ପ୍ରକାର ସେବା ରହିଅଛି ।

ଶ୍ରୀମନ୍ଦିରର ସେବକମାନେ ଦେବତାଙ୍କର ଭିନ୍ନ ଭିନ୍ନ ନୀତି କରିବା ଅନୁସାରେ ୩୬ଟି ଶ୍ରେଣୀରେ ବିଭକ୍ତ ହୋଇଥିବାରୁ ସେମାନଙ୍କୁ ଛତିଶା ନିଯୋଗ ବୋଲାଯାଏ । ତାଙ୍କର ଛତିଶି ପାଟକ ସେବାର ପ୍ରତିନିଧିତ୍ୱ କରନ୍ତି ଛତିଶା ନିଯୋଗ ।

ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ବିପୁଳ ପରିମାଣରେ ପ୍ରାୟ ୮୪ ପ୍ରକାରର ଭୋଗ ନୈବେଦ୍ୟ ହୁଏ । ଏହାକୁ ସାଧାରଣରେ "ମକର ଚଉରାଶି " ଭୋଗ ନାମରେ ଅଭିହିତ କରାଯାଇଛି । ବର୍ଷକରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିରରେ ସର୍ବାଧିକ ସଂଖ୍ୟକ ଭୋଗ ପଦାର୍ଥ ପ୍ରସ୍ତୁତ ହେବାର ପରମ୍ପରା ଅଛି ।

ଶ୍ରୀଜଗନ୍ନାଥ ଭକ୍ତମାନଙ୍କ ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବେଶ ଧାରଣ କରିଥାନ୍ତି, ତନ୍ମଧ୍ୟରୁ ଅବକାଶ (ତଡ଼ପ ଉତ୍ତରୀ) ବେଶ, ବଡ଼ସିଂହାର ବେଶ, ଗଣପତି ବେଶ ବା ହାତୀ ବେଶ, ରାଜବେଶ ବା ସୁନାବେଶ, ବଣଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ-ବଳରାମ ବେଶ, ବାମନ ବେଶ, ରାଧା-ଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, ତ୍ରିବିକ୍ରମ (ଆଡ଼କିଆ) ବେଶ, ଲକ୍ଷ୍ମୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୃସିଂହ (ଡାଳିକିଆ) ବେଶ, ଶ୍ରାଦ୍ଧ ବେଶ, ନାଗାର୍ଜୁନ ବେଶ, ଘୋଡ଼ଲାଗି ବେଶ, ଚାଚେରୀ ବେଶ, ପଦ୍ମ ବେଶ, ଗଜ ଉଦ୍ଧାରଣ ବେଶ, ରଘୁନାଥ ବେଶ, ଚନ୍ଦନ ବେଶ, ମକରଚୌରାସୀ ବେଶ ଅନ୍ୟତମ

ପ୍ରଭୁ ଶ୍ରୀଜଗନ୍ନାଥ ଦିନକ ମଧ୍ୟରେ ୫ଥର ଭୋଗ ପାଇଥାନ୍ତି । ସମଗ୍ର ଭାରତବର୍ଷରେ ୫୬ ଭୋଗଖିଆ ଠାକୁର ଭାବେ ବିଦିତ । ଷୋଡ଼ଶ ଉପଚାର ଓ ପଞ୍ଚୋପଚାରରେ ଭୋଗ ଖାଇଥାନ୍ତି ।

ସବୁ ଧର୍ମ କ୍ଷେତ୍ରରେ ଠାକୁରଙ୍କୁ ଅର୍ପିତ ନୈବେଦ୍ୟ ପ୍ରସାଦ ଭାବରେ ପରିଚିତ ହେଲାବେଳେ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମହାପ୍ରସାଦ ଭାବେ ଖ୍ୟାତି ଅର୍ଜନ କରିଅଛି ।

ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ଯେତେ କହିଲେ ବି ଶେଷ ହେବନାହିଁ । ସେ ଏମିତି ଠାକୁର ତାଙ୍କୁ ବର୍ଣ୍ଣନା କରିବା ଆମ ପକ୍ଷେ ଅସମ୍ଭବ । ସେ ଅବର୍ଣ୍ଣନୀୟ, ଅବିଦିତ, ଅଦ୍ୱୈତ, ଅଣାକାର, ଅରୂପ। ସେ ଅନ୍ତର୍ଯାମୀ ।

ଜୟ ଜଗନ୍ନାଥ !

ଆର ଜେଡ - ୩୯,

ଜୈନ କଲୋନି, ଉତ୍ତମ ନଗର,

ନିୟୁଦିଲ୍ଲୀ, ୧୧୦୦୫୯

ମୋବାଇଲ : ୯୫୪୦୫୩୧୨୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପରିବେଶ ପ୍ରଦୁଷଣ ଓ ଆମେ

ଶଙ୍କର ବିଶ୍ୱାଳ



## ସାମ୍ପ୍ରତିକ ପରିସ୍ଥିତିରେ ପାରିବେଶିକ ଅପଚୟ ଏକ ଚିନ୍ତାର କାରଣ

ଆମର ଭବିଷ୍ୟତ ପିଢି ପାଇଁ ନିରନ୍ତର ଜୀବନ ଅବସ୍ଥା ନିଶ୍ଚିତ କରିବାକୁ ଆମେ ଆମର ଜାତୀୟ ସମ୍ବଳକୁ ପ୍ରଦୂଷିତ କରିବା ଏବଂ ଚ୍ୟାଲେଞ୍ଜ କରିବା ବନ୍ଦ କରିବା ଉଚିତ୍ । ଅଣ-ପାରମ୍ପାରିକ ଶକ୍ତି ଉତ୍ସଗୁଡିକର ବ୍ୟବହାରକୁ ଉତ୍ସାହିତ କରାଯିବା ଉଚିତ୍ ।

ଜୀବାଶ୍ମ ଇନ୍ଧନ ବ୍ୟବହାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉପରେ କଡା ନିୟମ ଲାଗୁ କରାଯିବା ଉଚିତ୍ । ଗ୍ଲୋବାଲ ୱାର୍ମିଂ ବିପଦରୁ ଆମ ପରିବେଶକୁ ବଞ୍ଚାଇବା ପାଇଁ ଆମକୁ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡିବ ।

ଆମେ ପ୍ରକୃତରେ ପରିବେଶର ପ୍ରକୃତ ମୂଲ୍ୟ ବୁଝିପାରୁ ନାହୁଁ । କିନ୍ତୁ ଆମେ ଏହାର କିଛି ମହତ୍ତ୍ୱ ଅନୁମାନ କରିପାରିବା ଯାହା ଆମକୁ ଏହାର ମହତ୍ତ୍ୱ ବୁଝିବାରେ ସାହାଯ୍ୟ କରିବ । ଜୀବଜନ୍ତୁଙ୍କୁ ପରିବେଶରେ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ବିଜ୍ଞାନ ସମ୍ମତ ସ୍ୱଚ୍ଛତା

ଲୋକମାନେ ପୃଥିବୀର ସବୁଠାରୁ ବୁଦ୍ଧିମାନ ପ୍ରାଣୀ ଭାବରେ ପରିଗଣିତ ହୁଅନ୍ତି, ଯେଉଁମାନେ ବ୍ରହ୍ମାଣ୍ଡରେ ନୂତନ ଜିନିଷ ଶିଖିବାକୁ ସକ୍ଷମ ଅଟନ୍ତି ଯାହା ସେମାନଙ୍କୁ ବୈଷୟିକ ପ୍ରଗତିକୁ ନେଇପାରେ । ଏହା ବିନା ଅର୍ଥରେ ଅର୍ଥନୀତି ପାଇଁ ବୈଷୟିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିକାଶରେ ଅନେକ ଲାଭ ଅଛି କିନ୍ତୁ ଏହା ଆମ ପରିବେଶକୁ ଧୀରେ ଧୀରେ ନଷ୍ଟ କରିଦିଏ । ଆମ ଜୀବନକୁ ଉନ୍ନତ କରିବା ପାଇଁ ଆମେ ଟେକ୍ନୋଲୋଜି ଏବଂ ବିଜ୍ଞାନର ବିକାଶ କରୁ କିନ୍ତୁ ନିକଟ ଭବିଷ୍ୟତରେ ଆମକୁ ଘେରି ରହିଥିବା ସବୁକିଛି ନଷ୍ଟ କରିପାରେ ବୋଲି ଆମେ ଭାବିବାରେ ପଡୁନାହୁଁ । ବିନାଶକାରୀ ମାନବ କାର୍ଯ୍ୟକଳାପ ପରିବେଶ ଉପରେ ଅନେକ ପ୍ରତିକୂଳ ପ୍ରଭାବ ପକାଇଥାଏ । ପ୍ରଦୂଷଣର ପ୍ରଭାବ ଭୟଙ୍କର ଅଟେ । ଆମ ଗ୍ରହକୁ ସମସ୍ତ ଜୀବଜନ୍ତୁଙ୍କ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଏକ ସୁରକ୍ଷିତ ସ୍ଥାନ କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରଦୂଷଣ ଏବଂ ଏହାର ପ୍ରତିରୋଧର ସମସ୍ତ ସମ୍ଭାବ୍ୟ ଉପାୟ ଅନୁସନ୍ଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

### ଜଳ ସ୍ୱଚ୍ଛତା

ଆଜିକାଲି ଜଳ ପ୍ରଦୂଷଣ ହେଉଛି ଏକ ପ୍ରମୁଖ ସମସ୍ୟା । ଅନେକ ଅଳିଆକୁ ସିଧାସଳଖ ପାଣିରେ ଫୋପାଡି ଦିଆଯାଏ । ଅଧିକନ୍ତୁ, ଅନେକ କାରଖାନା, ମିଲ୍ ଏବଂ ଉଦ୍ଭିଦଗୁଡିକ ବିଶୋଧିତ ଶିଳ୍ପ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ପଦାର୍ଥକୁ ଜଳ ଶରୀରରେ ନିର୍ଗତ କରନ୍ତି । ଜଳ ମଧ୍ୟ ସାର ଏବଂ କୀଟନାଶକ ଦ୍ୱାରା ପ୍ରଦୂଷିତ ହୁଏ ଯାହା କୃଷିରେ ବହୁଳ ଭାବରେ ବ୍ୟବହୃତ ହୁଏ । ଜୀବନ୍ତ ପରିବେଶର ପ୍ରଦୂଷଣ ସମଗ୍ର ପ୍ରାକୃତିକ ଇକୋସିଷ୍ଟମର ମୃତ୍ୟୁକୁ ନେଇଥାଏ । ଅଳିଆ ବ୍ୟବହାର ପାଇଁ ଅନେକ ପନ୍ଥା ଅଛି କିନ୍ତୁ ଅଧିକାଂଶ ଗରିବ ଦେଶମାନଙ୍କରେ ଏହିପରି ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରବର୍ତ୍ତନ ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ ।

### ବାୟୁ ସ୍ୱଚ୍ଛତା

ବାୟୁ ପ୍ରଦୂଷଣ ହେଉଛି ଅନ୍ୟ ଏକ ମାନବିକତାର ଆହ୍ୱାନ । କ୍ଷତିକାରକ ଯାନବାହାନ ଏବଂ ଶିଳ୍ପ ଧୂଆଁର ଅନିୟନ୍ତ୍ରିତ ମୁକ୍ତ ହେତୁ ଆମେ ନିଶ୍ୱାସ ନେଉଥିବା ବାୟୁ ଦୂଷିତ ହୋଇଛି । ଜଳୁଥିବା ଇନ୍ଧନ, ନାଇଟ୍ରୋଜେନ୍ ଅକ୍ସାଇଡ୍, ସଲଫର୍

Listen to Odia Podcast Original at https://youtube.com/@drjyotiprasad

ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଏବଂ ରାସାୟନିକ ବାଷ୍ପ ବାୟୁର ପ୍ରମୁଖ ପ୍ରଦୂଷକ । ସଲଫର୍ ଡାଇଅକ୍ସାଇଡ୍ ଏବଂ କାର୍ବନ ଡାଇଅକ୍ସାଇଡ୍ ଗ୍ଲୋବାଲ୍ ୱାର୍ମିଂ ନାମକ ଏକ ପରିସ୍ଥିତି ସୃଷ୍ଟି କରେ ଯେତେବେଳେ ବିକିରଣ ଅବଶୋଷିତ ହୁଏ ଯେତେବେଳେ ଉତ୍ତାପରୁ ରକ୍ଷା ପାଇଥାଏ । ଆମ ପରିବେଶ ମଧ୍ୟ ଶବ୍ଦ ପ୍ରଦୂଷଣରେ ପୀଡିତ, ଯାହା ଲୋକ ଏବଂ ବନ୍ୟ ପ୍ରଜାତି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଗ୍ରହରେ ଆମର ଅସ୍ତିତ୍ୱ ସମ୍ଭବ କରିବାରେ ପରିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଆମେ ବ୍ୟବହାର କରୁଥିବା ସମସ୍ତ ଜିନିଷ ପରିବେଶ ଅଧୀନରେ ଆସେ । ଆମେ କେବଳ ବାୟୁ, ଜଳ, ସ୍ଥଳ, ସୂର୍ଯ୍ୟ କିରଣ, ପ୍ରାଣୀ ଏବଂ ଅନ୍ୟାନ୍ୟ ପ୍ରାକୃତିକ ଜିନିଷ ବିନା ବଞ୍ଚିପାରିବା ନାହିଁ । ପରିବେଶ ପ୍ରଦୂଷଣ ଆମ ଜୀବନକୁ ଶାରୀରିକ, ଭାବନାତ୍ମକ, ସାମାଜିକ, ଅର୍ଥନୈତିକ ଏବଂ ବୈଦ୍ଧିକ ଭାବରେ ପ୍ରଭାବିତ କରୁଛି । ଏହା ବିଶ୍ୱର ଏକ ପ୍ରମୁଖ ପ୍ରସଙ୍ଗ ହୋଇପାରିଛି ଯାହା ଗୋଟିଏ ପ୍ରୟାସ ଦ୍ୱାରା ସମାଧାନ ହୋଇପାରିବ ନାହିଁ । ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ଅସ୍ତିତ୍ୱକୁ ଶେଷ ନକରିବା ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିବା ଉଚିତ୍ । ଆମ ଗ୍ରହର ପ୍ରତ୍ୟେକ ବ୍ୟକ୍ତି ଆମ ପରିବେଶକୁ ବଞ୍ଚାଇବା ଏବଂ ଏହାର ମୌଳିକତା ବଜାୟ ରଖିବା ପାଇଁ ଟିକିଏ ପଦକ୍ଷେପ ନେବା ଉଚିତ୍ । ଆମେ ଜଳ ଅପଚୟକୁ ହ୍ରାସ କରିବା, ଶକ୍ତି ସଞ୍ଚୟ କରିବା, ରିଚାର୍ଜ ଯୋଗ୍ୟ ବ୍ୟାଟେରୀ ବ୍ୟବହାର କରିବା, ଆମର ପୁରୁଣା ଜିନିଷକୁ ନୂତନ ଉପାୟରେ ପୁନଃ ବ୍ୟବହାର କରିବା ଏବଂ ବର୍ଜ୍ୟବସ୍ତୁକୁ କେବଳ ନିଜ ସ୍ଥାନରେ ପକାଇବା ଉଚିତ୍ । ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ପରିବେଶର ଉପାଦାନଗୁଡିକ ବ୍ୟବହାର କରନ୍ତି ।

## ଅର୍ଥନୈତିକ ସ୍ୱଚ୍ଛତା

ଅର୍ଥନୈତିକ ବର୍ଜ୍ୟବସ୍ତୁ "ହେଉଛି ଏକ ଆଇନଗତ ସୁରକ୍ଷା ଯାହା ଏକ ତ୍ରୁଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଧାରିବା ପାଇଁ ଆର୍ଥିକ ସମ୍ବଳର ଅନାବଶ୍ୟକ ବ୍ୟବହାରକୁ ରୋକିଥାଏ । ରଙ୍ଗୀନ ଇଟା ଏବଂ ମୋର୍ଟାର ସହିତ, କଣ୍ଟ୍ରାକ୍ଟର ନିଶ୍ଚିତ ଭାବରେ ଇଟାକୁ ଅପସାରଣ ଏବଂ ବଦଳାଇବା ଉଚିତ୍ କି ? ଯଦି ମୋର୍ଟାରଟି କେବଳ ରଙ୍ଗୀନ ନୁହେଁ ବରଂ ଗଠନମୂଳକ ଦୁର୍ବଳ ମଧ୍ୟ ହେବ ? ଅର୍ଥନୈତିକ କ୍ଷତି ହେଉଛି ଏକ ଶବ୍ଦ ଯେତେବେଳେ ବ୍ୟକ୍ତି କିମ୍ବା ସଂସ୍ଥା ଟଙ୍କା ହରାନ୍ତି ପରିସ୍ଥିତିକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ । ଏହି ଶବ୍ଦ ଆର୍ଥିକ କ୍ଷତିକୁ ଅନ୍ତର୍ଭୁକ୍ତ କରେ ଯାହା ସାଧାରଣତଃ ଏକ ବାଲାନ୍ସ ସିଟ୍ କିମ୍ବା ଅନ୍ୟାନ୍ୟ ଆର୍ଥିକ ବିବରଣୀରେ ଦେଖାଯାଏ । ଆବର୍ଜନା ଅର୍ଥନୀତିର ଅଂଶ - ଏହା ବ୍ୟବସାୟ, ସରକାରୀ ଏବଂ ପରିବାର ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପର ଏକ ଉପ-ଉତ୍ପାଦ (ଉତ୍ପାଦନ) ଅଟେ । ବସ୍ତୁ କିମ୍ବା ଶକ୍ତି ପୁନରୁଦ୍ଧାର ମାଧ୍ୟମରେ ବର୍ଜ୍ୟବସ୍ତୁ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ କାର୍ଯ୍ୟଦକ୍ଷତା ସୃଷ୍ଟି କରେ ।

## ରାଜନୈତିକ ସ୍ୱଚ୍ଛତା

ଲୋକମାନେ ମଧ୍ୟ ପଚାରନ୍ତି ।

ଭାରତର ରାଜନୈତିକ ପରିସ୍ଥିତି କ'ଣ ?

ଭାରତରେ ଏକ ସଂଘୀୟ ସରକାର ଅଛି, ତେଣୁ ପ୍ରତ୍ୟେକ ରାଜ୍ୟର ମଧ୍ୟ ନିଜସ୍ୱ ସରକାର ଅଛି । ପ୍ରତ୍ୟେକ ରାଜ୍ୟର କାର୍ଯ୍ୟନିର୍ବାହୀ ହେଉଛନ୍ତି ରାଜ୍ୟପାଳ (ଭାରତର ରାଷ୍ଟ୍ରପତିଙ୍କ ସହ ସମାନ), ଯାହାର ଭୂମିକା ଆନୁଷ୍ଠାନିକ ଅଟେ। ପ୍ରକୃତ ଶକ୍ତି ମୁଖ୍ୟମନ୍ତ୍ରୀ (ପ୍ରଧାନମନ୍ତ୍ରୀଙ୍କ ସହ ସମାନ) ଏବଂ ରାଜ୍ୟ ମନ୍ତ୍ରୀ ପରିଷଦ ସହିତ ରହିଥାଏ। ନୀତିଗତ ପୋଲାରାଇଜେସନ୍ (ବ୍ରିଟିଶ୍ ଇଂରାଜୀରେ ପୋଲାରାଇଜେସନ୍ ବନାନ) ହେଉଛି ରାଜନୈତିକ ମନୋଭାବର କେନ୍ଦ୍ରଠାରୁ ଦୂରରେ, ଆଦର୍ଶଗତ ଚରମ ଦିଗରେ। ସଙ୍କଟ, ଡିଜିଟାଲ ଅସମାନତା, ସମ୍ବଳ ପାଇଁ ଭୌଗୋଳିକ ରାଜନୈତିକ ପ୍ରତିଯୋଗିତା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅତ୍ୟଧିକ ପାଣିପାଗ ଘଟଣା ଭାରତ ପାଇଁ ସ୍ୱଳ୍ପ ଏବଂ ମଧ୍ୟମ ସମୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟରେ ସବୁଠାରୁ ବଡ ବିପଦ ବୋଲି ବୁଧବାର ଏକ ବିଶ୍ୱ ଅର୍ଥନୈତିକ ଫୋରମ୍ ରିପୋର୍ଟରେ କୁହାଯାଇଛି। ଭାରତର ରାଜନୈତିକ ବିପଦ କମ୍। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା କାଶ୍ମୀର ବିବାଦ ଜାରି ରହିଥିବା ସାମରିକ ବିପଦ ସୃଷ୍ଟି କରୁଥିବାବେଳେ ଚୀନ୍ ସହ ଦୀର୍ଘ ଦିନ ଧରି ଚାଲିଆସୁଥିବା ସୀମା ପ୍ରସଙ୍ଗ ପ୍ରମୁଖ ରହିଛି।

## ବାଣିଜ୍ୟିକ ସ୍ୱଚ୍ଛତା

ବାଣିଜ୍ୟିକ କାରବାର ସାଧାରଣତଃ ଏକ ଭଲ କିମ୍ବା ସେବା ପାଇଁ ଏକ ପ୍ରକାର ଦେୟ ଭାବରେ ବ୍ୟାଖ୍ୟା କରାଯାଇଥାଏ । ବାଣିଜ୍ୟିକ କାରବାରର ଅନେକ ପ୍ରକାରର ଅଛି, ଯେଉଁଥିରେ ଦୁଇଟି ଅଲଗା ବ୍ୟବସାୟ, ଗ୍ରାହକ ଏବଂ ବ୍ୟବସାୟ, ବ୍ୟବସାୟ ଏବଂ ସରକାରୀ ସଂସ୍ଥା ମଧ୍ୟରେ ଏବଂ ଏକ କମ୍ପାନୀର ଆଭ୍ୟନ୍ତରୀଣ ବିଭାଗ ମଧ୍ୟରେ ଘଟିଥାଏ । ରେଡ଼ିଓ, ଟେଲିଭିଜନ ବିଜ୍ଞାପନ, ଇଣ୍ଟରନେଟ୍ ଏବଂ ଖବରକାଗଜ ବିଜ୍ଞାପନଗୁଡିକ ଆମେ ଜାଣୁ ଯେପରି ବିଶ୍ୱରେ ପରିବର୍ତ୍ତନ ଆଣିଛି । ବିଭିନ୍ନ ମାର୍କେଟିଂ କୌଶଳ ବିନା ବ୍ୟବସାୟ ସେତେଟା ସଫଳ ହେବ ନାହିଁ, ଏବଂ ଆପଣ ବିଭିନ୍ନ ପ୍ରକାରର ଉତ୍ପାଦ / ସେବା ପାଇପାରିବେ ନାହିଁ ଯାହା କେବଳ ଲୋକପ୍ରିୟ ରଣନୀତି ଉପରେ ଆଧାରିତ । ସଂକ୍ଷେପରେ, ବ୍ୟବସାୟିକ କାରବାର ହେଉଛି ବ୍ୟବସାୟ କାରବାର । ଅନେକ ପ୍ରକାରର ବାଣିଜ୍ୟିକ କାରବାର ବିଦ୍ୟମାନ ଅଛି, ଏକ-ଅଫ୍ କାରବାର ଠାରୁ ଆରମ୍ଭ କରି ବିକ୍ରୟ ପରି, ଏକ ବ୍ୟବସାୟରେ ପୁଞ୍ଜି ବିନିଯୋଗ କିମ୍ବା ବିନିଯୋଗ ସହିତ ଜଡିତ ଚୁକ୍ତିନାମା ପର୍ଯ୍ୟନ୍ତ । ସେଗୁଡିକ ଏକ ବଡ଼ କିମ୍ବା ଛୋଟ ମାପରେ ହୋଇପାରେ ।

ବି.ଏ ବି.ଏଡ୍ ଲୋକ ପ୍ରଶାସନ ବିଭାଗ , ଭୋପାଳ ବିଶ୍ୱବିଦ୍ୟାଳୟ
ଗୁଡିଆଳୀ , କବିସୂର୍ଯ୍ୟ ନଗର , ଗଞ୍ଜାମ
@Shankarbiswal2319@gmail.com
ମୋ -୬୩୭୨୨୬୯୯୬୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋସିଆଲ୍ ମିଡ଼ିଆରେ ସାହିତ୍ୟ

ଡଃ କିଶୋର ଚନ୍ଦ୍ର ଦାଶ



## ସୋସିଆଲ ମିଡିଆ, ଇଂରାଜୀ ଫ୍ରେଜ, କବି ଓ କବିତା

ଆଜିକାଲି ଫେସବୁକ, ହ୍ୱାଟ୍‌ସାପ୍, ଇନସ୍‌ଟାଗ୍ରାମ୍, ଟୁଇଟର ଭଳି ଅନେକ ସୋସିଆଲ ମିଡିଆ ଆମ ଟିପ ଆଗରେ । ଏହାର ବ୍ୟବହାରକାରୀମାନେ ପ୍ରାୟତଃ ସବୁ ବର୍ଗର, ସବୁ ଶ୍ରେଣୀର, ସବୁ ବୟସର ଥାଆନ୍ତି । ବଡ ବଡ ଅଫିସରମାନେ ଅଫିସିଆଲ୍ ଫେସବୁକ ପେଜ, ଟୁଇଟର ହ୍ୟାଣ୍ଡେଲ ଛଡା ସୋସିଆଲ ମିଡିଆରେ ପ୍ରାୟ ଦେଖା ଯାଆନ୍ତି ନାହିଁ । ଯୁବପିଢି ଆଜିକାଲି କାର୍ଯ୍ୟ ବ୍ୟସ୍ତତା ଯୋଗୁ ସୋସିଆଲ୍ ମିଡିଆରେ ଅପେକ୍ଷାକୃତ କମ୍ ଦେଖାଯାଆନ୍ତି । ପଞ୍ଚାବନ ବର୍ଷ ବୟସରୁ ବେଶି ବା ଆମ ଭଳି ଅବସର ପ୍ରାପ୍ତ ଲୋକମାନଙ୍କର ସୋସିଆଲ୍ ମିଡିଆରେ ଭାରି ଭିଡ । ସୋସିଆଲ ମିଡିଆର ଗୋଟିଏ ଭଲ (କି ଖରାପ) ଗୁଣ ହେଲା ମନର କଥା ପ୍ରକାଶ କରୁ କରୁ ଅନ୍ୟମାନଙ୍କ ପାଖରେ ପହଞ୍ଚି ଯାଏ । ଯଦି କିଛି ଭୁଲ୍ ଥାଏ, ଆଉ ସଂଗେ ସଂଗେ ସଂଶୋଧନ କରା ନଯାଏ ତାହେଲେ ତ କଥା ସରିଲା ।

ଆପଣଙ୍କର କେହି ଜଣେ ବନ୍ଧୁଙ୍କୁ ଯଦି ଆପଣ ବହୁତ ଦିନ ପରେ ସୋସିଆଲ ମିଡିଆରେ ଦେଖିଲେ ଏବଂ ଖୁସିରେ ଗଦ୍ ଗଦ୍ ହୋଇ ଲେଖିଦେଲେ 'Back in business'. Great ! ତାପରେ କଥାଟା ବିଭିନ୍ନ ଆଡକୁ ଗତି କରିପାରେ । ଏହାକୁ ଗୋଟିଏ phrase ବୋଲି ଭାବିଲେ ଏହାର ଅର୍ଥ ହେଲା 'Saying that someone or some-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

thing is "back in business" means it has returned to normal activity after a period of time when that was not possible due to malfunction, repair, or other bad conditions.' ଆଉ Great ର ଅର୍ଥ ' ବଢିଆ' । କିଛି ଅସୁବିଧା ନାହିଁ । କିନ୍ତୁ ଏଇ ଅର୍ଥକୁ ସମସ୍ତେ ବୁଝିବାକୁ ବାଧ୍ୟ ନୁହଁନ୍ତି । ଯଦି ଆପଣଙ୍କ ବନ୍ଧୁ phrase ଟିକୁ କଞ୍ଚା ଓଡ଼ିଆ ରେ ଟ୍ରାନ୍ସଲେସନ୍ କଲା ତେବେ ତାର ଅର୍ଥ ଆସିବ, ବେପାରକୁ ଫେରିଲେ, କି ବ୍ୟବସାୟକୁ କରିବାକୁ ଫେରିଲେ, ବହୁତ୍ ବଢିଆ। ଯଦି ଆପଣ ବନ୍ଧୁ ଏଇଆ ବୁଝିଲେ ତାହେଲେ ଆପଣଙ୍କ ବାପ ଅଜା ଚଉଦ ପୁରୁଷ ଉଦ୍ଧାର ହେବାଟା ଥୟ । ବନ୍ଧୁତା ଯାୟେ ଭାଡ୍ ମେ ।

ଆଉ ଯଦି ଜଣେ କବି ହାବୁଡରେ ପଡି ଗଲେ ତାହେଲେ ତ କଥା ସରିଲା । ସେମାନେ ଏହାର ଅନେକ ଅର୍ଥ ବାହାର କରି ପାରିବେ । କାରଣ ଅଭିଧାନରେ କଣ ସବୁ ଶବ୍ଦର ଅର୍ଥ ଅଛି ?ଗୋଟିଏ କବିତା କୁ ଯଦି ବ୍ୟାଖ୍ୟା କରିବାକୁ ଦଶ ଜଣ କୁ କୁହାଯାଏ, ତାହେଲେ ସେମାନେ ତାର ଦଶଟି ଅର୍ଥ ବାହାର କରିବେ । ଶେଷରେ ବିଚରା କବିକୁ ଯଦି ତାର ନିଜ ଲେଖାକୁ ବୁଝେଇବାକୁ କହିବେ, ତାହେଲେ ସେ ଅଲଗା ଅର୍ଥ କହିବେ ଆଉ ବାକି ଦଶ ଜଣଙ୍କ ବ୍ୟାଖ୍ୟା ଶୁଣି ମନେ ମନେ ବହୁତ ଆଶ୍ଚର୍ଯ୍ୟ ଓ ଖୁସି ହେବେ ଯେ ତାଙ୍କ କବିତାରେ ଏତେ ଅର୍ଥ ଅଛି ? କବିତାଟି ଗୋଟେ ମାଷ୍ଟରପିସ୍ ବୋଲି ଭାବିବେ । ଏଥି ପାଇଁ ବୋଧେ ଓଡ଼ିଆରେ ପିଚ୍. ଡି ସଂଖ୍ୟା ଅଧିକ । ସୋସିଆଲ ମିଡିଆରେ ଯଦି କେହି କବିତାଟିଏ ଲେଖେ ମୁଁ ତାକୁ ଅନେକ ଥର ପଢିଲା ପରେ ଯଦି କିଛି ବୁଝି ପାରିଲି ତାହେଲେ ଭଲପାଇବା(like) ଦିଏ, ନ ବୁଝି ପାରିଲେ ଦିଏନି । ମନ୍ତବ୍ୟ ତ ମୋଟେ ଦିଏନି । ଡର ଥାଏ । କାରଣ, କବି ଓ କମେଣ୍ଟ ଦେଉଥିବା କବି ମାନେ ଭାବିବେ ଏଇଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟେ ଗଧଟେ, କୁଆଡୁ ପଳେଇ ଆସିଛି । କବିତା ଆକାଶ ହେଲେ ମୁଁ ଭୁଇଁ । ଯେତେ ବେଶୀ ଦୁର୍ବୋଧ୍ୟ କବିତା ସେତେ ଭଲ ବୋଲି ବିବେଚନା କରାଯାଏ । ଥରେ ଜଣେ ପ୍ରାବନ୍ଧିକଙ୍କୁ କହିଲି, ଭାଇ ଚାଲ ଆମେ କିଛି ପ୍ରକାଶକ, କବି, ଲେଖକ ମାନଙ୍କୁ ନେଇ ଗୋଟେ ହ୍ୱାଟ୍‌ସାପ୍ ଗ୍ରୁପ କରିବା । ଆମ ଭଳି ଛୋଟ ଛୋଟ ଲେଖକ ମାନେ ଟିକିଏ ଉପକୃତ ହେବେ । ଉତ୍ତରରେ କହିଲେ ଗ୍ରୁପ କରିବାରେ କିଛି ଅସୁବିଧା ନାହିଁ ଯେ, ହେଲେ ଦୈନିକ ଦୁଇ ତିନୋଟି କବିତା ପୋଷ୍ଟ ହେବ । ମୁଁ ବୁଝିଗଲି । ପ୍ରାବନ୍ଧିକ ମାନଙ୍କର ବି କବିତାକୁ ପ୍ରବଳ ଭୟ ।

ଥରେ ଦୁଇ ବନ୍ଧୁ ରାଧୁ ଓ ମାଧୁ କଥାବାର୍ତ୍ତା ହୋଇ ଗୋଟିଏ ପାର୍କକୁ ଗଲେ । ଦୁହେଁ ଦୁହିଁଙ୍କର ଡାଏରୀରେ ନିଜ ନିଜର କବିତା ଲେଖି ନେଇ ଯାଇଥିଲେ । ଗୋଟିଏ ନିରୋଳା ଜାଗା ଦେଖି ବସିଲେ । ଦୁଇ ଜଣ ଯାକ ପ୍ରଥମେ କବିତା ପଢିବାକୁ ଅଡି ବସିଲେ । ତ କିଏ ପ୍ରଥମେ ପଢିବ ? ରାଧୁ କହୁଲା ମୁଁ ତୋଠୁ ବୟସରେ ୧୦ ମିନିଟ ବଡ ତେଣୁ ମୁଁ ଆଗ ପଢିବି । ମାଧୁ କହିଲା, ନା, ସାନ ମାନଙ୍କୁ ପ୍ରଥମେ ସୁଯୋଗ ମିଳୁ । କିଛି ସମୟ ଯୁକ୍ତିତର୍କ ପରେ ଟସ୍ ପଡିବା ଯାଏଁ କଥାଗଲା । ଟସ ପଡିଲାପରେ ରାଧୁ ଜିତିଲା । ତ ରାଧୁ ପ୍ରଥମେ କବିତା ପଢିବା ଆରମ୍ଭ କଲା । ମାଧୁ ସବୁ ବୁଝିଲା ଭଳିଆ, ହଁ ହଁ କରୁଥାଏ, ବଢିଆ, ବହୁତ ବଢିଆ, ଏ ଲାଇନ ଟା ହୃଦୟକୁ ଛୁଇଁଲା, ଆହା.. କି ସୁନ୍ଦର ଲେଖା, ଏଇ ଶବ୍ଦଟିକୁ 'ରଖିଲି', ଧନ୍ୟ କବି, ଏମିତି କେତେ କଣ । ରାଧୁବାବୁଙ୍କର ଛାତି ପୁରା ଛପନ ଇଞ୍ଚ । ମନେ ମନେ ଭାବୁଥାନ୍ତି ଏଇଟା ବୋଧେ ମୋ ଜୀବନର ଶ୍ରେଷ୍ଠ କବିତା, ମାଷ୍ଟର ପିସ୍ । କିନ୍ତୁ ସେ କାହିଁକି ଜାଣିବେ ଯେ ମାଧୁ ବାବୁ କବିତାଟି ମୋଟେ ଶୁଣୁନାହାନ୍ତି ବୋଲି, ବୁଝିବା କଥା ଦୂରେ ଥାଉ । ତାପରେ ତାଙ୍କ ପଢିବା ପାଳି ପଡିବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ ! ଏମିତି ନ କହିଲେ ରାଧୁ ବାବୁ ତାଙ୍କ କବିତା ଶୁଣିବେ ତ ?

ରାଧୁ ବାବୁଙ୍କର କବିତା ପଢ଼ା ସରିଲା । ମାଧୁ ବାବୁ ସାଧୁ... ସାଧୁ ... କହି ତାଳି ମାରିବାକୁ ଲାଗିଲେ ଓ ତାପରେ ନିଜ ଡାଏରୀ ଖୋଲି ତଳକୁ ମୁହଁ କରି ନିଜ କବିତାଟି ବଡ କଷ୍ଟରେ ଖୋଜି ବାହାର କଲେ । କହିବାକୁ ଆରମ୍ଭ କଲେ, ତ ମୋ କବିତାର ଶୀର୍ଷକ ହେଲା....... କହି ଉପରକୁ ମୁଣ୍ଡ ଟେକନ୍ତିତ ଦେଖିଲେ ରାଧୁ ବାବୁ ଆଉ ନାହାନ୍ତି । ବହୁତ ବେଗରେ ଦୌଡୁଛନ୍ତି । ମାଧୁ ବାବୁ କଣ ଛାଡିବା ଲୋକ, ସେ ବି ତାଙ୍କ ପଛେ ପଛେ ଦୌଡିବାକୁ ଲାଗିଲେ । ରାଧୁ ବାବୁ ବାଇକ ଷ୍ଟାର୍ଟ କରି ଚାରି ନମ୍ବର ଗିଅର ପକାଇ ଗାଡି ଚଲାଇଲେ । ତାଙ୍କ ପଛେ ପଛେ ମାଧୁ ବାବୁ ବାଇକରେ ଗୋଡାଉ ଥାନ୍ତି । ଟ୍ରାଫିକ ଛକରେ ମାଧୁ ବାବୁ ପହଞ୍ଚିଲା ବେଳକୁ ନାଲି ଆଲୁଅ ସିଗନାଲ । ସେତେବେଳକୁ ରାଧୁବାବୁ ଗାଡି ଦୌଡେଇ ପଳେଇଲେଣି । ମାଧୁବାବୁ ଆଉ ନାଲି ସିଗନାଲ କୁ ଖାତିର ନକରି ରାଧୁବାବୁଙ୍କ ପଛେ ପଛେ ଗୋଡେଇଲେ । ଟ୍ରାଫିକ ପୋଲିସ ଅଟକାଇବାକୁ ଚେଷ୍ଟା କରି ବିଫଳ ହେଲେ । ପୋଲିସ ବାଲା କଣ ଛାଡିବା ଲୋକ ? ସିଏ ବି ମାଧୁ ବାବୁଙ୍କ ପଛେ ପଛେ ଗାଡି ଦୌଡେଇଲେ । ମନେ ମନେ ଭାରି ଖୁସି । ଯାହାହେଉ କିଛି ଖର୍ଚ୍ଚାପାଣି ମିଳିଯିବ । ଏମିତି ଭାବୁ ଭାବୁ ମାଧୁବାବୁଙ୍କ ଗାଡି ଆଗରେ ନେଇ ବାଇକ ରଖିଦେଲେ । ମାଧୁବାବୁ ବିରକ୍ତ ହୋଇ କହିଲେ ସିଏ ପଳେଇଲା, ତାକୁ ଧର । ପୋଲିସ ପଚାରିଲା କଣ ପକେଟ ମାରିକି ପଳେଇଛି କି ? ମାଧୁ ବାବୁ ହଁ କହିଲାଠୁ, ପୋଲିସ ବାବୁ ଡବଲ ଖୁସି । ଚୋର ଧରିଲେ ତାଠୁ ବି କିଛି ମିଳିଯିବ । ଏବେ ପୋଲିସ ବାବୁ ୧୦୦ କିଲୋମିଟର ସ୍ପିଡରେ ଗାଡି ଦୌଡାଇ ରାଧୁବାବୁଙ୍କୁ ଧରି ପକାଇଲେ । ରୁଲବାଡିରେ ଦି ପାହାରେ ପକାଇ କହିଲେ ପକେଟ ମାରିଛୁ, ଜଲଦି ବାହାର କର । ଏବେ ମାଧୁ ବାବୁ ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପହଞ୍ଚି ଗଲେଣି । ପୋଲିସ ବାବୁ ପଚାରିଲେ କେତେ ଟଙ୍କା ନେଇଛି କହ । ମାଧୁବାବୁ କହିଲେ ନାଇମ ଆଜ୍ଞା, ପଇସା ନେଇନି । ତାହେଲେ ଟ୍ରାଫିକ ସିଗନାଲ ଜମ୍ପ କରି ପଲେଇ ଆସିଲୁ କାହିଁକି ? ମାଧୁ ବାବୁ କହିଲେ ଆଜ୍ଞା, ଓ ଅପନା ସୁନାଲିଆ ମେରା ନେହିଁ ସୁନ ରହା ହୈ । ତା କବିତା ମତେ ଶୁଣେଇଲା, ମୁଁ ୱା..ୱା କଲି, କେତେ ତାରିଫ କଲି, ତାଳି ମାରିଲି, ହେଲେ ମୋ କବିତା ନ ଶୁଣି ପଲେଇ ଆସିଲା । ପୋଲିସ ବାଲା କହିଲେ ଆଚ୍ଛା, ମତେ ତୁ ତା ମାନେ ଭକୁଆ ବନେଇଛୁ । ତୋ ଉପରେ ୫୦୦ ଟଙ୍କା ଫାଇନ । ମାଧୁବାବୁ ଟ୍ରାଫିକ ନିୟମ ମାନି ନଥିବାରୁ ୫୦୦ ଟଙ୍କା ଦଣ୍ଡ ଗଣିଲେ । ଏବେ କବି ବହୁତ କିନ୍ତୁ ଶୁଣିବା ଲୋକ କମ୍ । ନିଜେ କବିମାନେ ବି ଅନ୍ୟ କବି ମାନଙ୍କର କବିତା ଶୁଣିବାକୁ ନାରାଜ । ସେଥିପାଇଁ ଏବେ କବିତା ଆସର ଆୟୋଜକ ମାନେ ଆରମ୍ଭରୁ ସବୁ କବି ମାନଙ୍କୁ ନୋଟିସ ଦେଲେଣି କି କବିତା ପାଠ କରିବା ପରେ ସଭାସ୍ଥଳ ଛାଡି ଯାଇ ପାରିବେନି । ମୁଁ ଏଇ କିଛି ଦିନ ହେଲା ପାଖାପାଖି ହଜାରେ କବି ଓ ଲେଖକଙ୍କୁ ଫେସବୁକରେ ମୋ ଫ୍ରେଣ୍ଡସ ଲିଷ୍ଟରେ ଜୋଡିଲି, ଭାବିଲି ଲାଇକ ସଂଖ୍ୟା ବଢିଯିବ । କାହିଁକି ବଢନ୍ତା ବରଂ ମୋର ପୁରୁଣା ବନ୍ଧୁ ମାନେ ଏତେ ଭିଡ ଦେଖି ଆଉ ଲାଇକ କରୁନାହାନ୍ତି ।

ଦୁଇଜଣ ଅଚିହ୍ନା ସହ ଯାତ୍ରୀ ପରିଚୟ ଆଦାନ ପ୍ରଦାନ କଲାବେଳେ, ଜଣେ କହିଲେ ମୁଁ ଜଣେ କବି । କବି ଯେତେବେଳେ ସହ ଯାତ୍ରୀଙ୍କ ପରିଚୟ ମାଗିଲେ ସେତେବେଳେ ସେ କିଛି ନ ଶୁଭିଲା ଭଳି ଆଚରଣ କଲେ ଓ କହିଲେ ସେ ଜଣେ ବଧିର । ଏଇ ସବୁ କଥା ଜଣେ ବାନ୍ଧବୀଙ୍କୁ କହିଲା ବେଳେ ସେ ଯାହା କହିଲେ ତାହାଥିଲା ଏହିପରି । "କଥାଟେ ବୋଇଲେ ଏକା ହେଲେ ଶେଷ ଆଡ଼କୁ ଗୋଟେ କଥା ମୋ ମନକୁ ଫୁଲ୍ ଦମ୍

Listen to Odia Podcast Original at https://youtube.com/@drjyotiprasad

ରେ ପାଇଲା । ସହ ଯାତ୍ରୀଙ୍କୁ ନିଜର ପରିଚୟ ଦେଲେ ବନ୍ଧୁ ଜଣକ, ମୁଁ ଜଣେ କବି ଅନ୍ୟ ଜଣକ ଚୁପ୍ ରହିଲେ । ବୋଧେ ସେଇ ଜଣକ ମୁଁ ।

ଥରେ ବସ୍ ରେ ଆସୁଥାଏ ରାଉରକେଲାରୁ ଭୁବନେଶ୍ୱର । ସହଯାତ୍ରୀ ଜଣେ ପରିଚୟ ଦେଲେ ମୁଁ ଜଣେ କବି । ସେତେବେଳେ ମୁଁ କିଛି କିଛି ଲେଖୁଥିଲି ତେଣୁ ଆଗ୍ରହରେ କହିଦେଲି ହଁ ମତେ ଲେଖାଲେଖି ପସନ୍ଦ । ଆଉ କାହିଁ ଯାଏ । ସେ ବାହାର କଲେ ଡାଇରୀ । ଗୋଟିଏ ପରେ ଗୋଟିଏ ପଢୁଥାନ୍ତି ଆଉ ପଚାରୁଥାନ୍ତି କେମିତି ଲାଗିଲା । ରାତି ବାରଟା ବେଳକୁ ମୁଣ୍ଡ ଆଖି କାମ କରୁ ନଥାନ୍ତି । ନିଦରେ ଢୁଳେଇ ପଡିଲେ ସେ ହାତକୁ ହଲେଇ ଦିଅନ୍ତି । କହନ୍ତି ଶୋଇଗଲେ ନା କଣ । ପୁଣି ଉଠି ଜବରଦସ୍ତ ଶୁଣିବାକୁ ପଡ଼େ । ଭାବିଲି ମଝିରେ ଅନୁଗୋଳ କି ଢେଙ୍କାନାଳରେ ଓହ୍ଲେଇ ପର ଗାଡ଼ିରେ ବସିବି, ହେଲେ ସାହସ ହେଲାନି । ଏତେ ରାତି, କଣ କରିବି । ଯାହେଉ କଟକ ପାର ହେଲା ପରେ ତାଙ୍କୁ ଟିକେ ହାଲିଆ ଲାଗିଲା କି କଣ ସେ ଢୁଳେଇଲେ ଆଉ ମୁଁ ଭଗବାନଙ୍କୁ ଧନ୍ୟବାଦ ଦେଲି ଆଉ କାନ ମୋଡ଼ି ନିୟମ କଲି ଯାହା ପଢିବି ବହିରୁ, ଯାହା ଶୁଣିବି ମଞ୍ଚରୁ, ବ୍ୟକ୍ତିଗତ ଭାବେ କବିଙ୍କ ମୁହଁକୁ ଦଣ୍ଡବତ।"

ଏମିତି ବି ନୁହେଁ ଯେ କେହି କବିତା ଶୁଣନ୍ତିନି । ଆଗଧାଡିର କବିମାନେ ପଛଧାଡିର କବି ମାନଙ୍କୁ ଟିକିଏ ବୁଲେଇ ଚାହିଁବା କଷ୍ଟ । ବୋଧହୁଏ କବିମାନଙ୍କ ଭିତରେ ଟିକିଏ ଆତ୍ମ ବଡିମା ଥାଏ, ସେଥିପାଇଁ ସେମାନେ ଆଉ କାହାକୁ ଶୁଣିବାକୁ ନାରାଜ । ବିଚରା ଯେଉଁ କବି ଶେଷ ଆଡକୁ ଆବୃତ୍ତି କଲା ତା ବେଳକୁ ଦି ଚାରୋଟି ଶ୍ରୋତା ଥିବେ । ମୁଁ ଜଣେ ପିଓର ଶ୍ରୋତା । ତେଣୁ ଭଲ ଲାଗୁ ନ ଲାଗୁ ମୁଁ ସମସ୍ତଙ୍କୁ ଶୁଣିବାକୁ ଚେଷ୍ଟାକରେ । ହାସ୍ୟ କବିତା, କଟାକ୍ଷ କବିତା, ସମାଜର ଚିତ୍ରକୁ ନେଇ କବିତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବା ସାମାଜକୁ କିଛି ସନ୍ଦେଶ ଦେଉଥିବା କବିତା ଶୁଣିବାକୁ ଭଲ ଲାଗେ । ପ୍ରେମ, ପ୍ରଣୟ, ବିରହ କବିତା ଏ ବୟସରେ ଆଉ ଭଲ ଲାଗୁନି । ଅବଶ୍ୟ ସେ କବିତା ଶୁଣିବା ପାଇଁ ଅଲଗା ଶ୍ରୋତା ମହଜୁଦ ଅଛନ୍ତି । ଥରେ ଜଣେ କବିଙ୍କର କବିତାବୃତ୍ତି ଶୁଣି ଏତେ ଭଲ ଲାଗିଲା ଯେ କବିତା ପ୍ରତି ମୋର ଯେଉଁ ବିତୃଷ୍ଣା ଭାବ ଥିଲା ପୁରା ପରିବର୍ତ୍ତନ ହେଇଗଲା । କି ସୁନ୍ଦର ଶବ୍ଦ ବିନ୍ୟାସ, କି ସୁନ୍ଦର ପଠନ ଶୈଳୀ, ସ୍ୱଷ୍ଟ ଉଚ୍ଚାରଣ ଶୁଣି ପେଟ ପୁରି ଗଲା ଭଳି ଲାଗିଲା । କବି ଜଣଙ୍କ ମୋ ପାଇଁ ସମ୍ପୁର୍ଣ ଅଚିହ୍ନା ଥିଲେ । ଘରକୁ ଆସି ପାଗଳ ଭଳି ଫେସବୁକ, ଇଉ ଟିଉବ ଖୋଜି ଚାଲିଥିଲି । କବିଙ୍କର ସବୁ କବିତା ମନଛୁଆଁ ଥିଲା । କେତେକାଂଶରେ ବୁଝି ନପାରୁଥିଲେ ବି ସାମଗ୍ରିକ ଭାବରେ କବିତା ଗୁଡିକ ବହୁତ ଭଲ ଲାଗୁଥିଲା । ସତରେ ଏମିତି ବି କିଛି ଶବ୍ଦ ଥିଲା, ଯାହା ଅଭିଧାନରେ ମିଳିବା ଅସମ୍ଭବ । ମୋ ଭଳି କବିତାକୁ ଭଲ ପାଉ ନଥିବା ଲୋକ ଯଦି କବିତା କୁ ଭଲ ପାଇ ବସେ, ତାହେଲେ ସମସ୍ତେ କବିତା ଶୁଣିବାକୁ ନିଶ୍ଚୟ ଭଲ ପାଇବେ, ଖାଲି କବିତା ଲେଖିବା ଓ ପାଠ କରିବା ଶୈଳିରେ କିଛି ନୂଆ, କିଛି ପରିବର୍ତ୍ତନ କରିବାର ଅଛି ।

ସୋସିଆଲ ମିଡିଆରେ ଯଦି ଆପଣଙ୍କ ବନ୍ଧୁଙ୍କ କବିତାକୁ ଭଲ ପାଇବା ଦେଲେନି, ଯଦି କେବେ ଭେଟ ପଡି ଗଲା ପଚାରି ଦେବେ, ଭାଇ ଆଜି କାଲି ଫେସବୁକ ଦେଖୁ ନାହାନ୍ତି କି ? ମୁଁ ବି ବେଳେବେଳେ ଅତି ଚିହ୍ନା , ଜଣାଶୁଣା ଲୋକ ଯେଉଁମାନେ ମୋ ଲେଖାକୁ ପସନ୍ଦ କରନ୍ତି, ସେମାନଙ୍କୁ ପଚାରି ଦିଏ, ଫେସବୁକରେ ମୋ ଲେଖା ଟା ପଢିଲେଣିକି ? ଯଦି ସେ ପଟୁ ନାସ୍ତି ବାଣୀ ମିଳିଲା, ବହୁତ ଖରାପ ଲାଗେ, ନିଜକୁ ଭାରି ଶସ୍ତା ଓ ଛୋଟ ଲାଗେ। ଲାଗେ ଯେମିତି ମତେ ସେ ଉପେକ୍ଷା(ignore) କରୁଛନ୍ତି । ମନେ ମନେ ସିଦ୍ଧାନ୍ତ ନିଏ, ନାଁ ଆଉ କିଛି ଲେଖିବିନି କି ଫେସବୁକରେ ପକେଇବିନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ଫେରିବା ଇଂରାଜୀ ଫ୍ରେଜ ପାଖକୁ । Back in business କଥା ଆଉ ଜଣେ ବନ୍ଧୁ ପଢି କମେଣ୍ଟରେ ଲେଖିଲେ, "ମୁଁ ବି ଏମିତି ବହୁଥର ଅସୁବିଧାରେ ପଡ଼ିଛି । ଲେଖିଦେଲି, u r looking fresh, ସେ ବୁଝିଲେ ଓଲଟା । ଆଉ ଏମିତି ଲେଖିବାକୁ ବାରଣ କଲେ । କିଛି ବନ୍ଧୁ ଅଛନ୍ତି ନିତି ସକାଳୁ, ଖରାବେଳେ, ସନ୍ଧ୍ୟାରେ, ରାତିରେ gd morning, gd afternoon, gd evning, gd nyt ଏମିତି ସବୁ ପଠେଇବେ, emoji ସହ, ଆଉ ତାଙ୍କୁ ପ୍ରତ୍ୟୁତ୍ତର ନ ଦେଲେ ତାଗିଦ୍ ଆଉ ଅଭିମାନ ଶୁଣିବାକୁ ପଡେ । ୟାଡେ ମୋବାଇଲ ହ୍ୟାକ୍ ହେଇ ଯାଉଛି ସେ କଥା ବୁଝିବାକୁ ନାରାଜ । ଯେତେ ଜଣଙ୍କୁ ବ୍ଲକ କଲେ ବି କିଛି ଜବରଦସ୍ତ ରହୁଛନ୍ତି ସମ୍ପର୍କରେ । ଶେଷରେ ଭାବିଲି ଏପରି ସମ୍ପର୍କ ରଖିବାକୁ ହିଁ ପଡ଼ିବ । ଚାଲିଛି ସେମିତି ହିଁ" ତେଣୁ ମୋର ସମସ୍ତ ସୋସିଆଲ ମିଡିଆ ବ୍ୟବହାରକାରୀ ଭାଇ, ଭଉଣୀ, ବନ୍ଧୁ, ବାନ୍ଧବୀ ମାନଙ୍କୁ ଅନୁରୋଧ ଦୟାକରି back in business ଭଳି ଇଂରାଜୀ ଫ୍ରେଜ ବ୍ୟବହାର କରନ୍ତୁ ନାହିଁ । ବରଂ ତା ବଦଳରେ wel-come back ବ୍ୟବହାର କରନ୍ତୁ । ନଚେତ ବହୁ ଦିନର ବନ୍ଧୁତା ଟା ଟା ବାୟ ବାୟ ହେବା ଥୟ । ବାର ବର୍ଷର ବନ୍ଧୁତା ଶୁଖୁଆ ଝୋଳରେ ଚାଲିଯିବ ।

Disclaimer - ଏହି ଲେଖାରେ କୌଣସି ବ୍ୟକ୍ତି ବିଶେଷଙ୍କୁ ଆକ୍ଷେପ କରାଯାଇ ନାହିଁ । ତେଣୁ କେହି ଦେହକୁ ନେବେ ନାହିଁ ।

ଦାଶ ଭିଲ୍ଲ, ସୁକିନ୍ଦା, ଯାଜପୁର,

ଫୋନ -୯୪୩୭୩୪୩୮୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ ନିର୍ଯ୍ୟାତନା

ସୁଶ୍ରୀ ଦାଶ



"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା ।" ଅର୍ଥାତ୍ ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ ପୂଜା କରାଯାଏ, ସେଠାରେ ଦେବତାମାନେ ଖୁସିରେ ବିଚରଣ କରନ୍ତି । ଯାହା ଭଗବତ୍ ଗୀତାରେ ଲିଖିତ । ଆମ ଭାରତ ଦେଶରେ ଏଭଳି ସ୍ୱତନ୍ତ୍ର ପରମ୍ପରା ଦେଖାଯାଏ । ଆମ ଦେଶ ପୁଣି ନିଜର ଜନ୍ମଭୂମିରେ ଲୀଳାବତୀ, ଆତ୍ରେୟୀ, ମୈତ୍ରେୟୀ, ଭାନୁମତୀଙ୍କ ଭଳି ଅନେକ ବିଦୁଷୀ ମହିଳାଙ୍କୁ ଜନ୍ମଦେଇ ଗର୍ବିତ । ଏହିପରି ଏ ଭାରତଦେଶର ସମାଜ ଦିନେ ନାରୀପ୍ରଧାନ ସମାଜ ଥିଲା । ଯେଉଁଠି ନାରୀମାନଙ୍କୁ ପୂଜା କରାଯାଉଥିଲା । ମାତ୍ର ଅଧୁନା ସମାଜରେ ବହୁତ୍ କିଛି ପରିବର୍ତ୍ତନ ହେଇଯାଇଛି । ଶାରୀରିକ ସୁଖ ତଥା ଯୌନ- କ୍ଷୁଧା ନିବାରଣ ପାଇଁ ଛୋଟ ଚାରିବର୍ଷର ଶିଶୁଠାରୁ ଆରମ୍ଭ କରି କେତେ ଯେ ଯୁବତୀ ଓ ବୟସ୍କା ବୃଦ୍ଧାଟିଏ ନିର୍ଯାତନା, ଲାଞ୍ଛନା, ଅପହରଣ, ବଳାତ୍କାରର ଶୀକାର ହେଉଛନ୍ତି, ତାହାର ସୀମା ନାହିଁ । ଏହାର କାରଣ ପୁରୁଷମାନଙ୍କର କ୍ଷୁଦ୍ର ମାନସିକତା ହୋଇପାରେ, ନାରୀମାନଙ୍କର ଆବଶ୍ୟକତାଠାରୁ ଅଧିକ ଅଙ୍ଗ ପ୍ରଦର୍ଶନ ଯୁକ୍ତ ପୋଷାକ କିମ୍ବା ଅନ୍ୟକିଛି ବି ହୋଇପାରେ । ନାରୀ ନିର୍ଯାତନା ଏମିତି ବଢ଼ିଚାଲିଲେ ସମାଜର ବିନାଶ ସୁନିଶ୍ଚିତ । କାରଣ କଥାରେ ଅଛି 'ନାରୀ ପାଇଁ ଗୋଟେ ସୃଷ୍ଟି ଗଢ଼ିଉଠେ, ନାରୀ ପାଇଁ ଏ ସୃଷ୍ଟି ବିନାଶ ହୁଏ ' ।

ଆଜିର ସମାଜ କଥା ଛାଡ, ଚାଲ ଟିକେ ପଛକୁ ଫେରି ଇତିହାସକୁ ଦେଖିବା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାଣିବା ତ ନାରୀ ଯୁଗେ ଯୁଗେ ନିର୍ଯାତନା ସହି ଆସିଛି । ଅତୀତରେ ଆମ ଦେଶରେ ଦେବୀ ଦ୍ରୌପଦୀଙ୍କୁ ସମଗ୍ର ରାଜସଭା ତଳେ ତାଙ୍କର ବସ୍ତ୍ରହରଣ କରାଯାଇଥିଲା । ଯାହା ଫଳସ୍ୱରୂପ ଲାଞ୍ଛିତା ଦ୍ରୌପଦୀଙ୍କ ପାଇଁ ଭୟଙ୍କର ମହାଭାରତ ଯୁଦ୍ଧ ହେବାର କରୁଣ ଦୃଶ୍ୟ ଓ ଧ୍ୱଂସଲୀଳା ସହିତ ଆମେ ଅବଗତ । ହେଲେ ରାଣୀ ଦ୍ରୌପଦୀଙ୍କୁ ଶେଷରେ ମିଳିଥିଲା କଣ ? - ଲଜ୍ଜା । ଯେଉଁଥିପାଇଁ ଦୁନିଆ ସାମ୍ନାରେ ତାଙ୍କ ଅପହରଣର ଦୃଶ୍ୟ ଏବେ ମଧ୍ୟ ନାଟକୀୟ ଢଙ୍ଗରେ ପରିବେଷଣ ହେଉଛି । ଯାହା ତାଙ୍କ ପାଇଁ ଲଜ୍ଜା । ଡ଼ଃ. ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ ' ଥରଟେ ପାଠକ ପଢ଼ିବେ, ତାହାଲେ ବୁଝିପାରିବେ ଦ୍ରୌପଦୀଙ୍କ ଜୀବନ କେତେ କଣ୍ଟକିତ ଥିଲା । ଯେଉଁଥିରେ ଦ୍ରୌପଦୀଙ୍କ ସମସ୍ତ ଭାବନା ପ୍ରତିଫଳିତ ।

ରାମାୟଣରେ ମଧ୍ୟ ସତୀ ସୀତାଙ୍କୁ ରାକ୍ଷସ ରାବଣ ଅପହରଣ କରି ନେବାର କଥା ଭଲଭାବରେ ଜାଣିଥିବେ । ଯାହାକୁ ଏବେ ମଧ୍ୟ ନାଟକୀୟ ଢଙ୍ଗରେ ପରିବେଷଣ କରାଯାଉଛି । ସେଇଟା ହୁଏତ ଲୋକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ହେଲେ, ଜଣେ ନାରୀ ପାଇଁ ତାହା ଲଜ୍ଜା, ନିନ୍ଦା ଓ କଷ୍ଟ । ହୁଏତ ରାବଣର ଏଭଳି ଦୁଃସାହସିକ କାର୍ଯ୍ୟପାଇଁ ତାର ବିନାଶ ହୋଇଥିଲା । ମାତ୍ର ସତୀ ସୀତାଙ୍କୁ ବାର୍ ବାର୍ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା । ଆଉ ଏବେ ଯେଉଁ ନାରୀମାନଙ୍କ ସହିତ ଯେଉଁ ନିର୍ଯାତନା ହେଉଛି ସେମାନେ ତ ଗୋଟେ ଗୋଟେ ସାଧାରଣ ନାରୀ ।

ବର୍ତ୍ତମାନ ସମୟକୁ ଆସିବା । 'ନିର୍ଭୟା' ଏହି ନାଁଟି ଶୁଣିଲେ ଗୋଟେ ଝିଅର ଭୟରେ ଛାତି ଥରିଉଠେ ଓ ଆଖିରୁ ଲୁହ ଝରିପଡେ, ମନେ ପଡ଼ିଯାଏ ସାତ ବର୍ଷତଳର କଥା । ସାତ ବର୍ଷ ତଳେ ଆମ ଦେଶର ରାଜଧାନୀ ଦିଲ୍ଲୀରେ ଘଟିଯାଇଥିବା ସେଇ ବର୍ବର କାଣ୍ଡ । ମଣିଷ କେମିତି ପଶୁ ପାଲଟି ଯାଏ, ଜଙ୍ଗଲର ହିଂସ୍ର ପଶୁଙ୍କଠାରୁ ବି ହୀନ ପାଲଟି ଯାଏ । କାମନାର ଅନ୍ଧକାରରେ ମାନବିକତା ହଜେଇଦିଏ । ନିର୍ଭୟାକୁ ତା ନାମର ସାହସିକତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁରସ୍କାର ନୁହେଁ ନ୍ୟାୟ ଦରକାର ଥିଲା ଯାହା ବହୁତ୍ ବିଳମ୍ବରେ ମିଳିଲା । କିନ୍ତୁ ଆମ ସମାଜ ଜଣଙ୍କୁ ନିର୍ଭୟା ନାଁ ଦେଇ ଲକ୍ଷ ଲକ୍ଷ ଝିଅଙ୍କୁ ଭୟର କାରାଗାରରେ ବନ୍ଦୀ କରିଦିଏ । ରାତି କଥା ତ ଛାଡ଼ ଦିନରେ ବି ଝିଅଟେ ବସ୍ ରେ ବସିଲେ ଚାରିଆଡ ଦେଖେ ଆଉ କେହି ଝିଅ ଅଛନ୍ତି କି ନା ? ସେ ଏକା ନୁହେଁ ତ ? ଯଦି କୌଣସି ପୁଅର ନଜର । ତା ଉପରେ ପଡ଼ିଯାଏ ତାର ହୃଦ ସ୍ପନ୍ଦନ ବଢିଯାଏ ଏବଂ ତାକୁ ନିର୍ଭୟା, ପ୍ରିୟଙ୍କା, ସୋଫିଆ ଭଳି ଝିଅ ମନେ ପଡନ୍ତି ? ସେ ଭଗବାନଙ୍କୁ ବିକଳରେ ପ୍ରାର୍ଥନା କରେ, କୁହେ - ପ୍ରଭୁ ମୋତେ ଏଇ ନରପିଚାଶଙ୍କ କବଳରୁ ରକ୍ଷା କର ! କାହିଁକି ନା ସେ ନିରୁପାୟ ।

ଆପଣମାନଙ୍କ ମନେ ଥିବ ନିର୍ଭୟା ଘଟଣା ମନରୁ ଲିଭି ନଥିବାବେଳେ ମଣିପୁରରେ ଦୁଇଜଣ ମହିଳାଙ୍କୁ ସର୍ବ ସାଧାରଣରେ ଉଲଗ୍ନ କରାଯିବା ଭଳି ଅବିଶ୍ୱସନୀୟ ଦୁଃଖଦ ଲୋମହର୍ଷଣକାରୀ ଘଟଣା ଉତ୍ତେଜନା ସୃଷ୍ଟି କରିବା ସହ ଦେଶବାସୀଙ୍କୁ ମର୍ମାହତ କରିଥିଲା । ହେଲେ ସେହି ନିର୍ଯାତିତା ଝିଅମାନଙ୍କ ମନକୁ କିଏ ବା ବୁଝି ପାରିବ । ତାଙ୍କୁ କେବଳ ଆଶ୍ୱାସନା ଦେବା ଛଡ଼ା ଏ ସମାଜ ପାଖରେ ଅଛି ବା କଣ ?

୯ ଅଗଷ୍ଟ ୨୦୨୪ ଏବେ ଏବେ ପୁଣି ଏକ ଲୋମହର୍ଷଣକାରୀ ଖବର ଶୁଣିବାକୁ ପଡ଼ିଥିଲା । ଆମରି ଏଇ ଦେଶ ଭିତରେ । କଲିକତାର ଜଣେ ଡାକ୍ତରାଣୀଙ୍କୁ ପୀଡ଼ିତାର ଶିକାର ହେବାକୁ ପଡ଼ିଛି । ନୃଶଂସ ଭାବରେ ବଳାତ୍କାରୀ ପୁଣି ତାଙ୍କୁ ହତ୍ୟା କରିଛି । ସେ ଝିଅଟିର ବା ଦୋଷ କଣ ଥିଲା ? ଏହିପରି ନିର୍ଯାତିତା ମାନଙ୍କ ପ୍ରତି ଘଟିଥିବା ଅମାନବିକ ଆଚରଣ ଆମ ଦେଶର କୋଟି କୋଟି ଜନତା, କେତେଜଣ ଲୋକଙ୍କ କୁଆଚରଣ ପାଇଁ ବିଶ୍ୱ ଦରବାରରେ ନିଜକୁ ଅପମାନିତ ମନେ କରିବେ ! କଣ ପାଇଁ ଆମର ଏ ସମ୍ବିଧାନ ନୀରବ ? କାହିଁକି ଏହିପରି ଅପରାଧୀଙ୍କ ଅପରାଧରେ ମୃତ୍ୟୁଦଣ୍ଡର ଘୋଷଣା କରୁନାହିଁ ? ନାରୀଟି ସହ ଅନ୍ୟାୟ ହେଲେ ବି ବର୍ଷ ବର୍ଷ ଧରି କେଉଁ କାରଣରୁ ଅପରାଧୀର ପେଡ଼ି ଲୁଚାଇ ଦିଆଯାଏ ? କଣ ପାଇଁ ଏ ସବୁକୁ ଏତେ ହାଲକାରେ ଅଣଦେଖା କରାଯାଉଛି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହିଁକି ସରକାର ଚୁପ୍ ? କାହିଁ ନାରୀ ତ ଏବେ କେଉଁ ଗୁଣରେ କମ୍ ନୁହେଁ ।

ଆଜିର ଦିନରେ ନାରୀ ପରିବାରକୁ ସଶକ୍ତ କରୁଥିବା ସହିତ ସାମାଜିକ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବହୁବିଧ ଯୋଜନାରେ ଅଂଶୀଦାର ହୋଇ ଚାଲିଛନ୍ତି । ହେଲେ, ସେମାନଙ୍କ କାମରେ ବାଧା ସୃଷ୍ଟି କରି, ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ସମ୍ମାନହାନୀ, ହିଂସା ଆଚରଣ ପ୍ରଦର୍ଶନ କରିବା ଭଳି ବହୁବିଧ ଘଟଣା ବୃଦ୍ଧି ପାଇବା ଆମର ସଂସ୍କାର, ସଂସ୍କୃତିର ସ୍ଥିତି ଓ ନୀତି ନିୟମ ପାଳିବାର ପରମ୍ପରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ପ୍ରତି ଏକ ହଜାର ପୁତ୍ର ସନ୍ତାନ ସହିତ ୯୦୭ ଜଣ କନ୍ୟା ସନ୍ତାନ ଜନ୍ମ ନେଉଛନ୍ତି । କାରଣ କନ୍ୟା ଭୃଣ ହତ୍ୟା ମଧ୍ୟ ଏ ସମାଜରେ ଚାଲିଛି । ଯାହାର ସଫଳ ପଦକ୍ଷେପ ନିଆଯାଉଛି । ନାରୀ ସଶକ୍ତିକରଣ ମାଧ୍ୟମରେ ଏବେ ଆମ ଦେଶରେ ପ୍ରାୟ ୪ କୋଟି ପାଖାପାଖି ମହିଳା ବିଭିନ୍ନ କ୍ଷେତ୍ରରେ କାମ କରି ଦେଶର ଅର୍ଥନୀତିକୁ ଆଗେଇ ନେବାରେ ସହଯୋଗୀ ହୋଇ ପାରୁଛନ୍ତି । ତଥାପି ଆଜିର ସଭ୍ୟ ସମାଜରେ ମହିଳାଙ୍କ ପ୍ରତି ନିର୍ଯାତନାର ହାର କମିନି ।

ମୋର ଏହା ଲେଖିବାର ଉଦେଶ୍ୟ ହେଉଛି - ଆଜିର ସଭ୍ୟ ସମାଜରେ ମହିଳାମାନଙ୍କୁ ନିର୍ଯାତନା ଦେବା ଆଦୌ ଗ୍ରହଣୀୟ ହେଇନଥିବା ବେଳେ ସେମାନଙ୍କ ପ୍ରତି ନିର୍ଯାତନାର ହାର ବୃଦ୍ଧି ପାଇବା ଉଦବେଗର ବିଷୟ । ଏଠାରେ ନାରୀମାନେ ମଧ୍ୟ କିଛିମାତ୍ରାରେ ଦାୟୀ ହୋଇପାରନ୍ତି । ଏଥିପ୍ରତି ସଚେତନ ହେବା ଉଚିତ୍ କି ଅଶିକ୍ଷିତା ହୁଅନ୍ତୁ ଅବା ଶିକ୍ଷିତା ସବୁ କ୍ଷେତ୍ରରେ କାମୁକ ପୁରୁଷର ଲୋଲୁପ ଦୃଷ୍ଟିରୁ ବର୍ତ୍ତି ପାରିବନାହିଁ । କେବେ କେବେ ଝିଅମାନେ ରାସ୍ତାରେ ଗଲାବେଳେ ଖରାପ୍ ମନ୍ତବ୍ୟ ତାକୁ ଶୁଣିବାକୁ ପଡ଼ିଥାଏ । ଏହାର କାରଣ ତାଙ୍କର ବେଶପୋଷକ ହୋଇଥାଇ ପାରେ । ଅଧୁନା ଯୁଗରେ କେତେକ ନାରୀ ଅଛନ୍ତି ଯେଉଁମାନେ କି ନିଜର ସଂସ୍କୃତି ଓ ସଭ୍ୟତାର ବେଶପୋଷାକକୁ ପରିତ୍ୟାଗ କରି, ପାଶ୍ଚାତ୍ୟ ସଭ୍ୟତାର ବେଶ ପୋଷାକକୁ ଅନୁକରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରି ତାହାକୁ ଆପଣେଇଛନ୍ତି । ଯାହାଦ୍ୱାରା ହୁଏତ ନାରୀଟିଏ ହୁଏତ ସେଥିରେ ଆକର୍ଷଣୀୟ ଦେଖାଯାଇପରେ ହେଲେ ଗୋଟେ କାମୁକ ପୁରୁଷ ଆଖିକୁ ବେଶୀ ଆକର୍ଷିତ କରିଥାଏ । ଯାହାର ଶିକାର ହେବାକୁ ତୁମକୁ ପଡ଼ିଥାଏ । ଆମେ ଯେଉଁଭଳି ପୋଷାକ ପରିଧାନ କରିବା ଆମକୁ ସେହିଭଳି ମନ୍ତବ୍ୟ ମିଳିବ । ଯେମିତିକି ଅଙ୍ଗ ପ୍ରଦର୍ଶନ କରୁଥିବା ପୋଷାକ ପିନ୍ଧୁଥିବା ଝିଅମାନେ, ଯେତେବେଳେ ତୁମ ଫଟୋଟିଏ ଇନଷ୍ଟାଗ୍ରାମ କି ଫେସବୁକ ରେ ପୋଷ୍ଟ କରିଦିଅ, ସେତେବେଳେ କେତେ କେତେ ପୁରୁଷ ତୁମକୁ ଖରାପ୍ ମନ୍ତବ୍ୟ ଦେଉଥିବେ , ଯେଉଁଟାକୁ ତୁମେମାନେ ପ୍ରଶଂସା ଭାବୁଥାଉ ପାର ହେଲେ, ତାହା ନୁହେଁ ତାହାକୁ ନିଜ ସମ୍ମାନ ଉପରେ ଆଖି ପକେଇବା କୁହାଯିବ । ଯାହା ତୁମ ମାନ ସମ୍ମାନ ବୃଦ୍ଧି କରିନଥାଏ । ହେଲେ ଭାରତୀୟ ନାରୀ ପରି ପୋଷାକ ପରିଧାନ କରୁଥିବା ନାରୀମାନଙ୍କୁ ଦେଖ ତ, ହଜାର ହଜାର ଲୋକ ସେମାନଙ୍କୁ ସୁନ୍ଦର ଓ ସୁଶୀଳ ଭାଷାରେ ମନ୍ତବ୍ୟ ଦେଇଥାନ୍ତି । ଏଥିପ୍ରତି ଧ୍ୟାନ ଦେବା ନିହାତି ଜରୁରୀ କି, ଯେଉଁଟା ଘର ପାଇଁ ଉପଯୁକ୍ତ ତାହା ଘରେ ହିଁ ପରିଧାନ କରିବା ଉଚିତ୍ । ପାଶ୍ଚାତ୍ୟ ପୋଷାକ ପିନ୍ଧିବା ଅର୍ଥ ତାହାର ସଂସ୍କୃତିକୁ ସଂବୃଦ୍ଧି କରିବା । ଯାହା ଗୋଟେ ଭାରତୀୟ ନାରୀର ଉଚିତ ଶିକ୍ଷା, ସଂସ୍କାର ନୁହେଁ । ଗୋଟେ ଭାରତୀୟ ନାରୀର ଉଚିତ୍ ଶିକ୍ଷାର ଲକ୍ଷ୍ୟ ହେଉଛି ନିଜ ଦେଶର ସଂସ୍କୃତିକୁ, ସଂସ୍କାରକୁ ମନ ଭରି ସମ୍ମାନ ଦେବା ସହିତ ନିଜର ଚାଲିଚଳନ, ବେଶଭୂଷା, ତଥା କଥୋପକଥନ ଦ୍ୱାରା ଦେଶର ସସ୍କୃତିର ବୃଦ୍ଧି କରିବା । ଯାହା ଏବେବି ମଧ୍ୟ କେତେ ଝିଅ ବୁଝି ପାରୁନାହାନ୍ତି । ଯାହା ବହୁତ୍ ଦୁଃଖର ବିଷୟ । ଏଥିପ୍ରତି ଦୟା କରି ପ୍ରଥମେ ନାରୀମାନେ ସଚେତନ ହେବା ନିତ୍ୟାନ୍ତ ଆବଶ୍ୟକ ନହେଲେ, ପରେ ହୁଏତ ଜଣେ ଜଣେ ହିନମାନସିକତା ର ନାରୀ ପାଇଁ ସମଗ୍ର ନାରୀ ଜାତି ଅପମାନିତ, ଅସମ୍ମାନିତ ହେଇପାରେ । ତେଣୁ ବୁଝିବା ପ୍ରତିଟି ଝିଅ ପକ୍ଷେ ଜରୁରୀ ।

ଗାନ୍ଧିଜୀ କହିଥିଲେ 'ଯେଉଁଦିନ ଏକ ନାରୀ ରାତ୍ର ୧୨ ଘଟିକା ସମୟରେ ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିରାପଦରେ ଘରେ ପହଞ୍ଚି ପାରିବ, ତାହାଲେ ସେ ଦିନ ହିଁ ଭାରତ ପ୍ରକୃତ ସ୍ୱାଧୀନତା ପାଇବ" । ଯାହା ତାଙ୍କ କଥା ଅନୁସାରେ ଏବେ ମଧ୍ୟ ନାରୀ ପରାଧୀନ । ତେଣୁ ଏ କଥାକୁ ପ୍ରମାଣ କରିବାକୁ ହେଲେ ପ୍ରତ୍ୟେକ ଲୋକ ଶିକ୍ଷିତ ତଥା ସତର୍କ ହେବା ଆବଶ୍ୟକ । ଏବେ ବେଳ ଆସିଛି କନ୍ୟା ଭୃଣ ହତ୍ୟାକୁ କଠୋର ହସ୍ତରେ ଦମନ କରିବା, ଯୌତୁକ ଜନିତ ନିର୍ଯାତନାକୁ ବନ୍ଦ କରିବା, ବଳାତ୍କାର କରୁଥିବା ଅପରାଧୀଙ୍କ ଉପରେ ତ୍ୱରିତ ଆଇନ୍ ଗତ କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରିବା । ଏହା ହିଁ ଆଜିର ଆଧୁନିକ ନାରୀ ସମାଜରେ ନିରାପଦ ଭାବେ ତିଷ୍ଠି ରହିବା ପାଇଁ ଏକାନ୍ତ ଆବଶ୍ୟକ । କାରଣ ପ୍ରତ୍ୟେକ ଅପରାଧ କ୍ଷମା ର ଯୋଗ୍ୟ ନୁହେଁ, କିଛି ଅପରାଧ ଶାସ୍ତିର ଯୋଗ୍ୟ । ତାହାଲେ ଯାହିଁ ନାରୀ ନିଜର ସ୍ୱାଧୀନ ଚେତାରେ ସ୍ୱାଧୀନତାର ସହ କାର୍ଯ୍ୟ କରିପାରିବ । କାରଣ ସ୍ୱାଧୀନତା ହେଉଛି" ନିଜ ପାଖରେ ସ୍ୱୀକୃତ ଅଧୀନତା ।"

ସ୍ନାତକୋତ୍ତର ଛାତ୍ରୀ
ଖୋର୍ଦ୍ଧା, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାବର୍ ତିହାର୍ ନୂଆଁଖାଇ...

ସାଇ ପ୍ରସାଦ ସାହୁ



ନୂଆଁଖାଇ ହେଉଛେ ଆମର୍ ପଶ୍ଚିମ ଓଡିଶାର୍ ସବୁନୁ ବଡ୍ ଖା ଆର୍ କୃଷିଭିତ୍ତିକ ପରବ୍ । ଇ ତିହାର୍ ଫି ବଛର୍ ଭୁଦୋ ମାସର୍ ଉଜଲ୍ ପଖେଁ ପଞ୍ଚମୀ ଦିନ ମାନ୍ ସନ୍ । ନୂଆଁଖାଇ ଦିନେ ମାଁ ସମଲେଇନୁ ପହେଲା ନୂଆଁ ଧାନର୍ ଭୋଗ୍ ଲାଗ୍ ସି । ଗାଁର୍ ଲୁକେ ଗାଁ ଖୁଏଲ୍ ସଫା ସୁତର୍ କରିଥିସନ୍ । ସମ୍ବଲପୁରର୍ ବରହମପୁରା ମନ୍ଦିରର ଗୁନୀ ଜ୍ଞାନୀ ପଁଡିତମାନେ ଆଗତୁରା ଲଗନ ପାଗନ ବେଲାଘଡି ପାଁଜି ଦେଖି ଶୁଭ ଦିନ୍ ବାର୍ ବାହାର୍ କରିଥିସନ୍ । ଇ ବଛର୍ ଆଏବାର୍ ସେପ୍ଟେମ୍ବର୍ ୮ ତାରିଖ୍ ଭୁଦୋ ପଞ୍ଚମୀ ତିଥିନେ ନୂଆଁଖାଇ ତିହାର୍ ହେବା । ଚାଷୀ ତାର୍ ବଛର୍ ଟାକର୍ ପହେଲା ଫସଲ୍ କେ ମାଁ ସମଲେଇ ପାହାଁତଲେ ଗହଗହ ମନେ ସଅଁପି ଦେଇଥିସି । ତେହେରୁ ଯାଏକ୍ ସଭେ ନୂଆଁ ଅରନ୍ ପ୍ରସାଦ୍ ପାଏସନ୍ । କାହିଁ କେତେ କାଲୁ ପୂରବାପାତି ଦିନୁ ଇ ତିହାର୍ କେ ମାନ୍ ତେଲ୍ ଆସୁଛୁଁ, ଇଟା ଆମର୍ ପରମ୍ପରା ଆର୍ ସଂସ୍କୃତି ଆଏ ।

ପଶ୍ଚିମ ଓଡିଶାର୍ ଦେଖାଶିଖା ଇ ତିହାର୍ ରାଏଜେ, ଆର୍ ରାଏଜ୍ ବାହାରେ ଦେଶର୍ ଭିନ୍ ଭିନ୍ ଠାନେ ଭିନ୍ ଭିନ୍ କିସମେ ବନେ ଜାକ୍ ଜମକ୍ ଥି ମାନି ଆସୁଛନ୍ । ହେଲେ ଭିଲ୍ କୁଟୁମ୍ ଯାକର୍ ସଭେ ଏକଜୁଟ୍ ହେଇ କରି ଗୁଟେଠାନେ ଦିନେକେ ନୂଆଁ ଖାଏସନ୍ । ଇ ପରମ୍ପରାଟା ଇହାଦେ ଭି ଚଲି ଆସୁଛେ । ଘରର୍ ମୁଖିଆନୁ କୁଟୁମର୍ ସଭେ ନୂଆଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଉଲର୍ ପରସାଦ୍ ପାଏସନ୍ । ତାର୍ ପରେ ସାନ୍ ମାନେ ବଡ୍ ମାନଙ୍କୁ ମୁଡିଆ ମାରି କରି ପାହାଛିଇ ଜୁହାର୍ କରସନ୍ । ଗୁରୁଜନ୍ ମାନକରନୁ ଆଶୀର୍ବାଦ ପାଇ କରି ଜୀବନ ଧଏନ୍ ହେଇଯାଏସି । ଯିଏ ଯେନଠାନେ ଯେତେ ଧୂରିଆନୁ ରହିଥିଲେ ଭି ନିଜର ଜନମ୍ ମାଏଟ୍, ଗାଁ ଭୂଇଁ ଘରକେ ଉଷତ୍ ମନେ ନୂଆଁଖାଇ ମନାବାର୍ କେ ଧାଇଁ ଆଏସି । କେତେଦିନ୍ ଆଘୋନୁ ସଜବାଜ୍ ହେଇ ବାଟ୍ ଦେଖୁଥିସନ୍ କେଭେଁ ଇ ତିହାର୍ ଆଏବା ବଲି । ଭାଇବନ୍ଧୁ, କୁଟୁମ୍ ବାଟମ୍ ମେଶିକରି ପାଳନ୍ କରବାର୍ ଗୁଟେ ଅଲଗ୍ ମଜା ଲାଗସି । ନିଜର୍ ନିଜର୍ ଭିତରେ ରାଗରିଷ୍ ମି ପାଶରି ଦେସନ୍ । ଫେର୍ ଘାଏ ଇ ତିହାର୍ ସୁଖେ ମେଲନ୍ ମେଶନ୍ କରି ଗୁଟେ ଡୁରେ ବରକସ୍ କରି ବାନ୍ଧି ଦେସି । କାଏ ଧନୀ, କାଏ ଗରିବ୍, ଜାଏତ୍ ଭେଦଭାବ୍ ଭୁଲି ବଢେ ଉସ୍ଥାକିଥି ଆଏଜ୍ ତକର୍ ସଭେ ମାନି ଆସୁଛୁ । ଗାଆଁ ଗହଲି, ସହର୍, ନଗର୍ ସବୁଠାନେ ନାଚ୍ ଗୀତ୍ ନାନାଦି ଉଚ୍ଛବ୍ ଥି ଫାଟି ପଡୁଥିସି ।

୧୯୯୧ ମସିହାନେ ଓଡ଼ିଶା ସରକାର୍ ଗୁଟେ ଦିନେ ନୂଆଁଖାଇ ମନାବାରକେ ବିଚାର୍ ଦେଲେ । ନୂଆଁଖାଇ ପଶ୍ଚିମ ଓଡ଼ିଶାର୍ ଭାବନା ସାଙ୍ଗେ ଜୁଡି ହେଇଛେ । ଖାଲି ନୂଆଁ ଧାନ୍ କି ନୂଆଁ ଚରା ନୁହେଁ ନୂଆଁ ପିନ୍ଧା, ସଂସ୍କୃତି ଆରୁ ପରମ୍ପରାର୍ ପହେଚାନ୍ ଦେସି । କେତେ କଲାକାର୍ ନୂଆଁ କରି କଲା ଦେଖାସନ୍, ନୂଆଁ କରି ଗାଁନେ ଖେଲ୍, ଗାନା ବଜନା ବି ମୂଲ୍ କରସନ୍ । ନୂଆଁଖାଇ ସତେ ଯେନତା ସବୁଥିର୍ ମିଲନ୍ ଆରୁ ଏକତାର୍ ତିହାର୍ ଆଏ । ନୂଆଁଖାଇ କେତେଟା ପରବ୍ କେ ନେଇ ଆଗକେ ବଢସେ ଯେନତା କି ବେହେରେନ୍, ଲଗଲଡଖା, ଡକାହକା, ଲିପାପୁଛା, ଘିନାବିକା, ନୂଆଁ ଧାନ୍ ଖୁଜା, ଭୋଗ୍ ଲଗା, ନୂଆଁଖାଇ ଆର୍ ଜୁହାର୍ ଭେଟ୍ ଘାଟ୍ । ସବୁ ରାଗରୋଷାକେ ଭୁଲି ଗୁଟେ ଡୁରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାନ୍ଧି ଦେସି ନୂଆଁଖାଇ । ଗାଁର୍ ଦେଦେବତା ନେ ନୂଆଁ ଧାନ୍ ଲଗାବାର୍ ଲଗନ୍ କେ ପଣ୍ଡିତ, ଜ୍ୟୋତିଷ୍, ଗାଁର୍ ଭଲ୍ ଲୋକ୍ ମିଶି ବାହାର୍ କରସନ୍ । ସବୁଆଡେ ସଫା ସୁତର୍, ଲିପାପୋଛା ହେସି, ନୂଆଁ ଧାନ୍ ଆନି କରି ମାଁ ଠାନେ ଭୋଗ୍ ଲଗା ହେସି । ଇ ଦିନେ ଭାବର୍ ଭେଟ୍ ଘାଟ୍ ଆର୍ ସଂସ୍କୃତି ଦେଖବାର୍ କେ ମିଲସି । ସତେ ଯେନତା ବିଦେଶ୍ ରେ ରହି କରି ପୁଓ, ଝି ଟାକିଥିସନ୍ ଇ ସମିଆ କେ ।

ନୂଆଁଖାଇ ଆଘୋନୁ ଯେନ୍ ବଜାର୍ ହେସି ସେଟାକେ ନୂଆଁଖାଇ ବଜାର୍ କହେସନ୍ । ବହୁତ୍ ଭିଡ୍ ଭିଲ୍ ହେସି । ନୂଆଁଖାଇଥି ସବୁ ନୂଆଁ ଜିନିଷ୍ ପତର୍ ଆଏସି । ନୂଆଁଖାଇଥି କପଡା ଲତା ଭିଲ୍ ଆନସନ୍ । ଆମର୍ ପଶ୍ଚିମ ଓଡ଼ିଶାନେ ସବୁନୁ ଅଏତ୍ କା ସମ୍ବଲପୁରୀ କପଡା ଘିନିଥିସନ୍ । ନୂଆଁଖାଇରେ ରାଖି ବନ୍ଧା ଗୁଟେ ବଡ଼ ପରମ୍ପରା ଅଛେ । ଘରର୍ ଜିନିଷ୍ ପତର୍ ନେ ରାଖି ବାନ୍ଧସନ୍ । ଘରର୍ ଲୁକେ ନିଜର୍ ରାଖି ବାନ୍ଧିହେବାର୍ ସାଙ୍ଗେ ମାଏଝିମାନେ ଗଛ୍ ଆର୍ ବଲଦ୍ ମାନଙ୍କୁ ଭିଲ୍ ରାଖି ବାନ୍ଧସନ୍ । ନୂଆଁଖାଇ ଦିନର୍ ବଢେ ସକାଲୁ ଗାଧିକରି ପୂଜା କରବାର୍ ଲାଗି ତିଆର୍ ହେସନ୍ । ଘରେ କେତେ ରକମ୍ ପିଠା ପନା, ଭିନ୍ ଭିନ୍ ତୁନ୍ ଶାଗ୍ ରାନ୍ଧସନ୍ । ସକାଲୁ ଗାଁର୍ ଝାଙ୍କର୍ ନୂଆଁ ଧାନ୍ କେଣା ଧରି ଘର୍ ଘର୍ ଦେସନ୍ । ଘରେ ଧାନ୍ କେଣାକେ ବରନ୍ କରି ମୁଡିଆ ମାରି ଘର୍ କେ ଆନି କରି ପୂଜା ଠାନେ ରଖସନ୍ ଆଉ ନୂଆଁ ଧାନ୍ କେଣାରୁ ଚାଉଲ୍ ବାହାର୍ କରି ଭୋଗଥି ମେଶାସନ୍ ଆର୍ ଘରର୍ ଇଷ୍ଟଦେବୀ ପାଖେ ସମର୍ପନ୍ କରି ନୂଆଁ ଲଗାସନ୍ । ଘରର୍ ମୂଖିଆଁମାନେ ଖେତକେ ଯାଇ କରି ଧାନ୍ ଗଛେ ଘି, ଗୁରସ୍, ଚାଉଲ୍, ଫୁଲ୍, ଧୂପ୍ କାଠି ଦେଇ ପୂରୁବ୍ ଦିଗ୍ ଆଡକେ ମୂହୁ କରି ପୂଜା ପାଠ୍ କରସନ୍ ଆର୍ ଧାନ୍ ଗଛକେ ରାଖି ବାନ୍ଧସନ୍ । ଆର୍ ଧାନ୍ ଗଛେ ଗୁରସ୍ ରୁକାସନ୍ । ଇ ବଛର୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନେ ଫସଲ୍ ହେଉ ବଲି ଗୁହାରି କରସନ୍ । ଇ ପରମ୍ପରାଟା କେତେ ଦିନୁ ରହିଆସିଛେ । ଘରର୍ ସଭେ ଗୁଟେ ଠାନେ ବସି କରି କୁଟୁମ୍ ଯାକର୍ ସଭେ ଏକଜୁଟ୍ ହେଇ କରି ଦିନେକେ ନୂଆଁ ଖାଏସନ୍ । ଇ ପରମ୍ପରାଟା ଇହାଦେ ଭି ଚଲି ଆସୁଛେ । ଘରର୍ ମୁଖିଆ ସମକିରର୍ ହାତେ ନୂଆଁ ଭୋଗ୍ ଦେସନ୍ ଆର୍ କୁଟୁମର୍ ସଭେ ନୂଆଁ ଚାଉଲର୍ ପରସାଦ୍ ପାଏସନ୍ । ତେହେରୁ ସାନ୍ ମାନେ ବଡ୍ ମାନ୍ କୁ ଗୋଡ୍ ଧରି ମୁଡିଆ ମାରସନ୍ । ଇ ମୁଡିଆ ମରାଟାକେ ନୂଆଁଖାଇ ଜୁହାର୍ କହେସନ୍ । ନୂଆଁଖାଇ ସାରି କରି ଘରର୍ ଝି ବହମାନେ ଇ ପରାନୁ ସେ ପରା ନିଜର୍ ଚିହ୍ନାର୍ ଜନାର୍ ଲୋକ୍ ମାନକର୍ ନିକେ ଭେଟ୍ ହେବାର୍ ଲାଗି ଯାଏସନ୍ । ଇ ଭେଟ୍ କେ ନୂଆଁଖାଇ ଭେଟ୍ କହେସନ୍ । ଜୁହାର୍ ଛିନ୍ ଲା ବେଲେ ବୁଢ଼ାବୁଢ଼ୀମାନେ କହେସନ୍ "ବଂଚି ଥିଲେ ଆର୍ ବରଷେ ଭେଟ୍ ଘାଟ୍ " । ଗାଁର୍ ମନ୍ଦିର୍ କେ ଯାଇ କରି ସଭେ ଇ ବଛରର୍ ଚାଷ୍ ବାଡି ଭଲ୍ ହେଉ ବୋଲି ଗୁହାରୀ କରସନ୍ ।

ନୂଆଁଖାଇ ବଏଲେଁ ଖାଲି ଯେ ନୂଆଁ ଅରନ୍ ଖଏବାର୍ ଟା ନୁହେଁସେ, ଇଟା ଭାବର୍ ତିହାର୍ ଆମର୍ ଅଞ୍ଚଳର୍ ଶିଘା ତିହାର୍ । ଆମର୍ ଜୀବନ୍ ଚଲନୀଥିଁ ସେର୍ ପେଟେଇ କରି ରହିଛେ ଇ ପରମ୍ପରା ଆର୍ ସଂସ୍କୃତି । ନୂଆଁଖାଇ ଦିନେ ପତରର୍ ଦନାଥିଁ ଭୋଗ୍ ଲଗାହେସି, ପତରର୍ ଖଲି ଆର୍ ଦନାଥିଁ ଘରେ ସଭେ ନୂଆଁ ଖାଏସନ୍ । ଭିନ୍ ଭିନ୍ ଜାତିର୍ ଲୋକ୍ ଭିନ୍ ଭିନ୍ ପତରଥିଁ ନୂଆଁ ଖାଏବାର୍ ବ୍ୟବସ୍ଥା ରହିଛେ । କିଏ ମହୁଲ୍, କିଏ କୁରେ, କିଏ ଭେରୁଆଁ, କିଏ ସର୍ଗୀ ତ ଆର୍ କିଏ ରେଙ୍ଗାଲ୍ ପତର୍ ଥି ନୂଆଁଖାଏବାର୍ ପରମ୍ପରା ରହିଛେ । ଗଉଡ୍, କନ୍ଧ୍, ତେଲି, ବ୍ରାହ୍ମଣ୍, ଭୁଲିଆ, ମାଲି ସଂପ୍ରଦାୟର୍ ଲୋକ୍ କୁରେ ପତର୍ ଥି ନୂଆଁ ଖାଉଥିବାର୍ ବେଲେ ଡୁମାଲ୍ ସାଙ୍ଗେ ଆର୍ କେତେ ଭିନ୍ ଭିନ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜାତିର୍ ଲୋକ୍ ଭେରୁଆଁ, ମହୁଲ୍ ଆର୍ ରେଙ୍ଗାଲ୍ ପତର୍ ଥି ନୂଆଁଖାଇଥିସନ୍ । ଅନ୍ୟ କେତେ ସଂପ୍ରଦାୟର୍ ଲୋକ୍ ଅଛନ୍ ସେମାନେ ସାରୁ, କଦେଲ୍, ପଣସ୍ ପତର୍ ଥି ନୂଆଁ ଖାଏସନ୍ । ସବୁନୁ ବଡ୍ କଥା ହେଲା ଯେ; ନବାନ୍ନ ଭକ୍ଷଣ୍ ଲାଗି ଯେନ୍ ଗଛ୍ ରୁ ଲୋକ୍ ମାନେ ପତର୍ ଆନିଥିସନ୍ ସେ ଗଛକେ ପହେଲା ପୂଜା କର୍ ବାର୍ ବିଧି ରହିଛେ । ପରିବାରର୍ ସଧବାମାନେ ଗଛ୍ ପାଖେ ଯାଇ କରି ପୂଜା ପାଠ୍ କର୍ ଲା ଉତାରୁ ପତର୍ ତୁଲିଥିସନ୍ । ଭଲ୍ ପତର୍ ଥି ଖଲି ଦନା ବନେଇ କରି ସେଥିନେ ପହେଲା ଇଷ୍ଟ ଦେବାଦେବୀ ମାନଙ୍କୁ ନବାନ୍ନ ଅରପଣ୍ କରାଯାଏସି । ତାର୍ ପରେ ଗୁଟେ କୁଟୁମ୍ ଥି ଯେତେ ଝେଁ ଝେଁ ଥିଲେ ଭିଲ୍ ସବୁ କଥାକେ ପାସ୍ ରି ଫେର୍ ଘାଏ ନିଜର୍ ନିଜର୍ ଭିତରେ ମିଲିମିଶି ଠାନେକେ ବସି ମହୁଲ, କୁରେ ଆର୍ ଭେଲୁଆଁ ପତରର୍ ଖଲି ଦନାଥିଁ ନୂଆଁ ଅରନ୍ ଖାଏବାର୍ ଗୁଟେ ଅଲଗ୍ ମଜା ଆଏ ।

ବ୍ୟକ୍ତିନୁ ପରିବାର୍, ପରିବାରନୁ ସମାଜ୍ ଆର୍ ସମାଜନୁ ରାଷ୍ଟ୍ରକେ ନେଇ କରି ଗୁଟେ ସେତୁ ଥାପନା କରସି ନୂଆଁଖାଇ ତିହାର୍ । ସଭେ ଏକ୍ ରହେବାର୍ ଭାବ୍, ସଂପର୍କ ସୀମିତ ହେଇକରି ନାଇଁ ରହେବାର ଭାବନା ହେଉଛେ ଇ ନବାନ୍ନ ଭକ୍ଷଣର ଲକ୍ଷ୍ୟ ଆଏ । ଯେତେ ମନ୍ ମନାନ୍ତର ହେଉ ପଛେ ସେ ସବୁ, ନିତିଦିନିଆ ଘଟନା ଭିତରେ ହୃରୁଦ୍ ଭିତରେ ପଶିଆସିଥିବାର୍ ଯେତେ ସବୁ ରୁଷାଫୁଲା, ଇ ତିହାର୍ ଶେଷ୍ କରବାର୍ ଚେରେଷ୍ଟାନେ ରହେସି । ଚେତାସି ଦୁଇଦିନିଆ ଜୀବନ୍ ଥି କାଁଯେ ଭେଦଭାବ ରଖମା, ନିଜର୍ ମୂଲ୍ ସ୍ୱଭାବ୍ ନୁ ବାହାରି ଯାଇ କରି ଆଗେ ଯିମା ଆର୍ ରାସ୍ତା ଦେଖାସି ମିଶି କରି ରହେବାକେ । ନୂଆଁଖାଇ ଜୁହାର୍ ଇ ତିହାରର୍ ବିଶେଷତା ଆଏ ଯେନଟା ସମ୍ମାନ ଶିଖାସି, ସେନେହର୍ ଧାରା ବୁହାସି, ନିଜକେ ଏକଲା ଏକଲା ମାନସିକତାନୁ ଉବାରସି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜେଇଦେସି ଆମର୍ ଭିତରେ ଥିବା ଦିବ୍ୟତାକେ । ଦୁନିଆର୍ ଘିଚାଟନା ଭିତରେ ଇଟା ଅବସର୍ ଆଏ ଭେଟ୍ ଘାଟ୍ ହେବାର୍, ଜଗ୍ ଜାହିର୍ କରବାର୍ ନିଜର୍ ସେନେହ, ଶ୍ରଦ୍ଧାକେ ଆର୍ କର୍ତ୍ତବ୍ୟକେ । ନୂଆଁଖାଇ ପରବ୍ ଆଏ ସମସ୍ତଙ୍କର୍ ଭିତରେ ଚେତନା ଜଗାବାକେ, ସଂସ୍କାର୍ ଶିଖାବାକେ, ସଂସ୍କୃତି ଉପରେ ଆଦରଭାବ ଅପନାବାକେ । ନୂଆଁ କିଛି କରବାକେ ଇ ତିହାର୍ ତହଁକ୍ ଆନସି, ଘୃଣା ବଦଲା ଭଲ୍ ପାଏବାର୍ ମାନସିକତାକେ ଉଜାଗର୍ କରସି ।

ଇ ନୂଆଁଖାଇ ତିହାର୍ ଟା ମୁନୁଷ୍ ମୁନୁଷ୍ ଭିତରେ ପ୍ରେମ୍ ଭାବ୍, ଭାଇ ଭାବ୍ କେ ବଢେଇ ଥିସି । ଇ ତିହାର୍ ଥି ଜାତି, ଅଜାତି, ଛୋଟ୍ ବଡ୍ ଭେଦ୍ ଭାବ୍ କେ କାଟି ଦେଇ କରି ଚହଟି ଯଉଥିସି ନୂଆଁଖାଇ ଜୁହାର୍ । ଆମର୍ ଧରମ୍, ପରମ୍ପରା, ସଂସ୍କୃତି କେ ନାଇଁ ପାସରି କରି ଜୀବନ୍ କେ ଭଲ୍ ବାଟେ ନେଇ କରି ବାଟ୍ ବନା ନାଇଁ ହେବେ ବୋଲି ମୁନୁଷ୍ ସମାଜ୍ କେ ନୂଆଁଖାଇ ବାଟ୍ ଦେଖଉଛେ । ଏନ୍ତା ଭାବେ ନୂଆଁଖାଇ ତିହାର୍ ସମାପନ୍ ହେସି ଆର୍ ବଛର୍ କର୍ ଲାଗି ବିଦାୟୀ ନେସି ।

ଗବେଷକ ଓ ସ୍ତମ୍ଭକାର ,

ସିନ୍ଧେକେଲା , ବଲାଙ୍ଗୀର

ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

## Bhagabata Geeta Katha

Available on Spotify and 4 other platforms >
8 episodes

Share   Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad